# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, June 6/2023 | Page 16 | ₹ 7.00

୪୯ଶ ଭାଗ ୧୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 191 | ମୂଲ୍ୟ ₹୭/-




**ଇସ୍ରାଏଲ୍ ସୈନ୍ୟଙ୍କ ଗୁଳିରେ ପାଲେଷ୍ଟାଇନ୍ ଶିଶୁ ମୃତ**

ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲ୍ ସୈନ୍ୟଙ୍କ ଗୁଳିରେ ପାଲେଷ୍ଟାଇନର ୩ ବର୍ଷର ଶିଶୁ ପ୍ରାଣ ହରାଇଛି। ମହମ୍ମଦ ଅଲ୍-ତାମିମି ନାମକ ଏହି ଶିଶୁ ଗତ ଗୁରୁବାର ତାଙ୍କ ଗାଁ ନେବି ସାଲେହ ନିକଟରେ ବାପାଙ୍କ ସହ କାର୍‌ରେ ଯାଉଥିବାବେଳେ ତାଙ୍କ ମୁଣ୍ଡରେ ଗୁଳିମାଡ଼ ହୋଇଥିଲା। ତାଙ୍କୁ ବିମାନ ଯୋଗେ ଇସ୍ରାଏଲର ଶେବା ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶିଶୁର ବାପା ହୈଥାମ ଗୁଳିମାଡ଼ରେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ମଣିପୁର ହିଂସା: ତଦନ୍ତ ପାଇଁ କମିଟି ଗଠିତ


ଜଷ୍ଟିସ୍ ଆଜାଇ ଲାମ୍ବା

**ନୂଆଦିଲ୍ଲୀ, ୫।୬:** ମଣିପୁର ହିଂସାକାଣ୍ଡର ତଦନ୍ତ ଲାଗି କେନ୍ଦ୍ର ସରକାର ୩ ଜଣିଆ କମିଟି ଗଠନ କରିଛନ୍ତି। ଗୁଆହାଟୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଆଜାଇ ଲାମ୍ବାଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଶନରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହିମାଂଶୁ ଶେଖର ଦାସ ଏବଂ ପୂର୍ବତନ ଗୋଇନ୍ଦା ଅଧିକାରୀ ପ୍ରଭାକର ଆଲୋକ ସଦସ୍ୟ ଅଛନ୍ତି। ମେ' ୩ ପରେ ମଣିପୁରରେ ଘଟିଥିବା ଏକାଧିକ ହିଂସାରେ ୯୮ ଜଣଙ୍କ ମୃତ୍ୟୁ ଘଟିବା ସହ ୩୧୦ ଜଣ ଆହତ ହୋଇଛନ୍ତି। ବିଭିନ୍ନ ସମ୍ପ୍ରଦାୟ ସଦସ୍ୟଙ୍କୁ ଟାର୍ଗେଟ୍‌କରି ହିଂସାକାଣ୍ଡ ଓ ଦଙ୍ଗା ବ୍ୟାପିବାର କାରଣ ସମ୍ପର୍କରେ କମିଟି ତଦନ୍ତ କରିବ। କେଉଁ କାର୍ଯ୍ୟର ପରିଣାମ ସ୍ୱରୂପ ହିଂସା ବ୍ୟାପିଲା ଏବଂ ଏହା ପଛର ସମସ୍ତ ସତ୍ୟତା ଖୋଜି ବାହାର କରିବାକୁ କମିଶନ ଉଦ୍ୟମ କରିବ। ସରକାର କିମ୍ବା କୌଣସି ବ୍ୟକ୍ତିବିଶେଷଙ୍କ ପକ୍ଷରୁ କର୍ତ୍ତବ୍ୟରେ ତ୍ରୁଟି ଥିଲା କି ନାହିଁ, ହିଂସା ରୋକିବାକୁ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇଥିଲା କି ନାହିଁ, ତାହା ତଦନ୍ତ ପରିସରଭୁକ୍ତ ହେବ ବୋଲି ଜଣାପଡ଼ିଛି।

### ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ରବର୍ଟ କେନେଡି ଜୁନିୟରଙ୍କୁ ଜାକ୍ ଡୋର୍ସିଙ୍କ ସମର୍ଥନ

**ୱାଶିଂଟନ, ୫।୬:** ଆମେରିକା ରାଷ୍ଟ୍ରପତି ପଦ ପାଇଁ ଡେମୋକ୍ରାଟିକ୍ ପାର୍ଟିର ରବର୍ଟ ଏଫ୍. କେନେଡି ଜୁନିୟରଙ୍କ ପ୍ରାର୍ଥିତ୍ୱକୁ ଟୁଇଟରର ସହପ୍ରତିଷ୍ଠାତା ଜାକ୍ ଡୋର୍ସି ଆନୁଷ୍ଠାନିକ ଭାବେ ସମର୍ଥନ ଜଣାଇଛନ୍ତି। ୨୦୨୪ ନିର୍ବାଚନରେ ରବର୍ଟ ଏଫ୍ କେନେଡି ଜୁନିୟର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡିସାଣ୍ଟିସ୍‌ଙ୍କୁ ପରାସ୍ତ କରିପାରିବେ ବୋଲି କରିଥିବା ଯୁକ୍ତିକୁ ଡୋର୍ସି ରିଟୁଇଟ୍ କରିବା ସହ 'ସେ ପାରିବେ ଓ ପରାସ୍ତ କରିବେ' ବୋଲି କମେଣ୍ଟରେ ଲେଖିଛନ୍ତି। ସେ କ'ଣ କେନେଡିଙ୍କୁ ସମର୍ଥନ କରନ୍ତି ନା କେବଳ ପୂର୍ବାନୁମାନ କରୁଛନ୍ତି ବୋଲି ପ୍ରଶ୍ନ ହେବାରୁ 'ଉଭୟ' ବୋଲି ଡୋର୍ସି କହିଥିଲେ।


ରବର୍ଟ କେନେଡି ଜୁନିୟର

### ସାପକୁ କାମୁଡ଼ି ମାରିଦେଲେ ୩ ବର୍ଷର ଶିଶୁ

**ଫାରୁକାବାଦ, ୫।୬:** ଉତ୍ତରପ୍ରଦେଶର ଫାରୁକାବାଦରେ ଜଣେ ୩ ବର୍ଷର ଶିଶୁ ଏକ ସାପକୁ କାମୁଡ଼ି ମାରିଦେଇଛି। ଅକ୍ଷୟ୍ ନାମକ ଏହି ଶିଶୁଟି ଘର ବାହାରେ ଖେଳୁଥିବାବେଳେ ଏକ ଛୋଟ ସାପ ବୁଦାରୁ ବାହାରି ତାଙ୍କ ନିକଟକୁ ଚାଲିଆସିଥିଲା। ଅକ୍ଷୟ୍ ଉକ୍ତ ସାପକୁ ଉଠାଇନେଇ ପାଟିରେ ଚୋବାଇଥିଲା। ଏହା ପରେ ସେ ଚିତ୍କାର କରିଥିଲା। ଅକ୍ଷୟ୍‌ଙ୍କ ପାଟିରେ ସାପକୁ ଦେଖି ତାଙ୍କ ଆଈ ମା' ଭୟଭୀତ ହୋଇଯାଇଥିଲେ। ସେ ସାପକୁ ଅକ୍ଷୟ୍‌ଙ୍କ ପାଟିରୁ କାଢ଼ିଦେଇଥିଲେ। ଶିଶୁଟିକୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ଯାଞ୍ଚକରି ଅକ୍ଷୟ୍ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଥିଲେ ଓ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇଦେଇଥିଲେ।

# ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗ ବଢ଼ିବ

**ରାଜନାଥ-ଅଷ୍ଟିନ୍ ଆଲୋଚନା**

**ଚାଇନାକୁ ମୁକାବିଲା ଲକ୍ଷ୍ୟ**

**ନୂଆଦିଲ୍ଲୀ, ୫।୬**

ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଭାଗିତା ବୃଦ୍ଧି ଲାଗି ମହତ୍ତ୍ୱାକାଂକ୍ଷୀ ୫ ବର୍ଷୀୟା ରୋଡ୍‌ମ୍ୟାପ୍ ଉପରେ ସୋମବାର ଦୁଇଦେଶର ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନା କରିଛନ୍ତି। ଚାଇନାର ଅର୍ଥନୀତି ବୃଦ୍ଧି ସାଙ୍ଗକୁ ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଓ ଏହା ବାହାରେ ପ୍ରଭାବ ବିସ୍ତାର କରୁଥିବାରୁ ଦୁଇଦେଶ ଚିନ୍ତିତ ଅଛନ୍ତି। ସେଥିପାଇଁ ଶିଳ୍ପ ସହଯୋଗ ବଢ଼ାଇବା ଲାଗି କ'ଣ କରାଯାଇପାରିବ ତାହା ଆଲୋଚନାରେ ସ୍ଥାନ ପାଇଥିଲା। ନୂଆଦିଲ୍ଲୀରେ ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ତାଙ୍କ ଭାରତୀୟ ପ୍ରତିପକ୍ଷ ରାଜନାଥ ସିଂଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହଯୋଗ ବୃଦ୍ଧି, ନୂଆ ପ୍ରଯୁକ୍ତିର ମିଳିତ ବିକାଶ ଓ ନୂଆ ତଥା ପ୍ରଚଳିତ ସିଷ୍ଟମ ନିର୍ମାଣ ଲାଗି ସୁଯୋଗ ଚିହ୍ନଟ ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ନେଇ ଉଭୟ ଦେଶର ମିଳିତ ସ୍ୱାର୍ଥ ଉପରେ ଦୁଇ ନେତା ଆଲୋଚନା କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖରେ ଆମେରିକା ଗସ୍ତରେ ଯିବାକୁ ଥିବାବେଳେ ଏହା ପୂର୍ବରୁ ଅଷ୍ଟିନ୍ ନୂଆଦିଲ୍ଲୀ ଆସିଥିବାରୁ ପ୍ରତିରକ୍ଷା ଚୁକ୍ତିନାମା ସମ୍ପର୍କିତ ସମ୍ଭାବ୍ୟ ଘୋଷଣା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଜେନେରାଲ ଆଟୋମିକ୍ସ ଏରୋନଟିକାଲ ସିଷ୍ଟମ୍ସଠାରୁ ଭାରତ ୧୮ଟି ସଶସ୍ତ୍ର ତଥା ଅତି ଉଚ୍ଚରେ ଉଡ଼ିପାରୁଥିବା ୟୁଏଭି ୧.୫ରୁ ୨ ବିଲିୟନ ଡଲାର ମୂଲ୍ୟରେ କିଣିବାକୁ ଚାହୁଁଛି। ଉକ୍ତ ୟୁଏଭିଗୁଡ଼ିକ ଚାଇନା ଓ ପାକିସ୍ତାନ ସୀମା ଏବଂ ଭାରତ ମହାସାଗର ରଣନୀତିକ କ୍ଷେତ୍ରରେ ମୁତୟନ କରାଯିବ। ଏହା ବ୍ୟତୀତ ଲଢୁଆ ବିମାନ ଇଞ୍ଜିନ, ସ୍ଥଳସେନାର ଲଢୁଆ ଯାନ, କମାଣ ଓ ଗୁଳିଗୋଳା ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବା ନେଇ ଗତ ମାସରେ ୱାଶିଂଟନରେ ଆମେରିକା-ଭାରତ ଡିଫେନ୍ସ ପଲିସି ଗ୍ରୁପ୍ ବୈଠକରେ ଆଲୋଚନା ହୋଇଥିଲା। ଭାରତ ଏହାର ଯୁଦ୍ଧବିମାନ ନିର୍ମାଣ କ୍ଷମତା ବଢ଼ାଇବା ପାଇଁ ପ୍ରଯୁକ୍ତି ହସ୍ତାନ୍ତରକ୍ରମେ ଭାରତରେ ଜେଟ୍ ଇଞ୍ଜିନ ନିର୍ମାଣ କରିବାକୁ ଚାହୁଁଛି। ୨୦୧୬ରେ ଭାରତକୁ ଆମେରିକା ଏହାର ମୁଖ୍ୟ ପ୍ରତିରକ୍ଷା ସହଯୋଗୀ ଭାବେ ଘୋଷଣା କରିଥିଲା, ଯାହା ଗୁରୁତ୍ୱପୂର୍ଣ୍ଣ ସାମରିକ ଉପକରଣ ଓ ପ୍ରଯୁକ୍ତି ବିନିମୟର ବାଟ ଖୋଲିଥିଲା। ଭାରତକୁ ଅଷ୍ଟିନ୍‌ଙ୍କର ଏହା ଦ୍ୱିତୀୟ ଗସ୍ତ। ୨୦୨୧ ମାର୍ଚ୍ଚରେ ସେ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ।

୨୦୦୮ରେ ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ବାଣିଜ୍ୟ ଅତି ନଗଣ୍ୟ ଥିବାବେଳେ ୨୦୨୦ରେ ଏହା ୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଏହି ସମୟରେ ଭାରତ ଆମେରିକାଠାରୁ ଦୂରଗାମୀ ସାମୁଦ୍ରିକ ପାଟ୍ରୋଲ ବିମାନ, ସି-୧୩୦ ପରିବହନ ବିମାନ, କ୍ଷେପଣାସ୍ତ୍ର ଓ ଡ୍ରୋନ୍ କିଣିଛି। ଚାଇନାର ଶକ୍ତି ବୃଦ୍ଧି ଏବଂ ଭାରତ ସହ ସୀମା ବିବାଦ ବଢୁଥିବାରୁ ଗତ ୫ ବର୍ଷ ମଧ୍ୟରେ ଭାରତ-ଆମେରିକା ସମ୍ପର୍କରେ ବୃଦ୍ଧି ଘଟିଛି। କ୍ୱାଡ୍ ସୁରକ୍ଷା ଗ୍ରୁପ୍‌ର ଅଂଶବିଶେଷ ଭାବେ ଭାରତ ଓ ଆମେରିକା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବା ସହ ସହଯୋଗ ବଢ଼ାଇଛନ୍ତି। କ୍ୱାଡ୍‌ରେ ଆମେରିକା, ଭାରତ ସହ ଜାପାନ ଓ ଅଷ୍ଟ୍ରେଲିଆ ରହିଛି।


ନୂଆଦିଲ୍ଲୀରେ ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍‌ଙ୍କ ସହ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

### ବିକ୍ରମ ପଟେଲ ଏଚ୍‌ଏମ୍‌ଏସ୍ ଗ୍ଲୋବାଲ ହେଲ୍‌ଥ ଆଣ୍ଡ୍ ସୋସିଆଲ ମେଡିସିନ୍ ଅଧ୍ୟକ୍ଷ



**ନ୍ୟୁୟର୍କ, ୫।୬**

ଭାରତ ଜନ୍ମିତ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ବିକ୍ରମ ପଟେଲ ହାର୍ଭାର୍ଡ ମେଡିକାଲ ସ୍କୁଲ(ଏଚ୍‌ଏମ୍‌ଏସ୍)ର ଗ୍ଲୋବାଲ ହେଲ୍‌ଥ ଆଣ୍ଡ ସୋସିଆଲ ମେଡିସିନ ବିଭାଗର ପରବର୍ତ୍ତୀ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଉକ୍ତ ସ୍କୁଲର ବ୍ଲାଭାଟ୍‌ନିକ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ପର୍ଶିଂ ସ୍କୋୟାର ପ୍ରଫେସର ଥିବା ମୁମ୍ବାଇ ଜନ୍ମିତ ବିକ୍ରମ ସେପ୍ଟେମ୍ବର ୧ରେ ବର୍ତ୍ତମାନର ଅଧ୍ୟକ୍ଷ ପାଉଲ୍ ଫର୍ମରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ସେ ଜଣେ ଉପଯୁକ୍ତ ଉତ୍ତରାଧିକାରୀ ଏବଂ ଦାୟିତ୍ୱ ନେବା ପାଇଁ ବିଶେଷ ଭାବେ ପ୍ରସ୍ତୁତି କରିଥିବା ହାର୍ଭାର୍ଡ ମେଡିକାଲ ସ୍କୁଲର ଡିନ୍ ଜର୍ଜ କ୍ୟୁ. ଡାଲେ କହିଛନ୍ତି। ବିକ୍ରମ ୨୦୧୭ରେ ଏଚ୍‌ଏମ୍‌ଏସ୍‌ରେ ନିଯୁକ୍ତି ପାଇଥିଲେ।


ଗଙ୍ଗାନଦୀର ପ୍ରୟାଗରାଜସ୍ଥିତ ବିଭିନ୍ନ ଘାଟରେ ରବିବାର ରାତିରେ ୭ ଜଣ ବୁଡ଼ିଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମିଳିଛି। ଅନ୍ୟମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ମୁଖ୍‌ତାର ଅନ୍‌ସାରୀଙ୍କୁ ଆଜୀବନ ଜେଲ

**କଂଗ୍ରେସ ନେତା ଅୱଧେଶ ରାୟ୍ ହତ୍ୟା ମାମଲା**

**ବାରାଣସୀ, ୫।୬**

ଗ୍ୟାଙ୍ଗଷ୍ଟରରୁ ରାଜନେତା ମୁଖ୍‌ତାର ଅନ୍‌ସାରୀଙ୍କୁ ୩୨ ବର୍ଷ ତଳର ଏକ ହତ୍ୟା ମାମଲାରେ ବାରାଣସୀର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୧୯୯୧ ଅଗଷ୍ଟ ୩ରେ କଂଗ୍ରେସ ନେତା ଅୱଧେଶ ରାୟଙ୍କୁ ତାଙ୍କ ଲାହୁରବିର ବାସଭବନ ଗେଟ୍ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏନେଇ ମୁଖ୍‌ତାର ଓ ଅନ୍ୟମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ୩୨ ବର୍ଷର ଲଢ଼େଇରେ ଆମର ବିଜୟ ହୋଇଛି। କୋର୍ଟ ରାୟକୁ ଆମେ ସ୍ୱାଗତ କରୁଛୁ ବୋଲି ଅୱଧେଶଙ୍କ ଭାଇ ତଥା କଂଗ୍ରେସ ନେତା ଅଜୟ ରାୟ କହିଛନ୍ତି।

ରାୟ ପ୍ରକାଶ ପାଇବା ପୂର୍ବରୁ କୋର୍ଟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍‌ତାରଙ୍କ ନାଁରେ ୬୧ ଆପରାଧିକ ମାମଲା ରହିଥିବାବେଳେ ଷଷ୍ଠ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦ଟି ମାମଲା ରାଜ୍ୟର ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି।

ମୁଖ୍‌ତାର ଉତ୍ତରପ୍ରଦେଶର ମାଉ ସଦର ଆସନରୁ ୫ ଥର ବିଧାୟକ ହୋଇଥିଲେ। ୨୦୨୨ ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ। ଉକ୍ତ ଆସନରୁ ତାଙ୍କ ପୁଅ ଆବ୍ବାସ ଅନ୍‌ସାରୀ ସମାଜବାଦୀ ପାର୍ଟିର ସହଯୋଗୀ ଦଳ ସୁହେଲଦେବ ଭାରତୀୟ ସମାଜବାଦୀ ପାର୍ଟି ଟିକେଟରେ ଜିତିଥିଲେ।


ମୁଖ୍‌ତାର ଅନ୍‌ସାରୀ

## କୋଇଲା ଦୁର୍ନୀତି: ଅଭିଷେକଙ୍କ ସ୍ତ୍ରୀଙ୍କୁ ୟୁଏଇ ଯିବାକୁ ଦିଆଗଲାନି

**କୋଲକାତା, ୫।୬**

ବହୁକୋଟି ଟଙ୍କା କୋଇଲା ଦୁର୍ନୀତି ମାମଲା ସହ ଜଡ଼ିତ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କ ସ୍ତ୍ରୀ ରୁଜିରାଙ୍କୁ ୟୁଏଇ ଯିବାକୁ ଦିଆଗଲା ନାହିଁ। ଦୁବାଇ ଯିବା ଲାଗି ରୁଜିରା ସୋମବାର ସକାଳେ ତାଙ୍କର ଦୁଇ ପିଲାଙ୍କ ସହ କୋଲକାତା ବିମାନବନ୍ଦରରେ ପହଞ୍ଚିଥିବାବେଳେ ତାଙ୍କୁ ଅଟକାଯାଇଥିଲା। ରୁଜିରା ତାଙ୍କର ୟୁଏଇ ଗସ୍ତ ସମ୍ପର୍କରେ କିଛିଦିନ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ଙ୍କୁ ଜଣାଇବା ସହ ବିମାନ ଟିକେଟର କପି ଦାଖଲ କରିଥିଲେ ବୋଲି ତାଙ୍କ ଓକିଲ କହିଛନ୍ତି। ତେବେ ଇଡିଙ୍କ ତରଫରୁ କୌଣସି ଜବାବ ମିଳି ନ ଥିଲା। ଏବେ ତାଙ୍କୁ ଘରକୁ ଫେରାଇ ଦିଆଯାଇଥିବାରୁ ଏହାର ବିରୋଧରେ ଆଇନର ଆଶ୍ରୟ ନିଆଯିବ। କୋଇଲା ଦୁର୍ନୀତି ମାମଲାରେ ରୁଜିରାଙ୍କୁ ପୂର୍ବରୁ ଏକାଧିକ ଥର ସିବିଆଇ ଏବଂ ଇଡି ଜେରା କରିଛନ୍ତି। ତାଙ୍କ ବିରୋଧରେ ଇଡି ଲୁକ୍‌ଆଉଟ୍ ନୋଟିସ ଜାରି କରିଥିବା ଦର୍ଶାଇ ଇମିଗ୍ରେଶନ ବିଭାଗ ତାଙ୍କୁ ଅଟକାଇଥିଲା। ତେବେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ରୁଜିରାଙ୍କ ବିଦେଶ ଗସ୍ତ ଉପରେ କୌଣସି ପ୍ରତିବନ୍ଧକ ନ ଥିବା ତାଙ୍କ ଓକିଲ କହିଛନ୍ତି।


ରୁଜିରା ବାନାର୍ଜୀ

## 'ଭାରତର ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିଶ୍ୱକୁ ଶିକ୍ଷା ଦେଇପାରିବ'

**ଜି୨୦ ହେଲ୍‌ଥ ୱାର୍କିଂ ଗ୍ରୁପ୍ ବୈଠକରେ ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶକଙ୍କ ମତ**

**ହାଇଦ୍ରାବାଦ, ୫।୬**

ଭାରତ ସଫଳତାର ସହ ଆପଣାଇଥିବା ଡିଜିଟାଲ ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି ସାରା ବିଶ୍ୱରେ ସ୍ୱାସ୍ଥ୍ୟସେବା ବଢ଼ାଇବା ଦିଗରେ ଶିକ୍ଷା ଦେଇପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସୋମବାର କୁହାଯାଇଛି। ସବୁ ଦେଶ ଏହି ଟେକ୍‌ନୋଲୋଜି ଆପଣାଇବା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେବ ବୋଲି ଡବ୍ଲ୍ୟୁଏଚ୍‌ଓର ଡିଜିଟାଲ ହେଲ୍‌ଥ ଆଣ୍ଡ ଇନୋଭେଶନ ବିଭାଗର ନିର୍ଦ୍ଦେଶକ ଡ. ଆଲେନ୍ ଲାବ୍ରିକ୍ କହିଛନ୍ତି। ତୃତୀୟ ଜି୨୦ ହେଲ୍‌ଥ ୱାର୍କିଂ ଗ୍ରୁପ୍ ବୈଠକର ଦ୍ୱିତୀୟ ଦିନରେ 'ଡିଜିଟାଲ ହେଲ୍‌ଥ ଇନୋଭେଶନ ଆଣ୍ଡ ସଲ୍ୟୁଶନ ଟୁ ଏଡ୍ ୟୁନିଭର୍ସାଲ ହେଲ୍‌ଥ କଭରେଜ୍ ଆଣ୍ଡ ଇମ୍ପ୍ରୁଭ୍ ହେଲ୍‌ଥ କେୟାର ସର୍ଭିସ ଡେଲିଭରି' ଉପରେ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି।

ଯେତେବେଳେ ଆମେ ଡିଜିଟାଲ ସ୍ୱାସ୍ଥ୍ୟସେବା କଥା କହୁଛୁ, ସେତେବେଳେ ଆମେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସୁଦୃଢ଼ୀକରଣ, ଠିକ୍ ସମୟରେ ନିଷ୍ପତ୍ତି ନେବା ପାଇଁ ଆନୁଷଙ୍ଗିକ ଡେଟା ଏବଂ ସମ୍ବଳ ଉପରେ ହିଁ କହୁଛୁ। କେହି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଡିଜିଟାଲ ହେଲ୍‌ଥ ହିଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ହାସଲ କରିପାରିବ, ଏହା ପ୍ରମାଣିତ ହୋଇଥିବା ଡ. ଲାବ୍ରିକ୍ କହିଛନ୍ତି। ଡିଜିଟାଲ ହେଲ୍‌ଥ କ୍ଷେତ୍ରରେ ଭାରତ ନେତୃତ୍ୱ ନେଇଛି। ସବୁ ଦେଶ ଯେପରି ଏହାର ସଫଳତା ପାଇପାରିବେ, ସେଥିପାଇଁ ଉଦ୍ୟମ କରିବାକୁ ହେବ। କୋଭିଡ୍ ମହାମାରୀ ପରେ ସାରା ବିଶ୍ୱ ଡିଜିଟାଲ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛି। ତେଣୁ ଭାରତ ଭଳି ଦେଶଠାରୁ ଏହାର ସଫଳତା ସମ୍ପର୍କରେ ଶିକ୍ଷାଲାଭ କରି ଏହାକୁ ଅନ୍ୟ ଦେଶଗୁଡ଼ିକ କାର୍ଯ୍ୟରେ ଲଗାଇବା ଆବଶ୍ୟକ ବୋଲି ଲାବ୍ରିକ୍ କହିଛନ୍ତି।


ଡ. ଆଲେନ୍ ଲାବ୍ରିକ୍



## ଫୁର୍‌ସତ୍

### ଦମ୍ପତିଙ୍କ ପ୍ରକୃତି ଅନୁକୂଳ ଘର

**ଜୟପୁର**

ପ୍ରତ୍ୟେକ ବ୍ୟକ୍ତି ତାଙ୍କ ସ୍ୱପ୍ନର ଘରେ ରହିବାକୁ ଚାହାନ୍ତି, ଯେଉଁଠାରେ ସେ ନିଜ ପରିବାର ସହ ସୁଖରେ ରହିପାରିବ। କିନ୍ତୁ ଏପରି ଏକ ପରିବାର, ଯିଏ ସ୍ୱପ୍ନ ସହିତ ପରିବେଶର ମଧ୍ୟ ଧ୍ୟାନ ରଖିଥିବା ଦେଖିବାକୁ ମିଳିଛି। ଏହାସହ ପ୍ରକୃତିକୁ ସୁହାଇଲା ଭଳି ଘର ନିର୍ମାଣ କରିଛନ୍ତି। ରାଜସ୍ଥାନ ଡୁଙ୍ଗରପୁର ସହରର ସିଭିଲ ଇଞ୍ଜିନିୟର ଆଶିଷ ପଣ୍ଡା ଏବଂ ତାଙ୍କ ସ୍ତ୍ରୀ ମଧୁଲିକା ପରିବେଶ ଅନୁକୂଳ ଘର ନିର୍ମାଣ କରିଛନ୍ତି। ମଧୁଲିକା ପେସାରେ ଜଣେ ସଫ୍ଟୱେୟର ଡେଭେଲପର ହୋଇଥିବାବେଳେ ସମାଜସେବା ମଧ୍ୟ କରିଥା'ନ୍ତି। ତାଙ୍କ ଘରର ସମସ୍ତ ଅଂଶ ପରିବେଶ ଅନୁକୂଳ ଅଟେ। ଆଶିଷଙ୍କ ପାଠପଢ଼ା ମାଡ୍ରାସରେ ସରିଥିଲା। ପରେ ସେ ସିଭିଲ ଇଞ୍ଜିନିୟର ରୂପେ ଚାକିରି କଲେ। ସେ ଦେଶର ବିଭିନ୍ନ ଜାଗାକୁ କାମ କରିବାକୁ ଯାଉଥିଲେ। ସେହିଭଳି ମଧୁଲିକା ଇଞ୍ଜିନିୟରିଂ କରିବା ପରେ ବିଦେଶ ଯାଇ ବର୍ଷେ କାମକଲେ। ସେମାନେ ବିଭିନ୍ନ ଜାଗା ବୁଲିବା ପରେ ୨୦୦୮ରେ ବିବାହ କରିଥିଲେ। ସେତେବେଳୁ ଇଟା କି ସିମେଣ୍ଟ ଘରେ ରହିବେନି ବୋଲି ନିଷ୍ପତ୍ତି ନେଇଥିଲେ। ସେଥିପାଇଁ ସେମାନେ ଭିନ୍ନ ଭିନ୍ନ ଗ୍ରାମରେ ଯାଇ ରହିବାକୁ ଲାଗିଲେ। ହେଲେ ତାଙ୍କୁ ଭଲ ଲାଗିଲାନି। ସେମାନେ ଏପରି ଜାଗାରେ ରହିବାକୁ ଚାହୁଁଥିଲେ, ଯେଉଁଠାରେ କମ୍ ସୁବିଧା ଉପଲବ୍ଧ ଥିବ ଏବଂ ନିଜ କାମ ମଧ୍ୟ ଆରାମରେ ହୋଇପାରୁଥିବ। ୨୦୧୦ରେ ଡୁଙ୍ଗରପୁରରେ ସେମାନଙ୍କର ଏକ ଝିଅ ଜନ୍ମହେଲା। ସେଥିପାଇଁ ସେମାନେ ସେହିଠାରେ ହିଁ ରହିବାକୁ ନିଷ୍ପତ୍ତି ନେଲେ। ଦୁହେଁ ମିଶି ସ୍ଥାନୀୟ ଜିନିଷ ବ୍ୟବହାର କରି ଏକ ଘର ନିର୍ମାଣ କଲେ, ଯେଉଁଥିରେ ସିମେଣ୍ଟ କି ଇଟାର ବ୍ୟବହାର ନ କରି ସେମାନେ ପ୍ରକୃତି ଅନୁକୂଳ ସାମଗ୍ରୀ ବ୍ୟବହାର କଲେ। ବିଭିନ୍ନ ପ୍ରକାର ପଥର, ମାଟିର ବ୍ୟବହାର କଲେ। ଘରର କବାଟ ଓ ଝରକା ତିଆରି ସମୟରେ ଘରକୁ କିପରି ସୂର୍ଯ୍ୟକିରଣ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନଦେଲେ। ତେବେ ୨୦୧୭ରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଗଲା। ତାଙ୍କ ଘରେ ଏବେ ଏସି କି ଫ୍ୟାନ୍‌ର ଆବଶ୍ୟକତା ପଡ଼େନି।



### ନିଜକୁ କଞ୍ଜୁସ୍ କହିଲେ ସାରା

**ମୁମ୍ବାଇ**

ଟେଲିଭିଜନର ସବୁଠାରୁ ଲୋକପ୍ରିୟ ଶୋ' 'ଦି କପିଲ ଶର୍ମା ଶୋ' ହେଉଛି କମେଡିଭିତ୍ତିକ, ଯାହା ଲୋକଙ୍କୁ ବହୁତ ହସାଇଥାଏ। ତେବେ ଏହି ଶୋ'କୁ ପ୍ରତି ସପ୍ତାହରେ ଅନେକ ସେଲିବ୍ରିଟି ତାଙ୍କ ଫିଲ୍ମ ପ୍ରମୋଶନ ପାଇଁ ଆସିଥାନ୍ତି। ଏହି ସମୟରେ କମେଡିଆନ କପିଲ ଶର୍ମା ଆସିଥିବା ସେଲିବ୍ରିଟିଙ୍କ ସହ ଥଟ୍ଟାମଜା କରି ଦର୍ଶକଙ୍କୁ ହସାଇଥାନ୍ତି। ତେବେ ଚଳିତ ସପ୍ତାହରେ ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାନ୍ ଏବଂ ଅଭିନେତା ଭିକ୍କି କୌଶଲ ତାଙ୍କ ଆଗାମୀ ମୁଭି 'ଜରା ହଟକେ ଜରା ବଚକେ'ର ପ୍ରମୋଶନ ପାଇଁ ଏହି ଶୋ'ରେ ପହଞ୍ଚିଥିଲେ। ଏହି ସମୟରେ ସାରା ଶୋ'ରେ ନିଜ ବିଷୟରେ ଏମିତି କିଛି କଥା କହିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଶୋ'ରେ ଭିକ୍କି କହିଥିଲେ, ସାରାଙ୍କ ମା' ଅମୃତା ସିଂ ତାଙ୍କ ପାଇଁ ୧୬ଶହ ଟଙ୍କାର ଏକ ଟାୱେଲ କିଣିଥିଲେ। ଏତେ ଟଙ୍କାର ଟାୱେଲ କାହିଁ କିଣିଲ ବୋଲି କହି ସେ ମା'ଙ୍କୁ ଗାଳି କରିଛନ୍ତି। ଏହାପରେ ସାରା ହସି ହସି ପ୍ରକାଶ କହିଥିଲେ, ସେ ଇଣ୍ଡଷ୍ଟ୍ରିର ସବୁଠାରୁ ବଡ଼ କଞ୍ଜୁସ୍। ସେ କହିଛନ୍ତି, ଗୋଟିଏ ଚା' ବ୍ୟାଗ୍‌ରେ ୨-୩ ଥର ଚା' ତିଆରି କରିଥାନ୍ତି। ତେବେ ସାରା ୨୦୧୮ରେ ବଲିଉଡ୍‌ରେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପୂର୍ବରୁ ଫିଲ୍ମ 'ଗ୍ୟାସ୍‌ଲାଇଟ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ହାତରେ ଆଉ ୩/୪ଟି ଚଳଚ୍ଚିତ୍ର ରହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୬/୨୦୨୩ | Bhubaneswar, Tuesday, June 6/2023 | ପୃଷ୍ଠା-୧



**ପୂଜାଙ୍କ ଖାସ୍ ମୁହୂର୍ତ୍ତ**
ଅଭିନେତ୍ରୀ ପୂଜା ହେଗ୍‌ଡେ ନିକଟରେ ଏକ ସାକ୍ଷାତ୍‌କାରରେ ମାଧୁରୀ ଦୀକ୍ଷିତ୍‌ଙ୍କୁ ନେଇ ତାଙ୍କର ଏକ ଖାସ୍ ମୁହୂର୍ତ୍ତ ବିଷୟରେ କହିଛନ୍ତି। ୦୨

୧୩ **ହଦାଦ ମାଇଆ କ୍ୱାର୍ଟର ଫାଇନାଲରେ**
ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆ ୧୯୬୮ ପରେ ପ୍ରଥମ ଖେଳାଳି ଭାବେ ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



# ଏଆଇ ନେଉଛି ଚାକିରି

**ତଥାଗତ ସତପଥୀ**

ଖବର ମିଳିଛି ଯେ, ଗତ ମେ’ ମାସରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଯୋଗୁ ଆମେରିକାରେ ୪ ହଜାର ଲୋକଙ୍କୁ ଛଟେଇ କରାଯାଇଛି। ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ଅର୍ଥ, ପରିବହନ ଏବଂ ଖୁଚୁରା ବ୍ୟବସାୟ କ୍ଷେତ୍ର ଏପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ତେବେ ଉପରଲିଖିତ କ୍ଷେତ୍ରରେ ଏଆଇର ପ୍ରଭାବ ସୀମିତ ରହିବ ନାହିଁ ବରଂ ଏଥିରେ ସବୁ କ୍ଷେତ୍ର ପ୍ରଭାବିତ ହେବେ ଏପରିକି ଡାକ୍ତର, ଡ୍ରାଇଭର ଏବଂ ଅନ୍ୟ ପ୍ରକାରର ବିଭିନ୍ନ ସେବା। ଏଠାରେ ମନେରଖିବାକୁ ହେବ ଯେ, ଭାରତର ଅର୍ଥନୀତି ମୁଖ୍ୟତଃ ସେବା କ୍ଷେତ୍ର ଉପରେ ନିର୍ଭରଶୀଳ।

ପୃଥିବୀରେ ଏଆଇ ବ୍ୟବହାର ଯେତିକି ବୃଦ୍ଧି ପାଇବ କର୍ମଚାରୀଙ୍କ ଚାହିଦା ସେତିକି କମିବ ଅର୍ଥାତ୍ ଅଧିକରୁ ଅଧିକ ଲୋକ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବେ। ସବୁଠୁ ବଡ଼ କଥା ହେଉଛି ଯଦି କେହି ଭାବୁଛନ୍ତି ଯେ, ଭାରତରେ ଅନେକ ବର୍ଷ ପରେ ଏଆଇର ପ୍ରଭାବ ଦେଖିବାକୁ ମିଳିବ, ତାହା ସମ୍ପୂର୍ଣ୍ଣ ଭାବେ ଭୁଲ୍, ବରଂ ଏହା ଖୁବ୍ ଶୀଘ୍ର ଆସିଯିବ। କାରଣ ଭାରତରେ କର୍ମଚାରୀଙ୍କଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଧିକ ଦକ୍ଷ, ନିଷ୍ଠାପର ଏବଂ ଦୁର୍ନୀତିବିହୀନ ହେବା ଲକ୍ଷ୍ୟରେ ଏଆଇର ପ୍ରଚଳନ, କେହି ପସନ୍ଦ କରୁ ବା ନ କରୁ, ମନକୁ ମନ କାର୍ଯ୍ୟକାରୀ ହେବ। ଭାରତରେ ଆମେ ଦେଖିଛେ କର୍ମଚାରୀମାନେ ନିଜ କାମ ଭଲ ଭାବେ କରନ୍ତି ନାହିଁ। ସମସ୍ତେ ଚାହାନ୍ତି ଠକିବାକୁ। ଅଳ୍ପ ଅଳ୍ପ ଠକିବା, ଗୋଟିଏ ଗୋଟିଏ ଭୁଲ୍ କରିବା ଭଳି ସେମାନଙ୍କ ମାନସିକତାକୁ ଏଆଇ ଦ୍ୱାରା ସହଜରେ ସମ୍ଭାଳିହେବ। ଏଆଇ ଯେତିକି ପ୍ରବେଶ କରିବ ତାହା ଦ୍ୱାରା ଖାମଖିଆଲ କର୍ମଚାରୀ ବଳିପଡ଼ିବା ସୁନିଶ୍ଚିତ। ତେଣୁ ଖବରକାଗଜଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା, ପରିବହନ, ଫାଇନାନ୍ସ କ୍ଷେତ୍ରରେ ଏଭଳି କର୍ମଚାରୀଙ୍କ ଭୂମିକା ହ୍ରାସ ପାଇବ। ଉଦାହରଣସ୍ୱରୂପ ଡାକ୍ତରମାନେ ଭାବନ୍ତି ଯେ, ଯେତେଦିନ ପର୍ଯ୍ୟନ୍ତ ମଣିଷ ଜାତି ଥିବ ସେତେଦିନ ପର୍ଯ୍ୟନ୍ତ ତାଙ୍କର ଚାହିଦା ବୃଦ୍ଧିପାଇବ। କିନ୍ତୁ ବିଶ୍ୱର ସବୁ ଡାକ୍ତରୀ ବିଦ୍ୟାକୁ ଏକାଠି କରି ପ୍ରତ୍ୟେକ ରୋଗୀର ଚିକିତ୍ସା କରିପାରୁଥିବାର ସକ୍ଷମତା ରଖିଥିବା ଏଆଇ ଡାକ୍ତରଙ୍କୁ ବି ଅଦରକାରୀ କରିଦେଇପାରେ। ତାଙ୍କ ସ୍ଥାନରେ ଗବେଷକ, ବୈଜ୍ଞାନିକ ଏବଂ ବୈଷୟିକବିତ୍‌ଙ୍କ ଜ୍ଞାନକୁ ନେଇ ଡାକ୍ତରୀ ଚିକିତ୍ସା କରିବାରେ ଏଆଇ ଏବେଠାରୁ ସଫଳତା ପାଇଲାଣି। ଯେତେବେଳେ ମଣିଷର ସ୍ୱାସ୍ଥ୍ୟକୁ ମଧ୍ୟ ଏଆଇ ଦ୍ୱାରା ସମ୍ଭାଳି ହେବ ସେତେବେଳେ ଅନ୍ୟ କୌଣସି ସେବା କ୍ଷେତ୍ର ବାଦ ପଡ଼ିବ ବୋଲି ଭାବିବା ବୋକାମି।

ବିଶ୍ୱ ଦୃଶ୍ୟପଟରେ ଏଆଇର ପ୍ରଭାବକୁ ନେଇ ବିଶେଷଜ୍ଞମାନେ କହିଛନ୍ତି ଯେ,ଏହି ନୂଆ ବୈଷୟିକ ନୂତନତ୍ୱ ମାନବତା ପ୍ରତି ବିପଦ ଆଣିବାର ସମ୍ଭାବନା ଅଧିକ। ଏପରିକି ଚାଟ୍‌ଜିପିଟି ସୃଷ୍ଟି କରିଥିବା ଓପନ୍‌ଏଆଇର ବସ୍ ସାମ୍ ଅଲ୍ଟମ୍ୟାନ ଏଆଇକୁ ଏବେ ଏକ ବିପଦ ଭାବେ ଦେଖିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କଙ୍କ ସମେତ ଅନ୍ୟ କେତେଜଣ ବିଶେଷଜ୍ଞ ମଧ୍ୟ ଅତ୍ୟାଧୁନିକ ଏଆଇ ବିକାଶକୁ ୬ ମାସ ଅଟକାଇବା ଲାଗି କହିଛନ୍ତି, ଯାହା ଫଳରେ ଏହାର ସୁରକ୍ଷିତ ଅଗ୍ରଗତି ଉପରେ ନେତୃବର୍ଗ ବିଚାର କରିପାରିବେ। କିନ୍ତୁ ଯେତେ ଚେଷ୍ଟା କଲେ ମଧ୍ୟ ଏହି ଅତ୍ୟାଧୁନିକ ଗବେଷଣାର କାର୍ଯ୍ୟକାରିତାକୁ ବନ୍ଦ କରିବାର କ୍ଷମତା କାହା ପାଖରେ ନାହିଁ। ତେବେ ଆଶଙ୍କା ମଧ୍ୟରେ ଏଆଇର ନକାରାତ୍ମକ ପ୍ରଭାବକୁ ପ୍ରତିପାଦିତ କରିଛି ଏବେକାର ଚ୍ୟାଲେଞ୍ଜର, ଗ୍ରେ ଆଣ୍ଡ୍ କ୍ରିଷ୍ଟମାସର ମାସିକ ରିପୋର୍ଟ, ଯାହା ଆମେରିକାରେ ପାଖାପାଖି ୪ ହଜାର ଲୋକ ଛଟେଇ ହୋଇଥିବା ଦର୍ଶାଇଛି। ଏହା ବ୍ୟତୀତ ସୃଜନାତ୍ମକ କାର୍ଯ୍ୟ, ପ୍ରଶାସନିକ ଓ କିରାଣି କାର୍ଯ୍ୟ କରିବା ଲାଗି ଅତ୍ୟାଧୁନିକ ଏଆଇ ଚାଟ୍‌ଜିପିଟିର ବହୁଳ ବ୍ୟବହାର ଶ୍ରମ ବଜାରକୁ କ୍ରମଶଃ ଅଧିକ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଗଣମାଧ୍ୟମ କ୍ଷେତ୍ରରେ ଏହାର ପ୍ରଭାବ ଅତ୍ୟଧିକ ପଡ଼ିବ। ଉଦାହରଣସ୍ୱରୂପ, ଆମେରିକାନ ମିଡିଆ କମ୍ପାନୀ ସିଏନ୍‌ଇଟି ଏଆଇ ବ୍ୟବହାର କରିବା ପରେ କେତେଜଣ କର୍ମଚାରୀଙ୍କ ଛଟେଇ ଆରମ୍ଭ କଲାଣି। ଉଲ୍ଲେଖଯୋଗ୍ୟ ଯେ, ସାରା ବିଶ୍ୱରେ ଏବେ ପ୍ରାୟ ୩୦ କୋଟି ପୂର୍ଣ୍ଣକାଳୀକ କର୍ମଚାରୀ ଛଟେଇ ହୋଇପାରନ୍ତି ବୋଲି ଗୋଲ୍ଡମ୍ୟାନ ସାକ୍ସ ପୂର୍ବାନୁମାନ କରିଛି।

ଯେତେବେଳେ ଏଆଇର ବହୁଳ ବ୍ୟବହାର ଆରମ୍ଭ ହୋଇଯିବ ସେତେବେଳେ ସମାଜ ଉପରେ ବିଭିନ୍ନ ପ୍ରକାର ପ୍ରଭାବ ପଡ଼ିପାରେ। କାରଣ, ଅନେକ ସୁସ୍ଥସବଳ ଲୋକଙ୍କ ପାଇଁ କାର୍ଯ୍ୟ କରିବାର ସମ୍ଭାବନା ରହିବ ନାହିଁ। ଏହାଦ୍ୱାରା ଅସ୍ଥିରତା ବୃଦ୍ଧିପାଇବାର ସମ୍ଭାବନା ଦେଖାଦେଇପାରେ। କିନ୍ତୁ ଏହି ଆଧୁନିକ ଟେକ୍ନୋଲୋଜି ଗୋଟିଏ ପଟେ ସେବା କ୍ଷେତ୍ରକୁ ଅତ୍ୟନ୍ତ ଉଚ୍ଚକୁ ନେଇଯିବ, ଅନ୍ୟପଟେ ଘରୋଇ କମ୍ପାନୀ ଏବଂ ସରକାରଙ୍କୁ ଉଚ୍ଚକୋଟୀର ଲାଭଦାୟକ କରାଇଦେବ।

# ମୃତକଙ୍କୁ ଚିହ୍ନିବା କଷ୍ଟକର

## ବାହାନଗା ଟ୍ରେନ୍ ଦୁର୍ଘଟଣା



- **ଏମ୍ସରେ ଆରମ୍ଭ ହେଲା ଡିଏନ୍ଏ ପରୀକ୍ଷା**
- **ପାରାଦୀପରୁ ଆସିଲା ୫ କଣ୍ଟେନର**

ଭୁବନେଶ୍ୱର, ୫।୬ (ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ସୋମବାର ୪ ଦିନ ପୂରିଛି। ଘଟଣାସ୍ଥଳରୁ ଆହତ ଏବଂ ମୃତକଙ୍କ ଉଦ୍ଧାର କାର୍ଯ୍ୟ ସରିଥିବାବେଳେ ଏବେ ମୃତବ୍ୟକ୍ତିଙ୍କର ଚିହ୍ନଟୀକରଣ ଚିନ୍ତାର କାରଣ ହୋଇଛି। କେତେକ ମୃତଦେହ କ୍ଷତବିକ୍ଷତ ହୋଇଯାଇଥିବାରୁ ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହେଉଛି। ଆଉ କେତେକ ମୃତଦେହ ସମ୍ପୂର୍ଣ୍ଣରୂପେ ଚିହ୍ନି ହୋଇ ପାରୁନାହିଁ। ଏଭଳିସ୍ଥିତିରେ ଗୋଟିଏ ମୃତଦେହ ନେବା ପାଇଁ ଏକାଧିକ ଦାବିଦାର ଆସୁଛନ୍ତି। ଭୁବନେଶ୍ୱର ଏମ୍ସରେ ସୋମବାର ଏଭଳି ଏକ ଘଟଣା ଘଟିଛି। ଗୋଟିଏ ମୃତଦେହକୁ ଦୁଇଜଣ ଦାବି କରିଥିଲେ। ଶେଷରେ ମୃତକଙ୍କର ଆଇଡେଣ୍ଟିଫିକେଶନ୍ ମାର୍କ ଏବଂ ପରିଚୟପତ୍ର ଆଧାର କରି ପ୍ରକୃତ ପରିଜନଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଡ଼ମ୍ବନା ଯେ, ଏଭଳି ଦୁଃଖଦ ପରିସ୍ଥିତିରେ କେତେଜଣ ବ୍ୟକ୍ତି ନିଜ ମାନବିକତା ହରାଇ ଅନୁକମ୍ପା ଅର୍ଥରାଶି ହଡ଼ପ କରିବାକୁ ଯୋଜନା କରୁଥିବା ନଜରକୁ ଆସିଛି। ବିଶେଷକରି ଯେଉଁ ମୃତଦେହଗୁଡିକୁ ଠିକ୍ ଭାବେ ଚିହ୍ନି ହେଉନାହିଁ, ସେଗୁଡ଼ିକର ଏକାଧିକ ଦାବିଦାର ☞ପୃଷ୍ଠା–୨

## ସିଗ୍‌ନାଲ୍ ବ୍ୟବସ୍ଥାର ହେବ ସୁପର ଚେକ୍

**୧୯ ଜୋନ୍‌କୁ ରେଲୱେ ବୋର୍ଡର ନିର୍ଦ୍ଦେଶ**

ଭୁବନେଶ୍ୱର,୫।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାଠାରେ ହୋଇଥିବା ଟ୍ରେନ ଦୁର୍ଘଟଣା ପରେ ରେଲୱେ ବୋର୍ଡ ତତ୍ପରତା ପ୍ରକାଶ କରିଛି। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସିଗ୍‌ନାଲ ବ୍ୟବସ୍ଥାର ‘ସୁପର ଚେକ୍’ (ଯାଞ୍ଚ) କରିବାକୁ ବୋର୍ଡ ପକ୍ଷରୁ ସୋମବାର ସମସ୍ତ ୧୯ ରେଲୱେ ଜୋନ୍‌କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଜୋନ୍‌ଗୁଡ଼ିକରେ ସୁରକ୍ଷାକୁ ନେଇ ରହିଥିବା ଅବହେଳା ଓ ଅନିୟମିତତା ସମ୍ପର୍କରେ ଜୁନ ୧୪ ସୁଦ୍ଧା ରିପୋର୍ଟ ଦେବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ଷ୍ଟେଶନରେ ଥିବା ସମସ୍ତ ରିଲେ ରୁମ୍‌ଗୁଡ଼ିକୁ ଭଲ ଭାବେ ଯାଞ୍ଚ କରି ଡବଲ୍ ଲକିଂ ବ୍ୟବସ୍ଥାକୁ ☞ପୃଷ୍ଠା–୨

## ସିବିଆଇ ତଦନ୍ତ ସହାୟକ ହେବନି: ମମତା

**ସିବିଆଇ ଅପରାଧର ତଦନ୍ତ ପାଇଁ ରେଳ ଦୁର୍ଘଟଣା ଲାଗି ନୁହେଁ: ଖାର୍ଗେ**

ନୂଆଦିଲ୍ଲୀ/କୋଲକାତା, ୫।୬

ଓଡ଼ିଶାରେ ୩ଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ)କୁ ଦିଆଯାଇଛି। ତେବେ ଏହି ତଦନ୍ତରୁ କୌଣସି ଫଳ ମିଳିବ ନାହିଁ ବୋଲି ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ରେଳ ଦୁର୍ଘଟଣା ଆହତମାନଙ୍କୁ ଭେଟିବା ପରେ ଏହା କହିଛନ୍ତି। ୧୨ ବର୍ଷ ପୂର୍ବେ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍ ଦୁର୍ଘଟଣାର ତଦନ୍ତ ସେ ସିବିଆଇକୁ ଦେଇଥିଲେ। ହେଲେ ସେଥିରୁ କୌଣସି ଫଳ ମିଳି ନ ଥିଲା। ସେହିପରି ସାଇନ୍ଥିଆ ମାମଲା ସିବିଆଇ ନେଇଥିଲେ ☞ପୃଷ୍ଠା–୨







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ନ ଜାଣିଲେ କଥା ଅଡୁଆ**
**ଧରି ନ ଜାଣିଲେ ସୂତା ଅଡୁଆ।।**

ପ୍ରକାଶଭଙ୍ଗୀର ଯଥାର୍ଥତା ଉପରେ କାର୍ଯ୍ୟର ସୂକ୍ଷ୍ମତା ନିର୍ଭର କରେ। କଥାକୁ ବନେଇ ଚନେଇ, ରସେଇ ମଜେଇ କହି ଜାଣିଲେ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ହାସଲ କରିବା ସହଜ ହୋଇଯାଏ। ସେହିପରି ଧରିବାର ବାଟ ବା କାଇଦା ଜାଣିଲେ ସୂତା ଧରିହୁଏ ଏବଂ ବସ୍ତ୍ର ବୁଣାରେ ସାହାଯ୍ୟ କରେ। ଅନ୍ୟଥା ସବୁ ନିଷ୍ଫଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଖାରୁ କାଟିଲି ଚେକି**
**ସୁନ୍ଦର କଲିରେ ପଡ଼ିଲା ଆଖି**
**ନାକ ଫୁଲୁଗୁଣା ଦେଖି।**

ଚେହେରାରୁ ପ୍ରେମର ପରିପ୍ରକାଶ। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ସୁନ୍ଦର ଚେହେରା ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନ୍ୟାୟ ମିଳିବା ଯାଏ ଲଢ଼େଇ ଜାରି ରହିବ

## ଆନ୍ଦୋଳନ ପ୍ରତ୍ୟାହାରକୁ ନେଇ ରେସ୍‌ଲରଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫।୬(ପି.ଟି.)

ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କୁ ଗିରଫ କରିବା ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଧାରଣାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ବୋଲି ଯାହା କୁହାଯାଉଛି, ତାହାକୁ ରେସ୍‌ଲର ସାକ୍ଷୀ ମଲ୍ଲିକ ଓ ବଜରଙ୍ଗ ପୁନିଆ ଖଣ୍ଡନ କରିଛନ୍ତି। ଭାରତୀୟ ରେଲ୍‌ୱେରେ କାର୍ଯ୍ୟରତ ସାକ୍ଷୀ ଓ ବଜରଙ୍ଗ ନିଜ କାର୍ଯ୍ୟରେ ଯୋଗଦେବା ପରେ ଆନ୍ଦୋଳନ ସମାପ୍ତ ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ଉଭୟ ଏହି ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିବା ସହ ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ଏହି ଖବର ଉପରେ ପ୍ରତିକ୍ରିୟା ରଖିବା ସହିତ ସାକ୍ଷୀ ଟୁଇଟ୍ ମଧ୍ୟ କରିଛନ୍ତି। 'ଏହି ଖବର ସମ୍ପୂର୍ଣ୍ଣ ଭୁଲ୍, ନ୍ୟାୟ ପାଇଁ ଆରମ୍ଭ ହୋଇଥିବା ଲଢ଼େଇରୁ ଆମେ ପଛକୁ ହଟିନାହୁଁ କିମ୍ବା ହଟିବାର ପ୍ରଶ୍ନ ଉଠୁନି। ସତ୍ୟାଗ୍ରହ ଜାରି ରହିଥିବା ବେଳେ ରେଲୱେ କର୍ମଚାରୀ ହିସାବରେ ମୁଁ ମୋ ଦାୟିତ୍ୱ ନିର୍ବାହ କରୁଛି। ନ୍ୟାୟ ମିଳିବା ଯାଏ ଏହି ଲଢ଼େଇ ଜାରି ରହିବ, ଏହାକୁ ନେଇ କୌଣସି ଭୁଲ୍ ଖବର ପ୍ରସାରଣ କରନ୍ତୁ ନାହିଁ ବୋଲି ସାକ୍ଷୀ ଟୁଇଟ୍ କରିଛନ୍ତି। ସେହିପରି ଗଣମାଧ୍ୟମ ଅଧିକାରୀଙ୍କ ପ୍ରଶ୍ନର ଉତ୍ତରରେ ବଜରଙ୍ଗ ପୁନିଆ ମଧ୍ୟ ଖବରକୁ ଖଣ୍ଡନ କରିଥିଲେ। ଆମକୁ କ୍ଷତି ପହଞ୍ଚାଇବା ପାଇଁ ଏଭଳି ମିଥ୍ୟା ଖବର ପ୍ରସାରଣ କରାଯାଉଛି। ଆମେ ପଛକୁ ହଟିନାହୁଁ କି ଆନ୍ଦୋଳନ ପ୍ରତ୍ୟାହୃତ ହୋଇନାହିଁ। ଏପରିକି ମହିଳା ରେସ୍‌ଲରମାନେ ଅଭିଯୋଗ ପ୍ରତ୍ୟାହାର କରିବା ଖବରକୁ ମିଥ୍ୟା ବୋଲି ଦର୍ଶାଇଥିଲେ ପୁନିଆ। ଅନ୍ୟପକ୍ଷରେ ସାକ୍ଷୀ କହିଛନ୍ତି, ରେଲ୍‌ୱେରେ ସେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ କାର୍ଯ୍ୟରତ। ମୋ କାନ୍ଧ ଉପରେ ଅନେକ ଦାୟିତ୍ୱ ରହିଛି। ତେଣୁ କାର୍ଯ୍ୟରେ ଯୋଗଦେଇଛି ମାତ୍ର ଆନ୍ଦୋଳନରୁ ଦୂରେଇବାର ପ୍ରଶ୍ନ ଉଠୁନାହିଁ। ଭିନେଶ, ବଜରଙ୍ଗ ଓ ମୁଁ ମିଳିତ ଭାବେ ପରବର୍ତ୍ତୀ ନିଷ୍ପତ୍ତି ନେବୁ ବୋଲି କହିଛନ୍ତି ସାକ୍ଷୀ। ଏହାସହିତ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ଏକ ସାଧାରଣ ବୈଠକ ଥିଲା। ଏଥିରୁ କୌଣସି ନିର୍ଯାସ ବାହାରି ନ ଥିଲା। ବ୍ରିଜ୍‌ଭୂଷଣ ଗିରଫ ନ ହେବା ପର୍ଯ୍ୟନ୍ତ ଆମ ଆନ୍ଦୋଳନ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବ୍ରିଜ୍‌ଭୂଷଣଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଜଣେ ନାବାଳିକା ଆଥ୍‌ଲେଟଙ୍କ ସମେତ ୭ ଜଣ ମହିଳା ଖେଳାଳି ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ପୋକ୍‌ସୋ ଆକ୍ଟ ଆଧାରରେ ମାମଲା ସହିତ ସମ୍ମାନହାନି ମାମଲା ମଧ୍ୟ ରୁଜୁ କରାଯାଇଛି।

# ଚୂନପଥର ବୋଝେଇ ଟ୍ରେନ୍ ଲାଇନଚ୍ୟୁତ



ଲାଇନଚ୍ୟୁତ ହୋଇଥିବା ଚୂନପଥର ବୋଝେଇ ଟ୍ରେନ।

ବରଗଡ଼ ଅଫିସ୍,୫।୬

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାକୁ ୪ଦିନ ବିତି ନ ଥିବାବେଳେ ସୋମବାର ସକାଳ ପ୍ରାୟ ୮ଟାରେ ବରଗଡ଼ ରୋଡ୍-ଡୁଙ୍ଗୁରୀ ଚୂନପଥର ଖଣିକୁ ଯାଇଥିବା ରେଳପଥରେ ଚୂନପଥର ବୋଝେଇ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଜିଲାର ଭଟଲି ଥାନା ଅନ୍ତର୍ଗତ ସମ୍ବରଧରା-ମେଡ଼ାପାଲି ନିକଟରେ ଉକ୍ତ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହେବା ସହ କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍‌ର ହ୍ୱିଲ ଛିଣ୍ଡିଯିବାରୁ ସେଭଳି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଉକ୍ତ ରେଳପଥରେ କେବଳ ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନାର ଚୂନପଥର, ସିମେଣ୍ଟ ବୋଝେଇ ଟ୍ରେନ୍ ଯାତାୟାତ କରିଥାଏ। ଡୁଙ୍ଗୁରୀ ଖଣିରୁ ଚୂନପଥର ବୋଝେଇ ହୋଇ ମାଲବାହୀ ଟ୍ରେନଟି ବରଗଡ଼ ସିମେଣ୍ଟ କାରଖାନାକୁ ଆସୁଥିବା ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ଏ ନେଇ ଏସିସି ଶ୍ରମିକ ସଂଘ ସଭାପତି ମହେନ୍ଦ୍ର ଦାଶ କହିଛନ୍ତି, ବରଗଡ଼ରୁ ଡୁଙ୍ଗୁରୀ ଚୂନପଥର ଖଣି ପର୍ଯ୍ୟନ୍ତ ୭ କି.ମି. ରେଲୱେ ଟ୍ରାକ୍‌ର ରକ୍ଷଣାବେକ୍ଷଣ ଏସିସି କରୁଛି। ଏହି ଟ୍ରାକ୍ ଉପରେ ଭାରତୀୟ ରେଲୱେର କୌଣସି କର୍ତ୍ତୃତ୍ୱ ନାହିଁ। ଏଥିରେ ୧୪ ଟନ୍ ବିଶିଷ୍ଟ ଟ୍ରେନ ଯିବାଆସିବା କରିବା ବେଳେ ବିଭିନ୍ନ ସମୟରେ ଏଭଳି ଘଟଣା ଘଟିଥାଏ ବୋଲି ଦାଶ କହିଛନ୍ତି।

# ଭିଜିଲାନ୍ସକୁ ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

## କଳାପଥର ଖାଦାନରେ ଶିଶୁ ଶ୍ରମିକଙ୍କ ସହ ୨ ମୃତ୍ୟୁ ଘଟଣା



ଯାଜପୁର ଅଫିସ,୫।୬

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର ପାହାଡ଼ର କଳାପଥର ଖାଦାନରେ ଗତ ୩୧ ତାରିଖ ମଧ୍ୟରାତ୍ରିରେ ଜଣେ ଶିଶୁ ଶ୍ରମିକଙ୍କ ସହ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଓଡ଼ିଶା ଲୋକାୟୁକ୍ତ ନିଜ ଆଡୁ ଏକ ମାମଲା (ଏଲ୍‌ଓଇ-୨୫୦/୨୦୨୩ରେ) ରୁଜୁ କରିଛନ୍ତି। ଘଟଣାର ତଦନ୍ତ କରି ଦୁଇ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ସୂଚନା ଅନୁସାରେ ଲୁଣିବର ମୌଜାର ଏକ କଳାପଥର ଖାଦାନରେ ମେଶିନ ଲଗାଇ କଳାପଥର ଲୁଟ ହେଉଥିଲା। ଉକ୍ତ ବେଆଇନ ଖାଦାନରେ ପଥର ବ୍ୟବସାୟୀ ମେଶିନ ଅପରେଟର କେନ୍ଦୁଝର ଜିଲା ତେଲକୋଇ ଗ୍ରାମର ଶାନ୍ତନୁ ଖିଲାରଙ୍କ ସହ ଜଣେ ଶିଶୁ ଶ୍ରମିକ ଓ ଅନ୍ୟମାନଙ୍କୁ ମଧ୍ୟ ରାତ୍ରିରେ ନିୟୋଜିତ କରିଥିଲେ। ବ୍ଲାଷ୍ଟିଂ ପରେ ମେଶିନ ସହଯୋଗରେ ପଥର ଉତ୍ତୋଳନ କରାଯାଇ ଗାଡ଼ିରେ ଲୋଡିଂ ହେଉଥିଲା। ଏହି ସମୟରେ ଉପରୁ ବହୁ ଓଜନର ପଥର ସହ ମାଟି ଅତଡ଼ା ମେଶିନ ଅପରେଟର ଖିଲାର ଏବଂ ଶିଶୁ ଶ୍ରମିକଙ୍କ ଉପରେ ପଡ଼ିଥିଲା। ମେଶିନ ଅପରେଟର ଖିଲାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଶିଶୁ ଶ୍ରମିକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିଛି ସମୟ ପରେ ଶିଶୁ ଶ୍ରମିକଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଯାଜପୁର ଜିଲା ଜେନାପୁର ଥାନାରେ ୧୪୦/୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। କିନ୍ତୁ ପୋଲିସ କାହାରିକୁ ଗିରଫ କରିନାହିଁ।

# 'ଶକୁନି'ଙ୍କ ପରଲୋକ

## ବି.ଆର୍. ଚୋପ୍ରାଙ୍କ 'ମହାଭାରତ'ରେ ଅଭିନୟ କରିଥିଲେ

ମୁମ୍ବାଇ, ୫।୬



ଗୁଫି ପେଣ୍ଟାଲ

ଟିଭି ଧାରାବାହିକ 'ମହାଭାରତ'ରେ ଶକୁନି ମାମା ଭୂମିକାରେ ଅଭିନୟ ପାଇଁ ଜଣାଶୁଣା ଅଭିନେତା ଗୁଫି ପେଣ୍ଟାଲଙ୍କର ସୋମବାର ଅନ୍ଧେରୀସ୍ଥିତ ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ ବୋଲି ତାଙ୍କ ପୁତୁରା ହିତେନ୍ ପେଣ୍ଟାଲ କହିଛନ୍ତି। ଗୁଫିଙ୍କର ରକ୍ତଚାପ ଓ ହୃଦ୍‌ରୋଗ ସମସ୍ୟା ରହିଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ।

ଅଶୀ ଦଶକରେ ଗୁଫି ସୁହାଗ, ଦିଲ୍ଲାଗି ଆଦି ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହ ସେ ଟେଲିଭିଜନ ଶୋ' ସିଆଇଡି ଏବଂ ହେଲୋ ଇନ୍ସପେକ୍ଟରରେ କାମ କରିଥିଲେ। ତେବେ ବି.ଆର୍. ଚୋପ୍ରାଙ୍କ ଟିଭି ସିରିଏଲ୍ 'ମହାଭାରତ'ରେ ଶକୁନି ମାମା ଭୂମିକା ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ। ସେ ତାଙ୍କ ପୁଅବୋହୂ ଓ ନାତିନାତୁଣୀଙ୍କ ସହ ରହୁଥିଲେ। ତାଙ୍କ ପରଲୋକରେ ବଲିଉଡ୍ ଚଳଚ୍ଚିତ୍ର ଜଗତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମହାଭାରତରେ ତାଙ୍କ ସହ କାର୍ଯ୍ୟ କରିଥିବା ମୁକେଶ ଖାନ୍ନା ଓ ପଙ୍କଜ ଧୀର ତାଙ୍କ ସ୍ମୃତିଚାରଣ କରିଛନ୍ତି।

# ସ୍କୁଟିକୁ ଧକ୍କା ଦେଲା ବସ୍: ଦମ୍ପତିଙ୍କ ସମେତ ୩ ମୃତ

## ନିର୍ବନ୍ଧ ଭୋଜିରୁ ଫେରୁଥିବାବେଳେ ଦୁର୍ଘଟଣା





ପୁରୀ ଅଫିସ, ୫।୬

ପୁରୀର ଓମ୍‌କାରେଶ୍ୱର ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଏହି ୩ଜଣ ସେମାନଙ୍କର ଜଣେ ସମ୍ପର୍କୀୟଙ୍କ ବାହାଘର ନିର୍ବନ୍ଧ ଭୋଜିରେ ଯୋଗଦେଇ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମୃତକମାନେ ହେଉଛନ୍ତି ଗଞ୍ଜାମ ସହରର ସତ୍ୟ ନିରଞ୍ଜନ ଦାଶ (୫୫), ତାଙ୍କ ସ୍ତ୍ରୀ ଗାୟତ୍ରୀ ଦାଶ (୫୦) ଏବଂ ପୁରୀ ମଙ୍ଗଳାଘାଟ ଅଞ୍ଚଳର ରାକେଶ ନନ୍ଦ(୨୦)। ପୋଲିସ ସମ୍ପୃକ୍ତ ବସ୍ ଓ ସ୍କୁଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗାୟତ୍ରୀ ତାଙ୍କ ନଣନ୍ଦଙ୍କ ପୁଅର ନିର୍ବନ୍ଧରେ ଯୋଗଦେବା ପାଇଁ ପୁରୀର ଓମ୍‌କାରେଶ୍ୱର ମନ୍ଦିରକୁ ଆସିଥିଲେ। ସେଠାରୁ ଫେରି ଗାୟତ୍ରୀ ଓମ୍‌କାରେଶ୍ୱର ଛକ ନିକଟ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ସତ୍ୟ ନିରଞ୍ଜନ ଭଣଜାଙ୍କ ସାଙ୍ଗ ରାକେଶଙ୍କ ସହ ସ୍କୁଟି (ନଂ. ଓଡି ୧୩ ଏସ୍ ୩୪୮୧)ରେ ବସିଥିଲେ। ସେମାନେ ଶଙ୍କରେଶ୍ୱର ଛକ ଗଡ଼ାଣିରୁ ଜାତୀୟ ରାଜପଥକୁ ଯିବା ପାଇଁ ଅପେକ୍ଷା କରିଥିବାବେଳେ ଷ୍ଟର୍ଲିଂ ପଟୁ ଏକ ଯାତ୍ରୀବାହୀ ବସ୍ (ନଂ. ଓଡି ୧୩ ଏସ୍ ୨୧୮୫) ଆସି ଧକ୍କା ଦେଇଥିଲା। ଫଳରେ ୩ଜଣ ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ସମ୍ପର୍କୀୟମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ପିସିଆର୍‌କୁ ଖବର ଦେଇଥିଲେ। ପିସିଆର୍ ଆସି ଆହତମାନଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ଡାକ୍ତର ସମସ୍ତ ୩ଜଣଙ୍କୁ ମୃତ ଘୋଷଣା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅପରପକ୍ଷରେ ଦୁର୍ଘଟଣା ଘଟାଇବା ପରେ ବସ୍ ଡ୍ରାଇଭର ବାସେଳିସାହି ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁରୀ ଉପଜିଲାପାଳ ଭବତାରଣ ସାହୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତକମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ।

# ପୂଜାଙ୍କ ଖାସ୍ ମୁହୂର୍ତ୍ତ



**ମୁମ୍ବାଇ,୫।୬:** ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ପ୍ରସିଦ୍ଧ ଅଭିନେତ୍ରୀ। ସେ ବଲିଉଡ୍‌ରେ ଡେବ୍ୟୁ କରିବା ପରେ ତାଙ୍କ ପ୍ରଶଂସକଙ୍କ ସଂଖ୍ୟା ବଢ଼ିଯାଇଛି। ଏପ୍ରିଲ ୨୧ରେ ରିଲିଜ୍ ହୋଇଥିବା ମୁଭି 'କିସି କା ଭାଇ କିସି କି ଜାନ୍'ରେ ପୂଜାଙ୍କୁ ଦେଖିବାକୁ ମିଳିଥିଲା। ସେଥିରେ ତାଙ୍କ ବିପକ୍ଷରେ ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍ ନଜରକୁ ଆସିଥିଲେ। ନିକଟରେ ପୂଜା ତାଙ୍କ ଜୀବନର ଏକ ଖାସ୍ ମୁହୂର୍ତ୍ତ ବିଷୟରେ କହିଛନ୍ତି। ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, 'ଯେତେବେଳେ ମାଧୁରୀ ଦୀକ୍ଷିତ୍ ମାଡାମ୍ ତାଙ୍କୁ ତାଙ୍କ ନାମ ଧରି ଡାକିଥିଲେ, ତାହା ଥିଲା ତାଙ୍କ ପାଇଁ ବେଶ୍ ଖାସ୍ ମୁହୂର୍ତ୍ତ। ସେ ତାଙ୍କୁ ହାଏ କହିବା ପରେ ମାଧୁରୀ ମଧ୍ୟ ତାଙ୍କୁ ହାଏ ପୂଜା ବୋଲି କହିଥିଲେ। ମାଧୁରୀ ମାଡାମ୍ ତାଙ୍କ ନାମ ମନେରଖିଛନ୍ତି, ଏହା ଜାଣି ତାଙ୍କୁ ବହୁତ ଖୁସି ଲାଗିଥିଲା।' ତେବେ ପୂଜା ଦର୍ଶକଙ୍କୁ ଅନେକ ସାଉଥ୍ ମୁଭି ଭେଟି ଦେଇଥିବାବେଳେ ବର୍ତ୍ତମାନ ସମୟରେ ବି- ଟାଉନରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ସେ ୨୦୧୬ରେ ଅଭିନେତା ହ୍ରିତିକ୍ ରୋଶନଙ୍କ ସହ ଫିଲ୍ମ 'ମହେଞ୍ଜୋଦାରୋ'ରେ ବଲିଉଡ୍ ଡେବ୍ୟୁ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ର ଓ ଆର୍ଥିକ ଦିଗଟି ଅନୁକୂଳ ରହିଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସବୁ କିଛି ଭଲ ମଧ୍ୟରେ ଅଶ୍ୱିନୀର ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନା ବିଦ୍ୟମାନ। ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳିଯିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଘଟିବାର ସୂଚନା ରହିଛି। ପରିବାର ସକାଶେ ଆକସ୍ମିକ ଆବଶ୍ୟତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇଦେବ। କେତେକ କାରଣକୁ ନେଇ ଇଚ୍ଛା ନଥିଲେ ମଧ୍ୟ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** ଦୀର୍ଘଦିନର ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ଧନ୍ଦା କରିବା ଲାଗି ମନ ବଳାଇବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି ଓ ତାହାଙ୍କ ସାହାଯ୍ୟ ମଧ୍ୟ ପାଇବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରୋକ୍ଷ ଶତ୍ରୁତା ସାମାନ୍ୟ ବ୍ୟତିକ୍ରମ ସୃଷ୍ଟ କରିପାରେ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ପରିବାରର ଆର୍ଥିକ ସମସ୍ୟା ନେଇ ମନରେ ଥିବା ଦୁର୍ଭାବନା ଦୂରେଇବାରେ ସମର୍ଥ ହେବେ। ଅଧସ୍ତନ କର୍ମଚାରୀ କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି କଳହର ମାତ୍ରାକୁ ବଢ଼ାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ସିଂହ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଗୁରୁତୁଲ୍ୟଙ୍କ ସହ ପରାମର୍ଶ କରନ୍ତୁ। ପିଲାଙ୍କୁ ନେଇ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନେ ଶତ୍ରୁତା କଲେ କିଛି ସିନା କରିପାରିବେ ନାହିଁ। କାରଣ ସମସ୍ୟା ସମସ୍ୟା ନୁହେଁ, ସମସ୍ୟାର ସମାଧାନ ହିଁ ପ୍ରକୃତ ସମସ୍ୟା ହେବ।

**କନ୍ୟା** ସାମଗ୍ରିକ ଦିଗରୁ ଦିନଟି ଭଲ ମନେହେଲେ ମଧ୍ୟ ଆପଣଙ୍କ ଉପଭୋଗ୍ୟ ହୋଇପାରିବ ନାହିଁ। ବହୁତ ଦିନର ଅପୂରଣୀୟ ଆଶା ମନରେ ଅନାଗତ ଭୟ ଓ ଆଶଙ୍କା ସୃଷ୍ଟି କରିପାରେ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବା ପରି ଆଶଙ୍କା ଦେଖାଦେବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନତୁବା ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। କର୍ମକ୍ଷେତ୍ରରୁ ଫେରିବା ସମୟରେ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି।

**ବିଛା** କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ମନଟା ଗୋଳେଇଘାଣ୍ଟି ଲାଗିବ। ଅନ୍ୟମାନଙ୍କ କଥାରେ ଭାସି ନଯାଇ ଲୋକକୁ ପରଖି ଯାହା କରିବା କଥା କରନ୍ତୁ। ଆକସ୍ମିକ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଧାର କରଜ କରିବାକୁ ବାଧ ହେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିବନ୍ଧକ ଓ ସମସ୍ୟା ଦେଖାଦେବ।

**ଧନୁ** ଅସନ୍ତୋଷକୁ ଚାପି ରଖି, ମୁହଁରେ ହସ ଫୁଟାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବେ। ପୂର୍ବାଷାଢ଼ା ଯେତେବେଳେ ଯାହା ଚାହିଁବେ ପାଇବେ। ଆମଦାନୀ କାରବାର, ପନିପରିବା ଦୋକାନୀ, ହୋଟେଲ ମାଲିକ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** କେତେକ କ୍ଷେତ୍ରରେ ବନ୍ଧୁଙ୍କ କଥାକୁ ଗ୍ରହଣ କଲେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। ସହକର୍ମୀ କିମ୍ବା ଆତ୍ମୀୟଙ୍କଠାରୁ ସାୟାହ୍ନରେ କୌଣସି ଖବର ପାଇ ବିସ୍ମିତ ହେବେ। ଶିକ୍ଷା, ଗଠନମୂଳକ ଆଲୋଚନା, ଆନୁଷ୍ଠାନିକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ପାଇଁ ପଲିସ୍ କରିପାରନ୍ତି।

**କୁମ୍ଭ** ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ସମ୍ଭାବନା ରହିଛି। ବିନା ଖର୍ଚ୍ଚରେ କିମ୍ବା ସରଳ ଓ ସହଜରେ କୌଣସି କାମ ହାସଲ କରିବା ଆଜି ଦୁରୂହ ହୋଇପଡିବ। ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହି ପାରିବ ନାହିଁ। ଅବଶ୍ୟ ବନ୍ଧୁଙ୍କ ସହାୟତା ନେଇ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ଆଜି କର୍ମକ୍ଷେତ୍ର ସକାଶେ ସାମୟିକ ଚିନ୍ତିତ ରହିବେ, କିନ୍ତୁ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଶିକ୍ଷା, ସନ୍ତାନ, ଆଲୋଚନା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରା, ବାଣିଜ୍ୟ, ସଙ୍ଗଠନରେ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ଭଲ ରହିବ ଓ କୌଣସି ନୂତନ କାମଟିଏ ଆରମ୍ଭ କରିବା ସକାଶେ ମନ ବଳାଇବେ।

ଆଜି ଆଷାଢ଼ କୃଷ୍ଣ ତୃତୀୟା ମଙ୍ଗଳବାର, ଜୁନ୍ ୬ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ.୦୫।୧୦ ଗତେ ଘ.୦୬।୪୯ ମଧ୍ୟେ, ଘ. ୦୯।୩୩ ଗତେ ଘ.୧୨।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୨ମି. ଗତେ ଘ.୦୪।୪୧ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ମୃତକଙ୍କୁ ଚିହ୍ନିବା...

ଆସୁଛନ୍ତି, ଯାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଛି। ରବିବାର ଏଭଳି ଏକ ଘଟଣା ବାଲେଶ୍ୱର ନୋସି ବିଜ୍‌ନେସ୍ ପାର୍କ ପରିସରରେ ଦେଖିବାକୁ ମିଳିଥିଲା। ସେଠାରେ ଅନେକ ସମ୍ପର୍କୀୟ ମୃତକଙ୍କୁ ଚିହ୍ନଟ କରୁଥିବାବେଳେ ଗୀତାଞ୍ଜଳି ଦାସ ନାମ୍ନୀ ଜଣେ ମହିଳା ସେଠାରେ ପହଞ୍ଚି କାନ୍ଦବୋବାଳି କରିଥିଲେ। ତାଙ୍କ ସ୍ୱାମୀ କରମଣ୍ଡଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା କହିଥିଲେ। ଏପରି କି ଏକ ଶବ ଉପରୁ ଧଳା କପଡ଼ା ହଟାଇ ତାହା ତାଙ୍କ ସ୍ୱାମୀଙ୍କର ବୋଲି ପ୍ରକାଶ କରିଥିଲେ। ମାତ୍ର ପରେ ତାହା ମିଛ ବୋଲି ଜଣାପଡ଼ିଥିଲା।

କ୍ଷତବିକ୍ଷତ ମୃତଦେହକୁ ଚିହ୍ନିବାକୁ କଷ୍ଟକର ହେଉଥିବାରୁ ସେଗୁଡ଼ିକର ଡିଏନ୍‌ଏ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ସୋମବାର ସନ୍ଧ୍ୟା ସୁଦ୍ଧା ଏମ୍‌ସରେ ୫ଜଣଙ୍କର ଡିଏନ୍‌ଏ ପରୀକ୍ଷା କରାଯାଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମୃତଦେହ ଚିହ୍ନଟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ମୃତଦେହ ରହିଥିବା ବ୍ୟାଗରେ ସେମାନଙ୍କର ଫଟୋ ଲଗାଯାଇଛି। ଏହାବାଦ୍ ଭୁବନେଶ୍ୱର ଆସିଥିବା ସମସ୍ତ ମୃତଦେହର ଫଟୋ ବିଏମ୍‌ସି ଆଇସିଓଏମ୍‌ସି ଟାୱାରରେ ହୋଇଥିବା କଣ୍ଟ୍ରୋଲ ରୁମ୍‌ରେ ରଖାଯାଇଛି। ଏମ୍‌ସରେ ମଧ୍ୟ ସମସ୍ତଙ୍କର ଫଟୋ ରହିଛି। ଯେହେତୁ ଦୁର୍ଘଟଣାରେ କେତେଜଣ ବ୍ୟକ୍ତିଙ୍କର ଚେହେରା ନଷ୍ଟ ହୋଇଯାଇଛି ତେଣୁ ସେମାନଙ୍କର ଡ୍ରେସ୍ ବା ଅନ୍ୟାନ୍ୟ ଗହଣା ପତ୍ରରୁ ଚିହ୍ନିବାକୁ ଚେଷ୍ଟା କରୁଛନ୍ତି। ଯେଉଁଠି କିଛି ସାମଞ୍ଜସ୍ୟ ଆସୁଛି, ସେଠାରେ ଦାବିଦାରମାନେ ସମ୍ପୃକ୍ତ ମୃତଦେହ ନିଜ ପରିଜନଙ୍କର ବୋଲି କହୁଛନ୍ତି। ତେବେ ଏଭଳି ଦ୍ୱନ୍ଦ୍ୱ ଉପୁଜିବାରୁ ଡିଏନ୍‌ଏ ଟେଷ୍ଟ ଆରମ୍ଭ ହୋଇଥିବା କମିଶନର କୁଲାଙ୍ଗେ କହିଛନ୍ତି।

ଅପରପକ୍ଷେ ବାଲେଶ୍ୱରରୁ ଭୁବନେଶ୍ୱର ଆସିଥିବା ୧୯୩ଟି ମୃତଦେହ ମଧ୍ୟରୁ ୧୨୩ଟି ଏମ୍‌ସକୁ ଅଣାଯାଇଛି। ସେଥିମଧ୍ୟରୁ ୬୧ଟି ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଆଉ ୬୨ଟି ମୃତଦେହ ରହିଛି। ସେଗୁଡ଼ିକ ସଂରକ୍ଷଣ ପାଇଁ ଏମ୍‌ସରେ ଡିପ୍ ଫ୍ରିଜ୍ ଓ କୋଲ୍ଡ ଷ୍ଟୋରେଜର ଅଭାବ ରହିଥିବାରୁ ଅଧିକ ଦିନ ମୃତଦେହ ସଂରକ୍ଷିତ ରଖାଯିବା ସମ୍ଭବ ନୁହେଁ। ତେଣୁ ମୃତଦେହ ସଂରକ୍ଷଣ ପାଇଁ ପାରାଦୀପରୁ ୫ଟି କଣ୍ଟେନର ଅଣାଯାଇଛି। ପ୍ରତି କଣ୍ଟେନରରେ ୩୦ରୁ ୪୦ଟି ମୃତଦେହ ସଂରକ୍ଷିତ ରହିପାରିବ। କଣ୍ଟେନରରେ ଦୁଇମାସ ପର୍ଯ୍ୟନ୍ତ ମୃତଦେହକୁ ସଂରକ୍ଷିତ ରଖାଯାଇପାରିବ ବୋଲି ଏମ୍‌ସ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଅନ୍ୟପକ୍ଷରେ ୧୬ଟି ମୃତଦେହର ଚିହ୍ନଟ ପ୍ରକ୍ରିୟା ଚାଲିଛି। ଆବଶ୍ୟକ ପଡ଼ିଲେ ଡିଏନ୍‌ଏ ଟେଷ୍ଟ କରାଯିବ ଏବଂ ଏଥିପାଇଁ ରାଜ୍ୟର ବିଶେଷଜ୍ଞମାନେ ଏମ୍‌ସରେ କାର୍ଯ୍ୟରତ ଥିବା ଡା. ବିଶ୍ୱାସ ସୂଚନା ଦେଇଛନ୍ତି। ସୂଚନାଥାଉ କି ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୭୫ଜଣ ଯାତ୍ରୀଙ୍କ ମଧ୍ୟରୁ ୧୮୦ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ୧୫୦ରୁ ଉର୍ଦ୍ଧ୍ୱଙ୍କୁ ସେମାନଙ୍କର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ମୃତକଙ୍କ ପରିଜନ କିପରି ସହଜରେ ମୃତଦେହ ନେଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ମୃତଦେହ ପରିବହନର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ସହ ଏଥିପାଇଁ ବ୍ୟବସ୍ଥା କରିବାକୁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ଦୁଇଟି ଟୋଲ୍ ଫ୍ରି ନଂ. ୧୮୦୦୩୪୫୦୦୬୧ ଏବଂ ୧୯୨୯ ଜାରି କରାଯାଇଛି। ସମ୍ପର୍କୀୟମାନେ ଓଡ଼ିଶା ଆସିଲେ ଯେପରି ସୁବିଧାରେ ହସ୍ପିଟାଲକୁ ଯାଇ ମୃତାହତଙ୍କୁ ଚିହ୍ନଟ କରିପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ମୃତବ୍ୟକ୍ତିଙ୍କର ମୃତ୍ୟୁ ପ୍ରମାଣ ପତ୍ରକୁ ଅନ୍‌ଲାଇନ୍ ଏବଂ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଯଥାଶୀଘ୍ର ସେମାନଙ୍କ ପରିଜନଙ୍କ ନିକଟକୁ ପଠାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଯେଉଁ ମୃତଦେହଗୁଡ଼ିକର ଚିହ୍ନଟ୍ ହୋଇପାରିବ ନାହିଁ ସେ ସବୁର ଡିଏନ୍‌ଏ ସାମ୍ପଲ ଓ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରାଯାଇ ନିୟମ ଅନୁଯାୟୀ ସଂସ୍କାର କରାଯିବ ବୋଲି ସୂଚନା ଦିଆଯାଇଛି।

## ସିଗ୍‌ନାଲ୍ ବ୍ୟବସ୍ଥାର ହେବ...

ନିଶ୍ଚିତ କରିବେ। ରେଳ ଲାଇନ୍‌ଗୁଡ଼ିକର ସଂଯୋଗ ଓ ବିଚ୍ଛେଦବେଳେ ସିଗ୍‌ନାଲିଂ ଆଣ୍ଡ୍ ଟେଲିକମ୍ୟୁନିକେଶନ (ଏସ୍‌ଆଣ୍ଡ୍‌ଟି) ଇକ୍ୟୁପମେଣ୍ଟକୁ ଗାଇଡଲାଇନ ଅନୁଯାୟୀ କଡ଼ାକଡ଼ି ଭାବେ ପାଳନ କରିବାକୁ ବୋର୍ଡ ପକ୍ଷରୁ ସମସ୍ତ ଜୋନ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବୋର୍ଡର ଏଭଳି ତତ୍ପରତାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଏହି 'ସୁପର ଚେକ୍' କେବଳ ଇଂଲିଶ ଶବ୍ଦ। ଯାଞ୍ଚର ବିଭିନ୍ନ ଶବ୍ଦ ସୃଷ୍ଟି କରାଯାଉଛି। ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ଏହାର ଅର୍ଥ କିଛି ନାହିଁ। ଏହା ଅଧିକ ଗୁରୁତ୍ୱ ଦିଏ ନାହିଁ ବୋଲି ରେଲୱେର ଜଣେ ପୂର୍ବତନ ଅଧିକାରୀ କହିଛନ୍ତି।

## ସିବିଆଇ ତଦନ୍ତ ସହାୟକ...

ମଧ୍ୟ କିଛି ଫଳାଫଳ ମିଳି ନ ଥିଲା। ସିବିଆଇ ଆପରାଧିକ ମାମଲାର ତଦନ୍ତ କରିଥାଏ, ଦୁର୍ଘଟଣାର ନୁହେଁ। ଏଥିପାଇଁ ରେଲୱେ ସେଫ୍‌ଟି କମିଶନ ରହିଛି। ସତ୍ୟ କ'ଣ ତାହା ଲୋକେ ଜାଣିବା ଆବଶ୍ୟକ। ସତକୁ ଚାପିଦେବାର ସମୟ ଇଏ ନୁହେଁ ବୋଲି ମମତା କହିଛନ୍ତି। ରେଳଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଦୃଷ୍ଟି ନ ଦେଇ ସେମାନଙ୍କ ଜୀବନ ସହ ଖେଳୁଥିବା କଂଗ୍ରେସ ଅଭିଯୋଗ କରିଛି। ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତକୁ ବିରୋଧୀ ଦଳ ସମାଲୋଚନା କରିଛି। ଅପରାଧର ତଦନ୍ତ ପାଇଁ ସିବିଆଇ ରହିଛି, ଟ୍ରେନ୍ ଦୁର୍ଘଟଣା ପାଇଁ ନୁହେଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ପ୍ରଯୁକ୍ତି, ଅନୁଷ୍ଠାନଗତ ଏବଂ ରାଜନୈତିକ ବିଫଳତାର ତଦନ୍ତ ଦାୟିତ୍ୱ ସିବିଆଇ ଉପରେ ନ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମସ୍ତ ଫମ୍ପା ସୁରକ୍ଷା ପ୍ରତିଶ୍ରୁତି ଏବେ ପଦାରେ ପଡ଼ିଛି। ସରକାର ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାର ପ୍ରକୃତ କାରଣ ପଦାକୁ ଆଣନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି।




# ରେଳ ଦୁର୍ଘଟଣା କାରଣ ଖୋଜା ସରୁନି

## ୨ ଡ୍ରାଇଭର, ଜଣେ ଗାର୍ଡଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

- ରେଳ ସଦନଠାରେ ସମୀକ୍ଷାକଲେ ୩ କେନ୍ଦ୍ରମନ୍ତ୍ରୀ
- ମୃତଶରୀର ସେମାନଙ୍କ ପରିବାର ପାଖରେ ପହଞ୍ଚାଇବା ମୂଳ କାମ: ବୈଷ୍ଣବ
- ସୁସ୍ଥ ହେଉଛନ୍ତି ୨ ଲୋକୋ ପାଇଲଟ୍

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧକରି ରଖିଥିବା ବେଳେ ଏହାକୁ ନେଇ ତଦନ୍ତ ପ୍ରକ୍ରିୟା ଜୋର୍‌ଦାର କରାଯାଇଥିବା କଥା କୁହାଯାଉଛି। ଦୁର୍ଘଟଣା ଘଟିବାର ମୂଳ କାରଣ କ'ଣ ସେନେଇ ବିଭିନ୍ନ ପର୍ଯ୍ୟାୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କଠାରୁ ଆରମ୍ଭକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଏକାଧିକ ଥର ସମୀକ୍ଷା ବୈଠକ କରିସାରିଲେଣି। ସୋମବାର ମଧ୍ୟ ୩ କେନ୍ଦ୍ରମନ୍ତ୍ରୀ ରେଳ ସଦନ ଠାରେ ଏକ ସମୀକ୍ଷା କରିଛନ୍ତି। ଅନ୍ୟପଟେ ଏହି ଦୁର୍ଘଟଣା ବେଳେ ଯେଉଁମାନେ ଲୋକୋ ପାଇଲଟ ଥିଲେ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି। ବିରୋଧୀ ଏହି ଘଟଣାକୁ ନେଇ ରେଳମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାରୁ କିପରି ରକ୍ଷା ମିଳିବ ସେନେଇ ସବୁ ପ୍ରକାର ଉଦ୍ୟମ ଆରମ୍ଭ ହୋଇଯାଇଛି।

ତେବେ ୩ କେନ୍ଦ୍ରମନ୍ତ୍ରୀ ରେଳ ସଦନଠାରେ କରିଥିବା ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୈଷ୍ଣବ କହିଛନ୍ତି, ସବୁ ପ୍ରକାର ପୁନରୁଦ୍ଧାର କାର୍ଯ୍ୟ ଶେଷହେବା ପରେ ଦୁର୍ଘଟଣାଗ୍ରସ୍ତ ଅଞ୍ଚଳ ଦେଇ ପାଖାପାଖି ୬୦ରୁ ୭୦ ଟ୍ରେନ୍ ଚାଲିଲାଣି। ଏହାସହ ରେଳୱେ ସମ୍ପୂର୍ଣ୍ଣ ପ୍ରୟାସ କରୁଛି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାରରେ ଯେଉଁ ରେଳ କର୍ମଚାରୀ ଅଛନ୍ତି ସେମାନେ ମୃତଯାତ୍ରୀଙ୍କ ପରିବାର ସହ ଯୋଗାଯୋଗ କରି ମରଶରୀରକୁ ହସ୍ତାନ୍ତର କରିବା କାମ କରିବେ। ଏହାସହ ଏଠାରେ ଏମ୍‌ସ ଏବଂ ଅନ୍ୟ ହସ୍ପିଟାଲରେ ମଧ୍ୟ ମୃତଶରୀର ରଖିବା ଲାଗି ସାଇଣ୍ଟିଫିକ୍ ବ୍ୟବସ୍ଥା ରହିଛି। ଯେଉଁ ପରିବାର ଆସି ପହଞ୍ଚୁଛନ୍ତି ସେମାନେ ମୃତ ଶରୀର ନେଇଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରତ୍ୟେକ ଲୋକଙ୍କ ପାଖରେ ନ ପହଞ୍ଚିବା ପର୍ଯ୍ୟନ୍ତ ପ୍ରୟାସ ଜାରି ରହିବ ବୋଲି ବୈଷ୍ଣବ କହିଛନ୍ତି। ତଦନ୍ତ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ଚାଲିଛି। ସିସିଆର୍‌, ସିସିଆର୍‌ଏସ୍ ଏବଂ ସିବିଆଇ ତଦନ୍ତ ସେମାନଙ୍କ ବାଟରେ ଚାଲିଛି ବୋଲି ସେ କହିଛନ୍ତି।

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ପ୍ରତ୍ୟକ୍ଷଦର୍ଶୀ ତଥା କରମଣ୍ଡଳ ଏକ୍ସପ୍ରେସ୍‌ର ୨ ଆହତ ଲୋକୋ ପାଇଲଟ୍ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏନେଇ ସୋମବାର ଦକ୍ଷିଣ-ପୂର୍ବ ରେଳୱେ ସିପିଆର୍‌ଓ ଆଦିତ୍ୟ ଚୌଧୁରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦୁର୍ଘଟଣାରେ ଲୋକୋ ପାଇଲଟ ଗୁଣନିଧି ମହାନ୍ତି ଓ ଜଣେ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ହଜାରୀ ବେହେରା ଗୁରୁତର ହୋଇଥିଲେ। ଲୋକୋ ପାଇଲଟ୍‌ଙ୍କ ଅବସ୍ଥା ଭଲ ଥିବାରୁ ଏବେ ସେ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତର ହୋଇସାରିଛନ୍ତି। ତେବେ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍‌ଙ୍କ ଶରୀରରେ ବହୁ ଗୁରୁତର ଆଘାତ ଲାଗିଥିବାରୁ ଅପରେଶନ ହେବାର ଥିଲା। ଅପରେଶନ ପରେ ସେ ୱାର୍ଡକୁ ଆସିବେ। ଆଜି ଏହି ଅପରେଶନ ସରିବ। ଉଭୟ ଲୋକୋ ପାଇଲଟ ଓ ଗାର୍ଡ ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ୩ ଜଣଙ୍କ ଅବସ୍ଥା ସ୍ଥିର ଅଛି। ଦୁର୍ଘଟଣାଗ୍ରସ୍ତ କରମଣ୍ଡଳର ୨ ଡ୍ରାଇଭର ଓ ଗାର୍ଡଙ୍କ ବୟାନ ରେକର୍ଡ ରେଳ ସୁରକ୍ଷା କମିଶନ କରିଛନ୍ତି। ଏହି ୩ ଜଣଙ୍କ ସହ ଷ୍ଟେଶନରେ କାର୍ଯ୍ୟରତ ଅନ୍ୟମାନଙ୍କ ବୟାନ ମଧ୍ୟ ନିଆଯାଇଛି। ଷ୍ଟେଶନର ମେଣ୍ଟେନର, ପଏଣ୍ଟସ୍‌ମ୍ୟାନଙ୍କ ବୟାନ ରେକର୍ଡ ହୋଇଛି। କରମଣ୍ଡଳ ପାଇଁ ମେନ୍ ଲାଇନ୍‌ରେ ଗ୍ରୀନ୍ ସିଗ୍‌ନାଲ୍ ଥିଲା। ଏବେ ରେଲୱେ ସେଫ୍‌ଟି କମିଶନର ଓ ସିବିଆଇ ଉଭୟ ତଦନ୍ତ କରିବେ। ଉଭୟଙ୍କ ତଦନ୍ତ ରିପୋର୍ଟ ମିଳିବା ପରେ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିପିଆର୍‌ଓ ଜଣାଇଛନ୍ତି। ରେଲୱେ ବୋର୍ଡ ସଦସ୍ୟା ଜୟାବର୍ମା ସିହ୍ନା କହିଛନ୍ତି, ଲୋକୋ ପାଇଲଟ୍‌ଙ୍କ ସହ କଥା ହେବା ବେଳେ ଘଟଣା ସମ୍ପର୍କରେ ଅନେକ କଥା ଜଣାପଡ଼ିଛି। ସେମାନଙ୍କୁ ଯିବା ପାଇଁ ଗ୍ରୀନ୍ ସିଗ୍‌ଲାଲ ମିଳିଥିଲା। ଟ୍ରେନ୍ ଓଭରସ୍ପିଡ୍‌ରେ ମଧ୍ୟ ଯାଉ ନ ଥିଲା। ଲୋକୋ ପାଇଲଟ୍ ଏହା ଜଣାଇଛନ୍ତି। ତେଣୁ ଯେଉଁମାନେ କହୁଛନ୍ତି ରେଡ୍ ସିଗ୍‌ନାଲ ଥିବା ସତ୍ତ୍ୱେ ଟ୍ରେନ୍ ଯାଉଥିଲା ତାହା ଠିକ୍ ନୁହେଁ। ଲୋକଙ୍କ ଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେଇ ଟ୍ରେନ୍ ଚାଳକ ଦାୟିତ୍ୱ ତୁଲାଇଥାନ୍ତି। ଟ୍ରେନ୍ କେତେ କିଲୋମିଟର ବେଗରେ ଆସୁଥିଲା ତାହାର ରେକର୍ଡ ମଧ୍ୟ ସଂଗ୍ରହ କରାଯାଇଛି। ଏହି ଟ୍ରେନ୍ ୧୩୦ କି.ମି. ଯାଇପାରିବାର ଅନୁମତି ଥିଲା, ତେଣୁ ଟ୍ରେନ୍ ୧୨୮ କି.ମି. ବେଗରେ ଯାଉଥିଲା ବୋଲି ସେ କହିଛନ୍ତି। ତେଣୁ ୨ ଲୋକୋ ପାଇଲଟ୍ ପୂରା ସୁସ୍ଥ ହେଲା ପରେ ଘଟଣା ଉପରୁ ପରଦା ହଟିବ ବୋଲି କୁହାଯାଉଛି। ସେପଟେ ଦୁର୍ଘଟଣା ପରେ ଲୋକୋ ପାଇଲଟ୍‌ଙ୍କୁ କିପରି ଉଦ୍ଧାର କରାଯାଇଥିଲା ତାହାର ଫଟୋ ସାମ୍ନାକୁ ଆସିଛି।

# ତଦନ୍ତ କଲେ ରେଲୱେ ସେଫ୍‌ଟି କମିଶନର

**ବାହାନଗା,୫।୬(ଡି.ଏନ୍.ଏ.)**

ବାହାନଗା ଟ୍ରେନ ଦୁର୍ଘଟଣାର ତଦନ୍ତ ପାଇଁ ଦିଲ୍ଲୀସ୍ଥିତ ରେଲୱେ ସେଫ୍‌ଟି କମିଶନର (ନିରାପତ୍ତା ଆୟୋଗ) ଶୈଳେଶ କୁମାର ପାଠକ ଓ ଅନ୍ୟ ଅଧିକାରୀମାନେ ସୋମବାର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସେମାନେ ବାହାନଗା ରେଳ ଷ୍ଟେଶନ, ଷ୍ଟେଶନ ସିଗ୍‌ନାଲ ରୁମ୍ ,କଣ୍ଟ୍ରୋଲ ରୁମ୍ ପ୍ରଭୃତି ବୁଲି ତଦନ୍ତ କରିଥିଲେ। ପ୍ରାଥମିକ ତଦନ୍ତ ରିପୋର୍ଟ ଆସିବା ଲାଗି ସମୟ ଲାଗିବ ବୋଲି ପାଠକ ଗଣମାଧ୍ୟମକୁ କହିଥିଲେ। ତେବେ ଖୁବ୍ ଶୀଘ୍ର ଦୁର୍ଘଟଣାର କାରଣ ଜଣାପଡିବ ଓ ପ୍ରକୃତ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଦିଲ୍ଲୀରୁ ସିଏଫ୍‌ଏସ୍‌ଆଇର ଏକ ୫ ଜଣିଆ ଟିମ୍ ବାହାନଗା ରେଳ ଷ୍ଟେଶନ ଓ ଦୁର୍ଘଟଣାସ୍ଥଳ ସମେତ ଲୁପ ଲାଇନ୍, ଟ୍ରାକ୍ ଓ ବିଦ୍ୟୁତ୍ ଲାଇନ୍ ମରାମତି କାମ ହେଉଥିବା ସ୍ଥାନକୁ ଯାଇ ତଦନ୍ତ କରିଥିଲେ। ଅନ୍ୟପକ୍ଷରେ ଏନ୍‌ଡିଆର୍‌ଏଫ୍ ଟିମ୍, ଜିଆରପିଏଫ୍ ଫୋର୍ସ ଓ ପୋଲିସ୍ ଫୋର୍ସର ସୁରକ୍ଷା ବଳୟରେ ଟ୍ରେନ୍ ଲାଇନ୍ କାମ ଚାଲିଛି। ବିଦ୍ୟୁତ୍ ଲାଇନ ମରାମତି ମଧ୍ୟ ଜୋରଦାର ଚାଲିଛି। ଦୁଇଟି ରେଳ ଲାଇନ୍ କାମ ସରିଥିବା ବେଳେ ଷ୍ଟେଶନ ପୂର୍ବରୁ ଟ୍ରାକ୍ ଲାଇନ୍ ବଦଳାଇବା କାମ ଚାଲିଛି। ଦୁର୍ଘଟଣାର ୬୨ ଘଣ୍ଟା ପରେ ୨ ଓ ୩ନଂ. ଟ୍ରାକ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ରବିବାର ରାତି ୯ଟାରେ ପ୍ରଥମେ ପରୀକ୍ଷା ମୂଳକ ଭାବେ ଏକ ମାଲ ବୋଝେଇ ଟ୍ରେନ ୩ ନଂ.ଟ୍ରାକ୍‌ରେ ଚଳାଚଳ କରିଥିଲା। ପରେ ଏକ୍ସପ୍ରେସ ଟ୍ରେନ ଛଡାଯାଇଥିଲା। ୧ ନମ୍ବର ଲାଇନ୍ କାମ ସମେତ ରେଳଧାରଣା ବିଛା ଓ ବିଦ୍ୟୁତ୍ ତାର ଟଣା କାମ ମଙ୍ଗଳବାର ସୁଦ୍ଧା ସରିଲେ ବୁଧବାରଠାରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଘୋଷଣା ଅନୁଯାୟୀ ସମସ୍ତ ଟ୍ରେନ୍ ସ୍ୱାଭାବିକ ଭାବେ ସବୁ ଲାଇନ୍‌ରେ ଚଳାଚଳ କରିବ ବୋଲି କାମ ତଦାରଖ କରୁଥିବା ରେଲୱେ ଅଧିକାରୀମାନେ କହିଛନ୍ତି।



ବାହାନଗା ଷ୍ଟେଶନରେ ସୋମବାର ଏକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରୁଛି।

- ସ୍ୱାଭାବିକ ହେଲା ରେଳ ଚଳାଚଳ
- ବାହାନଗା ରେଳ ଦୁର୍ଘଟଣା

# ଜିଆର୍‌ପି ଥାନାରେ ମାମଲା

## ବାହାନଗା ରେଳ ଦୁର୍ଘଟଣା

**ବାଲେଶ୍ୱର ଅଫିସ,୫।୬**

ବାହାନଗା ନିକଟରେ ଗତ ୨ ତାରିଖ ସନ୍ଧ୍ୟାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣା ନେଇ ବାଲେଶ୍ୱର ଜିଆର୍‌ପି ଥାନାରେ ଏତଲା ପରେ ମାମଲା ରୁଜୁ ହୋଇଛି। ଜିଆର୍‌ପି ଥାନାର ଏସ୍‌ଆଇ ପପୁ ନାୟକଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ରେଲୱେର ଦାୟିତ୍ୱହୀନତା ପାଇଁ ଦୁର୍ଘଟଣା ଘଟିଥିବା ଉଲ୍ଲେଖ କରାଯାଇଛି। ଆଇପିସି ଦଫା ୩୩୭, ୩୩୮, ୩୦୪-କ, ୩୪, ରେଲୱେ ଆକ୍ଟ ୧୫୩, ୧୫୪ ଓ ୧୭୫ରେ ମାମଲା ରୁଜୁ ହୋଇଛି। ଡିଏସ୍‌ପି ରଞ୍ଜିତ ନାୟକଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ଏହି ଭୟାନକ ଦୁର୍ଘଟଣାରେ ରେଲୱେ ବୋର୍ଡ ପକ୍ଷରୁ ସିବିଆଇ ତଦନ୍ତ ସୁପାରିସ୍ ହୋଇଥିବା ବେଳେ ଜିଆରପି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ଆଲୋଚନାର ବିଷୟ ହୋଇଛି। ଅନ୍ୟପକ୍ଷରେ ସୋମବାର ରେଲୱେ ସେଫ୍‌ଟି କମିଶନର ଶୈଳେଶ କୁମାର ପାଠକ ବାହାନଗାରେ ପହଞ୍ଚି ସିଗନାଲ ରୁମ୍ ଓ କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରିଛନ୍ତି।

ସେହିପରି ସୁପ୍ରିମ୍‌କୋର୍ଟରେ ଓକିଲାତି କରୁଥିବା ଆଇନଜୀବୀ ବିଶାଳ ତିୱାରି ବାହାନଗା ଟ୍ରେନ ଦୁର୍ଘଟଣାର ତଦନ୍ତ ସର୍ବୋଚ୍ଚ କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଦ୍ୱାରା କରାଯିବାକୁ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଦୁର୍ଘଟଣାର ତଦନ୍ତ ବ୍ୟତୀତ ରେଳସେବାରେ ଅଟୋମେଟିକ ଟ୍ରେନ ପ୍ରୋଟେକ୍ସନ ବ୍ୟବସ୍ଥା ବା 'କବଚ' ସିଷ୍ଟମକୁ ତ୍ୱରାନ୍ୱିତ ଭିତ୍ତିରେ ସମଗ୍ର ଦେଶର ରେଳ ନେଟ୍‌ୱର୍କରେ କାର୍ଯ୍ୟକାରୀ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି।


ଜିଆର୍‌ପି ଥାନାରେ ରୁଜୁ ହୋଇଥିବା ମାମଲାର ଏତଲା କପି।




# ପୁଅର କଟାମୁଣ୍ଡ ଦେଖି ଚେତାଶୂନ୍ୟ ମା'

## ବାପଛେଉଣ୍ଡ ହୋଇଗଲେ ୨ ପିଲା


ଜେନିମା ମଣ୍ଡଳ

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ଛାତିଥରା ଟ୍ରେନ୍ ଦୁର୍ଘଟଣା ସାରା ବିଶ୍ୱକୁ ମ୍ରିୟମାଣ କରିଦେଇଛି। ଏହି ଦୁର୍ଘଟଣା ଅନେକ ପରିବାରକୁ ଉଜାଡି ଦେଇଛି। ଇତିମଧ୍ୟରେ ଏହି ଭୟଙ୍କର ଦୁର୍ଘଟଣାକୁ ୪ଦିନ ବିତିଯାଇଛି। ହେଲେ ଏବେ ବି ସରିନି ମୃତଦେହ ଚିହ୍ନଟ। ସମୟ ଗଡ଼ିବା ସହ ଗୋଟିଏ ଗୋଟିଏ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସୁଛି। ପୁଅ ମମଜୁର ଅଲ୍ଲୀ ମଣ୍ଡଳଙ୍କ ମୃତଦେହକୁ ୨ ଦିନ ଖୋଜିବା ପରେ ଭୁବନେଶ୍ୱରସ୍ଥିତ ଏମ୍ସରେ ପାଇଥିଲେ ମା' ଜେନିମା ମଣ୍ଡଳ। ହେଲେ ପୁଅର ମୁଣ୍ଡ ଦେହରୁ ଅଲଗା ହୋଇଥିବା ଦେଖିବା ପରେ ଚେତାଶୂନ୍ୟ ହୋଇଯାଇଥିଲେ। ଭଗବାନ କେଡେ ନିଷ୍ଠୁର ହେଲ, ତୁମେ ଶେଷରେ ମୋତେ ପୁଅର ଏଭଳି ଦୃଶ୍ୟ ଦେଖେଇବାର ଥିଲା। ଏପରି କହି ସାଙ୍ଗରେ ଥିବା ଭାଇଙ୍କ ଛାତିରେ ମୁଣ୍ଡ ରଖି ଜୋର୍‌ରେ କାନ୍ଦି ଥିଲେ। ଆଖିର ଛଳ ଛଳ ଲୁହର ଧାର ବୋହି ଆସୁଥିବାବେଳେ ମା' ଜେନିମା କୌଣସି କହିବା ଅବସ୍ଥାରେ ନ ଥିଲେ। ଘର ବିହାରରେ ହୋଇଥିଲାବେଳେ ପୁଅ ମମଜୁର୍ ତିନିଜଣଙ୍କ ସହ ଟ୍ରେନ୍‌ରେ କେରଳ ଯାଉଥିଲେ। ହେଲେ ଦୁର୍ଘଟଣା ସବୁ ଉଜାଡି ଦେଲା। ସାଙ୍ଗରେ ଥିବା ୨ ଜଣଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଆହତ ହୋଇଥିବା ଅନ୍ୟଜଣଙ୍କଠାରୁ ପୁଅର ମୃତ୍ୟୁ ଖବର ଶୁଣିବା ପରେ ତାଙ୍କ ପାଦତଳୁ ମାଟି ସତେଯେମିତି ଖସି ଯାଇଥିଲା। ପୁଅକୁ ଖୋଜିବାକୁ ଭୁବନେଶ୍ୱର ଆସି ଏମ୍‌ସରେ ଚିହ୍ନଟ କରିବା ପରେ ମୃତଦେହକୁ ଘରକୁ ନେଇଯାଇଛନ୍ତି। ମୃତ ମମଜୁରଙ୍କ ଗୋଟିଏ ୬ ବର୍ଷ ଝିଅ ଓ ଗୋଟିଏ ୭ବର୍ଷର ପୁଅ ଅଛନ୍ତି।

# ୭ରେ ୧୨ ବିରୋଧୀ ଦଳର ବିକ୍ଷୋଭ

## ରେଳମନ୍ତ୍ରୀଙ୍କ ଇସ୍ତଫା, ଟ୍ରେନ୍ ଦୁର୍ଘଟଣାର ଏସ୍‌ଆଇଟି ତଦନ୍ତ ଦାବି

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ରେଲୱେ ବୋର୍ଡର ସୁପାରିସ୍ କ୍ରମେ ବାଲେଶ୍ୱର ଜିଲାର ବାହାନଗା ଟ୍ରେନ ଦୁର୍ଘଟଣାର ସିବିଆଇ ତଦନ୍ତ ଆରମ୍ଭ ହୋଇଛି। ହେଲେ ସିବିଆଇ ତଦନ୍ତକୁ ଦେଶର ପ୍ରମୁଖ ୧୨ଟି ରାଜନୈତିକ ଦଳ ତଥା ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇଏମ୍‌ଏଲ୍(ଲିବରେଶନ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ଆମ୍ ଆଦମୀ ପାର୍ଟି, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ସମତାକ୍ରାନ୍ତି ଦଳ, ସିପିଆଇଏମ୍‌ଏଲ୍(ରେଡଷ୍ଟାର) ଏବଂ ଆରପିଆଇର ରାଜ୍ୟ ଶାଖା ମିଳିତ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା, ଆହତଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା, ରେଲୱେରେ ଜଣକୁ ଚାକିରି ଦେବାକୁ ଦାବି କରଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦେବା ପରେ ହିଁ ତଦନ୍ତ ନିରପେକ୍ଷ ହୋଇପାରିବ। ତେଣୁ ଟ୍ରେନ ଦୁର୍ଘଟଣାର ସିବିଆଇ ତଦନ୍ତ ନୁହେଁ, ବରଂ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ପାଇଁ ୧୨ ବିରୋଧୀ ଦଳ ମିଳିତ ଭାବେ ଦାବି କରିଛନ୍ତି। ଏନେଇ ଆସନ୍ତା ୭ ତାରିଖରେ ରାଜଭବନ ସମ୍ମୁଖରେ ୧୨ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି।

୧୨ ଦଳର ନେତାଙ୍କ ବୈଠକ ପରେ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି ଯେ, ବାହାନଗା ଟ୍ରେନ ଦୁର୍ଘଟଣାର ସିବିଆଇ ତଦନ୍ତ ନିରପେକ୍ଷ ହେବନାହିଁ। ଲୋକେ ନ୍ୟାୟ ପାଇବେ ନାହିଁ। ରେଲୱେର ବେପରୁଆ ଟ୍ରାଫିକ୍ ପରିଚାଳନା, ରେଳଧାରଣାଗୁଡ଼ିକ କ୍ରମାଗତ ଭାବେ ରକ୍ଷଣାବେକ୍ଷଣ ଓ ମରାମତି ନ ହେବା, ଦୁର୍ଘଟଣାକୁ ରୋକିବା ପାଇଁ ଆଧୁନିକ ଜ୍ଞାନକୌଶଳ 'କବଚ'ର ପ୍ରଚାର କରି ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ନ କରିବା ଇତ୍ୟାଦି ବିଫଳତା ଏବଂ ଅପାରଗତା ଯୋଗୁ ହିଁ ଦୁର୍ଘଟଣା ଘଟିଛି। ରେଳ ଚଳାଚଳର ଭିତ୍ତିଭୂମି ସମ୍ପର୍କିତ ଦୁର୍ବଳତା ଉପରେ ସିଏଜି ରିପୋର୍ଟରେ ଦିଆଯାଇଥିବା ଚେତାବନୀକୁ ମଧ୍ୟ ଅଣଦେଖା କରାଯାଇଛି। ଏସବୁକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ନିରାପତ୍ତା ଏବଂ ରେଳ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦାବିରେ ଜୁନ୍ ୭ ରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ଏହାସହ ଆସନ୍ତା ୧୨ ତାରିଖରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ସମେତ ବାଲେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲାଠାରେ ଅନୁରୂପ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସ୍ମାରକପତ୍ର ପ୍ରଦାନ କରାଯିବ। ବୈଠକରେ ୧୨ଦଳର ରାଜ୍ୟ ନେତୃବୃନ୍ଦ ଅଂଶଗ୍ରହଣ କରିଛନ୍ତି।




# ୨ ଦିନ ପରେ ପୁଅର ମୃତଦେହ ଚିହ୍ନିଲେ ବାପା

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ବିହାରର ଉପେନ୍ଦର୍ ରାମ ତାଙ୍କ ୧୭ ବର୍ଷର ପୁଅ ରେତୁଲ ରାମଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ନେଇ ପୋଲିସଠାରୁ ଖବର ପାଇଥିଲେ। ଏହାପରେ ବିହାରରୁ ପ୍ରାୟ ୮୫୦ କିମି ଯାତ୍ରା କରିବା ପରେ ରବିବାର ଓଡ଼ିଶାରେ ପହଞ୍ଚି ପୁଅକୁ ଖୋଜିବା ଆରମ୍ଭ କରିଦେଇଥିଲେ। ଏକ ଭଡା କାର୍‌ରେ ବାଲେଶ୍ୱରରୁ କଟକର ବିଭିନ୍ନ ହସ୍ପିଟାଲ ବୁଲି ଖୋଜାଖୋଜି କରି କ୍ଲାନ୍ତ ହୋଇପଡିଥିଲେ ମଧ୍ୟ ପୁଅକୁ ନ ପାଇବାରୁ ହତାଶ ହୋଇପଡିଥିଲେ। ଶେଷରେ ସୋମବାର ଭୁବନେଶ୍ୱର ଏମ୍ସରେ ପହଞ୍ଚି ମୃତ ପୁଅର ଫଟୋ ଧରି ଘଣ୍ଟା ଘଣ୍ଟା ବୁଲିବା ପରେ ମଧ୍ୟାହ୍ନରେ ପୁଅର ମୃତଦେହକୁ ଦେଖି ନିଜକୁ ଆଉ ସମ୍ଭାଳି ପାରି ନ ଥିଲେ। ମୁଁ କେବଳ ଶବକୁ ନେଇ ଘରକୁ ଫେରିବାକୁ ଚାହୁଁଛି। ସେ ବହୁତ ଭଲ ପୁଅ ଥିଲା। କିନ୍ତୁ ପରିବାରର ଆର୍ଥିକ ସମସ୍ୟା ଥିବାରୁ ସେ ନିଜ ଇଚ୍ଛାରେ ପାଠପଢା ଛାଡି ପରିବାର ପାଇଁ ଟଙ୍କା ରୋଜଗାର କରିବାକୁ ଚେନ୍ନାଇ ଯାଉଥିଲା। କିନ୍ତୁ ବିଧାତା ଏତେ ନିଷ୍ଠୁର ଯେ ମୋ ପୁଅକୁ ଏତେ କମ୍ ବୟସରେ ଛଡାଇନେଲା ବୋଲି କୋହଭରା କଣ୍ଠରେ ଉପେନ୍ଦର୍ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୁଅର ମୃତ୍ୟୁ କଥା ଶୁଣି ତା' ମା ଓ ଭଉଣୀ ଖାଇବାପିଇବା ଛାଡ଼ି ଦେଇଛନ୍ତି। କାନ୍ଦବୋବାଳିରେ ଘର ଫାଟି ପଡୁଛି। ପୁଅର ମୃତ ଶରୀରକୁ ଶୀଘ୍ର ଘରକୁ ନେଇଯିବାକୁ କହୁଛନ୍ତି।

ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା



# ଗଙ୍ଗାସାଗର ଯାତ୍ରୀ



ଶୈଳେନ୍ଦ୍ର ଦ୍ୱିବେଦୀ

ବନ୍ଧୁ କହିଲେ, କେବଳ ପଶ୍ଚିମବଙ୍ଗ ନୁହେଁ, ବରଂ ସାରା ଭାରତରେ ଗଙ୍ଗାସାଗର ଏକ ଅପୂର୍ବ ପର୍ଯ୍ୟଟନ ସ୍ଥଳୀ। ସେ ଯାହା କହିଲେ ସେଥିରେ ମୋର ସେଥିରେ କୌଣସି ଆପତ୍ତି ନଥିଲା। ହଁ, ଗଙ୍ଗାସାଗର କେବଳ ପଶ୍ଚିମବଙ୍ଗର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ତଥା ତୀର୍ଥସ୍ଥାନ ନୁହେଁ, ପରମ୍ପରା କ୍ରମରେ ଏହା ଅତି ପବିତ୍ର ତୀର୍ଥ ଭାବରେ ଗଣା। ଏଠି ଅଛି କପିଳ ମୁନିଙ୍କ ପ୍ରାଚୀନ ମନ୍ଦିର, ଯାହା ୪୩୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ବୋଲି ବର୍ଣ୍ଣନା ଅଛି। ପ୍ରତି ବର୍ଷ ମକର ସଂକ୍ରାନ୍ତି ଦିନ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଗଙ୍ଗାସାଗର ମେଳା ବାବଦରେ ମୋର ସାମାନ୍ୟ ଧାରଣା ଥିଲା, ଯଦିଓ ମୁଁ କେବେ ଗଙ୍ଗାସାଗର ଯାଇନଥିଲି। ବନ୍ଧୁ ଯୋଡ଼ିଲେ, କପିଳ ମୁନି ମୋକ୍ଷ ପାଇବା ପରେ ତାଙ୍କ ମା'ଙ୍କୁ କୁଆଡ଼େ ମୁକ୍ତିର ବାଟ ବତେଇଥିଲେ ଏଇଠି ଏବଂ ସେଥିପାଇଁ ଗଙ୍ଗାସାଗର ମୋକ୍ଷର ପରମ ତୀର୍ଥ। ସେ ପୁଣି କହିଲେ, ଜଣେ ଭକ୍ତିଭାବ ନେଇ ଗଙ୍ଗାସାଗର ଆସିନପାରେ, କିନ୍ତୁ ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ, ଖାସ୍ କରି ଏହାର ଚମତ୍କାର ବେଳାଭୂମି ପାଇଁ ଚାରିଆଡୁ ପର୍ଯ୍ୟଟକ ଗଙ୍ଗାସାଗର ଆସନ୍ତି। ମୁଁ କହିଲି, ଶାସ୍ତ୍ରରେ କୁହାଯାଇଛି ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ବୁଡ଼ ପକାଇଲେ ଯେଉଁ ପୁଣ୍ୟ ମିଳେ ତାହା ଅନ୍ୟଥା ଅସମ୍ଭବ। ଏ କଥା ବି କୁହାଯାଏ ଯେ, 'ସାରେ ତୀରଥ ବାରବାର ଗଙ୍ଗାସାଗର ଏକ ବାର।'

ବନ୍ଧୁ ଗଙ୍ଗାସାଗର ମେଳାରୁ ଫେରିଥିଲେ ଏବଂ ଖୁବ୍ ଉତ୍ସାହିତ ମନେହେଉଥିଲେ। ତାଙ୍କର ଭକ୍ତିଭାବକୁ ନେଇ ମୋର ବିରୋଧ ଅବଶ୍ୟ ନଥିଲା, ତଥାପି ମୁଁ କହିଲି ଗଙ୍ଗାସାଗର ଯାତ୍ରାକୁ ନେଇ ଶ୍ଳେଷାତ୍ମକ ଲଘୁ ଟିପ୍ପଣୀ ମଧ୍ୟ କରାଯାଇଥାଏ। ବନ୍ଧୁ ମୋ ଆଡ଼କୁ ପ୍ରଶ୍ନିଳ ଆଖିରେ ଚାହିଁଲେ। ମୁଁ କହିଲି, ଖବର ଅନୁସାରେ ୨୦୨୩ରେ ଗଙ୍ଗାସାଗର ମେଳାରେ ପହଞ୍ଚିଥିଲେ ପାଖାପାଖି ୩୧ ଲକ୍ଷ ଯାତ୍ରୀ। କୁମ୍ଭମେଳା ପରେ ଗଙ୍ଗାସାଗର ମେଳା ଦ୍ୱିତୀୟ ବୃହତ୍ତମ ମେଳା ଜନସମାଗମ ଦୃଷ୍ଟିରୁ। ଏହା କିପରି ଶୃଙ୍ଖଳିତ ହେବ, ସେଥିପାଇଁ ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ଯଥେଷ୍ଟ ତତ୍ପରତା ପ୍ରକାଶ ପାଇଥାଏ। ତୀର୍ଥସ୍ଥଳକୁ ସଫାସୁତୁରା ରଖିବା ପାଇଁ ଉଦ୍ୟମ କରାଯାଏ। କିନ୍ତୁ ଦୁର୍ଭାଗ୍ୟ, ଏମିତି ହୋଇପାରେ ନାହିଁ। ନିର୍ଦ୍ଧାରିତ ଅବଧି ପରେ ମେଳା ତ ସରିଯାଇଥାଏ, କିନ୍ତୁ ସେ ଅଞ୍ଚଳରେ ପ୍ରଦୂଷଣ ଏତେ ବଢ଼ିଯାଇଥାଏ ଯେ ତାହା ସ୍ୱାଭାବିକ ସ୍ଥିତିକୁ ଆସିବା ପାଇଁ ଦୀର୍ଘ ସମୟ ନିଏ। ଉପକୂଳ ଓ ଜଳପ୍ରଦୂଷଣ ସମ୍ବେଦନଶୀଳ ହୋଇପଡ଼େ। ଏହା ସର୍ବାଧିକ ସେହି ସ୍ଥାନରେ ଲକ୍ଷ୍ୟ କରାଯାଏ, ଯେଉଁଠି ଗଙ୍ଗା ବଙ୍ଗୋପସାଗର ସହିତ ମିଳିତ ହୋଇଛି। ତଥ୍ୟ ଅନୁସାରେ ୧୯୯୦ରେ ସେଠି ବୁଡ଼ ପକେଇଥିଲେ ପ୍ରାୟ ୨ ଲକ୍ଷ ଶ୍ରଦ୍ଧାଳୁ, ଯାହା ୨୦୨୩ରେ ୩୨ ଲକ୍ଷ ପାଖାପାଖି ଥିଲା।



ମାତ୍ର କେଇବର୍ଷ ତଳେ ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ମେଳା ଯୋଗୁ ସାଗର ଦୀପ ଭୟଙ୍କର ଜଳ ପ୍ରଦୂଷଣକୁ ସାମ୍ନା କରୁଛି। ମେଳା ଆଗରୁ ବୁଡ଼ ପକେଇଥିବା ଅଂଚଳରେ କୋଲିଫର୍ମ ବ୍ୟାକ୍ଟେରିଆ ୧୦୦ ମିମି ପାଣିରେ ମାତ୍ର ୨୨ ଥିବା ବେଳେ ମେଳା ପରେ ଏହା ପହଞ୍ଚିଥିଲା ୯୯୬୩ରେ। ଏହା ସହିତ ହଇଜା ଓ ଚର୍ମ ରୋଗ ସ୍ଥାନୀୟ ଅଞ୍ଚଳରେ ଖୁବ୍ ବଢ଼ି ଯାଉଥିଲା। ପରିବେଶବିତ୍‌ମାନେ ଚିନ୍ତିତ, ଜଳବାୟୁ ପରିବର୍ତ୍ତନ କାରଣରୁ ସ୍ୱର୍ଶକାତର ସ୍ଥିତିରେ ରହିଥିବା ସାଗର ଦୀପ ଉପକୂଳ କ୍ଷୟ, ସାମୁଦ୍ରିକ ଜୁଆର ଓ ସମୁଦ୍ର ପତ୍ତନ ବୃଦ୍ଧି ସହିତ ଯୁଝୁଥିବା ବେଳେ ଗଙ୍ଗାସାଗର ମେଳା ଧର୍ମ ଓ ସଂସ୍କୃତି ନାଁରେ ଏଇ ଦ୍ୱୀପ ସହିତ ଜୈବ ବିବିଧତା ପରିପୂର୍ଣ୍ଣ ସୁନ୍ଦରବନକୁ ମଧ୍ୟ କ୍ଷତି ପହଞ୍ଚାଉଛି। ବନ୍ଧୁଙ୍କୁ ପୁଣି କହିଲି, ଏକ ସର୍ଭେ ଅନୁଯାୟୀ ଭାରତର ସବୁଠୁ ପ୍ରଦୂଷିତ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ରହିଛି ଆଗ୍ରା, ସିମଲା, ଗୋଆ, ଶ୍ରୀନଗର, ଜୟସାଲମର, ଦାର୍ଜିଲିଂ ଓ ବାରାଣସୀ। ଜଣାପଡ଼ିଛି, ଏ ସବୁ ଜାଗାରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଅଧିକ। ବିଶେଷଜ୍ଞମାନେ କହନ୍ତି, ଆମ ଦେଶରେ ପର୍ଯ୍ୟଟନ ଏବଂ ତୀର୍ଥ ଭ୍ରମଣ ପରିପୋଷଣୀୟ ହୋଇ ପାରିନାହିଁ। ଖୁବ୍ କମ୍ ପର୍ଯ୍ୟଟକ ଅଛନ୍ତି ଯିଏ ଭାବନ୍ତି ଯେ ମୋ ପରେ ବି କେହି ଏ ସୁନ୍ଦର ଜାଗାକୁ ଆସିବ, ହୁଏତ ମୋ' ପର ପିଢ଼ି! ଏବଂ ମୋର ଉତ୍ତରଦାୟିତ୍ୱ ରହିଛି ଯେ ପର୍ଯ୍ୟଟନ ସ୍ଥଳକୁ ସଂରକ୍ଷିତ ରଖାଯିବ।

ଭାରତରେ ଏବେ ସବୁଠୁ ଦୟନୀୟ ସ୍ଥିତିରେ ସମୁଦ୍ର ଉପକୂଳ। ଏଣେ କୁହାଗଲାଣି, ଦେଶରେ ମୋଟ ଅଙ୍ଗାରକାମ୍ଳ ଉତ୍ସର୍ଜନର ଅତି କମରେ ୧୦% ପାଇଁ ଦାୟୀ ଆମ ଅପରିପୋଷଣୀୟ ପର୍ଯ୍ୟଟନ। କିଛି ସ୍ଥାନରେ ମୂଳ ଅଧିବାସୀଙ୍କ ଦୁଃସ୍ଥିତି ଜଣକୁ ବିଚଳିତ କରିବ। ଲଦାଖରେ ହାରାହାରି ବାସିନ୍ଦା ଦିନକୁ ୨୫ ଲିଟର ପାଣି ବ୍ୟବହାର କରୁଥିବା ବେଳେ ଭ୍ରମଣରେ ଆସିଥିବା ପର୍ଯ୍ୟଟକମାନେ ହୋଟେଲରେ ବ୍ୟବହାର କରନ୍ତି ଦିନକୁ ପ୍ରାୟ ୧୦୦ ଲିଟର ପାଣି। ଏଠି ଅଛି ୮୮୦ରୁ ଅଧିକ ହୋଟେଲ ଏବଂ ବର୍ଷକୁ ଆସନ୍ତି ଲଦାଖ ବୁଲିବା ପାଇଁ ଅତିକମ୍‌ରେ ୩ ଲକ୍ଷ ପର୍ଯ୍ୟଟକ।

କଥା ପ୍ରସଙ୍ଗରେ ବନ୍ଧୁଙ୍କୁ କହିଲି, ପୃଥିବୀରେ କିଛି ଅର୍ଥନୀତିକୁ ବାଦ୍ ଦେଲେ ଅଧିକାଂଶ କ୍ଷେତ୍ରରେ ସର୍ବସାଧାରଣ ସମ୍ପତ୍ତିର ଯତ୍ନ ନିଆଯାଇ ନଥାଏ। ବାସ୍, ମୁଁ ଭଲ ତ ସବୁ ଭଲ। କେଉଁ ନଈକୂଳ, କେଉଁ ବେଳାଭୂମି ସଫା ରହିବ ତାହା ମୋ କାମ ନୁହେଁ। ମୁଁ କେବଳ ମୋର ଏବଂ ମୋ ପରିବାରର ସ୍ୱାର୍ଥକୁ ଚାହିଁବି। ତେଣିକି ପାର୍କ, ଖେଳପଡିଆ, ଜଳାଶୟ, ନଦୀ ଓ ଜଙ୍ଗଲ ରକ୍ଷା ହେଉ କି ନହେଉ! ଏହାହିଁ କାରଣ ଗଙ୍ଗାସାଗର ମେଳା ପରେ ଗୋଟିଏ ଅତି ସୁନ୍ଦର ପ୍ରାକୃତିକ ଅଞ୍ଚଳ ପରିଣତ ହୋଇସାରିଥାଏ ଆବର୍ଜନା ଗଦାରେ। ପୁଣି କହିଲି, ଶ୍ଳେଷାତ୍ମକ ଅର୍ଥରେ 'ଗଙ୍ଗାସାଗର ଯାତ୍ରୀ' ମଧ୍ୟ ବ୍ୟବହୃତ। ଏମାନେ ଆମ ଜନସଂଖ୍ୟାର ସିଂହଭାଗ ଯେଉଁମାନେ ନିଜ ଚଉହଦିକୁ ବାଦ୍ ଦେଲେ ଅବଶିଷ୍ଟ ପୃଥିବୀ ପାଇଁ ବିଲ୍‌କୁଲ ଚିନ୍ତା କରିନଥା'ନ୍ତି। ପର୍ଯ୍ୟାବରଣବିତ୍‌ମାନେ କୁହନ୍ତି, ଏକାନ୍ତ ସ୍ୱାର୍ଥପର ପ୍ରକୃତିରୁ ଗଣଜୀବନ ଓ ଗଣସମ୍ପଦ ସହିତ ଆମର ଅସମ୍ପୃକ୍ତି ଏମିତି ଏକ ମୋଡ଼ରେ ଆମକୁ ପହଞ୍ଚାଇ ସାରିଛି, ଯେଉଁଠି ପରସ୍ପରର ହାତ ନ ଧରିଲେ ଆଉ ଆମର ତ୍ରାହି ନାହିଁ। ଏହା କେବଳ ପରିବେଶ କ୍ଷେତ୍ରରେ ସୀମିତ ନୁହେଁ, କାରଣ ଆମ ସାମାଜିକ ଜୀବନର ଖଣ୍ଡଗ୍ରାସ ଆରମ୍ଭ ହୋଇ ସାରିଛି। ଅତୀତର ଯୌଥ ପରିବାର ତ ଆଉ ନାହିଁ, ଆମର ଗୋଷ୍ଠୀ ଜୀବନରୁ ଗୁଣାତ୍ମକ ମାନ ଦ୍ରୁତ ହ୍ରାସ ପାଉଛି। ସହଯୋଗ, ସଂଯୋଗ, ସଦିଚ୍ଛା, ସମବେଦନା କ୍ରମେ ଅର୍ଥ ହରାଇ ବସୁଛନ୍ତି। ଆଉ ଯେଉଁ ଅର୍ଥରେ ଆମେ ଜଗତୀକରଣ, ନେଟୱାର୍କିଂ ପରି ଶବ୍ଦ ଉପରକୁ ବ୍ୟବହାର କରୁଛୁ ସେସବୁର ଚେର ଆଦୌ ମଜଭୁତ ନୁହେଁ। ଜଗତ ସହିତ ଅସମ୍ପୃକ୍ତ ରହିବା, ହଲିଲା ପାଣିକୁ ଗୋଡ଼ ନ ବଢ଼େଇବା ଆମ ଭିତରୁ ଅଧିକାଂଶଙ୍କୁ ଗଙ୍ଗାସାଗର ଯାତ୍ରୀରେ ପରିଣତ କରିସାରିଛି।

ମୋ: ୯୪୩୭୧୩୭୦୬୦

## ଏଇ ଭାରତରେ

ଟେକ୍‌ନୋଲୋଜିର ଏବେ ବ୍ୟାପକ ବିକାଶ ହେଉଛି ଓ ନୂଆ ନୂଆ ଉତ୍ପାଦ ବି ସାମ୍ନାକୁ ଆସୁଛି। ଏଗୁଡ଼ିକର ବ୍ୟବହାର ଯୋଗୁ ବହୁ ବର୍ଜ୍ୟ ବହାରୁଛି, ଯାହା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ତେବେ ଏଭଳି ସମସ୍ୟା ଦୂର କରିବା ଲାଗି ପୁଣେର ଅନିଶ ମାଲ୍‌ପାନିଙ୍କ ପ୍ରୟାସ ପ୍ରଶଂସନୀୟ। ଇଲେକ୍‌ଟ୍ରୋନିକ୍ସ ବର୍ଜ୍ୟର ସଦୁପଯୋଗ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ରିସାଇକେଲ୍‌ଡ ଚିପ୍ସ ପ୍ୟାକେଟର ଉପଯୋଗ କରି ସନ୍‌ଗ୍ଲାସ୍ ତିଆରି କରୁଛନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଅନିଶ ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା 'ଅକ୍ଷୟ ଲାବ୍' ମାଧ୍ୟମରେ ଏହା କରୁଛନ୍ତି। ସେ ୩ ମାସ ମଧ୍ୟରେ ୫୦୦ ସନ୍‌ଗ୍ଲାସ୍ ବିକ୍ରି କରିଥିଲେ। ଏବେ ସୁଦ୍ଧା ଅନିଶ ୧,୦୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ବିକ୍ରି କରିସାରିଲେଣି। ତାଙ୍କର ଏହି ପଦକ୍ଷେପ ବର୍ଜ୍ୟ ପରିଚାଳନାକୁ ଏକ ନୂଆ ଦିଗ ଦେଖାଇଛି। ତାଙ୍କୁ ଏଥିପାଇଁ ବି ପୁରସ୍କୃତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁନ୍ ୧୯୯୮

- ଶ୍ରୀଲଙ୍କାର ଉତ୍ତରାଞ୍ଚଳ କିଲିନୋଚି ଇଲାକାରେ ସରକାରୀ ସେନା ଏବଂ ଏଲ୍‌ଟିଟିଇ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଶତାଧିକ ମୃତ।
- ବିଶିଷ୍ଟ ଉର୍ଦ୍ଦୁ ଲେଖକ ସର୍ଦ୍ଦାର ଅଲ୍ଲୀ ଜାଫ୍ରିଙ୍କୁ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର।
- କୋକେନର ଚୋରା କାରବାର କରୁଥିବା ସନ୍ଦେହରେ ଜର୍ମାନୀର ପୂର୍ବତନ ବିଶ୍ୱ ଏବଂ ୟୁରୋପୀୟ ଚାମ୍ପିୟନ ବକ୍ସର ଭେନେ ଓ୍ୱେଲର ଗିରଫ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 1 | 5 |
| 6 | | | 5 | 8 | | | | 3 |
| 2 | | | | | | | | |
| | 2 | 6 | 1 | | 9 | | | |
| | | | | | 8 | 3 | | |
| | | | | | 5 | 7 | 9 | |
| | | | | | | 5 | 4 | |
| 7 | | | 3 | | | 2 | | |
| 5 | 4 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 2 | 7 | 1 | 4 | 6 | 5 | 3 |
| 6 | 5 | 1 | 8 | 9 | 3 | 4 | 7 | 2 |
| 4 | 3 | 7 | 2 | 6 | 5 | 8 | 9 | 1 |
| 1 | 4 | 3 | 6 | 8 | 9 | 7 | 2 | 5 |
| 8 | 6 | 9 | 5 | 2 | 7 | 1 | 3 | 4 |
| 7 | 2 | 5 | 3 | 4 | 1 | 9 | 6 | 8 |
| 2 | 7 | 6 | 1 | 5 | 8 | 3 | 4 | 9 |
| 5 | 1 | 4 | 9 | 3 | 6 | 2 | 8 | 7 |
| 3 | 9 | 8 | 4 | 7 | 2 | 5 | 1 | 6 |

ଗତକାଲିର ଉତ୍ତର

# ଜାଟି ଲୋକ



ଦ୍ୱିତୀ ଚନ୍ଦ୍ର ସାହୁ

ସାବିତ୍ରୀ ଅମାବାସ୍ୟା ଦିନ ବଜାର ଟିକେ ଅଧିକ ଭିଡ଼। ଖାଲି ଭିଡ଼ ନୁହେଁ, ଦରଦାମ୍ ମଧ୍ୟ ଟିକେ ଚଢ଼ା। ଦର ଶୁଣି ସତ୍ୟବାନମାନେ ମୁହଁ ଚାହାଁଚାହିଁ ହେବେ ଟିକେ। ପରସ୍ପର ବାଚନିକ ବାର୍ତ୍ତାଳାପ କରିବେ ଓ ଥାଳି ପୂର୍ଣ୍ଣ ଉଦ୍ଦେଶ୍ୟରେ ଜିନିଷ କିଣିବେ। ଏମିତିରେ ଏ ବର୍ଷ ବଜାରରେ ଜାମୁକୋଳି ଟିକେ ଦୁର୍ଲଭ ମନେ ହେଉଥିଲା। ସତ୍ୟବାନମାନେ ସହରର ବିଭିନ୍ନ ଛକ ସବୁ ଖୋଜିବା ପରେ ବି ମିଳିଲା ନାହିଁ। ଏତିକିବେଳେ ଭାରରେ ବୋହି ଜଣେ ଆଦିବାସୀ ଦମ୍ପତି ବଡ଼ ବଡ଼ ଲୋଭିଲା ଜାମୁକୋଳି ଧରି ଆସିଲେ। ନଜରକୁ ଆସୁ ଆସୁ ଦର ବୁଝିଲି। ଡଜନ ଦଶ ଟଙ୍କା। ଅନ୍ୟ ଦରଠାରୁ ମନ୍ଦ କିଛି ନୁହଁ। ତୁରନ୍ତ ବାରଟି ଜାମୁକୋଳି ବାଛି ଧରିଲି। ବାକିସବୁ ଜିନିଷ କିଣା ସରିଥିବାରୁ ଦଶ ଟଙ୍କା ଦେଇ ସେଠାରୁ ଖସିବାକୁ ଉଦ୍ୟମ କଲି। ଏତିକିବେଳେ ଆଉ ଜଣେ ସତ୍ୟବାନ ପହଁଚିଲା। ଦର ଶୁଣି କହିଲା– 'ସୁନା ଆଣିଛୁ କି ! ଏମିତି ଦର କହୁଛୁ। ଗୁଟେକୁ ଆଠଣା ଲେଖା ଦେ। ଡଜନ ଛଅ ଟଙ୍କା ଯେ ଚିର୍ଲା ନାଇଁ ମୋ ପାଖେ। ତୋତେ ପାଞ୍ଚ ଟଙ୍କା କା ଦେବି !' ଏତିକି କଥା ଶୁଣି ଆଦିବାସୀ ମହିଳା ଜଣକ ମନାକଲା। ଭାରରେ ବୋହି ଆଣିଥିବା ଆଦିବାସୀ ପୁରୁଷ ଲୋକଟି ହାଲିଆ ହୋଇ ଯାଇଥିବାରୁ ଟିକେ ସାଷ୍ଟାମ ହେଉଥିଲା। ସତ୍ୟବାନ ଜଣକ ଏତିକିବେଳେ ଦି' ଡଜନ କୋଳି ବାଛି ସାରିଥିଲା। ତାରି ହିସାବରେ ଦଶ ଟଙ୍କା ଦେବାକୁ ବାରମ୍ବାର ଉଦ୍ୟମ କରିବା ପରେ ବି ଆଦିବାସୀ ଦମ୍ପତି ମନା କରିଚାଲିଥିଲେ। ଧୀରେ ଧୀରେ ଭିଡ଼ ବଢିବାକୁ ଲାଗିଲା। ଏମିତି ମଣିଷ ସହ ଭେଟ ହେବାରୁ ମନରେ ଅଧିକ ଉତ୍ସୁକତା ବଢ଼ିଗଲା ଓଟିଟିର ସିରିଅଲ ଭଳି। ୟା' ପରେ କ'ଣ କରିବ ଲୋକଟି ଭାବିଲା ବେଳକୁ ଗହଳିର ସୁଯୋଗ ନେଇ ଧୀରେ ସେଠାରୁ ଖସିବାକୁ ଲାଗିଲା। ଏଇ ଚରିତ୍ରର ପରବର୍ତ୍ତୀ କାର୍ଯ୍ୟକ୍ରମ କ'ଣ ହୋଇପାରେ, ସେଇ ଆକର୍ଷଣରେ ତା' ପଛେ ପଛେ ସାମାନ୍ୟ ଦୂରରେ ଥାଇ ଦେଖିବାକୁ ଲାଗିଲି। ତାଳ ବିକୁଥିବା ଅନ୍ୟ ଆଦିବାସୀ ଲୋକଟି ପଛରେ ସେମିତି ପଡ଼ିଗଲା। ଦର କଷାକଷି ଚାଲିଲା। ଅନ୍ୟ ଲୋକ କିଣି ଚାଲି ଯାଉଥିଲେ। ଲୋକଟି କିନ୍ତୁ ନିଜ ଦର ନିକଟରେ ଅଟକିଥିଲା। ଆଉ ସେଇ ଦରରେ ତାଳ କିଣିବା ପାଇଁ ତାଳର ଖରାପ ମାନକୁ ନେଇ ବି ଦି' ପଦ ଶୁଣାଉଥିଲା। ଢେର ସମୟ ଧରି ସେଇଠି ସେମିତି ଅଡ଼ିବସିଥିଲା ଲୋକଟି। ସମୟ ହେତୁ ମୋହ ଭଙ୍ଗ କରି ଘରକୁ ଫେରିବାକୁ ଆରମ୍ଭ କଲାବେଳେ ତାଳ ବିକୁଥିବା ଲୋକଟି ହଠାତ୍ କହିଲା– 'ତୁଇ ବଡ଼ ଜାଟି ଲୁକ ଆଜ୍ଞା! ବିଜାର କରି ପକଉଛୁ। ନବୁ ଯଦି ସିମିତି ନେଇ ଯା' ସିନା ଇଠି ବିଜାର କରୁନା। ମୋର ବେପାର ମାଡ଼ କରୁନା।' ଦେଖିଲି ଲୋକଟି ଅଲାଜୁକ ଭାବେ ଖେଁ ଖେଁ ହସିଲା ଓ ଭଲଲୋକ ଭଳି କହିଲା – 'ନାଇ ନାଇରେ ବାବୁ ! ତୋର କଷ୍ଟ ମୋତେ ଲୁଡାନି। ମୋର ହିସାବକୁ ହେଟି ତୋର ଦଶ ଟଙ୍କା ନେ।' ୟା'ପରେ ବିକ୍ରେତା ବିରକ୍ତ ହୋଇ କହିଲା– 'ଯେତେ ଦେଉଛୁ ଦେଲୁ ଦେଲୁ ଆଜ୍ଞା ! ବେଇଗି ଇଠୁ ପଳା।' ସେଇ ଜାଟି ଲୋକ ବିଷୟରେ ଆଉ ଅଧିକ ଜାଣିବାର ଆଗ୍ରହ ନଥିଲା। ଗାଡ଼ି ନିକଟକୁ ଆସି ଘରକୁ ଫେରିବାକୁ ଲାଗିଲି।



ସମାଜରେ ଏମିତି ବହୁ ଜାଟି ଲୋକ ଅଛନ୍ତି। ଅନେକ ସମୟରେ ନିଜର ମାନ ମହତକୁ ବଳି ପକେଇ ଦିଅନ୍ତି ପଛେ ପିଛା ଛାଡ଼ନ୍ତିନି। ଏମାନଙ୍କ ପାଇଁ ଈପ୍ସିତ ଜିନିଷ ବା କାର୍ଯ୍ୟ ହାସଲ ସବୁଠୁ ପ୍ରଧାନ ପ୍ରସଙ୍ଗ। ବାକି ସବୁ ଗୌଣ। ଈପ୍ସିତ ବସ୍ତୁଟିକୁ ହାସଲ କରିବା ଲାଗି ସବୁ ସ୍ତରକୁ ଓହ୍ଲେଇ ପାରନ୍ତି। ଏମିତି ମଣିଷ ହାବୁଡ଼ରେ ଥରେ ପଡ଼ିଗଲେ ଆପଣ ନିଜକୁ ନିଜେ ବିରକ୍ତ ହୋଇଯିବେ। ସେଇ ଜାଟି ମଣିଷକୁ ଯେତେ ଯାହା କହିଲେ ବି କିଛି ଫରକ ପଡ଼ିବନି। ସେପଟୁ କିଛି ପ୍ରତ୍ୟୁତ୍ତର ପାଇବେନି। ସେଇ ସେଇ ପୁରୁଣା ଡାଏଲଗ ତା'ଠାରୁ ଶୁଣିବେ ହିଁ ଶୁଣିବେ। ଗାଳିମନ୍ଦ କଲେ ଚିରାଚରିତ ଢଙ୍ଗରେ ଖେଁ ଖେଁ ହୋଇ ଦାନ୍ତ ଦେଖେଇବେ। ଏମିତିରେ ସେମାନେ ପ୍ରତିପକ୍ଷକୁ ଜଣାଇବାକୁ ଚାହିଁବେ ଯେ ମହାଶୟ! ଆପଣ ଯେତେ ଯାହା କହିଲେ ବି ମୋତେ କିଛି ପ୍ରଭାବ ପଡ଼ିବାର ନାହିଁ। ମୋର ଚର୍ମ ଗଣ୍ଡା ଚର୍ମଠାରୁ ବଳି ବଧିରା। ଆପଣଙ୍କ ଏଇ ସାମାନ୍ୟ ଆଘାତଭରା କଥା ଫୁଲ ପରି ଲାଗିବ। ଜାଟି ମଣିଷର ଏମିତି ଅଲାଜୁକି ପ୍ରତିକ୍ରିୟାରେ ଏପଟର ମଣିଷ ଭିତରେ ଲାଜ ଜଡ଼ସଡ଼ ହୋଇଯିବ। ଧୀରେ ଧୀରେ ନିଜକୁ ନିଜେ ଖରାପ ଭାବିବା ଆରମ୍ଭ କରିବେ। ସେଇ ଲୋକଟିଠାରୁ ଯେତେ ଜଲ୍‌ଦି ନିଜକୁ ମୁକ୍ତ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ହାଇଁପାଇଁ ହେବେ। ଅଗତ୍ୟା ନିଜ ମାନ ମହତକୁ ଦେଖି ତାରି କାମଟିକୁ ଜଲ୍‌ଦି ତୁଟେଇ ବିଦା କରିବାକୁ ଆଗ୍ରହ ପ୍ରକାଶ କରିବେ। ଜାଟି ମଣିଷମାନେ ଭାରି ଚାଲାଖ। ସେମାନେ ଜାଣନ୍ତି ବ୍ୟସ୍ତବହୁଳ ଦୁନିଆରେ ଏଇଭଳି ଜୀବମାନଙ୍କ କଥା କିଏ ମନେରଖିବେ। ଟିକେ ସମୟ ପାଇଁ ହେଉ ପଛେ ସବୁ କିଛି ସହିଗଲେ କାମଟା ହାସଲ ସମ୍ଭବ ହୋଇପାରିବ। ସେଇକ୍ରମରେ ଗାଳିଫଜତି ସବୁକୁ ଉଦରସ୍ଥ କରି ଖାଲି ଦାନ୍ତ ନିକୁଟି ଅଭିନୟ କରି ଚାଲିଲେ ହେଲା। ସମୟେ ସମୟେ ତାରି ଭଳି ବେହିଆ ଲୋକ ପାଖରେ ପଡ଼ିଗଲେ ପ୍ରସଙ୍ଗ ଆହୁରି ଅଧିକ ଜମିଯାଏ। ଅନ୍ୟକୁ ଦେଖାଇ ଦେଖାଇ ଜାଟି ମଣିଷ ଉଦ୍ଦେଶ୍ୟରେ ଯେତେ ବକବାସ କଥା ଶୁଣାଇଲେ ବି ତଥାପି ତା'ର କିଛି ଫରକ ପଡ଼େନି। ତୁ ତ ମୂତୁରୀ ମୁଁ ତ ମୂତୁରୀ ହେଁସ କି ପାଇଁ ଲୋଡ଼ା ନ୍ୟାୟରେ ସବୁ କଥା ଲଥାକୁ ଆତ୍ମସ୍ଥ କରିପକାଏ ସହଜରେ ସେ। ବିଶେଷକରି ଅର୍ଥ ଓ କ୍ଷମତା ହାସଲ ପାଇଁ ଅଧିକତର ଲୋକ ଜାଟି ମଣିଷ ହୋଇଯାଆନ୍ତି ସହଜରେ। ସେଇ ମଣିଷକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲେ। ପରିବାର ଲୋକେ ବାହାରେ ମୁହଁ ଦେଖାଇବାକୁ ସହଜ ମଣନ୍ତି ନାହିଁ। କିନ୍ତୁ ଜାଟି ମଣିଷ ବେଶ ଫୁର୍ତ୍ତିରେ ଥାଏ।

ବାସ୍ତବରେ ଏମାନେ ନିଜେ ଗୋଟେ ଅଡୁଆ ସୂତା। ସୂତାର ଗଣ୍ଠି କେଉଁଠି ନିଜେ ଜାଣିଥା'ନ୍ତି, ଅଥଚ ସୂତାକୁ ଅଡୁଆ କରି ବାହାରକୁ ଫିଙ୍ଗି ଦିଅନ୍ତି। ସେଥିରେ ଫସିଥିବା ମଣିଷର କଷ୍ଟକୁ ଦେଖି ଖୁସି ହୁଅନ୍ତି। ମଣିଷ ଥରେ ଜାଟି ହୋଇଗଲେ ବାକି ମଣିଷକୁ ସେମିତି ଜାଟି ମଣିଷ କରିବାକୁ ଚେଷ୍ଟା କରନ୍ତି। କାରଣ ଗୁହରେ ପଡ଼ିଥିବା ପଇସାକୁ ଦାନ୍ତରେ କାଢ଼ିବାକୁ ବାଧା ନଥିବା ଏମିତିଆ ଜାଟି ମଣିଷ ପାଇଁ ବାକିସବୁ ଅତି ମାମୁଲି। ସେମାନେ ଅନ୍ୟ ପାଇଁ ବିରକ୍ତିକର ହୋଇପାରନ୍ତି ଓ ଅନ୍ୟକୁ ସହଜରେ ବିରକ୍ତ କରିପାରନ୍ତି। ଜାଟି ମଣିଷ ଆଦୌ ସହଜ ଓ ସରଳ ନୁହନ୍ତି। ବରଂ ଭାରି ଖଳ ଓ କୁଟିଳ। ଅଥଃ ସାବଧାନ !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

# ଯୁବସମାଜ ଓ ସାମାଜିକ ଗଣମାଧ୍ୟମ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଯୁବସମାଜ ସର୍ବଦା ପରିବର୍ତ୍ତନ ଏବଂ ନୂତନତାକୁ ଆପଣେଇ ନେବାରେ ସିଦ୍ଧହସ୍ତ। ବିଗତ ଦୁଇ ଦଶନ୍ଧି ଧରି ଏଭଳି ଏକ ନୂତନତା ଆମ ସମସ୍ତଙ୍କ ଦୈନନ୍ଦିନ ଜୀବନରେ ପ୍ରବେଶ କରିଯାଇଛି, ଯାହାକୁ ବ୍ୟବହାର ନ କରି ଆମ ଯୁବସମାଜ ଦିନେ କ'ଣ ମୁହୂର୍ତ୍ତେ ମଧ୍ୟ ରହିପାରିବ ନାହିଁ। ହଁ, ସେ ହେଉଛି 'ସୋସିଆଲ ମିଡିଆ' (ସାମାଜିକ ଗଣମାଧ୍ୟମ)। ଏହା ଆମ ଯୁବପିଢ଼ିଙ୍କୁ ବହୁତ ପ୍ରଭାବିତ କରିଛି। ସବୁ ଜିନିଷ ଭଳି ସୋସିଆଲ ମିଡିଆର ମଧ୍ୟ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ରହିଛି। ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଏହାର ମାତ୍ରାଧିକ ବ୍ୟବହାର ଶାରୀରିକ, ମାନସିକ ଭାବରେ କ୍ଷତି ପହଞ୍ଚାଉଛି ଜାଣି ସୁଦ୍ଧା ଏହାକୁ ଦୂରେଇଦେବା ସେମାନଙ୍କ ପକ୍ଷରେ ଅସମ୍ଭବ।

ତେବେ ସୋସିଆଲ ମିଡିଆର ସଦ୍‌ବ୍ୟବହାର ହେଉଥିବା କିଛି ବିଷୟବସ୍ତୁ ଉପରେ ଆଲୋକପାତ କରାଯାଉ। ଏହା ବର୍ତ୍ତମାନର ଯୁବବର୍ଗଙ୍କୁ ଦେଶବିଦେଶରେ ଘଟିଯାଉଥିବା ଘଟଣା ସହିତ ପରିଚିତ କରାଏ। ଭୌତିକ ଭାବରେ ସବୁ ସ୍ଥାନରେ ଉପସ୍ଥିତ ନ ହୋଇ ମଧ୍ୟ ସେମାନେ ଅନେକ ଲୋକଙ୍କ ସହିତ ମିଶିପାରୁଛନ୍ତି ଏବଂ ଆଧୁନିକତା ସହିତ ତାଳ ମିଳେଇ ଚାଲିପାରୁଛନ୍ତି। ମାତ୍ର ଗୋଟିଏ ବଟନ ସାହାଯ୍ୟରେ ପୃଥିବୀର କୋଣ ଅନୁକୋଣରେ ଥିବା ଲୋକଙ୍କ ସହିତ ବନ୍ଧୁତା ସ୍ଥାପନ କରିବା ସମ୍ଭବ ହେଉଛି। ଲକ୍ଷ ଲକ୍ଷ କିଲୋମିଟର ଦୂରତା ଉପରେ ସେତୁଭଳି କାମକରି ଏହା ଦ୍ୱାରା ପରସ୍ପର ସମ୍ପର୍କକୁ ଶକ୍ତିଶାଳୀ ଏବଂ ଅତୁଟ ରଖାଯାଇପାରିଛି। ଅଧିକରୁ ଅଧିକ ନିଯୁକ୍ତିର ସୁଯୋଗ ଓ ସୁବିଧା ଫଳରେ ଯୁବସମାଜ ମଧ୍ୟରେ ବେକାରି ସମସ୍ୟା ଦୂରୀଭୂତ ହୋଇପାରୁଛି। ନିଜକୁ ପ୍ରକାଶ କରିବାର ସବୁଠାରୁ ବଳିଷ୍ଠ ମାଧ୍ୟମ ହେଉଛି ସୋସିଆଲ ମିଡିଆ। ଏହା ସହିତ ବ୍ୟବସାୟ, ବିଜ୍ଞାପନ, କିଣାବିକାରେ ସୁବିଧା ଏବଂ ରୋଜଗାର ପାଇଁ ମଧ୍ୟ ଏହା ସୁଯୋଗ ଯୋଗାଇ ଦେଉଛି। ଆଗେ ଖବର ଜାଣିବା ପାଇଁ ଲୋକେ ଖବରକାଗଜ ପଢୁଥିଲେ, କିନ୍ତୁ ଏବେ ଏହା ସହଜରେ ସୋସିଆଲ ମିଡିଆରେ ମିଳିଯାଉଛି। ଅଳ୍ପ ସମୟ ଭିତରେ ବହୁତ ଖବର ପାଇପାରୁଥିବାରୁ ପୃଥିବୀର ୫୦% ଲୋକ ସୋସିଆଲ ମିଡିଆରୁ ହିଁ ଖବର ପଢ଼ିଥାନ୍ତି।

ଏବେ ସୋସିଆଲ ମିଡିଆର ଆପତ୍ତିଜନକ ଦିଗ ବିଷୟରେ ଉଲ୍ଲେଖ କରାଯାଉ। ଦୁନିଆଯାକର ଲୋକଙ୍କ ସହିତ ଅତି ସହଜରେ ଯୋଡ଼ି ଦେଉଥିବା ସୋସିଆଲ ମିଡିଆ ବ୍ୟକ୍ତିକୁ ନିଜ ଘରଲୋକଙ୍କଠାରୁ ଦୂରେଇଦେଉଛି। ଆମ ଯୁବସମାଜ ଖାଲି ପରିବାର ନୁହେଁ ପାଠ, ଖେଳକୁଦ ଆଦି ପ୍ରତି ଅମନଯୋଗୀ ହେଉଛନ୍ତି। ଧୀରେ ଧୀରେ ଏହାର ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆବେଗାତ୍ମକ କୁପ୍ରଭାବ ଯୁବପିଢ଼ିଙ୍କୁ ବିଷାଦ, ବ୍ୟଗ୍ରତା ଏବଂ ଅନ୍ୟାନ୍ୟ ସମସ୍ୟା ମଧ୍ୟକୁ ଠେଲିଦେଉଛି। ଫେସ୍‌ବୁକ, ଟୁଇଟର, ହ୍ୱାଟ୍ସଆପରେ ସଂକ୍ଷେପରେ ଲେଖି ଲେଖି ପିଲାମାନେ ଭାଷାଗତ ଏବଂ ବନାନଗତ ତ୍ରୁଟି କରୁଛନ୍ତି। ନିଜ ସୁବିଧା ଓ କୌତୁକ ପାଇଁ ଗୁଡ଼ାଏ ଇମୋଜି ଓ ଚିହ୍ନର ବ୍ୟବହାର ଦ୍ୱାରା ଭାଷାର ପ୍ରକୃତ ବ୍ୟବହାର ନ ହୋଇ ଅନେକ ଅପଶବ୍ଦ ଦ୍ୱାରା ଭାଷା କଳୁଷିତ ହେଉଛି।

୧୮ ବର୍ଷରୁ କମ୍ ବୟସ୍କ ପିଲାମାନେ ଅନ୍‌ଲାଇନ ପ୍ରେମ ସମ୍ପର୍କ ରଖି ନାନା ଅସଦାଚରଣର ଶିକାର ହେଉଛନ୍ତି। ଏହା ବ୍ୟତୀତ ସାଇବର କ୍ରାଇମ୍ ମଧ୍ୟ ଏହାର ଏକ ବଡ଼ ବିପଜ୍ଜନକ ପାର୍ଶ୍ୱ। ବ୍ୟକ୍ତିଗତ ଦସ୍ତାବିଜ ଚୋରି, ଆକାଉଣ୍ଟରୁ ଟଙ୍କା ଚୋରି, ନକଲି ପରିଚୟ ସହିତ ଯୌନଶୋଷଣ ଶିକାର ହୋଇ ହଇରାଣ ହେବାର ବି ଅନେକ ନଜିର ରହିଛି। ଅନୁଧାବକମାନେ ଭଲ ଅପେକ୍ଷା ଯୁଦ୍ଧ, ଶତ୍ରୁତା ଏବଂ ହିଂସାତ୍ମକ ଖବରକୁ ବେଶି ପ୍ରୋତ୍ସାହନ ଦେଇ ଆଦୃତି ଦେଉଛନ୍ତି, ଯାହା ଯୁବଗୋଷ୍ଠୀଙ୍କୁ ମାନସିକ ସ୍ତରରେ ବିକୃତ କରିପାରେ।

ତେଣୁ ପ୍ରତି ଯୁବତୀଯୁବକ ସୋସିଆଲ ମିଡିଆର ସଦ୍‌ଗୁଣ ଓ ବଦ୍‌ଗୁଣ ଉପରେ ବିଚାର କରି ତା'ର ବହୁଳ ବ୍ୟବହାରକୁ ରୋକି ଯେତିକି ଆବଶ୍ୟକ ସେତିକି ହିଁ ବ୍ୟବହାର କରିବାର ସମୟ ଆସିଯାଇଛି। ସେହି ସମୟକୁ ନଷ୍ଟ ନ କରି ଅନ୍ୟ କିଛି ଲାଭଜନକ ବ୍ୟବସାୟ, ଅଧ୍ୟୟନ କିମ୍ବା ଉଚ୍ଚଶିକ୍ଷା ପାଇଁ ବ୍ୟବହାର କରାଯାଇପାରିବ। ପିତାମାତାଙ୍କୁ ଅନୁରୋଧ ସେମାନଙ୍କୁ ଉଚିତ ପରାମର୍ଶ ଏବଂ ଠିକ୍ ମାର୍ଗଦର୍ଶନ କରିବାର ଦାୟିତ୍ୱ ନେବେ। ସାମ୍ପ୍ରତିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନଜର ଦେଇ ଅଦରକାରୀ, ନକାରାତ୍ମକ ଦିଗକୁ ଅଣଦେଖା କରିବା ପାଇଁ ସତର୍କ କରିବେ। ଆମ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସୋସିଆଲ ମିଡିଆର ଠିକ୍ ବ୍ୟବହାର ଏବଂ ସଂଶୋଧିତ ତଥ୍ୟକୁ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କଲେ ଯୁବସମାଜ ଅଧିକ ସଜାଗ ହୋଇ ଏହାର ବ୍ୟବହାର କରିବେ ଏବଂ ଶୃଙ୍ଖଳିତ ଜୀବନ ବଞ୍ଚିପାରିବେ ବୋଲି ଆଶା କରାଯାଏ।

ମୋ:୬୩୭୦୫୧୬୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ହାଇୱେ ପୋଲିସର ବିଚିତ୍ର ନୀତି

ମହାଶୟ,

କ୍ରମବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ପ୍ରତ୍ୟେକ ବର୍ଷ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିଲେ ମଧ୍ୟ ଦୁର୍ଘଟଣା ହ୍ରାସ ବଦଳରେ ବଢ଼ି ବଢ଼ି ଚାଲିଛି। ଏପରିକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସଡ଼କ ନିରାପତ୍ତା ଉପରେ ଗଠିତ କମିଟି ପକ୍ଷରୁ ଓଡ଼ିଶା ସମେତ ସମସ୍ତ ରାଜ୍ୟକୁ ଜଣାଇ ଦୁର୍ଘଟଣା ହ୍ରାସ କରିବାକୁ କହିଥିଲେ। ଏହାପରେ ମଧ୍ୟ ଦୁର୍ଘଟଣାକୁ ରୋକାଯାଇ ପାରୁନାହିଁ। ଧର୍ମକୁ ଆଖିଠାର ମାରିବା ଭଳି ରାଜପଥରେ ହାଇୱେ ପାଟ୍ରୋଲିଂ ପୋଲିସ ମୁତୟନ କରାଯାଇଥିବାବେଳେ ସେହି ପାଟ୍ରୋଲିଂ ଭ୍ୟାନର କର୍ମଚାରୀମାନେ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱ ନ ଦେଇ ଭ୍ୟାନରେ ବସି ସ୍ମାର୍ଟ ଫୋନ୍‌ରେ ସମୟ ଅତିବାହିତ କରୁଛନ୍ତି। ଦୁର୍ଘଟଣା ଘଟିଲେ ଘଟଣାସ୍ଥଳରେ ଉପସ୍ଥିତ ରହି ବାଇକ୍ ଚାଳକଙ୍କ ଉପରେ ନାଲି ଆଖି ଦେଖାଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଢେଙ୍କାନାଳ ସହର ନିକଟ କାମାକ୍ଷା ଛକଠାରେ ଏକ ଦ୍ରୁତଗାମୀ ଟ୍ରକ୍ ଭୁଲ ରାସ୍ତାରେ ଯାଇ ରୋଡ ଡିଭାଇଡର ଉପରେ ଚଢ଼ିଗଲା। ଘଟଣାସ୍ଥଳରେ ହାଇୱେ ପୋଲିସ ପହଞ୍ଚି ନିଜର ପାରିବାପଣିଆ ଦେଖାଇବାକୁ ଯାଇ ଚଳପ୍ରଚଳ କରୁଥିବା ବାଇକ୍‌ଚାଳକ ଓ ଅନ୍ୟ ଛୋଟ ଯାନ ଚାଳକଙ୍କୁ ନାଲିଆଖି ଦେଖାଇ ଚାଲିଲେ। ଏପରିକି ସାମ୍ବାଦିକ ମଧ୍ୟ ବର୍ତ୍ତିଲେ ନାହିଁ। ୫୫ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବା ବଦଳରେ ଚୋରା ଡିଜେଲ ବେପାରୀ ମଦ ବିକ୍ରୟ ଢାବା ଓ ହୋଟେଲରୁ ମାସିକ ବଟି ଆଦାୟରେ ପୋଲିସ ବ୍ୟସ୍ତ। ଏଣୁ ଢେଙ୍କାନାଳରେ ହାଇୱେ ପୋଲିସର ବିଚିତ୍ର ନୀତି ବୋଲି ଚର୍ଚ୍ଚା ହେଉଛି।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବେଳାର ବାଲୁକା ସମ
ଜ୍ଞାନରେଣୁ ଯାଏ କ୍ଷଣେ ଉଡ଼ି
ପଡ଼ିରହେ ବାକି ସବୁ
ଚିରନ୍ତନ ଜଡ଼ତା ଯାବୁଡ଼ି।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ରିହାତି ରାଶି ବୃଦ୍ଧି

**ନିଜସ୍ୱ ପାଣ୍ଠିରେ ପ୍ରତିଷ୍ଠା ହୋଇଥିବା ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପଗୁଡ଼ିକ ଯୋଜନାରେ ସାମିଲ**

ଭୁବନେଶ୍ୱର,୫।୬(ବ୍ୟୁରୋ)

ରାଜ୍ୟରେ କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତକରି ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୃଷ୍ଟିକରିବା ଏବଂ ନୂତନ ଉଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାର୍ଗଦର୍ଶିକାରେ ସରଳୀକରଣ କରାଯାଇଛି। କୃଷିକ୍ଷେତ୍ରରେ ଉଦ୍ୟୋଗୀ ସୃଷ୍ଟି ନିମନ୍ତେ ଏହି ଯୋଜନାରେ ଦିଆଯାଉଥିବା ରିହାତି ରାଶିକୁ ସରକାର ବୃଦ୍ଧି କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ନୂତନ ଉଦ୍ୟୋଗୀ ସୃଷ୍ଟିହେବା ସହ କୃଷିକ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇବ ବୋଲି ସୋମବାର କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ସଂଶୋଧିତ ନିୟମାବଳୀ ଅନୁଯାୟୀ ସର୍ବାଧିକ ସ୍ଥାୟୀ ପୁଞ୍ଜିନିବେଶ ରିହାତିର ୧୦ ବର୍ଷର ଅବଧି ପରେ କୃଷି-ଉଦ୍ୟୋଗୀମାନେ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରିପାରିବେ। ନ ହେଲେ ସେମାନେ ବର୍ତ୍ତମାନ ପ୍ରକଳ୍ପର ସମ୍ପ୍ରସାରଣ କିମ୍ବା ନବୀକରଣ ନିମନ୍ତେ କରିଥିବା ପୁଞ୍ଜିନିବେଶ ଉପରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମିଳୁଥିବା ରିହାତି ପାଇଁ ଆବେଦନ କରିପାରିବେ। ପରିବର୍ତ୍ତିତ ନିୟମାବଳୀ ଅନୁଯାୟୀ ନିଜସ୍ୱ ପାଣ୍ଠିରେ ପ୍ରତିଷ୍ଠା କରାଯାଇଥିବା ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରାଯାଇଛି। ରାଜସ୍ୱ ବିଭାଗ ଦ୍ୱାରା ସର୍ଭେ ହୋଇ ନ ଥିବା କାରଣରୁ ଭୂଲେଖରେ ଉପଲବ୍ଧ ହେଉ ନ ଥିବା ଜମିରେ ପ୍ରତିଷ୍ଠା ହୋଇଥିବା ଉଦ୍ୟୋଗଗୁଡ଼ିକ ମଧ୍ୟ ଯୋଜନା ଅଧୀନରେ ମିଳୁଥିବା ରିହାତି ଓ ସହାୟତା ଯୋଗାଇ ଦିଆଯିବ। ଏଥିସହ ସେରିକଲଚର ଉଦ୍ୟୋଗଗୁଡ଼ିକ ମଧ୍ୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। ଏହା ପୂର୍ବରୁ ଯୋଜନାର ମାର୍ଗଦର୍ଶିକାରେ ସଂଶୋଧନ ଆଣାଯାଇ କୃଷି ଉଦ୍ୟୋଗରେ ସ୍ଥାୟୀ ପୁଞ୍ଜିନିବେଶ ରିହାତି ରାଶି ୫୦ ଲକ୍ଷରୁ କୋଟିଏ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ସୁଯୋଗକୁ ଦୃଷ୍ଟିରେ ରଖି ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ସୀମା ୨୦ କୋଟିରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଯୋଜନାରେ ସମସ୍ତ ବର୍ଗଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଟ୍ରାନ୍ସଜେଣ୍ଡରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେମାନଙ୍କୁ ମଧ୍ୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ସ୍ଥାୟୀ ପୁଞ୍ଜିନିବେଶ ରିହାତିର ସୁବିଧା ଯୋଗାଇ ଦିଆଯିବ। ଆପିକଲ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସଫଳ ରୂପାୟନ ଫଳରେ ରାଜ୍ୟରେ ଅଦ୍ୟାବଧି ୧୭୦୧ ଗୋଟି କୃଷି ଉଦ୍ୟୋଗୀ ସୃଷ୍ଟି ହୋଇପାରିଛନ୍ତି।

# ଡିପ୍ଲୋମା ନାମଲେଖା ପାଇଁ ଆବେଦନ ତାରିଖରେ ପରିବର୍ତ୍ତନ

**ଭୁବନେଶ୍ୱର,୫।୬(ବ୍ୟୁରୋ):** ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ପଲିଟେକ୍ନିକ କଲେଜରେ ଡିପ୍ଲୋମା ନାମଲେଖା ପାଇଁ ଆବେଦନ ତାରିଖରେ ପରିବର୍ତ୍ତନ କରାଯାଇଛି। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ(ଡିଟିଇଟି) ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହି ଆବେଦନ ପ୍ରକ୍ରିୟା ଲାଟେରାଲ ବର୍ଗର ପିଲାଙ୍କ ପାଇଁ ଜୁଲାଇ ୨୦ ଯାଏ ଓ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଲାଗି ଜୁନ ୧୯ ପର୍ଯ୍ୟନ୍ତ ଚାଲିବ। ସେହିପରି ବିଭିନ୍ନ ପର୍ଯ୍ୟାୟର ନାମଲେଖା ଜୁଲାଇ ଶେଷ ସୁଦ୍ଧା ଶେଷ କରି ଅଗଷ୍ଟରୁ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ। ସାମ୍ସ ପୋର୍ଟାଲ ଜରିଆରେ ଆବେଦନ ଓ ନାମଲେଖା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଡିଟିଇଟି ଲକ୍ଷ୍ୟ ରଖିଛି। ତେବେ ସୋମବାର ସନ୍ଧ୍ୟା ୮ଟା ସୁଦ୍ଧା ୪୦ହଜାର ୬୨୦ଜଣ ପଞ୍ଜୀକରଣ କରିଥିବାବେଳେ ୨୫,୦୯୧ ଜଣ ଛାତ୍ରୀଛାତ୍ର ଦେୟ ପୈଠ କରିଛନ୍ତି। ୧୫୯ଟି ଶିକ୍ଷାନୁଷ୍ଠାନରେ ୭୬ହଜାର ୧୦୯ଟି ସିଟ୍ ଉପଲବ୍ଧ ଥିବା ସାମ୍ସ ଦର୍ଶାଇଛି।

# ସବୁ ବ୍ଲକ୍‌ରେ ଖୋଲିବ ଆର୍‌ଟିଆଇ ସେଲ୍: ସୁଦର୍ଶନ

ଭୁବନେଶ୍ୱର, ୫।୬(ବ୍ୟୁରୋ)

ଓଡ଼ିଶା ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଯୁବ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ସ୍ଥାନୀୟ କଂଗ୍ରେସ ଭବନରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବହୁ ନେତା ବକ୍ତବ୍ୟ ଦେଇଛନ୍ତି। ସୁଦର୍ଶନ କହିଛନ୍ତି, ସମ୍ପ୍ରତି ପଞ୍ଚାୟତିରାଜ ବ୍ୟବସ୍ଥା ଦୁର୍ନୀତିର ଗନ୍ତାଘର ପାଲଟିଛି। କ୍ଷମତା ବିକେନ୍ଦ୍ରୀକରଣ ପରିବର୍ତ୍ତେ କ୍ଷମତା କେନ୍ଦ୍ରୀଭୂତ ହେଉଛି। ସରକାରୀ ବାବୁ, କର୍ମଚାରୀ, ଶାସକ ଦଳର ନେତା ଏବଂ କର୍ମୀମାନେ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକୁ ହରିଲୁଟ କରିବାର ଏକ ମାଧ୍ୟମ ବୋଲି ଧରି ନେଇଛନ୍ତି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଏହା ବିରୋଧରେ ପଞ୍ଚାୟତ ଓ ବ୍ଲକସ୍ତରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେବ। ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ପ୍ରତି ବ୍ଲକରେ ଆରଟିଆଇ ସେଲ୍ ଖୋଲା ଦୁର୍ନୀତିର ଖୁଲାସା କରାଯିବ। ଲୋକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରିବା ସହିତ ଗଛ ଲଗାଇବା, ପରିବେଶର ସୁରକ୍ଷା, ରକ୍ତଦାନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସୁଦର୍ଶନ ସୂଚନା ଦେଇଛନ୍ତି।



ଜଙ୍ଗଲ ଅଧିକାର ଆଇନର ଠିକ୍ କାର୍ଯ୍ୟକାରିତା ଓ ଜନବିରୋଧୀ ଜଙ୍ଗଲ (ସଂରକ୍ଷଣ) ସଂଶୋଧନ ବିଲ୍-୨୦୨୩କୁ ତୁରନ୍ତ ପ୍ରତ୍ୟାହାର ଦାବିରେ ସୋମବାର ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲବାସୀ ମହିଳାଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ।

# ହାତୀ ଆକ୍ରମଣରେ ଛାତ୍ର ମୃତ

**ଢେଙ୍କାନାଳ ଅଫିସ,୫।୬:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡଙ୍ଗୀ ରେଞ୍ଜ୍ ଆରୁହାଁ ଗ୍ରାମରେ ସୋମବାର ସକାଳେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ପପୁ ଓରଫ ଶୁଭ୍ରଜିତ ମଲ୍ଲିକ(୧୪) ନାମକ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲାରେ ଗତ ମାସକ ମଧ୍ୟରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରତିକାର ପାଇଁ ବନବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ନିହଲପ୍ରସାଦ ଥାନା ତଳକାଶିପୁର ଗ୍ରାମର ସୁବାସ ମଲ୍ଲିକଙ୍କ ଏକମାତ୍ର ପୁଅ ଶୁଭ୍ରଜିତ ଗଁଦିଆ ଥାନା ବିଧାରପୁର ପଞ୍ଚାୟତ ଆରୁହାଁସ୍ଥିତ ମାମୁ ଘରକୁ ଆସିଥିଲେ। ସକାଳେ ଜଣେ ସାଥୀଙ୍କ ସହ ସେ ଘର ନିକଟରେ ଥିବା କାଜୁ ବଗିଚାକୁ ବୁଲିବାକୁ ଯାଇଥିଲେ। ସେଠାରେ ବୁଲୁଥିବା ବେଳେ ଦନ୍ତାହାତୀ ଆକ୍ରମଣରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା।


**BALASORE LAW COLLEGE**
O.T. Road, Balasore, Odisha - 756001
(Affiliated to Madhusudan Law University, Cuttack)

**WANTED**

Balasore Law College, Balasore invites applications from the potential candidates to fillup the Regular Vacancy in the subjects of Law with specialisation as Constitutional law, Criminal law, Human Rights, Cyber Law/ Patent & Copy Right, Media Law, Administrative Law, Environmental Law.
**No. of Vacancy :** 07 (Seven)
**Age Limit:** Maximum 32 years as on 30.06.2023.
**Educational Qualification:** A candidate must have 2 years Master in Law with 55% marks from Recognised University. Preference shall be given to the candidates having integrated B.A.,LL.B/B.Sc., LL.B.
**Desirable Qualifications :** LLD/Ph.D./NET/D.Lit qualification.
**Experience:** The Candidates having experience teaching in Law subject will be preferred.
**Salary :** Rs.15,000/- per month with 20% yearly increment.
**Procedure of application :** The applicant will have to apply on Offline only with complete CV, Self attested Certificates, other documents and latest Passport size Photograph should reach to the undersigned on or before 20.06.23. Selected no. of candidates shall be called for interview.

Sd./- Administrative Bursar
Mob.9437267929 Balasore Law College, O.T.Road, Balasore-756001



**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: (୧) ସିକେପି-ସାଉଥ୍-୨୩-୨୪-୧୯।** ଡିଇଏନ୍ (ଦକ୍ଷିଣ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ସିବିଏସ୍‌ଏ ସେକ୍ସନରେ ୧୪.୭୬୨ କି.ମି. ନିମନ୍ତେ ନୂଆ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳ (ଏଲଡବ୍ଲ୍ୟୁଆର୍) ସମେତ ପିଏସ୍‌ସି ୧୪ ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳଗୁଡ଼ିକର ଟିଏଫ୍‌ଆର୍ ସହିତ ଥ୍ରୁ ରେଳ ନବୀକରଣ (ପ୍ରାଇମେରି) (୨ୟ କଲ୍)। **ଟେଣ୍ଡର ମୂଲ୍ୟ: ₹୯୧,୦୯,୮୭୮.୫୭; ଇଏମ୍‌ଡି: ₹୧,୮୨,୨୦୦/-, (୨) ସିକେପି-ସାଉଥ୍-୨୩-୨୪-୨୦।** ଡିଇଏନ୍ (ଦକ୍ଷିଣ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ଡିପିଏସ୍ ସେକ୍ସନରେ ୧୦.୫୬୫ କି.ମି. ପାଇଁ ନୂଆ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳ (ଏଲ୍‌ଡବ୍ଲ୍ୟୁଆର୍) ସମେତ ପିଏସ୍‌ସି ୧୪ ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳଗୁଡ଼ିକର ଟିଏଫ୍‌ଆର୍ ସହିତ ଥ୍ରୁ ରେଳ ନବୀକରଣ (ପ୍ରାଇମେରି) (୨ୟ କଲ୍)। **ଟେଣ୍ଡର ମୂଲ୍ୟ: ₹୫୫,୧୬,୨୧୫.୧୧; ଇଏମ୍‌ଡି: ₹୧,୧୦,୩୦୦/-, ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୬।୦୬।୨୦୨୩ରିଖ। ଟେଣ୍ଡର http://www.ireps.gov.in ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)

**(PR-249)**



FORM NO. 14
[See Regulation 33(2)]
**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
**DEMAND NOTICE**
**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961**

RC/173/2020 05.06.2023

**PUNJAB NATIONAL BANK**
Versus
**MS A P PLASTIC**

To,
**(CD-1) Ms A P Plastic** at Plot No. MIG II 20/5, Housing Board Colony, Chandrasekharpur, Bhubaneswar-751001.
**(CD-2) Pratima Behera,** W/o- Abhaya Kumar Behera, Plot No. 306/183/4145, Patia Station Road (Near HP Petrol Pump), Patia, Bhubaneswar-751021.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/375/2016** an amount of **Rs.17,80,857.85 (Rupees Seventeen Lakhs Eighty Thousands Eight Hundred Fifty Seven And Paise Eighty Five Only)** along with pendentellite and future interest @ 10% Simple Interest Yearly w.e.f. **27.05.2016** till realization and costs of **Rs.20,000/- (Rupees Twenty Thousands Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **01.09.2023** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate/execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **05.06.2023.**

Sd/- Saroj Kumar Biswal
Recovery Officer
DEBTS RECOVERY TRIBUNAL, CUTTACK



**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/32, ତା.29.05.2023ରିଖ

(1) ଟେଣ୍ଡର ସଂ.eTender-Bridge-KUR-93-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ)/କଟକ-I ଏବଂ କଟକ-II ପରିସୀମା ଅଧୀନସ୍ଥ 30.06.2024 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ପୋଲ କାର୍ଯ୍ୟ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 110.31 ଲକ୍ଷ, EMD (ଟଙ୍କାରେ) : 2,05,200.00।

(2) ଟେଣ୍ଡର ସଂ.eTender-Bridge-KUR-94-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ)/ଭଦ୍ରକ ଏବଂ କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ 30.06.2024 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ପୋଲ କାର୍ଯ୍ୟ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 98.24 ଲକ୍ଷ, EMD (ଟଙ୍କାରେ) : 1,96,500.00।

(3) ଟେଣ୍ଡର ସଂ.eTender-Bridge-KUR-95-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ)/ଉତ୍ତର ଏବଂ ଦକ୍ଷିଣ ପରିସୀମା ଅଧୀନସ୍ଥ 30.06.2024 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ପୋଲ କାର୍ଯ୍ୟ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 109.09 ଲକ୍ଷ, EMD (ଟଙ୍କାରେ) : 2,04,600.00।

(4) ଟେଣ୍ଡର ସଂ.eTender-North-KUR-96-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଉତ୍ତର) ପରିସୀମା ଅଧୀନସ୍ଥ ବାଉଦପୁର-ଭଦ୍ରକ ମଧ୍ୟସ୍ଥ କି.ମି.291/1-5 ଠାରେ ପୋଲ ନଂ.361 (UP) ର ପିଅର୍ସ (Piers) ଏବଂ ଏବୁଟମେଣ୍ଟ (Aboutments)ଗୁଡ଼ିକର ପ୍ରସ୍ତାବିତ ଜ୍ୟାକେଟିଙ୍ଗ୍ ଏବଂ ଅନ୍ୟ ରକ୍ଷଣ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 238.06 ଲକ୍ଷ, EMD (ଟଙ୍କାରେ) : 2,69,000.00।

ଶେଷ ହେବା ଅବଧି : 12(ବାର) ମାସ (କ୍ରମ ସଂ.1,2 ଏବଂ 3 ପାଇଁ) ଏବଂ 10(ଦଶ) ମାସ (କ୍ରମ ସଂ.4 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.06.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ),
PR-237/O/23-24 ଖୋର୍ଦ୍ଧା ରୋଡ୍


# ଶହୀଦ ରେଣ୍ଡୋ ମାଝୀଙ୍କ ନାମରେ କଳାହାଣ୍ଡି ମେଡିକାଲ କଲେଜ

**ଚଳିତ ବର୍ଷରୁ ନାମଲେଖା**

ଭୁବନେଶ୍ୱର, ୫।୬ (ବ୍ୟୁରୋ)

କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ସ୍ଥାପିତ ହୋଇଥିବା ମେଡିକାଲ କଲେଜ ଓ ହସ୍ପିଟାଲ ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକ୍ଷମ ହେବ। ରାଜ୍ୟ ସରକାର ଏହି ମେଡିକାଲ କଲେଜ ଓ ହସ୍ପିଟାଲର ନାମ କଳାହାଣ୍ଡି ଜିଲାର ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ଶହୀଦ ରେଣ୍ଡୋ ମାଝୀଙ୍କ ନାମରେ ନାମିତ କରିଛନ୍ତି। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ୨୦୨୩-୨୪ ଶିକ୍ଷାବର୍ଷରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ଟି ଏମ୍‌ବିବିଏସ ସିଟ୍‌ରେ ନାମ ଲେଖା ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କୁ ନାଶନାଲ ମେଡିକାଲ କମିଶନ ଗତ ଏପ୍ରିଲ ୧୧ରେ ଅନୁମତି ଦେଇଛନ୍ତି। ଫଳରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣରେ ମୋଟ ୪୮୧.୦୬କୋଟି ଟଙ୍କା ଖର୍ଚ୍ଚ ହୋଇଛି।

# ବିଶ୍ୱାସ ଜନ୍ମାଇ ୩ କୋଟି ଠକିନେଲେ

ସୁନାବେଡ଼ା,୫।୬(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ଏଇଏଫ୍ ମାର୍କେଟ ଅଞ୍ଚଳରେ ରହୁଥିବା ଜଣେ ଯୁବକ ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କଠାରୁ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଧରି ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ କୌଣସି ଏତଲା ହୋଇନାହିଁ। ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଖବରରୁ ଜଣାପଡ଼ିଛି, ଏଇଏଫ୍ ମାର୍କେଟ ଅଞ୍ଚଳର ଟିଙ୍କିନା ନାୟକ କିଛି ବର୍ଷତଳେ ଦୋକାନଟିଏ କରି ଚଳୁଥିଲେ। ପରେ ସେ ସୁଧ କାରବାର, ଚିଟ୍ ଫଣ୍ଡ କାରବାର କଲେ। ସମୟ କ୍ରମେ ବିଭିନ୍ନ ଅଞ୍ଚଳ ସୁନାବେଡ଼ା ଏଇଏଫ୍ ମାର୍କେଟ, ଡିପି କ୍ୟାମ୍ପ, ଗଞ୍ଜାମ କଲୋନି, ଏନ୍‌ଏସି ମାର୍କେଟ, ସେମିଳିଗୁଡ଼ା ଓ ଦାମନଯୋଡ଼ି ଅଞ୍ଚଳର ବହୁ ଲୋକଙ୍କୁ ଅଧିକ ସୁଧ ଦେବାର ଲୋଭ ଦେଖାଇ ବହୁ ଅର୍ଥ ସଂଗ୍ରହକରି ସୁଧରେ ଲଗାଉଥିଲେ। ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ସେ କରଜ ଆଣିଥିବା ଲୋକଙ୍କୁ ପ୍ରଥମେ ତାଙ୍କ ସୁଧ ଟଙ୍କା ଠିକ୍ ସମୟରେ ପରିଶୋଧକରି ଦେଉଥିଲେ। ଏବେ ଗତ କିଛି ମାସ ହେଲା ଟିଙ୍କିନା ଲୋକଙ୍କୁ ସୁଧ ଟଙ୍କା ଦେଉ ନ ଥିଲେ। ପରେ ସେ ସବୁ ଟଙ୍କା ପ୍ରାୟ ୩ କୋଟି ଧରି ଫେରାର୍ ହୋଇଯାଇଛନ୍ତି। ଟିଙ୍କିନାଙ୍କୁ ଟଙ୍କା ଦେଇଥିବା ଲୋକେ ଥାନାରେ ଅଭିଯୋଗ କରୁ ନ ଥିବାରୁ ପୋଲିସ ମଧ୍ୟ କିଛି ପଦକ୍ଷେପ ନେଉନାହିଁ। ଏହି ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଟ୍ରେନ୍ ଦୁର୍ଘଟଣା: ଅନାଥ ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ

**ରାଜ୍ୟ ସରକାରଙ୍କୁ ଅନୁରୋଧ କଲେ ଚାଇଲ୍ଡଲାଇନ୍ ଅଧ୍ୟକ୍ଷ**

ଭୁବନେଶ୍ୱର,୫।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ଅନେକ ଶିଶୁଙ୍କ ଜୀବନ ଯାଇଛି। ସେହିପରି ମାଆ ଓ ବାପାଙ୍କୁ ହରାଇ ବହୁ ପିଲା ଅନାଥ ହୋଇଯାଇଛନ୍ତି। ଏହି ଅନାଥ ପିଲାମାନଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଭୁବନେଶ୍ୱର ଚାଇଲ୍ଡଲାଇନ୍ ଅଧ୍ୟକ୍ଷ ବେଣୁଧର ସେନାପତି ସୋମବାର ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ବେଣୁଧର କହିଛନ୍ତି, ଏହି ଟ୍ରେନ ଦୁର୍ଘଟଣାରେ ପିଲାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବହୁତ ପିଲା ମୃତ୍ୟୁବରଣ କରିଥିବାବେଳେ ଅନେକ ପିଲା ତାଙ୍କ ମାତାପିତାଙ୍କୁ ହରାଇଛନ୍ତି। ଯେଉଁ ପିଲାମାନେ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ପାଇଁ ଔଷଧ ସହ ଆଟେଣ୍ଡାଣ୍ଟଙ୍କ ଆବଶ୍ୟକତା ରହିଛି। ଏହି ଦୁର୍ଘଟଣାରେ ବାପା, ମା'ଙ୍କୁ ହରାଇଥିବା ପିଲାମାନଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରିଯାଉ। ସେମାନଙ୍କୁ ସିଡବ୍ଲ୍ୟୁସିରେ ହାଜର କରିବା ଦରକାର। ପୀଡ଼ିତ ପିଲାଙ୍କୁ ଗୋଟିଏ ପରିବାର ଯୋଗାଇଦେବାର ଆବଶ୍ୟକତା ରହିଛି। ଏଥିପାଇଁ ଆଡପସନ୍, ପୋଷ୍ଟ କେୟାର, ସ୍ପୋନ୍ସରଶିପ୍ ବ୍ୟବସ୍ଥା ରହିଛି। ଆବଶ୍ୟକ ଥିବା ଯୋଜନାଗୁଡ଼ିକୁ ସରକାର ଖୋଲା ରଖନ୍ତୁ। ଫଳରେ ସବୁ ପିଲା ସୁରକ୍ଷା ବଳୟ ଭିତରେ ରହିପାରିବେ ବୋଲି ସେ କହିଛନ୍ତି।

# ସାମଗ୍ରିକ ମାନ୍ୟତାରେ ସୋଆ ୨୬, କିଟ୍‌କୁ ୨୯ ର୍‍ୟାଙ୍କ୍

## ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍

ଭୁବନେଶ୍ୱର,୫।୬(ବ୍ୟୁରୋ)

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ (ଏନ୍‌ଆଇଆର୍‌ଏଫ୍) ୨୦୨୩ ପ୍ରକାଶ ପାଇଛି। କେନ୍ଦ୍ର ଶିକ୍ଷା ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜକୁମାର ରଞ୍ଜନ ସିଂହ ସୋମବାର ଏହି ମାନ୍ୟତା ତାଲିକା ଜାରି କରିଛନ୍ତି। ଆଇଆଇଟି ମାଡ୍ରାସ ସାମଗ୍ରିକ ମାନ୍ୟତାରେ ଶୀର୍ଷରେ ରହିଛି। ମେଡିକାଲ କଲେଜ ର୍‍ୟାଙ୍କିଙ୍ଗ୍‌ରେ ଦିଲ୍ଲୀ ଏମ୍ସ ପ୍ରଥମ, ଚଣ୍ଡିଗଡ଼ର ପିଜିଆଇଏମ୍‌ଇଆର୍ ଦ୍ୱିତୀୟ ଏବଂ ଭେଲୋରର ଖ୍ରୀଷ୍ଟିଆନ ମେଡିକାଲ କଲେଜ ତୃତୀୟ ସ୍ଥାନରେ ରହିଛି। ଏହି ତାଲିକାର ଉପବର୍ଗରେ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମହାବିଦ୍ୟାଳୟ ଓ ଶ୍ରେଷ୍ଠ ଇଞ୍ଜିନିୟରିଂ, ମେଡିକାଲ, ଡେଣ୍ଟାଲ, ଆଇନ, ମ୍ୟାନେଜମେଣ୍ଟ ଓ ଫାର୍ମା କଲେଜ ଆଦି ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ରହିଛି। ତେବେ ସାମଗ୍ରିକ ମାନ୍ୟତାର ଶ୍ରେଷ୍ଠ ୧୦୦ ତାଲିକାରେ ଓଡ଼ିଶାର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ଭୁବନେଶ୍ୱର ୨୬ତମ ସ୍ଥାନରେ ଥିବାବେଳେ କିଟ୍ ଭୁବନେଶ୍ୱର ୨୯ତମ ଓ ଏନ୍‌ଆଇଟି ରାଉରକେଲା ୩୭ତମ ଏବଂ ଆଇଆଇଟି ଭୁବନେଶ୍ୱର ୯୧ତମ ସ୍ଥାନରେ ରହିଛି। ବିଶ୍ୱବିଦ୍ୟାଳୟ ବର୍ଗରେ ଶ୍ରେଷ୍ଠ ୧୦୦ ତାଲିକାରେ ସୋଆ ୧୫ତମ ଓ କିଟ୍ ୧୬ତମ ସ୍ଥାନରେ ରହିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟକୁ ୯୩ତମ ର୍‍ୟାଙ୍କ୍ ମିଳିଛି।

ଶ୍ରେଷ୍ଠ ୧୦୦ ଇଞ୍ଜିନିୟରିଂ କଲେଜରେ ଏନ୍‌ଆଇଟି ରାଉରକେଲା ଜାତୀୟସ୍ତରରେ ୧୬ତମ ସ୍ଥାନ ସହ ଓଡ଼ିଶାର ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇଛି। ସୋଆ ୨୭ତମ, କିଟ୍ ୩୯ତମ, ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ୧୦୦ତମ ସ୍ଥାନରେ ରହିଛି। ମ୍ୟାନେଜମେଣ୍ଟ ବର୍ଗରେ ଜାଭିୟର ବିଶ୍ୱବିଦ୍ୟାଳୟ ୪୬ତମ ସ୍ଥାନରେ ରହିଥିବାବେଳେ ସୋଆ ୫୭ତମ, ସମ୍ବଲପୁରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ୫୮ତମ, କିଟ୍ ୫୯ତମ, ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ୬୭ତମ ସ୍ଥାନରେ ରହିଛି। ଗବେଷଣାତ୍ମକ ଅନୁଷ୍ଠାନ କ୍ଷେତ୍ରରେ ଶ୍ରେଷ୍ଠ ୫୦ ମଧ୍ୟରେ ଏନ୍‌ଆଇଟି ରାଉରକେଲା ୨୯ତମ ସ୍ଥାନରେ, କିଟ୍ ୪୪ତମ ସ୍ଥାନରେ ଏବଂ ସୋଆ ୪୯ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ୫୦ ମେଡିକାଲ କଲେଜ ବର୍ଗରେ ସୋଆ ୧୬ତମ ସ୍ଥାନରେ ଥିବାବେଳେ ଭୁବନେଶ୍ୱର ଏମସ୍ ୧୭ତମ ଓ କିଟ୍ ୨୬ତମ ସ୍ଥାନରେ ରହିଛି। ଡେଣ୍ଟାଲ ବର୍ଗରେ ସୋଆକୁ ୯ମ ର୍‍ୟାଙ୍କ୍ ମିଳିଥିବାବେଳେ କିଟ୍ ୨୦ତମ ସ୍ଥାନରେ ରହିଛି। ଆଇନ କ୍ଷେତ୍ରରେ ୮ମ ସ୍ଥାନରେ ସୋଆ ଏବଂ ୩୦ତମ ସ୍ଥାନରେ ନ୍ୟାଶନାଲ ଲ' ୟୁନିଭର୍ସିଟି କଟକ ରହିଛି। ଆର୍କିଟେକ୍ଚର ଆଣ୍ଡ୍ ପ୍ଲାନିଂ ବର୍ଗରେ ଏନ୍‌ଆଇଟି ରାଉରକେଲା ୮ମ ସ୍ଥାନରେ ରହିଛି। କୃଷି ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ୨୨ତମ ସ୍ଥାନରେ ରହିଛି। ଏ ସଂକ୍ରାନ୍ତ ଅଧିକ ତଥ୍ୟ ଅଫିସିଆଲ ୱେବ୍‌ସାଇଟ୍ nirfindia.orgରେ ଉପଲବ୍ଧ ରହିଛି। ଏହି ମାନ୍ୟତା ଢାଞ୍ଚାରେ ଶିକ୍ଷାଦାନ, ଶିକ୍ଷଣ ଏବଂ ସମ୍ବଳ (ଟିଏଲ୍‌ଆର୍), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆର୍‌ପି), ସ୍ନାତକ ଫଳାଫଳ (ଜିଓ), ଆଉଟରିଚ୍ ଏବଂ ଅନ୍ତର୍ଭୁକ୍ତୀକରଣ (ଓଆଇ) ଏବଂ ଧାରଣା (ପିଆର୍) ଆଦି ମାନଦଣ୍ଡ ଆଧାରରେ ଅନୁଷ୍ଠାନଗୁଡ଼ିକୁ ମାନ୍ୟତା ଓ ତାଲିକାଭୁକ୍ତ କରାଯାଇଛି।

### ୯ଟି ବର୍ଗର ଶ୍ରେଷ୍ଠ ୧୦ରେ ନାହିଁ ଓଡ଼ିଶାର ଶିକ୍ଷାନୁଷ୍ଠାନ

- **ଖସିଲା ଉତ୍କଳ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କ୍**
- **ତାଲିକାରେ ନାହିଁ ରେଭେନ୍‌ଶା, ଫକୀରମୋହନ ବିଶ୍ୱବିଦ୍ୟାଳୟ ନାମ**

ଏନ୍‌ଆଇଆର୍‌ଏଫ୍ ତାଲିକାରେ ସାମଗ୍ରିକ ମାନ୍ୟତା, ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମହାବିଦ୍ୟାଳୟ, ଶ୍ରେଷ୍ଠ ଇଞ୍ଜିନିୟରିଂ, ମେଡିକାଲ, ମ୍ୟାନେଜମେଣ୍ଟ, ରିସର୍ଚ୍ଚ, ଫାର୍ମା ଓ କୃଷି କଲେଜ ଆଦି ୯ ଉପବର୍ଗର ଶ୍ରେଷ୍ଠ ୧୦ ମଧ୍ୟରେ ଓଡ଼ିଶାର କୌଣସି ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ମହାବିଦ୍ୟାଳୟ ବର୍ଗରେ ପ୍ରକାଶ ପାଇଥିବା ଶ୍ରେଷ୍ଠ ୧୦୦ ତାଲିକା ମଧ୍ୟରେ ରାଜ୍ୟର କୌଣସି ସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନର ନାମ ନାହିଁ। ସେହିପରି ନୂତନ ଉଦ୍‌ଭାବନ କ୍ଷେତ୍ରରେ ମଧ୍ୟ ରାଜ୍ୟର କୌଣସି ଶିକ୍ଷାନୁଷ୍ଠାନର ନାମ ସାମିଲ ହୋଇନାହିଁ। ଗତବର୍ଷ ପ୍ରକାଶିତ ତାଲିକାରେ ବିଶ୍ୱବିଦ୍ୟାଳୟ ବର୍ଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ୯୦ତମ ସ୍ଥାନରେ ରହିଥିବାବେଳେ ଚଳିତବର୍ଷ ୯୩ତମ ସ୍ଥାନକୁ ଖସି ଆସିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭଳି ବଡ଼ ବଡ଼ ଶିକ୍ଷାନୁଷ୍ଠାନ ନାମ ମଧ୍ୟ କୌଣସି ବର୍ଗର ତାଲିକାରେ ନ ଥିବାରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଅନ୍ୟାନ୍ୟ ବର୍ଗରେ ସୋଆ ଓ କିଟ୍ ପରି କେବଳ ଘରୋଇ ଶିକ୍ଷାନୁଷ୍ଠାନ ର୍‍ୟାଙ୍କ୍ ହାସଲ କରିଥିବାବେଳେ ସରକାରୀ ଶିକ୍ଷାନୁଷ୍ଠାନ ଆଦୌ ର୍‍ୟାଙ୍କ ନ ପାଇବା ସମସ୍ତଙ୍କୁ ଚକିତ କରିଛି।


**ODISHA STATE ROAD TRANSPORT CORPORATION**
Paribahan Bhavan, Sachivalaya Marg, Unit-II, Bhubaneswar - 751009, Odisha, India | Email: - osrtc@nic.in

No.137 **TENDER NOTICE** Dt.02.06.2023

**Selection of firms for supply of New Tyres, Tubes, Flaps and Other Store Materials to Central Store, OSRTC, Cuttack**

1. Odisha State Road Transport Corporation (OSRTC) invites application for the above mentioned purpose. Please refer the Tender document for details.
2. The Tender document shall be available from **Dt.05.06.2023** onwards in **www.osrtc.in** web portal. **Further intimation (i.e.,Corrigendum /Addendum/ Responses to the queries /Clarifications) shall be uploaded in the above website only.**
3. Applicants are required to submit duly filled proposal as per the prescribed formats on or before **22.06.2023 by 03:00 PM** in the office the General Manager (A), OSRTC, Bhawan, Bhubaneswar. The proposals received shall be opened at **04:00PM** on **22.06.2023.**
4. In case of any queries/ clarifications, applicants may contact **+91-9437358232** or e-mail at **dgmtosrtc@gmail.com.**
5. OSRTC reserves the right to accept or reject Tender process without assigning any reason thereof.

By order of Chairman-cum- Managing Director
General Manager (Admn.)
Odisha State Road Transport Corporation

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷରେ ପୋଲିସ କର୍ମଚାରୀ ଗୁରୁତର

ଆଠଗଡ଼,୫।୬(ସ୍ୱ.ପ୍ର.) : କଟକ ଜିଲା ଆଠଗଡ଼ ଥାନା କୁଲାଇଲୋ ପଞ୍ଚାୟତ ଅନ୍ତର୍ଗତ ତଳଗଡ ଗ୍ରାମରେ ରବିବାର ପୋଖରୀ ଓ ନଳକୂପ ଖୋଳାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ହୋଇଛି। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଗୁରୁତର ହୋଇଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ତଳଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ଲଗାଇ ଜଣେ ଠିକାଦାର ପୋଖରୀ ଖୋଳୁଛନ୍ତି। ଏନେଇ ସମ୍ପୃକ୍ତ ଠିକାଦାର ଏକ ଟ୍ରାକ୍ଟର ବିନୋଦ ମହାରଣାଙ୍କ ସ୍ଥିତିବାନ ଜମିରେ ନେଉଥିଲେ। ଏହାକୁ ମହାରଣା ବିରୋଧ କରିଥିଲେ। ଫଳରେ ଠିକା କାମ କରୁଥିବା କିଛି ଲୋକ ମହାରଣାଙ୍କ ଘରେ ସନ୍ଧ୍ୟାରେ ପହଞ୍ଚି ଠେଙ୍ଗା, ରଡ଼ ଓ ବୋତଲ ଆଦିରେ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ତଳଗଡ ରାମ ମନ୍ଦିର ନିକଟରେ ନଳକୂପ ଖୋଳାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ୨୦୦ ଫୁଟ୍ ଖୋଳା ହେବା ପରେ ମଧ ପାଣି ନ ପଡ଼ିବା ଯୋଗୁ ଗୋଟିଏ ଗୋଷ୍ଠୀ ଏହାକୁ ବନ୍ଦ କରିବାକୁ ଚାହୁଁଥିଲେ। କିନ୍ତୁ ଉଭୟ ଗୋଷ୍ଠୀ ଏକ ରାଜନୈତିକ ଦଳର ସମର୍ଥକ ହୋଇଥିବା ଯୋଗୁ ନିଜର ପତିଆରା ଦେଖାଇବା ପାଇଁ ଉଦ୍ୟମ କରିଥିଲେ। ଏନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ନଳକୂପ ଖୋଳା ମାମଲା ଥଣ୍ଡା ପଡିଥିଲା। ଏହି ସମୟରେ ମହାରଣାଙ୍କୁ ଆକ୍ରମଣ ହୋଇଥିଲା। ଗ୍ରାମର ବହୁ ଲୋକ ସେତେବେଳେ ଏକାଠିଥିଲେ। ଉଭୟ ଘଟଣା ଯୋଗୁ ପୁନର୍ବାର ପରସ୍ପର ମଧ୍ୟରେ କଥା କଟାକଟି ହୋଇ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ପୋଲିସ ସେମାନଙ୍କୁ ଅଟକାଇବା ପାଇଁ ଉଦ୍ୟମ କରୁଥିବାବେଳେ ଆକ୍ରମଣ ଶିକାର ହୋଇଛି। ଫଳରେ ଆଇଆର ବି ଷଷ୍ଠ ବାଟାଲିୟନର କନଷ୍ଟେବଲ ସୁଶାନ୍ତ କୁମାର ସାହୁ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ଗୋଷ୍ଠୀ ସଂଘର୍ଷରେ ସେହି ଗ୍ରାମର ସଭାପତି ବିଜୟ କୁମାର ମହାପାତ୍ର, ରବୀନ୍ଦ୍ର ବେହେରା, ଅରୁଣ ବେହେରା, ବୁନୁ ବେହେରା ଆହତ ହୋଇଛନ୍ତି।

# କରମଣ୍ଡଳର ୨ ଲୋକୋ ପାଇଲଟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

## ଦୁର୍ଘଟଣାସ୍ଥଳରେ ୧୦ ଜଣିଆ ସିବିଆଇ ଟିମ୍

ଭୁବନେଶ୍ୱର,୫।୬(ବ୍ୟୁରୋ)

କଥାରେ ଅଛି ଯେତେବେଳେ ଭାଗ୍ୟ ଓ ଭଗବାନ ସାଥ୍ ଦେବେ ସେତେବେଳେ ଚମତ୍କାର ହୁଏ। ବାହାନଗା ଟ୍ରେନ୍ ଦୁର୍ଘଟଣାରେ ସେପରି କିଛି ଘଟିଛି। ଉଭୟ କରମଣ୍ଡଳ ଏକ୍ସପ୍ରେସ ଓ ଯଶବନ୍ତପୁର ଏକ୍ସପ୍ରେସ୍‌ର ୨୭୫ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଦୁଇ ଟ୍ରେନ୍‌ର ସ୍ଥିତିକୁ ଦେଖିଲେ ଯେ ଏହାର ଲୋକୋ ପାଇଲଟ ବଞ୍ଚିଯାଇଥିବେ ତାହା ସହଜରେ କେହି ବିଶ୍ୱାସ କରି ନ ଥିଲେ। ହେଲେ ରେଳ ବିଭାଗର ସୂଚନା ପରେ ଏହାକୁ ଭଗବାନଙ୍କ ଚମତ୍କାର ବୋଲି ଲୋକେ କହୁଛନ୍ତି। ସବୁଠୁ ଅଧିକ କ୍ଷତିଗ୍ରସ୍ତ କରମଣ୍ଡଳ ଏକ୍ସପ୍ରେସର ଲୋକୋ ପାଇଲଟ ଗୁଣନିଧି ମହାନ୍ତି ଓ ତାଙ୍କ ସହଯୋଗୀ ହାଜିରା ବେହେରା ଏବେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୋମବାର ପୂର୍ବତନ ରେଳପଥ ଡିଆର୍‌ଏମ୍ ରୀଙ୍କେଶ ରାୟ ସୋମବାର ସୂଚନା ଦେଇଛନ୍ତି। ଲୋକୋ ପାଇଲଟ୍ ଗୁଣନିଧିଙ୍କୁ ଆଇସିୟୁରୁ ସ୍ଥାନାନ୍ତର କରାଯାଇଥିବାବେଳେ ସହଯୋଗୀ ହାଜିରାଙ୍କ ମୁଣ୍ଡର ଅସ୍ତ୍ରୋପଚାରକୁ ଅପେକ୍ଷା କରାଯାଇଛି। ଆହୁରି ମଧ୍ୟ ସେ କହିଛନ୍ତି, ସାଧାରଣତଃ କରମଣ୍ଡଳ ଏକ୍ସପ୍ରେସରେ ଅଧିକାଂଶ କୋଲକାତା, ଓଡିଶା, ଛତିଶଗଡ, ବିହାର ଲୋକ ଯାତ୍ରା କରନ୍ତି। ଦୁର୍ଘଟଣାରେ ଅଧିକାଂଶ ଆହତ ହେଉଛନ୍ତି କୋଲକାତା, ଓଡିଶା ଓ ବିହାର ଲୋକ। ସେମାନଙ୍କ ଚିକିତ୍ସା ପାଇଁ ରେଳ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏପରିକି ମୃତକଙ୍କ ଶରୀର ଖୋଜିବା ଲାଗି ହେଲ୍ପଲାଇନ ନମ୍ବରର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଦୁର୍ଘଟଣାର ଏକ ପ୍ରାଥମିକ ରିପୋର୍ଟ ଦିଆଯାଇଥିବାବେଳେ ସୋମବାର ଦୁର୍ଘଟଣା ସ୍ଥଳକୁ ୧୦ ଜଣିଆ ସିବିଆଇ ଅଧିକାରୀ ଯାଇ ତଦନ୍ତ ଆରମ୍ଭ କରିଥିବା ସେ ସୂଚନା ଦେଇଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଏମ୍ସରେ ପହଞ୍ଚି ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିଜନଙ୍କ ସହ କଥାବାର୍ତ୍ତା କରିଥିଲେ। ଏଥିସହିତ ଏମ୍ସ ଓ ରେଳ ବିଭାଗର କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା କରିଥିଲେ।

# ସ୍ୱାମୀଙ୍କୁ ଝୁରି ହେଉଛନ୍ତି ୭ ମାସର ଗର୍ଭବତୀ

## ଏବେବି ଅନେକଙ୍କୁ ପାଉନାହାନ୍ତି ସମ୍ପର୍କୀୟ

ଭୁବନେଶ୍ୱର,୫।୬(ବ୍ୟୁରୋ)

ବାହାନଗା ଟ୍ରେନ ଟ୍ରାଜେଡି ପରେ ଏବେ ମୃତଦେହ ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି। ଭୁବନେଶ୍ୱର ଏମ୍ସ ସହ ଅନ୍ୟ ହସ୍ପିଟାଲରେ ସମ୍ପର୍କୀୟମାନେ ମୃତଦେହ ନେବାକୁ ଅପେକ୍ଷା କରିଛନ୍ତି। ଏଥିପାଇଁ ପ୍ରଶାସନ ଓ ହସ୍ପିଟାଲ ପକ୍ଷରୁ ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉଛି। ହେଲେ ବହୁ ମୃତଦେହ ନଷ୍ଟ ହୋଇଯାଇଥିବାରୁ ଚିହ୍ନିବା କଷ୍ଟକର ହୋଇପଡିଛି। ଫଳରେ ପ୍ରଶାସନ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଅନ୍ୟପଟେ ପରିବାର ଓ ସମ୍ପର୍କୀୟମାନେ ମୃତକଙ୍କ ଫଟୋ ଧରି ଗୋଟିଏ ପରେ ଗୋଟିଏ ହସ୍ପିଟାଲ ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ପତ୍ତା ନ ପାଇବାରୁ ନିରାଶ ହୋଇପଡିଛନ୍ତି। ବିହାରର ମହମ୍ମଦ ସୌକତ ପୁଅ ମହମ୍ମଦ ତସ୍‌ୱରଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ନେଇ ତାଙ୍କ ବୋହୂ ତଥା ତସ୍‌ୱରଙ୍କ ସ୍ତ୍ରୀଙ୍କୁ ଖବର ଦେଇଥିଲେ। ଏହାପରେ ସ୍ୱାମୀଙ୍କ ସମ୍ପର୍କରେ ଟିଭିରୁ ଜାଣିବା ପରେ ୭ ମାସର ଗର୍ଭବତୀ ଥିବା ସ୍ତ୍ରୀ ବୁକୁ ଫଟାଇ କାନ୍ଦୁଛନ୍ତି। ଏପଟେ ବାପା ମହମ୍ମଦ ପୁଅକୁ ଖୋଜିବାକୁ ବାଲେଶ୍ୱରରେ ଆସି ପହଞ୍ଚିଥିଲେ। ସେଠାରେ କୌଣସି ପତ୍ତା ନ ପାଇବାରୁ କେତେଜଣ ରେଳ କର୍ମଚାରୀ ଭୁବନେଶ୍ୱର ଏମ୍ସ କିମ୍ବା କଟକ ଯିବାକୁ କହିଥିଲେ। ହେଲେ ଏମ୍ସରେ ଦୀର୍ଘ ସମୟର ଧାଁ ଦୌଡ କରିଥିଲେ ମଧ୍ୟ ପୁଅର ମୃତଦେହ କିମ୍ବା ତାଙ୍କ ସମ୍ପର୍କରେ କିଛି ସୂଚନା ପାଇ ନ ଥିଲେ। ତାଙ୍କୁ ଦେଖି କେତେଜଣ ପୋଲିସ କର୍ମଚାରୀ କଟକ ଯିବାକୁ କହିବାରୁ ସେ ରାଗିଯାଇଥିଲେ। ଗୋଟିଏ ପଟେ ମୃତଦେହ ଚିହ୍ନଟ କରିବା କଷ୍ଟକର ହୋଇଥିବା ବେଳେ ଅନ୍ୟପଟେ ପ୍ରଶାସନ ପକ୍ଷରୁ ଠିକ ସହଯୋଗ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ତଙ୍କେ ପୁଅର ମୃତଦେହକୁ ଫିଙ୍ଗି ଦିଆଯାଇଥିବା ସେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେହିପରି ବିହାରର ଲକ୍ଷ୍ମୀଶ୍ୱର ଠାକୁର ମଧ୍ୟ ଜଣଙ୍କ ମୃତଦେହ ଚିହ୍ନଟ କରିଥିବାଙ୍‌ବେଳେ ଅନ୍ୟ ୫ ଜଣଙ୍କୁ ଏଯାବତ୍ ମଧ୍ୟ ଚିହ୍ନଟ କରି ପାରିନାହାନ୍ତି। ଫଳରେ ୫ ଜଣଙ୍କ ଫଟୋକୁ ଧରି ହସ୍ପିଟାଲ ସାରା ଘୁରି ବୁଲୁଥିବା ସେ କହିଛନ୍ତି। ଏହିଭଳି କିଏ ସ୍ୱାମୀଙ୍କ ଫଟୋ ଧରି ତ ପୁଣି କିଏ ସ୍ତ୍ରୀ, ଭାଇଙ୍କ ଫଟୋ ଧରି ପଚାରି ବୁଝୁଛନ୍ତି। ତେଣୁ ଏଭଳି ପରିସ୍ଥିତିରେ ନିଖୋଜ ବ୍ୟକ୍ତିଙ୍କ ଖୋଜିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



ଏମ୍ସରେ ମୃତକଙ୍କୁ ଚିହ୍ନଟ ପାଇଁ ସମ୍ପର୍କୀୟମାନେ ଫଟୋ ଦେଖୁଛନ୍ତି।

# ଟ୍ରେନ୍ ଦୁର୍ଘଟଣା ମୃତକଙ୍କୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୫।୬(ବ୍ୟୁରୋ)

ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ୨୭୫ଜଣ ପ୍ରାଣ ହରାଇଥିବାବେଳେ ୧ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ମଧ୍ୟ ନିଖୋଜ ଅଛନ୍ତି। ଏପରିସ୍ଥିତିରେ ମୃତାହତଙ୍କ ପାଇଁ ସବୁଠି ପ୍ରାର୍ଥନା କରାଯାଉଛି। ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଘ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଥିଲା। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ସାମ୍ବାଦିକମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିଜକୁ ସାମିଲ କରି ଯେଉଁ ମାନବୀୟ ଆଚରଣ ପ୍ରଦର୍ଶନ କରିଥିଲେ ତାହାକୁ ପ୍ରଶଂସା କରାଯାଇଥିଲା। ଏହି ସଭାରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଓରେରାର ସ୍ୱତନ୍ତ୍ର ମନିଟରିଂ ସେଲ ପ୍ରତିଷ୍ଠା



ଉତ୍ସବରେ ଓରେରାର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର,୫।୬(ବ୍ୟୁରୋ)

ବିଲଡରମାନେ ଗୋଟିଏ ପ୍ରକଳ୍ପ ପଞ୍ଜୀକରଣ ପରେ ଓରେରା ୱେବସାଇଟରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରତି ୩ ମାସରେ ପ୍ରଦାନ କରିବା ବାଧ୍ୟତାମୂଳକ। ସେହିପରି ରିୟଲ ଇଷ୍ଟେଟ ଏଜେଣ୍ଟମାନେ ମଧ୍ୟ ସେମାନଙ୍କ ବ୍ୟବସାୟର ବିବରଣୀ ପ୍ରତି ତିନିମାସରେ ପ୍ରଦାନ କରିବାର ନିୟମ ରହିଛି। ଏହାଦ୍ୱାରା ଘର କ୍ରେତାମାନେ ଉପକୃତ ହେବା ସହ ଏ କ୍ଷେତ୍ରରେ ସ୍ୱଚ୍ଛତା ଆସିପାରିବ। କିନ୍ତୁ ଅଧିକାଂଶ ସମୟରେ ଏହାର ଅନୁପାଳନ ହେଉ ନାହିଁ। ଏହାକୁ ଦୃଷ୍ଟିରେ ରଖି ଓରେରା ପକ୍ଷରୁ ଏକ ସ୍ୱତନ୍ତ୍ର ମନିଟରିଂ ସେଲ ପ୍ରତିଷ୍ଠା କରାଯାଇଛି। ଏଣିକି ଯେଉଁମାନେ ଓରେରାର ବିଭିନ୍ନ ନିୟମ ଅନୁପାଳନ କରୁନାହାନ୍ତି, ସେମାନଙ୍କୁ ଚିହ୍ନଟ କରି ତାଗିଦ କରାଯିବା ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓରେରାର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇ ଏହି ପ୍ରକୋଷ୍ଠର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓରେରାର ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ, ଗୋପାଳ ଚନ୍ଦ୍ର ପଟ୍ଟନାୟକ ଏବଂ ସଚିବ ବିଜୟ କୁମାର ପୃଷ୍ଟିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ମହମବତି ଶୋଭାଯାତ୍ରା



ଭୁବନେଶ୍ୱର ଓକିଲ ସଂଘର ସଦସ୍ୟାସଦସ୍ୟ ଶୋଭାଯାତ୍ରାରେ ଆସି କଳ୍ପନା ଛକଠାରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଭୁବନେଶ୍ୱର,୫।୬(ବ୍ୟୁରୋ)

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତଙ୍କ ଆରୋଗ୍ୟ କାମନା କରି ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସୋମବାର ମହମବତି ଶୋଭାଯାତ୍ରା କରାଯାଇଛି। ସନ୍ଧ୍ୟା ପ୍ରାୟ ୬ଟାରେ ଭୁବନେଶ୍ୱର କୋର୍ଟ ପରିସରରୁ ଶତାଧିକ ଓକିଲ ଏହି ଶୋଭାଯାତ୍ରାରେ ବାହାରି ଶହୀଦସ୍ତମ୍ଭ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସେମାନେ ପ୍ରାର୍ଥନା କରିଥିଲେ। ଏଥିରେ ଓକିଲ ସଂଘ ସଭାପତି ଧନେଶ୍ୱର ମହାନ୍ତି, ଉପ ସଭାପତି ଅଞ୍ଜନ କୁମାର ସାମନ୍ତରାୟ, ସମ୍ପାଦକ ତାପସ ରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ସୁକାନ୍ତ କୁମାର ବେହେରା, ସହ ସମ୍ପାଦକ ପୁଲିନ କୁମାର ମାର୍ଥା, କୋଷାଧ୍ୟକ୍ଷ ମନୀଷ କୁମାର ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ସବ୍ୟସାଚୀ ସୂତାର, ଅଭିନାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଆ ଭାଷା ଏବେ ବି ଶୋଚନୀୟ ପରିସ୍ଥିତି ଦେଇ ଗତି କରୁଛି

## 'ଭାଷା ସୁରକ୍ଷା ସମ୍ମିଳନୀ'ର ମୁଖପତ୍ର 'ଭାଷା ସୁରକ୍ଷା' ଉନ୍ମୋଚିତ

ଭୁବନେଶ୍ୱର, ୫।୬ (ବ୍ୟୁରୋ)



ଭାଷା ହେଉଛି ଗୋଟିଏ ଜାତିର ପରିଚୟ ତଥା ଜାତିର ସର୍ବୋତ୍ତମ ବୌଦ୍ଧିକ ସମ୍ପଦ। ଭାଷା ହିଁ ମଣିଷ ସହିତ ମଣିଷକୁ, ଜାତି ସହିତ ଜାତିକୁ ଓ ସଂସ୍କୃତି ସହିତ ସଂସ୍କୃତିକୁ ଯୋଡ଼ିଥାଏ। ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଆମ ଓଡ଼ିଆ ଭାଷା ଏବେ ବି ଶୋଚନୀୟ ଓ ଚିନ୍ତାଜନକ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି। ଏକଦା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ନେତୃତ୍ୱରେ ଗଠିତ 'ଭାଷା ସୁରକ୍ଷା ସମ୍ମିଳନୀ' ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ସାରା ରାଜ୍ୟରେ ଦୁର୍ବାର ଜନଆନ୍ଦୋଳନ ତିଆରି କରିଥିଲା। ଏହା ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା, ଯାହାର ସାମୟିକ ସୁଫଳ ଓଡ଼ିଆ ଭାଷା ପାଇଥିଲା। ମାତ୍ର ସ୍ୱର୍ଗତ ପରିଡ଼ାଙ୍କ ପରେ ଭାଷା ସୁରକ୍ଷା ସମ୍ମିଳନୀର ଆନ୍ଦୋଳନ ଶିଥିଳ ହେବା ସହ ଏହାର କାର୍ଯ୍ୟକ୍ରମ ସ୍ଥିର ହୋଇଯାଇଥିଲା। ବର୍ତ୍ତମାନ ସମୟରେ 'ଭାଷା ସୁରକ୍ଷା ସମ୍ମିଳନୀ' ଓ ଏହାର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କର ଅଭାବବୋଧ ବେଶ୍ ଅନୁଭବ ହେଉଛି ବୋଲି ସୋମବାର ଅନୁଷ୍ଠିତ 'ଭାଷା ସୁରକ୍ଷା' ପତ୍ରିକା ଉନ୍ମୋଚନ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଥିଲେ। ରାଜନୀତିଜ୍ଞ, ସୁସାହିତ୍ୟିକ, 'ଭାଷା ସୁରକ୍ଷା ସମ୍ମିଳନୀ'ର କର୍ଣ୍ଣଧାର ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାଷା ସୁରକ୍ଷା ସମ୍ମିଳନୀ'ର ମୁଖପତ୍ର 'ଭାଷା ସୁରକ୍ଷା'ର ତୃତୀୟ ସଂଖ୍ୟା ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ବୈଷ୍ଣବ ପରିଡ଼ା ସ୍ମୃତିନ୍ୟାସର ସଭାପତି ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବିଶିଷ୍ଟ ଭାଷା ଗବେଷକ ଓ ସାହିତ୍ୟିକ ଡ. ଦେବାଶିଷ ମହାପାତ୍ର ଏବଂ ସ୍ତମ୍ଭକାର ତଥା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଯୋଗ ଦେଇଥିଲେ। ସମ୍ମିଳନୀର ସମ୍ପାଦକ ଅମିତାଭ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର ଉପସଭାପତି ଡ. ବାସୁଦେବ ଦାସ ବିବରଣୀ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ବିଶ୍ୱନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଟ୍ରେନ୍ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ଭୁବନେଶ୍ୱରର ୱାର୍ଡ ନଂ.୨୯ ଅନ୍ତର୍ଗତ ଆନନ୍ଦ ବଜାର ତାରିଣୀ ମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ଦୀପଦାନ କରାଯାଉଛି।




ଦି କ୍ୟାଟେରିଂ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ଅଲ୍ ଓଡ଼ିଶା ଟେଣ୍ଟ୍ ଆଣ୍ଡ୍ ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ରାମ ମନ୍ଦିର ସମ୍ମୁଖରେ ୨୭୫ ମୃତକଙ୍କ ପାଇଁ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

## ସଂକ୍ଷେପରେ

### ମାହାଙ୍ଗା ଏକ ସଂସ୍କୃତିସମ୍ପନ୍ନ ମାଟି

ନିଶ୍ଚିନ୍ତକୋଇଲି,୫।୬(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ସଂସ୍କୃତି, ପରମ୍ପରା, କଳା ଓ ସାହିତ୍ୟ ପାଇଁ ସମଗ୍ର ରାଜ୍ୟରେ ସୁନାମ ରହିଛି। ଗଣକବି ବୈଷ୍ଣବ ପାଣିଙ୍କ ଠାରୁ ଆରମ୍ଭ କରି କର୍ମବୀର ଗୌରୀ ଶଙ୍କର ରାୟଙ୍କ ପରି ସଂସ୍କାରକମାନେ ନିଜ କଲମ ଚାଲଣା କରି ସମଗ୍ର ରାଜ୍ୟକୁ ମାର୍ଗ ଦର୍ଶନ କରିଛନ୍ତି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଠାରୁ ଆରମ୍ଭ ପରି ହାଡିଦାସ, ଅରକ୍ଷିତ ଦାସ ମହାପୁରୁଷମାନେ ମାହାଙ୍ଗାର ମର୍ଯ୍ୟାଦାକୁ ବୃଦ୍ଧି କରିଛନ୍ତି। ଏବେ ମାହାଙ୍ଗା ବିପର୍ଯ୍ୟୟ ମୁଖୀ ହେଉଥିବା ବେଳେ ଆମ ସ୍ୱପ୍ନର ସ୍ୱନକ୍ଷତ୍ର ମାହାଙ୍ଗା ପରି ଅନୁଷ୍ଠାନ ଜନ୍ମ ନେଇଛି। ମାହାଙ୍ଗାର ପୂର୍ବ ଗୌରବ ଓ ବୈଭବ ପାଇଁ ଏହି ଅନୁଷ୍ଠାନ ଜାଗ୍ରତପହରି ପରି କାର୍ଯ୍ୟକରିବ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ପୂର୍ବାହ୍ନରେ ଅନୁଷ୍ଠାନର ଆବାହକ ସୁମନ୍ତ କୁମାର ଘଡେଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଓସ୍ତାର ପୂର୍ବତନ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା ଯୋଗଦେଇ ମାହାଙ୍ଗାର ଐକ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସାମାଜିକ କର୍ମୀ ପ୍ରଦୀପ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଲେଖକ, ସାହିତ୍ୟିକ ସୁରେନ୍ଦ୍ରନାଥ ଶତପଥି ଯୋଗଦେଇ ମାହାଙ୍ଗା ଏକ ସଂସ୍କୃତି ସମ୍ପନ୍ନ ମାଟି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରଜତ କୁମାର ସ୍ୱାଇଁ ମଞ୍ଚ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ପ୍ରସନ୍ନ ପତି, ବିଦ୍ୟୁଲତା ପଣ୍ଡା, ବରିଷ୍ଠ ଆଇନଜୀବୀ ଗୋପାଳ ଜେନା, ସଙ୍ଗଠକ ଚନ୍ଦ୍ରକାନ୍ତ ନନ୍ଦ, ଖବରଦାତା ପ୍ରଫୁଲ୍ଲ ଦାଶ, ଡ. ଦୁର୍ଗାଚରଣ ନାୟକ,ପ୍ରଦୀପ୍ତ କୁମାର ସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାକୁ ବିକାଶ ଗୋଚ୍ଛାୟତ, ସନ୍ତୋଷ କୁମାର ଘଡ଼େଇ,ବିଶୁ ମଲିକ, ସ୍ମୃତି ରଞ୍ଜନ ମହାନ୍ତି, ଜନ୍ମେଜୟ ବେହେରା,ସ୍ନେହାଂଶୁ ପରିଡା ପ୍ରମୁଖ ସଂଯୋଜନା କରିଥିଲେ।

### କିଡ୍‌ନୀ ରୋଗୀଙ୍କୁ ସହାୟତା

ମାହାଙ୍ଗା,୫।୬(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର ଅସହାୟ ବିଧବା ବାସନ୍ତୀ ବେହେରା ଏବେ କିଡ୍‌ନୀ ରୋଗରେ ପୀଡିତ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ବହୁ କଷ୍ଟରେ ଚଳୁଥିଲେ । ମାହାଙ୍ଗା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିତାମାତା' ସେବକ ସଂଘ ଏହି ଖବର ଜାଣିବା ପରେ ସହାୟତାର ହାତ ବଢ଼ାଇଛନ୍ତି। ସଂଘର ବରିଷ୍ଠ ଉପଦେଷ୍ଟା ରଞ୍ଜନ କୁମାର ରାଉତ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ, ସଭାପତି ବିନୟ ରଞ୍ଜନ ପ୍ରଧାନ ଓ ସମ୍ପାଦକ ସଞ୍ଜୟ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ସଂଘ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁ,ବରିଷ୍ଠ ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସାହୁ , କପିଳ ଚନ୍ଦ୍ର ରଣା ଓ ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ ବାସନ୍ତୀଙ୍କ ପାଖରେ ପହଞ୍ଚି ଥିଲେ। ଏବେ ବାସନ୍ତୀ ମେଡିକାଲରେ ଚିକିତ୍ସିତ ହେଉଥିବାରୁ ତାଙ୍କ ଝିଅକୁ ଅର୍ଥ ଓ ବସ୍ତ୍ର ପ୍ରଦାନ କରିଥିଲେ । ଏଥିସହ ଆଗାମୀ ଦିନରେ ଅଧିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ପୋଖରୀ, ନଳକୂଅ ଖୋଳାକୁ ନେଇ ଗୋଷ୍ଠୀ ସଂଘର୍ଷ

**ପୋଲିସ କର୍ମଚାରୀ ଗୁରୁତର**
- ଗ୍ରାମରେ ଉତ୍ତେଜନା
- ପୋଲିସ ଫୋର୍ସ ମୁତୟନ

ଆଠଗଡ଼,୫।୬(ସ୍ୱ.ପ୍ର.)

ଆଠଗଡ଼ ଥାନା କୁଲାଇଲୋ ପଞ୍ଚାୟତ ଅନ୍ତର୍ଗତ ତଳଗଡ ଗ୍ରାମରେ ରବିବାର ପୋଖରୀ ଓ ନଳକୂପ ଖୋଳାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ହୋଇଛି। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଗୁରୁତର ହୋଇଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ତଳଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ମେଶିନ ଲଗାଇ ଜଣେ ଠିକାଦାର ପୋଖରୀ ଖୋଲୁଛନ୍ତି। ଏନେଇ ସମ୍ପୃକ୍ତ ଠିକାଦାର ଏକ ଟ୍ରାକ୍ଟର ବିନୋଦ ମହାରଣାଙ୍କ ସ୍ଥିତିବାନ ଜମିରେ ନେଉଥିଲେ। ଏହାକୁ ମହାରଣା ବିରୋଧ କରିଥିଲେ। ଫଳରେ ଠିକା କାମ କରୁଥିବା କିଛି ଲୋକ ମହାରଣାଙ୍କ ଘରେ ସନ୍ଧ୍ୟାରେ ପହଞ୍ଚି ଠେଙ୍ଗା, ରଡ଼ ଓ ବୋତଲ ଆଦିରେ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ତଳଗଡ ରାମ ମନ୍ଦିର ନିକଟରେ ନଳକୂପ ଖୋଳାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ୨୦୦ ଫୁଟ୍ ଖୋଳା ହେବା ପରେ ମଧ ପାଣି ନ ପଡ଼ିବା ଯୋଗୁ ଗୋଟିଏ ଗୋଷ୍ଠୀ ଏହାକୁ ବନ୍ଦ କରିବାକୁ ଚାହୁଁଥିଲେ। କିନ୍ତୁ ଉଭୟ ଗୋଷ୍ଠୀ ଏକ ରାଜନୈତିକ ଦଳର ସମର୍ଥକ ହୋଇଥିବା ଯୋଗୁ ନିଜର ପତିଆରା ଦେଖାଇବା ପାଇଁ ଉଦ୍ୟମ କରିଥିଲେ। ଏନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ନଳକୂପ ଖୋଳା ମାମଲା ଥଣ୍ଡା ପଡିଥିଲା। ଏହି ସମୟରେ ମହାରଣାଙ୍କୁ ଆକ୍ରମଣ ହୋଇଥିଲା।


ଗୋଷ୍ଠୀ ସଂଘର୍ଷରେ ଆହତ ହୋଇଥିବା ଗ୍ରାମବାସୀ ।


ଗୁରୁତର କନଷ୍ଟେବଳ ସୁଶାନ୍ତ କୁମାର ସାହୁ ।

ଗ୍ରାମର ବହୁ ଲୋକ ସେତେବେଳେ ଏକାଠିଥିଲେ। ଉଭୟ ଘଟଣା ଯୋଗୁ ପୁନର୍ବାର ପରସ୍ପର ମଧ୍ୟରେ କଥା କଟାକଟି ହୋଇ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ପୋଲିସ ସେମାନଙ୍କୁ ଅଟକାଇବା ପାଇଁ ଉଦ୍ୟମ କରୁଥିବାବେଳେ ଆକ୍ରମଣ ଶିକାର ହୋଇଛି। ଫଳରେ ଆଇଆର ବି ଷଷ୍ଠ ବାଟାଲିୟନର କନଷ୍ଟେବଳ ସୁଶାନ୍ତ କୁମାର ସାହୁ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ଗୋଷ୍ଠୀ ସଂଘର୍ଷରେ ସେହି ଗ୍ରାମର ସଭାପତି ବିଜୟ କୁମାର ମହାପାତ୍ର, ରବୀନ୍ଦ୍ର ବେହେରା, ଅରୁଣ ବେହେରା, ବୁନୁ ବେହେରା ଆହତ ହୋଇଛନ୍ତି। ସେମାନଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ଘଟଣାସ୍ଥଳରେ ଆଠଗଡ଼ ପୋଲିସର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖାହେବାବେଳକୁ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା।

# ମୃତକଙ୍କ ଉଦ୍ଦେଶ୍ୟରେ ଦୀପଦାନ


ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ମା'ବରୁଣାଇ ପୀଠରେ ଦୀପଦାନ କରାଯାଉଛି ।

ମାହାଙ୍ଗା,୫।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୁଣ୍ଡୁପୁରଠାରେ ମା'ବରୁଣାଇ ପୀଠ ପରିସରରେ ଦୀପଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ଖବରଦାତା ରମେଶ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ତ୍ରୈଲୋକ୍ୟ ବିହାରୀ ଦାସ, ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସାହୁ, କପିଳ ଚନ୍ଦ୍ର ରଣାଙ୍କ ସମେତ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଉପସ୍ଥିତ ରହି ଦୀପଦାନ କରିଥିଲେ ।

# 'ପ୍ଲାଷ୍ଟିକ ସାମଗ୍ରୀ ପୃଥିବୀକୁ ମରଣ ମୁହଁକୁ ଠେଲି ଦେଉଛି'


ବିଶ୍ୱ ପରିବେଶ ଦିବସ ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶପଥ ପାଠ କରୁଛନ୍ତି ।

ବଡ଼ମ୍ବା,୫।୬ (ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଗୋପପୁର ଗ୍ରାମପଞ୍ଚାୟତସ୍ଥିତ ସରକାରୀ ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାମରାଜ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏନେଇ ଆୟୋଜିତ ଆଲୋଚନାଚକ୍ରରେ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ, ଜୁନିୟର ରେଡ୍‌କ୍ରସ ସ୍କାଉଟ୍ସ ଓ ଗାଇଡ୍ସର କ୍ୟାଡେଟ୍‌ମାନେ ଅଂଶଗ୍ରହଣ କରିଥିଲେ। ଆବଶ୍ୟକତାଠାରୁ ଅଧିକ ପ୍ଲାଷ୍ଟିକ ତିଆରି ଜିନିଷର ବ୍ୟବହାର ପର୍ଯ୍ୟାବରଣକୁ ବିଗାଡି ପୃଥିବୀକୁ ମରଣ ମୁହଁକୁ ଠେଲି ଚାଲିଛି। ଆତ୍ମ ସମୀକ୍ଷା ଓ ସାମାଜିକ ସଚେତନତା ସୃଷ୍ଟି କରି ପରିବେଶ ଅନୁକୂଳ ତଥା ଉପଯୋଗୀ ସାମଗ୍ରୀଗୁଡ଼ିକ ବ୍ୟବହାର ଏବଂ ଯଥା ସମ୍ଭବ ପ୍ଲାଷ୍ଟିକ ତିଆରି ଜିନିଷ ବ୍ୟବହାର ହ୍ରାସ କରି ପାରିଲେ ଜୀବଜଗତକୁ ବିପଦ ମୁହଁରୁ ରକ୍ଷା କରାଯାଇ ପାରିବ ବୋଲି ଏହି ଅବସରରେ ଆଲୋଚନା ହୋଇଥିଲା। ସହକାରୀ ଶିକ୍ଷକ ଅଶୋକ କୁମାର ଧଳ ଶପଥ ପାଠ କରାଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମୀନାକ୍ଷୀ ସ୍ୱାଇଁ, ଶିକ୍ଷା କର୍ମଚାରୀ ରମେଶ ଚନ୍ଦ୍ର ସାମନ୍ତରାୟ ଓ ଜଗବନ୍ଧୁ ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବଡ଼ମ୍ବା ତାଲୁକ ଆଇନ ସେବା କମିଟି ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ତାଲୁକ ଆଇନ୍‌ସେବା କମିଟି, ବଡମ୍ବା ଅଧ୍ୟକ୍ଷା ତଥା ଜେଏମ୍‌ଏଫ୍‌ସି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ ଉପସ୍ଥିତ ରହି ଚାରା ରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ମ୍ବା ଓକିଲ ସଂଘ ବହୁ ସଦସ୍ୟ, କୋର୍ଟ କର୍ମଚାରୀ ଓ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

### ଉପନିବନ୍ଧକ, ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା

ରଘୁନାଥପୁର,୫।୬(ଡି.ଏନ୍.ଏ.):

ଅମଲାଙ୍କ ବେତନ ଲେଭଲ ୪ରୁ ୯ କୁ ବୃଦ୍ଧି ଦାବିକରି ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି କ୍ରମେ ରଘୁନାଥପୁର ବ୍ଲକ ଉପନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟର ୩ କର୍ମଚାରୀ ଜୁନ୍ ୧ ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ଯାଇଛନ୍ତି। ଫଳରେ ଅଫିସ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ଗତ ୫ ଦିନ ମଧ୍ୟରେ ଗୋଟିଏ ହେଲେବି ଜମି କିଣାବିକା କବଲା କିମ୍ବା ବିବାହ ରେଜିଷ୍ଟ୍ରେଶନ ହୋଇପାରିନାହିଁ। ଅନ୍ୟପକ୍ଷେ ଅଫିସରେ କାର୍ଯ୍ୟ କରୁଥିବା ସୀମିତ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ ନ ଥିବାରୁ ହାତବାନ୍ଧି ବସିଛନ୍ତି। ସୋମବାର ଅଫିସ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଲୋକେ ନିଜର ଜମିବାଡି ବିକ୍ରି କବଲା କରିବା ପାଇଁ ଅଫିସକୁ ଆସି ଫେରିବାକୁ ବାଧ୍ୟ ହେଉଛନ୍ତି।

### ଯୁକ୍ତ୨ ବିଜ୍ଞାନ ପରୀକ୍ଷା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୫।୬(ଡି.ଏନ୍.ଏ.):

ଯୁକ୍ତ ୨ ବିଜ୍ଞାନ ବିଭାଗରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ସାଲେପୁରରେ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଓ ପ୍ରଶାନ୍ତ କୁମାର ସାମଲଙ୍କ ସଂଯୋଜନାରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇ ପିଲାମାନଙ୍କୁ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ ଓ ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର, ଅନୁଷ୍ଠାନର ଅଧ୍ୟକ୍ଷ ବୈଷ୍ଣବ ଚରଣ ମହାନ୍ତି, ଅଧ୍ୟାପକ ନିର୍ମଳ ମିଶ୍ର, ଅନୁଷ୍ଠାନର ଉପାଧ୍ୟକ୍ଷ ଜ୍ୟୋତିର୍ମୟୀ ମହାନ୍ତି ଯୋଗଦେଇଥିଲେ। ଚଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଅନୁଷ୍ଠାନର ଅଭିଜିତ୍ ପଶାୟତ ୫୩୬ ନମ୍ବର ରଖି ଥିବାବେଳେ ଆକାଶ କୁମାର ଜତି ୫୨୪ ଓ ଦେବାଶିଷ ସାହୁ ୫୧୭ ନମ୍ବର ରଖିଛନ୍ତି। ଅତିଥିମାନେ ସେମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟର ଅନ୍ୟ କୃତି ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରମୋଦ ସାମଲ, ସରୋଜକାନ୍ତ ସାହୁ, କର୍ମଚାରୀ ପୀତାମ୍ବର ସ୍ୱାଇଁ, ପ୍ରବୀର ଚୌଧୁରୀ, ବିଜୟ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# କନ୍ଦରପୁର ଅଞ୍ଚଳରେ ସହରାଞ୍ଚଳ ପୋଲିସ ଆଇନ ଉଲ୍ଲଂଘନ

କଟକ ସଦର,୫।୬(ଡି.ଏନ୍.ଏ.)

୨୦୦୯ରୁ କନ୍ଦରପୁର ଥାନା ଅଞ୍ଚଳଟି ସହରାଞ୍ଚଳ ପୋଲିସ ଆଇନ ଦ୍ୱାରା ନିୟନ୍ତ୍ରିତ ହେଉଛି। ହେଲେ ଏଠାରେ ଏହି ପୋଲିସ ଆଇନ୍ ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଡିସିପିଙ୍କ ପୂର୍ବାନୁମତି ବିନା ସାଂସ୍କୃତିକ, ଧାର୍ମିକ, ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଉକ୍ତ ଥାନା ଅଧୀନ ୬ଟି ପଞ୍ଚାୟତର ସର୍ବସାଧାରଣ ସ୍ଥାନରେ ଯେଉଁସବୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି, ସେଠାରେ ରାଜନୈତିକ ନେତାମାନେ ଯୋଗ ଦେଉଥିବାରୁ ଆୟୋଜକମାନେ ପୂର୍ବାନୁମତି ନେବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ବିବାହ, ବ୍ରତ, ଜନ୍ମଦିନ, ଅପେରା ପରିବେଷଣ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଯଦି ଆୟୋଜନ କରାଯାଇଥାଏ, ତା'ହେଲେ କଟକ ଡିସିପିଙ୍କ କାର୍ଯ୍ୟାଳୟରୁ ଅନୁମତି ନେବା ବାଧ୍ୟତାମୂଳକ। ରାଜନେତାମାନେ ସେହିସବୁ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଉଛନ୍ତି। କିଲୋମିଟର ବ୍ୟାପୀ ଡାକବାଜି ଯନ୍ତ୍ର ବାଜିବାରୁ ଶବ୍ଦ ପ୍ରଦୂଷଣ ହେଉଛି। ଏହାଛଡା ଉଚ୍ଚ ଶବ୍ଦର ବାଣ ଫୁଟିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଡିଜେ ବାଜୁଛି। ଏଥିଯୋଗୁ ବରିଷ୍ଠ ନାଗରିକ ଓ ରୋଗାକ୍ରାନ୍ତମାନେ ଶୋଇ ପାରୁନାହାନ୍ତି। ଏ ସମ୍ପର୍କରେ କନ୍ଦରପୁର ଥାନା ଅଧିକାରୀ ବିପିନ ବିହାରୀ ହୋତା କହିଛନ୍ତି, ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବୃକ୍ଷ ସଂରକ୍ଷଣକୁ ଗୁରୁତ୍ୱ



ବିଓବିର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ବୃକ୍ଷରୋପଣ କରୁଛନ୍ତି ।

କଟକ,୫।୬:

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର କ୍ଷେତ୍ରୀୟ କାର୍ଯ୍ୟାଳୟ କଟକ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଓବି କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଏମ୍ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ନିର୍ବିକାର ରଥଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ବୃକ୍ଷରୋପଣ କରିବା ସହ ସମ୍ପୃକ୍ତ ବୃକ୍ଷର ସଂରକ୍ଷଣ ପାଇଁ ଗୁରୁତ୍ୱ ଦେବାକୁ ଶପଥ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ବିଓବିର ବିଶ୍ୱ ପରିବେଶ ଦିବସ ଥିମ୍ 'ଧରତୀ କୋ ହରିତ ବନାଏଁ, ଡିଜିଟାଲ ପରିବର୍ତ୍ତନ ଲାଏଁ' ରଖାଯାଇଛି। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ପରିବେଶ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି କରିବା ନିମନ୍ତେ ଅଖିଳ ଭାରତୀୟ ସ୍ତରରେ ବ୍ୟାଙ୍କର କାର୍ଯ୍ୟାଳୟ ଏବଂ ଶାଖାଗୁଡ଼ିକରେ ବୃହତ୍ ଆକାରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସେହିଭଳି ବିଓବିର କର୍ମଚାରୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇ ତା'ର ସଂରକ୍ଷଣ ପାଇଁ ଶପଥ ପାଠ କରାଯାଉଛି। ଏପରିକି ବିଓବି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପରିବେଶ ସଂରକ୍ଷଣ ପ୍ରତି ସର୍ବଦା ସଚେତନ ଏବଂ ପରିବେଶର ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି।

# ସୁସ୍ଥ ପରିବେଶ ପାଇଁ ବ୍ୟାପକ ଚାରାରୋପଣ ଜରୁରୀ

### ଆରତି ଷ୍ଟିଲ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ

ଖୁଣ୍ଟୁଣୀ,୫।୬(ଡି.ଏନ୍.ଏ.)



କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲରେ ଥିବା ଆରତି ଷ୍ଟିଲ କାରଖାନା ପରିସରରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଆରତି ଷ୍ଟିଲ କାରଖାନାର ଏଜିଏମ ପ୍ରୀତିଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରତି ଷ୍ଟିଲ ପ୍ଲାଣ୍ଟର ନବ ନିଯୁକ୍ତ ସଭାପତି ସୁଦୀପ୍ତ ସୁଧନ ପଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ସମଗ୍ର ବିଶ୍ୱର ପରିବେଶ କିଭଳି ପ୍ଲାଷ୍ଟିକମୟ ହୋଇଯାଇଛି। ପ୍ଲାଷ୍ଟିକ ଜୈବ ବିଘଟନଶୀଳ ହୋଇ ନଥିବାରୁ ଏହା ସହଜରେ ମାଟିରେ ନଷ୍ଟ ନହୋଇ ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି ବୋଲି ସେ କହିଥିଲେ। ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ କମାଇବା, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକକରଣ ଓ ଏହାର ପୁନଃ ବ୍ୟବହାର ଠିକ୍ ଭାବେ ବିନିଯୋଗ ଉପରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ବ୍ୟାପକ ଚାରା ରୋପଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି କମ୍ପାନୀର ଅତିରିକ୍ତ ଉପସଭାପତି ବଳଜିତ ସିଂ, ମହାପ୍ରବନ୍ଧକ ଏ .ବି ଉପାଧ୍ୟାୟ , ଉପ ମହାପ୍ରବନ୍ଧକ ମାନବ ସମ୍ବଳ ସରୋଜ ଜେନା ପ୍ରମୁଖ ଯୋଗଦେଇ 'ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଅତିଥି ଓ କମ୍ପାନୀ କର୍ମଚାରୀମାନଙ୍କ ଦ୍ୱାରା କାରଖାନା ପରିସରରେ ବିଭିନ୍ନ ପ୍ରଜାତିର ଶତାଧିକ ଚାରା ରୋପଣ କରାଯାଇଥିଲା। କମ୍ପାନୀର ପରିବେଶ ବିଭାଗ ପକ୍ଷରୁ ଦିନେଶ ମିଶ୍ର ଓ ଶୁକଦେବ ସାହୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା କାରଖାନା ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ଶରତ କୁମାର ନିଶାଙ୍କ ସୂଚନା ଦେଇଛନ୍ତି।

# କମ୍ପାନୀ ଗେଟ୍ ସମ୍ମୁଖରେ ଶ୍ରମିକଙ୍କ ଧାରଣା

ମଙ୍ଗୁଳି-ଜଗତପୁର,୫।୬(ଡି.ଏନ.ଏ)

ଜଗତପୁରସ୍ଥିତ ବନ୍ଦ ହୋଇପଡ଼ିଥିବା କସବୋର୍ଡ ଇଣ୍ଡଷ୍ଟ୍ରିଜ କମ୍ପାନୀ ଗେଟ୍ ସମ୍ମୁଖରେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ତରଫରୁ କମ୍ପାନୀ ଗେଟ ସମ୍ମୁଖରେ ଶ୍ରମିକମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିରହିଛନ୍ତି। ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଥିବା ଶ୍ରମିକମାନଙ୍କୁ ସେମାନଙ୍କର ଦରମା, ଗ୍ରାଚ୍ୟୁଟି ବୋନସ୍ ସମେତ ଶ୍ରମ ଆଇନ ମୁତାବକ ତାଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ କମ୍ପାନୀ ତରଫରୁ ପ୍ରଦାନ କରାଯାଇ ନ ଥିବାରୁ ଏହାର ପ୍ରତିବାଦରେ ଧାରଣା ଦିଆଯାଇଛି। ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଗେଟ ସମ୍ମୁଖରେ ଏକତ୍ରିତ ହୋଇ କମ୍ପାନୀ ବିରୋଧରେ ନାରାବାଜି ଦେଇଥିଲେ। ଯଦି କମ୍ପାନୀ କର୍ତ୍ତୃପକ୍ଷ ଦାବି ପୂରଣ ନ କରନ୍ତି ଆଗାମୀ ଦିନରେ ଶ୍ରମ କମିଶନର କାର୍ଯ୍ୟାଳୟ ଘେରାଉ କରିବା ସହ ଶ୍ରମ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ସଂଘ ସଭାପତି ବସନ୍ତ ସାହୁ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଧିକାରୀ ବିମଲ ଅଗ୍ରୱାଲା କହିଛନ୍ତି, ଶ୍ରମିକମାନଙ୍କ ଅଭିଯୋଗ ଭିତ୍ତିହୀନ। ୨୦୧୯ରୁ କମ୍ପାନୀ ବନ୍ଦ ହୋଇ ଅନ୍ୟକୁ ମାଲିକାନା ଯିବା ପରେ କୋର୍ଟରେ ଏକ ମାମଲା ଚାଲିଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶ୍ରମିକମାନଙ୍କୁ ସମସ୍ତ ପ୍ରାପ୍ୟ (୧କୋଟି ୭୪ଲକ୍ଷ)ଟଙ୍କା ଚେକ୍ ମାଧ୍ୟମରେ ପେମେଣ୍ଟ କରାଯାଇଛି। କିନ୍ତୁ ସେମାନେ ଟଙ୍କା ପାଇବା ପରେ ମଧ୍ୟ କମ୍ପାନୀ କ୍ୱାର୍ଟର ଖାଲି କରି ନଥିଲେ। ଫଳରେ ସେମାନଙ୍କୁ କମ୍ପାନୀ ଓକିଲ ନୋଟିସ ଜାରି କରିଛନ୍ତି। ସେଥିରୁ ବର୍ତ୍ତିବା ପାଇଁ ଶ୍ରମିକମାନେ ଏଭଳି ପନ୍ଥା ଆପଣେଇଛନ୍ତି ବୋଲି ସେ କହିଛନ୍ତି।



କସବୋର୍ଡ ଇଣ୍ଡଷ୍ଟ୍ରିଜ କମ୍ପାନୀ ଗେଟ୍ ସମ୍ମୁଖରେ ଶ୍ରମିକମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଡକାୟତି ଯୋଜନାବେଳେ ୪ ଧରାପଡ଼ିଲେ

ସାକ୍ଷୀଗୋପାଳ, ୫।୬ (ସ୍ୱ.ପ୍ର./ଡି.ଏନ୍.ଏ.): ସତ୍ୟବାଦୀ ଥାନା ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବା ୫ଜଣରୁ ୪ଜଣ ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାରଘରିଆ ସାହିର ଲକ୍ଷ୍ମୀଧର ପ୍ରଧାନ (କଇନ), ଆଠବାଟିଆ ଗ୍ରାମର ଦିବାକର ସ୍ୱାଇଁ (ହଟ), ମହାମାୟା ସାହିର ପ୍ରଦୀପ ରାଉତ (ପଦି) ଓ ଆଠବାଟିଆର ଦିଲୀପ କୁମାର ସାହୁ (ଦିଲୁ)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ୪ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସତ୍ୟବାଦୀ ମନ୍ଦିର ପଛପଟେ ଥିବା ବକୁଳବନ ନିକଟ ଏକ ନିକାଞ୍ଚନ ସ୍ଥାନରେ ଡକାୟତି ପାଇଁ ୫ଜଣ ଯୁବକ ଏକାଠି ହୋଇ ଯୋଜନା କରୁଥିବାର ଏକ ଖବର ମିଳିଥିଲା। ସବ୍‌ଇନ୍ସପେକ୍ଟର ସୁରମା ସ୍ୱାଇଁ ଓ ଦୀପ୍ତିରଞ୍ଜନ ସାହୁଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୪ ଅଭିଯୁକ୍ତଙ୍କୁ ଧରିଥିବାବେଳେ ଅନ୍ୟଜଣେ ଅଭିଯୁକ୍ତ ଖସି ଯିବାରେ ସକ୍ଷମ ହୋଇଥିଲା। ଏମାନେ ଡକାୟତି ପାଇଁ ବ୍ୟବହାର କରୁଥିବା ଲୁହାରଡ଼, ଛୁରି, ହକି ଷ୍ଟିକ ଓ ଏକ ଖେଳଣା ବନ୍ଧୁକ ସହ ବିଅର ବୋତଲ ଓ ଗ୍ଲାସକୁ ଜବତ କରିଥିଲେ। ୪ ଅଭିଯୁକ୍ତଙ୍କୁ ଜେରା ସମୟରେ ଏକ ଡକାୟତି ପାଇଁ ଯୋଜନା କରୁଥିବାର ସ୍ୱୀକାର କରିଥିଲେ। ଏମାନେ ମୁଖ୍ୟତଃ ରାସ୍ତାରେ ଯାଉଥିବା ମୋଟରସାଇକେଲ ଆରୋହୀ ଓ ଯାତ୍ରୀଙ୍କୁ ଟାର୍ଗେଟ କରିଥାନ୍ତି ବୋଲି ମାନିଥିଲେ। ଏପରିକି ସେମାନେ ଏକ ଖନନ ମେଶିନରୁ ୨ଟି ବ୍ୟାଟେରି ଚୋରି କରିଥିବା କହିବାରୁ ପୋଲିସ ୨ ବ୍ୟାଟେରୀକୁ ଜବତ କରିଛି। ଏମାନଙ୍କ ମଧ୍ୟରୁ ଦିଲୀପ ଓ ପ୍ରଦୀପଙ୍କ ନାମରେ ସତ୍ୟବାଦୀ ଥାନାରେ ଅନେକ ମାମଲା ରହିଛି।

### ନନ୍ଦନକାନନରେ ବିଶ୍ୱ ପରିବେଶ ଦିବସ

ବାରଙ୍ଗ,୫।୬(ଡି.ଏନ.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନନ୍ଦନକାନନ କନଫରେନ୍ସ ଗୃହରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ଉପରେ ନିଜ ନିଜର ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଚଳିତବର୍ଷର ପରିବେଶ ସୁରକ୍ଷା ବାର୍ତ୍ତା ରହିଥିଲା 'ପ୍ଲାଷ୍ଟିକ ପ୍ରଦୂଷଣକୁ ପରାସ୍ତ କରିବା' (ବିଟ୍ ପ୍ଲାଷ୍ଟିକ ପଲ୍ୟୁଶନ)। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ଏନ୍ ଯୋଗଦେଇଥିଲେ। ଏ ନେଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଉପନିର୍ଦ୍ଦେଶକ ଅର୍ଥରାଶି ପ୍ରଦାନ ସହ ପୁରସ୍କୃତ କରିଥିଲେ।

# ଜନଶୁଣାଣି ଶିବିର ପ୍ରତି ଭରସା ତୁଟୁଛି

ଖୋର୍ଦ୍ଧା ଅଫିସ,୫।୬

କରୋନା ସଂକ୍ରମଣ ହଟିବା ପରେ ଜିଲା ପ୍ରଶାସନ ପକ୍ଷରୁ ୨୦୨୨ରୁ ଜିଲାସ୍ତରରେ ପ୍ରତି ସୋମବାର ବିଭିନ୍ନ ବ୍ଲକରେ ଜନଶୁଣାଣି ଶିବିର ଚାଲିଛି। ଶିବିରର ଉଦ୍ଦେଶ୍ୟ ଗୋଟିଏ ସ୍ଥାନରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଲୋକଙ୍କ ସମସ୍ୟା ସମାଧାନ କରାଯିବ। ପ୍ରଥମେ ଜନଶୁଣାଣିରେ ପ୍ରବଳ ଭିଡ଼ ଜମୁଥିଲା। ଅଭିଯୋଗ ପାଇଁ ଘଣ୍ଟା ଘଣ୍ଟା ଧରି ଲୋକେ ଧାଡିରେ ଛିଡ଼ାହୋଇ ରହୁଥିଲେ। ବ୍ୟକ୍ତିଗତ ଏବଂ ସାମୂହିକ ସମସ୍ୟା ନେଇ ଲୋକେ ଆସୁଥିଲେ। ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗ କରୁଥିଲେ। ଜନଶୁଣାଣି ଦୀର୍ଘ ସମୟ ଧରି ଚାଲୁଥିଲା। ଲୋକଙ୍କ ସଂଖ୍ୟାକୁ ଦେଖି ବ୍ୟାପକ ବ୍ୟବସ୍ଥା ମଧ୍ୟ କରାଯାଉଥିଲା। ତେବେ ଗତ କିଛିମାସ ହେବ ଜନଶୁଣାଣି ଶିବିରରେ ଅଭିଯୋଗକାରୀଙ୍କ ସଂଖ୍ୟା କମିବାରେ ଲାଗିଛି। ଆଉ ଆଗଭଳି ଭିଡ଼ ହେଉନି କି ଅଭିଯୋଗକାରୀଙ୍କ ଦେଖାନାହିଁ। ପୂର୍ବରୁ ଶହେ ଉପରେ ଅଭିଯୋଗ ଆସୁଥିବା ବେଳେ ଏବେ ଏହି ସଂଖ୍ୟା ୩୦ରେ ପହଞ୍ଚିଲାଣି। ଜନଶୁଣାଣି ଶିବିରରେ ଗତ କିଛିମାସର ଅଭିଯୋଗ ସଂଖ୍ୟାକୁ ଦେଖିଲେ ଏହା ସ୍ପଷ୍ଟ ବାରିହୋଇପଡୁଛି। ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଠିକ୍‌ଭାବେ ପଞ୍ଚାୟତ ସ୍ତରରେ ଅବଗତ କରାଯାଉନାହିଁ କିମ୍ବା ଲୋକଙ୍କୁ ସଚେତନ କରାଯାଉନାହିଁ। ଫଳରେ ଜନଶୁଣାଣି ଶିବିର ଏବେ ଜନଶୂନ୍ୟ ହୋଇପଡୁଛି। ଏଥିଲାଗି ପ୍ରଶାସନିକ ଅବହେଳା ଏବଂ ଜନପ୍ରତିନିଧିଙ୍କ ଦାୟିତ୍ୱହୀନତାକୁ ସାଧାରଣରେ ଦାୟୀ କରାଯାଇଛି। ଅନ୍ୟପକ୍ଷରେ ଜନଶୁଣାଣିରେ ହେଉଥିବା ଅଭିଯୋଗ ଉପରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି ବୋଲି ଚର୍ଚ୍ଚା ହେଉଛି।

### ଏମାନେ ଯାହା କୁହନ୍ତି...

" ସରକାରଙ୍କ ଜନଶୁଣାଣି ଶିବିର ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଜନଶୁଣାଣିକୁ ଆସୁଥିବା ଗୋଷ୍ଠୀଗତ, ସାମୂହିକ ସମସ୍ୟାର ସମାଧାନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ଲୋକଙ୍କ ସମସ୍ୟା ସମାଧାନ ପ୍ରତି ସ୍ଥାନୀୟସ୍ତରରେ କ'ଣ ପଦକ୍ଷେପ ଗ୍ରହଣ କରାଗଲା, ପରବର୍ତ୍ତୀ ସମୟରେ ତାହାର ତର୍ଜମା କରାଯାଉନାହିଁ।

**-ଶୋଭନ ଘୋଷ, ଖୋର୍ଦ୍ଧା ସିଟିଜେନ ଫୋରମ ଆବାହକ**

" ଆଗଭଳି ଜନଶୁଣାଣିରେ ଯେଉଁ ତ୍ୱରିତ ନ୍ୟାୟ ମିଳୁଥିଲା ତାହା ଏବେ ଉପଲବ୍ଧ ହେଉନାହିଁ। ଜିଲାପାଳଙ୍କ ତାଗିଦ୍, ନିର୍ଦ୍ଦେଶ ସତ୍ତ୍ୱେ ସ୍ଥାନୀୟସ୍ତରରେ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ଜନଶୁଣାଣି ଶିବିର ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି।

**-ରଣଜିତ ମହାପାତ୍ର, ଖୋର୍ଦ୍ଧା ଜନ ଜାଗରଣ ମଞ୍ଚ ଆବାହକ**

" କେବଳ ସରକାରୀସ୍ତରରେ କାଗଜକଲମରେ ଶୁଣାଣି ଚାଲିଛି। ଏଭଳି ଚାଲିଲେ ଆଗକୁ କେବଳ ଅଫିସରମାନେ କକ୍ଷରେ ବସିଥିବେ, ବାହାରେ ଲୋକ ନ ଥିବେ। ପ୍ରଶାସନ ପକ୍ଷରୁ ଆସୁଥିବା ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନିଆଗଲେ, ଲୋକଙ୍କର ଶୁଣାଣି ପ୍ରତି ଆସ୍ଥା ବଢ଼ିବ। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ।

**-ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା ନେତା**

" ଜିଲାସ୍ତରରେ ଜନଶୁଣାଣି ଶିବିର ଆୟୋଜନ କରାଯାଉଛି। ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପ୍ରତି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ଚିକିତ୍ସାଗତ ସମସ୍ୟାରେ ଲୋକଙ୍କୁ ସିଏମଆରଏଫ୍‌ରୁ ଆର୍ଥିକ ସହାୟତା, ସାମୂହିକ ସମସ୍ୟା ସମାଧାନ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ଆଗକୁ ଏହା ବ୍ୟାପକ କରାଯିବ।

**-କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପାଳ**

### ଜନଶୁଣାଣି ଶିବିରରେ ୩୦ ଅଭିଯୋଗ




ଜନଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଅଫିସ,୫।୬

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ମିଳିତ ଅଭିଯୋଗ ଶୁଣାଣି ଶିବିର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୩୦ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ୨୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩ଟି ବିଭିନ୍ନ ଗୋଷ୍ଠୀଗତ ସମସ୍ୟା ରହିଥିଲା। ସେଥିରୁ ୨ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇ ଜଣଙ୍କୁ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି (ସିଏମ୍‌ଆରଏଫ୍)ରୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### 'ଭାଷା ସୁରକ୍ଷା' ଉନ୍ମୋଚିତ

ଭୁବନେଶ୍ୱର, ୫।୬ (ବ୍ୟୁରୋ)

ଭାଷା ହେଉଛି ଗୋଟିଏ ଜାତିର ପରିଚୟ ତଥା ଜାତିର ସର୍ବୋତ୍ତମ ବୌଦ୍ଧିକ ସମ୍ପଦ। ଭାଷା ହିଁ ମଣିଷ ସହିତ ମଣିଷକୁ, ଜାତି ସହିତ ଜାତିକୁ ଓ ସଂସ୍କୃତି ସହିତ ସଂସ୍କୃତିକୁ ଯୋଡ଼ିଥାଏ। ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଆମ ଓଡ଼ିଆ ଭାଷା ଏବେ ବି ଶୋଚନୀୟ ଓ ଚିନ୍ତାଜନକ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି। ଏକଦା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ନେତୃତ୍ୱରେ ଗଠିତ 'ଭାଷା ସୁରକ୍ଷା ସମ୍ମିଳନୀ' ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ରାଜ୍ୟରେ ଦୁର୍ବାର ଜନଆନ୍ଦୋଳନ ତିଆରି କରିଥିଲା। ଏହା ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲା, ଯାହାର ସାମୟିକ ସୁଫଳ ଓଡ଼ିଆ ଭାଷା ପାଇଥିଲା। ମାତ୍ର ସ୍ୱର୍ଗତ ପରିଡ଼ାଙ୍କ ପରେ ଭାଷା ସୁରକ୍ଷା ସମ୍ମିଳନୀର ଆନ୍ଦୋଳନ ଶିଥିଳ ହେବା ସହ ଏହାର କାର୍ଯ୍ୟକ୍ରମ ସ୍ଥିର ହୋଇଯାଇଥିଲା। ବର୍ତ୍ତମାନ ସମୟରେ 'ଭାଷା ସୁରକ୍ଷା ସମ୍ମିଳନୀ' ଓ ଏହାର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ଅଭାବବୋଧ ବେଶ୍ ଅନୁଭବ ହେଉଛି ବୋଲି ସୋମବାର ଅନୁଷ୍ଠିତ 'ଭାଷା ସୁରକ୍ଷା' ପତ୍ରିକା ଉନ୍ମୋଚନ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଥିଲେ। 'ଭାଷା ସୁରକ୍ଷା ସମ୍ମିଳନୀ'ର କର୍ଣ୍ଣଧାର ତଥା ପୂର୍ବତନ ରାଜ୍ୟସଭା ଏମ୍‌ପି ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାଷା ସୁରକ୍ଷା ସମ୍ମିଳନୀ'ର ମୁଖପତ୍ର 'ଭାଷା ସୁରକ୍ଷା'ର ତୃତୀୟ ସଂଖ୍ୟା ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଯାଇଛି।




ଖୋର୍ଦ୍ଧା ରୋଟାରୀ କ୍ଲବ ଏବଂ ଓଡ଼ିଶା ମୋ ପରିବାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ

### ୨୫୮ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା ଅଫିସ,୫।୬

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପାଇଁ ଖୋର୍ଦ୍ଧା ରୋଟାରୀ କ୍ଲବ ଏବଂ ଓଡ଼ିଶା ମୋ ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୨୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ରୋଟାରୀ ସଭାପତି ତଥା ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ସମ୍ପାଦକ ରୁଦ୍ରନାଥ ଦତ୍ତ, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ କୁମାର ହୋତା, ଛାତ୍ରନେତା ବିଶ୍ୱଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରୀ ଚେୟାରମ୍ୟାନ ସବ୍ୟସାଚୀ ଚକ୍ରବର୍ତ୍ତୀ, ରୋଟାରିଆନ ଦେବୀପ୍ରସାଦ ମଜୁମ୍‌ଦାର, ଡା. ଅମିୟ ଜେନାମଣି, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ମନୋଜ ପ୍ରଧାନ, ସୁକାନ୍ତ ନାୟକ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଜଟଣୀସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଧାୟକ ମିତ୍ର, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଦିଲୀପ କୁମାର ହୋତା ଏବଂ କଲେଜ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ରକ୍ତ ଦାନ କରିଥିଲେ। ଉଭୟ ଶିବିରରୁ ମୋଟ ୨୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କର ଅରୁଣ ସାହୁ, ଅନିରୁଦ୍ଧ ସ୍ୱାଇଁ, ଝୁନୁଲତା ସାହୁ, ଝାନ୍‌ସିରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

### ପିଲାଙ୍କ କାନ୍‌ଭାସରେ ସଚେତନତା ବାର୍ତ୍ତା




ଖୋର୍ଦ୍ଧା ଅଫିସ,୫।୬

ପରିବେଶ ସ୍ୱଚ୍ଛ ରହିଲେ ସମସ୍ତେ ସୁସ୍ଥ ଜୀବନଯାପନ କରିବେ। ବିଶ୍ୱ ପରିବେଶ ଦିବସ-୨୦୨୩ ପ୍ରସଙ୍ଗ ରହିଛି 'ପ୍ଲାଷ୍ଟିକ୍ ପ୍ରଦୂଷଣର ସମାଧାନ।' ଏହି ଅବସରରେ ଖୋର୍ଦ୍ଧା ସିଗ୍‌ମା ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ୍ ଏବଂ ଚିତ୍ର ଆଙ୍କି ବୃକ୍ଷରୋପଣ, ଧରିତ୍ରୀର ସୁରକ୍ଷା, ବୃକ୍ଷ କାଟିବା ଉପରେ ରୋକ୍ ଲଗାଇବା ଏବଂ ପ୍ଲାଷ୍ଟିକ୍ ସାମଗ୍ରୀ ବର୍ଜନ କରିବା ଉପରେ ସଚେତନତା ସୃଷ୍ଟି କରିଛନ୍ତି। ପ୍ଲାଷ୍ଟିକ ବ୍ୟବହାର କମାଇବା, ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ସଚେତନତାର ବାର୍ତ୍ତା ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହ ଅବକାଶ ଚାଲୁଥିବାରୁ ଛାତ୍ରୀଛାତ୍ରମାନେ ଘରେ ରହି ପରିବେଶ ଦିବସ ସମ୍ପର୍କରେ ବିଭିନ୍ନ ଚିତ୍ର ଆଙ୍କି ସୋସିଆଲ ମିଡିଆରେ ପ୍ରଚାର କରିଛନ୍ତି। କେତେଜଣ ଛାତ୍ରୀଛାତ୍ର ପରିବେଶ ଦିବସ ପାଳନ ପାଇଁ ସ୍ଲୋଗାନ୍ ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ଅଭିନବ ଉଦ୍ୟମ ପାଇଁ ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ସମସ୍ତ ସହଯୋଗ କରିଛନ୍ତି। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ପରିବେଶ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ସ୍କୁଲ ଅଧ୍ୟକ୍ଷା ସବୁଜ ସୁନ୍ଦର ତଥା ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଠନ ଲାଗି ଆହ୍ୱାନ ଦେଇଛନ୍ତି।

# ରୂପଦେଇପୁରରେ ନାଗାଯାତ୍ରା ଆରମ୍ଭ

ପିପିଲି,୫।୬ (ଡି.ଏନ୍.ଏ.)

ପିପିଲି ବ୍ଲକ ଅଧୀନ ରୂପଦେଇପୁରରେ ଓଡ଼ିଶା ପ୍ରସିଦ୍ଧ ନାଗାଯାତ୍ରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଯାତ୍ରା ୨ ଦିନ ଧରି ଚାଲିବ। ଏହି ପାରମ୍ପରିକ ଯାତ୍ରାରେ ମହୁରି, ନାଗରା ବୀରବାଦ୍ୟରେ ନାଗାଧାରୀମାନେ ନାଗାନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ହଜାର ହଜାର ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପରମ୍ପରା ଅନୁଯାୟୀ, ଶ୍ରୀଜୀଉମାନେ ସ୍ନାନମଣ୍ଡପରେ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରଦିନ ଭୋର ସମୟରେ ଦାରୁଦିଅଁଙ୍କୁ ଅଣସର ଘରକୁ ନିଆଯିବା ସମୟରେ ପ୍ରତ୍ୟେକ ଜାଗାର ବୀରମାନେ ନାଗାନୃତ୍ୟ ପରିବେଷଣ କରି ପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ଚତୁର୍ଦ୍ଧାମୂର୍ତ୍ତି ଅଣସରକୁ ବିଜେ କରିଥିଲେ। ଏହି ଜାଗାଗୁଡ଼ିକ ମଧ୍ୟରେ ବଲ୍ଲଭ ଜାଗା, ବ୍ରହ୍ମା ଜାଗା, ଗୋପାଳି ଜାଗା, ବାଲିଜାଗା, ମାଣକୁଣ୍ଡ ଜାଗା, ବାଜେଣି ଜାଗା, ତାରେଣୀ ଜାଗା ଅନ୍ୟତମ। ମଙ୍ଗଳବାର ହଳଦୀପାଣି ଯାତ୍ରା ହେବ। ଚଳିତବର୍ଷ ୨୦ ଗୋଟି ବଡ଼ ନାଗା ସହିତ ଅନେକ ଛୋଟ ନାଗା କରାଯାଇଛି। ନାଗାଗୁଡ଼ିକ ଅନେକ ବଡ଼ ହୋଇ ମେଢ଼ର ମରୀଚିକା ସୃଷ୍ଟି କରୁଥିବା ସହ ଦର୍ଶକଙ୍କୁ ବିମୋହିତ କରୁଛି। ହଳଦୀପାଣି ଯାତ୍ରା ରାତି ୮ଟାରୁ ୧୨ଟା ପର୍ଯ୍ୟନ୍ତ କରାଯିବ। ପରେ ଶ୍ରୀମନ୍ଦିର ପକ୍ଷରୁ ଶାଢ଼ି ଦ୍ୱାରା ସମ୍ମାନିତ କରାଯିବ ବୋଲି ମନ୍ଦିରର ମୁଖପାତ୍ର ଆଇନଜୀବୀ ସତ୍ୟପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି।

# ଅବନୀ ବରାଳଙ୍କ ୮୯ତମ ଜୟନ୍ତୀ



ଅବନୀ ବରାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୫।୬

ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ପ୍ରଫେସର ଅବନୀ କୁମାର ବରାଳଙ୍କ ୮୯ତମ ଜୟନ୍ତୀ ସ୍ଥାନୀୟ ଡାକବଙ୍ଗଳାଠାରେ ପାଳିତ ହୋଇଯାଇଛି। ପ୍ରଥମେ ଜେଲରୋଡ୍‌ରେ ଏବଂ ପଲ୍ଲୀ ଓଷ୍ଟା ଅଫିସରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରାରମ୍ଭରୁ ବାଲେଶ୍ୱରଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଦିବଂଗତ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ନେତା ସାରଦା ପ୍ରସନ୍ନ ମହାପାତ୍ର, ପ୍ରଫେସର ଅମିୟ କୁମାର ମହାନ୍ତି, ନିକୁଞ୍ଜ କିଶୋର ମହାନ୍ତି, ପ୍ରଫେସର ଦୁଷ୍ମନ୍ତ କୁମାର ନାୟକ, ଧନଞ୍ଜୟ କେଶରୀ ରାଉତରାୟ, ଦିବାକର ପରମଗୁରୁ, ବିରଞ୍ଚି ନାରାୟଣ ସାମନ୍ତରାୟ, ଅଗାଧୁ ସେଠୀ, ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଷ୍ଟା ସମ୍ପାଦକ ସୁଧାକର ମହାପାତ୍ର, ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସ୍ୱର୍ଗତ ବରାଳଙ୍କ ବଡ଼ପୁଅ ଆକାଶ କୁମାର ବରାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ବେଗୁନିଆ/ବୋଲଗଡ଼/ବାଲୁଗାଁ/ଗମ୍ଭାରିମୁଣ୍ଡା, ୫।୬ (ଡି.ଏନ୍.ଏ.)

ବେଗୁନିଆ ପଞ୍ଚାୟତ ଅନ୍ତର୍ଗତ ଭୂଇଁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ.ସୁନନ୍ଦ ଚନ୍ଦ୍ର ପ୍ରଧାନ, ରସାୟନବିତ୍ ଡ.ହରିପ୍ରସାଦ ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ପରେ ପଣ୍ଡିତ ଦୀନବନ୍ଧୁ ମହାପାତ୍ର ମଙ୍ଗଳାଚରଣ ପାଠ କରିଥିଲେ। ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। 'ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ' ଶୀର୍ଷକ ଆଲୋଚନା ଓ କବିତାପାଠ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ପରେ ଉପସ୍ଥିତ ଅତିଥି ଓ ସମସ୍ତ ସଦସ୍ୟମାନେ ପରିବେଶ ସୁରକ୍ଷା ପାଇଁ ସଙ୍କଳ୍ପ ନେଇଥିଲେ। କବି ପ୍ରସନ୍ନ ମଣ୍ଡଳଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ଶରତ ପଣ୍ଡା, ବସନ୍ତ ହୋତା, ପ୍ରଶାନ୍ତ ବାରିକ, ପ୍ରଦୀପ୍ତ କିଶୋର ତ୍ରିପାଠୀ, ବ୍ରଜବନ୍ଧୁ ପଣ୍ଡା, ମଲ୍ଲି ରାଉତରାୟଙ୍କ ସହିତ ପିଲାମାନେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ଲକ୍ଷ୍ମୀପ୍ରିୟା ଧନ୍ୟବାଦ ଦେଇଥିଲେ।

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଡାବରଧୁଆପାଟଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବନ ସୁରକ୍ଷା ସମିତି ମହାସଂଘ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ସରପଞ୍ଚ ବିଜୟ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମହାସଂଘ ସଭାପତି ଯୋଗେନ୍ଦ୍ର ଶ୍ରୀଚନ୍ଦନ ମିଳିତ ଯୁବକ ସଂଘର ସମ୍ପାଦକ ଭାଗୀରଥି ଦାସଙ୍କ ସଂଯୋଜନାରେ ଅବସରପ୍ରାପ୍ତ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଦାସ, ଶିକ୍ଷକ ଭାଲୁ ସୁବୁଦ୍ଧି, ପୂର୍ବତନ ସମିତିସଭ୍ୟ ଗୋଲଖ ଚନ୍ଦ୍ର ରାଉତ, ଉପେନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଓ ପଲିଥିନ ନିଷେଧ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ବକ୍ତୃତା, କୁଇଜ୍‌ରେ ଅଂଶଗ୍ରହଣ କରିଥିଲେ। ମହିଳା ଗୋଷ୍ଠୀ ସଦସ୍ୟାମାନେ ନିଜ ବଗିଚାରେ ପାକଶାଳା କରିବା ପାଇଁ ଚେଷ୍ଟା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଧ୍ରୁବଚରଣ ମହାପାତ୍ର କୁଇଜ୍ ପରିଚାଳନା କରିଥିବା ବେଳେ ମହାସଂଘ ସଭାପତି ଯୋଗେନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ଅଞ୍ଚଳର ମହିଳା ଗୋଷ୍ଠୀ, ୱାର୍ଡମେମ୍ବର, ଗ୍ରାମ୍ୟ କମିଟି ସଭ୍ୟ, ବନ ସୁରକ୍ଷା ସମିତି ସଭ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ କରାଯାଉଛି।

ଚିଲିକା-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ରବିବାର ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀଙ୍କ ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିଆନ ଡ. କୈଳାସ ଚନ୍ଦ୍ର ମହାରଣା, ଜାନକୀ ବଲ୍ଲଭ ପଟ୍ଟନାୟକ, ସତ୍ୟେନ୍ଦ୍ର ସ୍ୱାଇଁ, ଭାଗୀରଥି ସ୍ୱାଇଁଙ୍କ ସମେତ ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଡ. ଅକ୍ଷୟ କୁମାର ମିଶ୍ର ଓ କ୍ୟାଡେଟ୍‌ମାନେ ସ୍ଥାନୀୟ କୁମ୍ଭାରପଡା ଗ୍ରାମ ପୋଖରୀ ଚାରିପଟେ ଚାରା ରୋପଣ କରିଥିଲେ। ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ କ୍ୟାଡେଟ୍‌ମାନେ ବାଲୁଗାଁ ବଜାରରେ ଏକ ଶୋଭାଯାତ୍ରା କରିବା ପରେ ଚିଲିକା କୂଳରେ ପ୍ଲାଷ୍ଟିକ୍ ସଫେଇ କରିଥିଲେ। ଏହି ଅବସରରେ ତାମିଲନାଡୁ ସରକାରଙ୍କ ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ରୋଟାରିଆନ ଆଶୁତୋଷ ସାମନ୍ତସିଂହାର ଅତିଥିଭାବେ ଯୋଗଦେଇ ଏନ୍‌ସିସି କ୍ୟାଡେଟ ଓ ରୋଟାରିଆନଙ୍କୁ ଚିଲିକାର ସୁରକ୍ଷା, ପ୍ଲାଷ୍ଟିକ୍‌ମୁକ୍ତ ଚିଲିକା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ବଡ଼କୁଳସ୍ଥିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଅବସରରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାର ସିଧା ପ୍ରସାରଣରେ ଅଂଶଗ୍ରହଣ କରିଥିଲେ।

ବାଣପୁର ବିଜ୍ଞାପିତ ଅଞ୍ଚଳ ଅଧୀନ ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ରସାୟନ ଶାସ୍ତ୍ରର ମୁଖ୍ୟ ଡ. ଆର୍.ଏନ୍.ଏସ୍. ବର୍ମା, ଗୁରୁକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ପରିବେଶକୁ ପ୍ଲାଷ୍ଟିକ୍‌ମୁକ୍ତ ରଖିବା ପାଇଁ ଅଧ୍ୟକ୍ଷ ହୋତା ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୬।୨୦୨୩

| | |
|---|---|
| ୧,୯୨,୪୧୭ ଟଙ୍କା | |
| ସୁନା | ୯୫୦ ମିଲି ଗ୍ରାମ୍ |
| ରୁପା | ୩,୬୦୦ ଗ୍ରାମ୍ |

# ରୂପଦେଇପୁରରେ ନାଗାଯାତ୍ରା ଆରମ୍ଭ

ପିପିଲି,୫।୬(ଡି.ଏନ୍.ଏ.)

ପିପିଲି ବ୍ଲକ ଅଧୀନ ରୂପଦେଇପୁରରେ ଓଡ଼ିଶା ପ୍ରସିଦ୍ଧ ନାଗାଯାତ୍ରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଯାତ୍ରା ୨ ଦିନ ଧରି ଚାଲିବ। ଏହି ପାରମ୍ପରିକ ଯାତ୍ରାରେ ମହୁରି, ନାଗରା ବୀରବାଦ୍ୟରେ ନାଗାଧାରୀମାନେ ନାଗାନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ହଜାର ହଜାର ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପରମ୍ପରା ଅନୁଯାୟୀ, ଶ୍ରୀଜୀଉମାନେ ସ୍ନାନମଣ୍ଡପରେ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରଦିନ ଭୋର ସମୟରେ ଦାରୁଦିଅଁଙ୍କୁ ଅଣସର ଘରକୁ ନିଆଯିବା ସମୟରେ ପ୍ରତ୍ୟେକ ଜାଗାର ବୀରମାନେ ନାଗାନୃତ୍ୟ ପରିବେଷଣ କରି ପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ଚତୁର୍ଦ୍ଧାମୂର୍ତ୍ତି ଅଣସରକୁ ବିଜେ କରିଥିଲେ। ଏହି ଜାଗାଗୁଡ଼ିକ ମଧ୍ୟରେ ବଲ୍ଲଭ ଜାଗା, ବ୍ରହ୍ମା ଜାଗା, ଗୋପାଳି ଜାଗା, ବାଲିଜାଗା, ମାଣକୁଣ୍ଡ ଜାଗା, ବାଜେଣି ଜାଗା, ତାରେଣୀ ଜାଗା ଅନ୍ୟତମ। ମଙ୍ଗଳବାର ହଳଦୀପାଣି ଯାତ୍ରା ହେବ। ଚଳିତବର୍ଷ ୨୦ ଗୋଟି ବଡ଼ ନାଗା ସହିତ ଅନେକ ଛୋଟ ନାଗା କରାଯାଇଛି। ନାଗାଗୁଡ଼ିକ ଅନେକ ବଡ଼ ହୋଇ ମେଢ଼ର ମରୀଚିକା ସୃଷ୍ଟି କରୁଥିବା ସହ ଦର୍ଶକଙ୍କୁ ବିମୋହିତ କରୁଛି। ହଳଦୀପାଣି ଯାତ୍ରା ରାତି ୮ଟାରୁ ୧୨ଟା ପର୍ଯ୍ୟନ୍ତ କରାଯିବ। ପରେ ଶ୍ରୀମନ୍ଦିର ପକ୍ଷରୁ ଶାଢ଼ି ଦ୍ୱାରା ସମ୍ମାନିତ କରାଯିବ ବୋଲି ମନ୍ଦିରର ମୁଖପାତ୍ର ଆଇନଜୀବୀ ସତ୍ୟପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି।



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

## ୩ରଥରେ ସଂଯୋଗ ହେଲା ତୃତୀୟ ଭୂଇଁ



ପୁରୀ ଅଫିସ, ୫।୬:

### ରଥଖଳାରୁ ...

ଦାରୁଦେବତାଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସ୍ନାନପୂର୍ଣ୍ଣିମା ତିଥିରେ ତିନିରଥରେ 'ଚଉଦ ନାହାକା' ଖମ୍ବୀ ପ୍ରତି ରଥର ଚାରି ନାହାକାଠାରୁ ଅଢେଇ ଫୁଟ ବ୍ୟବଧାନରେ ବୁଲିବା ସହ ପ୍ରଥମ ଭୂଇଁ ଛ'କାଠିରେ ପାଖୁଡା ସଂଯୋଗ ହୋଇ ମଝିଭୂଇଁ ଫ୍ରେମ୍ ସଂଯୋଗ ହୋଇଥିଲା। ସୋମବାର ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥର ଆଗଆଣି 'ଢମକ' ପଡ଼ିବା ସହ ଦର୍ପଦଳନ ରଥର ଆଗଆଣି ଓ ପଛଆଣି ଢମକ ପଡ଼ି କଣ୍ଠାବାଡ଼ିଆ ଶେଷ ହୋଇଛି। ଏହି ଢମକ ଚାରିନାହାକାର ଭିତରପଟ ଓ ବାହାର ପଟକୁ କାଗି ପଡ଼ିଛି। ଏହା ଉପରେ ବେଦି ନିର୍ମାଣ ପାଇଁ ପଟା ବାଡ଼ିଆ ହେବ। ତୃତୀୟ ଭୂଇଁ ବା ଅଗ ଭୂଇଁ ଫ୍ରେମ୍ ନିର୍ମାଣ ଶେଷ ପରେ ତିନିରଥରେ ସଂଯୋଗ ହୋଇଛି। ଏହି ତୃତୀୟ ଭୂଇଁ ୪ଟି ଚଉତା ବର୍ଗାକାରରେ ସଂଯୋଗ ହୋଇ ତା'ର ଚାରିକୋଣରେ ୪ଟି ଭୂଇଁଗୋଡ଼ ଉଠି ଭୂଇଁର ଚାରିପଟ ପ୍ରତି ପାର୍ଶ୍ୱରେ ୬ଟି ଲେଖାଏ ଛିଆଣ ସଂଯୋଗ ହୋଇ ତୃତୀୟ ଭୂଇଁ ବା ଅଗ ଭୂଇଁ ଉଠିଛି। ରୂପକାର ସେବକମାନେ ତିନିରଥର ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିବା ସହ ତିନିରଥର ଗୋଟିଏ ଗୋଟିଏ ଧୂଳିଦଣ୍ଡାରେ ପଦ୍ମ ଡାଳି ଲତା ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୋଦେଇ ଶେଷ ପରେ ଚିତ୍ରକାରମାନେ ସେଥିରେ ରଙ୍ଗ ଚିତ୍ର କରିବେ। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ତୃତୀୟ ଭୂଇଁ କଣ୍ଟା ନିର୍ମାଣ ସାରି ରଥଖଳାକୁ ଯୋଗାଇବା ପରେ ତିନି ରଥର ପୋଟଳ କଣ୍ଟା, ମୂଳ କଇଁଚି କଣ୍ଟା ଏବଂ ତାଗ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ

ପୁରୀ ଅଫିସ, ୫।୬: ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସୋମବାର ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ମିଶନ ଓଡ଼ିଶା ସହଯୋଗରେ ଚାରା ରୋପଣ କରାଯାଇଛି। ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ ଚଳିତବର୍ଷର ପରିବେଶ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମିଷ୍ଟି' ସଂକଳ୍ପ କରାଇବା ପରେ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ବଦ୍ରି ମିଶ୍ର, ଅଧ୍ୟାପକ ବିଶ୍ୱନାଥ ମିଶ୍ର, ସୌମ୍ୟରଞ୍ଜନ ପାତ୍ର, ପ୍ରଫେସର ଅନୁପମା ପୃଷ୍ଟି, ଡ. ଦାମୋଦର କୁମାର ସିଂଦେଓ, ମହେଶ କୁମାର ପାଣିଗ୍ରାହୀ, ସୁଶାନ୍ତ କୁମାର ଶତପଥୀ, ସୁଶାନ୍ତ କୁମାର ରାୟ, ବିଶ୍ୱନାଥ ମିଶ୍ର, ନବୀନ କୁମାର ପ୍ରଧାନ, ଅଜୟନନ୍ଦ ସାହୁ ଉପସ୍ଥିତ ଥିଲେ। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ, ମିଶନ ଓଡ଼ିଶା, ନିର୍ମାଲ୍ୟ ଏବଂ ଓଡ଼ିଶା ଯୁବ ଚେତନା ସଙ୍ଗଠନର ମିଳିତ ସହଯୋଗରେ ପାଞ୍ଚ ହଜାର ଗଛ ଲଗାଯିବ ବୋଲି ଘୋଷଣା କରାଯାଇଛି।

### ନୂତନ ବ୍ଲକ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଣାସ,୫।୬(ସ୍ୱ.ପ୍ର): କଣାସ ବ୍ଲକର ନୂତନ ଶିକ୍ଷାଧିକାରୀ ଭଗମ୍ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଗୁରୁବାର ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପୂର୍ବରୁ ଥିବା ବ୍ଲକ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ମିଶ୍ର ଓ ସହ-ଶିକ୍ଷାଧିକାରୀ ମିନାକ୍ଷୀ ମହାପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ଓ ବ୍ଲକ ସାଧନକେନ୍ଦ୍ର ସଂଯୋଜକମାନଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ତଥା ନୂତନ ଶିକ୍ଷାଧିକାରୀ ଭଗମ୍ ପ୍ରଧାନଙ୍କୁ ବ୍ଲକର ସମସ୍ତ କର୍ମଚାରୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ନୂତନ ବ୍ଲକଶିକ୍ଷାଧିକାରୀ ପ୍ରଧାନ ବିଦାୟୀ ଶିକ୍ଷାଧିକାରୀ ମିଶ୍ର ଏବଂ ସହଶିକ୍ଷାଧିକାରୀ ମହାପାତ୍ରଙ୍କ କାର୍ଯ୍ୟଦକ୍ଷତାରେ ସମସ୍ତେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେବା ସହ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଆର୍‌ସିସି ଭୂପତି ତ୍ରିପାଠୀ, ସତ୍ୟପ୍ରିୟ ମଙ୍ଗରାଜ, ସସ୍ମିତା ଜାଲି, ସର୍ବେଶ୍ୱର ଦାଶ, ଅଜୟ ବେହେରା, ବିଆରପି ପ୍ରଶାନ୍ତ ବେହେରା, ବାପୁଜୀ ହରିଚନ୍ଦନ, ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ମହାପାତ୍ର, ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ଅବସର ନେଇଥିବା ଶିକ୍ଷକ ପ୍ରଦୀପ କୁମାର ବେହେରା, ପୁରୁଷୋତ୍ତମ ପାଲଟାସିଂହ ଓ ଜେମାମଣି ଦେଇଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହଶିକ୍ଷାଧିକାରୀ ନାରାୟଣ ପ୍ରଧନଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ରଶ୍ମିରଞ୍ଜନ ଦାଶ, ମାନସରଞ୍ଜନ ବିଶ୍ୱାଳ, ସିଆର୍‌ସିସି ଦାମୋଦର ସୁନ୍ଦରାୟ, ସନ୍ତୋଷ ବେହେରା ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ନେଇ ପୋଷ୍ଟର ତିଆରି ପ୍ରତିଯୋଗିତା



ଅତିଥି ଓ ବିଚାରକଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

ପୁରୀ ଅଫିସ, ୫।୬:

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସୋମବାର ସ୍ଥାନୀୟ ଦେବୀଘାଟସ୍ଥିତ ଓଡ଼ିଶା କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜି-୨୦ର ଚତୁର୍ଥ ଏଜୁକେଶନ ୱାର୍କିଂ ଗ୍ରୁପ ମିଟିଂ ଦ୍ୱାରା ଜନ ଭାଗୀଦାରିକୁ ଗୁରୁତ୍ୱ ଦିଆଯାଇ ଏହି କାର୍ଯ୍ୟକ୍ରମ କରିବା ଏହାର ମୂଳ ଲକ୍ଷ୍ୟ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଣ୍ଟରପ୍ରିନ୍ୟୁରଶିପ୍, ନେହେରୁ ଯୁବକେନ୍ଦ୍ର, ସମ୍ପର୍କ ଏବଂ ସିଦ୍ଧ ରିସର୍ଚ୍ଚ ଏହାକୁ ମିଳିତ ଭାବେ ଆୟୋଜିତ କରିଥିଲେ। ପ୍ରତିଯୋଗିତାରେ ପୁରୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପରିବେଶ ଦିବସ ସଂକ୍ରାନ୍ତ ବିଷୟ ଥିଲା। ସବ୍‌ଜୁନିୟର ବର୍ଗରେ ମଦର୍ସ ପବ୍ଲିକ ସ୍କୁଲର ଅଭ୍ୟର୍ଥନା ବରାଳ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଅଭ୍ୟର୍ଥନା ମହାରଣା ଦ୍ୱିତୀୟ ଓ ମଦର୍ସ ପବ୍ଲିକ ସ୍କୁଲର ଭାଗ୍ୟଶ୍ରୀ ପଲ୍ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଜୁନିୟର୍ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୟାଶା ପଟ୍ଟନାୟକ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରଦ୍ଧା ସ୍ୱରୂପ ନନ୍ଦ ଦ୍ୱିତୀୟ ଓ ଜାଭିୟର ସ୍କୁଲର ଉଦିପ୍ତା ଉପାସନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର ବର୍ଗରେ ଓଡ଼ିଶା କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ଶୁଭମ କୁମାର ଜେନା ପ୍ରଥମ, ମିଲନ ମିଶ୍ର ଦ୍ୱିତୀୟ ଓ ପୂଜାରାଣୀ ଗିରି ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। କାର୍ଯ୍ୟକ୍ରମରେ ସିଦ୍ଧ ରିସର୍ଚ୍ଚ ସେଣ୍ଟର, ପୁରୀ ଉଦ୍ୟମିତ୍ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ପାଣିଗ୍ରାହୀ, କାଳିପ୍ରସାଦ ରଥ, ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ଜୟଶଙ୍କର ଯୋଷୀ, ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ଜଗବନ୍ଧୁ ଦାସ, ବିଶ୍ୱ ମୋହନ ରଥ, ସୁଶାନ୍ତ ମେହେର ପ୍ରମୁଖ ଯୋଗଦେଇଥିଲେ। ତୃପ୍ତିରେଖା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଚେତନ ସହ ଚାରା ଲଗାଇଲେ ଉତ୍ସର୍ଗ ସଦସ୍ୟ

ଗୋପ,୫।୬(ଡି.ଏନ୍.ଏ.)

ପରିବେଶ ହେଉଛି ଆମ ଜୀବନରେଖାର ଏକ ଅଙ୍ଗ। ଆମମାନଙ୍କୁ ବୃକ୍ଷ ରୋପଣ କରିବା ସହିତ ପରିବେଶ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସୋମବାର ବିଶ୍ୱ ପରିବେଶ ଦିବସ ଅବସର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉତ୍ସର୍ଗ ସଂଗଠନ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ଖଟୋଇ ମତ ରଖିଥିଲେ। ଉତ୍ସର୍ଗ ସଂଗଠନର ଶତାଧିକ ସଭ୍ୟ ଏହି ଅବସରରେ ଗୋପ ବ୍ଲକର ବିଭିନ୍ନ ଗାଁରେ ପରିବେଶକୁ ସୁସ୍ଥ ରଖିବା ସହିତ ଚାରା ରୋପଣ ଆମ ଲାଗି ଜରୁରୀ ବୋଲି ବିଭିନ୍ନ ପ୍ଲା କାର୍ଡ ଜରିଆରେ ଶୋଭାଯାତ୍ରା କରିଥିଲେ। ବିଭିନ୍ନ ସ୍ଥାନରେ ସଂଗଠନ ପକ୍ଷରୁ ପଥପ୍ରାନ୍ତ ସଭା କରାଯାଇ ଗ୍ରାମାଞ୍ଚଳର ଲୋକମାନଙ୍କୁ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗଠନ ସଭାପତି ଲକ୍ଷ୍ମୀଧର ବେହେରା, ବିରଞ୍ଜନ ପ୍ରଧାନ, ବିଷ୍ଣୁମୋହନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ ୫।୬(ଡି.ଏନ୍.ଏ.)

ବାଲେଶ୍ୱର ବାହାନଗାଠାରେ ଶୁକ୍ରବାର ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାରେ ୨୭୫ଜଣଙ୍କ ମୃତ୍ୟୁ ହୋଇଥିବା ୯୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମଗ୍ର ଭାରତ ବର୍ଷ ଏହି ରେଳ ଦୁର୍ଘଟଣାକୁ ନେଇ ସ୍ତବ୍ଧ ହୋଇଯାଇଥିଲା। ଏହି ଦୁଃଖଦ ଘଟଣା ନେଇ ପୃଥିବୀର କୋଣ ଅନୁକୋଣରୁ ସମବେଦନାର ସୁଅ ଛୁଟି ଚାଲିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଗୁରୁତର ଆହତଙ୍କ ପାଇଁ ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସାକ୍ଷୀଗୋପିନାଥଙ୍କ ମନ୍ଦିର ସମ୍ମୁଖରେ ଦୀପଜାଳି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ସାମ୍ବାଦିକ ଭରତ ରାଉତ, ତ୍ରିନାଥ ବେହେରା, ବରିଷ୍ଠ ସ୍ତମ୍ଭକାର ଦେବଭକ୍ତ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ରିତେଶ ରାଉତଙ୍କ ସମେତ ସ୍ଥାନୀୟ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସାହାଯ୍ୟ କରୁଥିବା ସ୍ଥାନୀୟ ଜନସାଧାରଣ, ସୈନିକ, ଡାକ୍ତର, ସେବକ, ପ୍ରସାଶକ ଏବଂ ପରିବାର ବର୍ଗ ସମସ୍ତଙ୍କୁ ଏପରି ଶୋକାକୁଳ ପରିସ୍ଥିତିରେ ଧୈର୍ଯ୍ୟ, ସାହାସ, ଶକ୍ତି ଦେବାକୁ ପ୍ରାର୍ଥନା କରିଥିଲେ।

# ଦୁର୍ଗାଦାସପୁରରେ ସ୍ନାନଯାତ୍ରା



ସ୍ନାନ ମଣ୍ଡପରେ ତିନିଠାକୁର ।

ପିପିଲି,୫।୬(ଡି.ଏନ୍.ଏ.)

ପିପିଲି ବ୍ଲକ ଅଧୀନ ଦୁର୍ଗାଦାସପୁର ଗ୍ରାମର ଜଗନ୍ନାଥ ଦେବଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦିରୁ ସ୍ନାନବେଦିକୁ ଆସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଭୋର ସମୟରେ ମନ୍ଦିରର ଦ୍ୱାରଫିଟା ନୀତି ପାଳନ, ମଇଲମ, ତଡ଼ପ ଲାଗି ଓ ଅବକାଶ ହୋଇଥିଲା। ପରେ ଗ୍ରାମର ବ୍ରାହ୍ମଣମାନେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ସ୍ନାନମଣ୍ଡପକୁ ଆଣିଥିଲେ। ସ୍ନାନବେଦିରେ ମଙ୍ଗଳାର୍ପଣ, ଆଳତି ଓ ଭୋଗଲାଗି ପରେ ମହାବିଗ୍ରହଙ୍କୁ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସ୍ନାନ ପୂର୍ବରୁ ଅଗୁର, ଚନ୍ଦନ, ଘୃତ, ମହୁ, ଗୋଚିନା, ଅଷ୍ଟଗନ୍ଧା, ସର୍ପଗନ୍ଧା, ଦେବଦାରୁ, ହରିଡ଼ା, ବାହାଡ଼ା, କୁର୍ଣ୍ଣାସାରୁ ଆଦି ଜଡିବୁଟିରେ ତିଆରି ଗୁଣ୍ଡ ସହିତ ଦହି ଓ କ୍ଷୀରର ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କୁ ୩୫ କଳସ, ବଡ଼ଭାଇ ବଳଭଦ୍ରଙ୍କୁ ୩୩ କଳସ, ମା' ସୁଭଦ୍ରାଙ୍କୁ ୨୨ କଳସ ଓ ଚକ୍ରରାଜ ସୁଦର୍ଶନଙ୍କୁ ୧୮ କଳସ ଜଳରେ ସ୍ନାନ କରାଯାଇଥିଲା। ଏହାପରେ ମୁଦିରସ୍ତ ଦିବ୍ୟବସ୍ତ୍ର ଏବଂ ଦୟଣା ଫୁଲମାଳ ଦ୍ୱାରା ଶ୍ରୀଜୀଉଙ୍କୁ ଶୋଭିତ କରାଯାଇ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଦାରୁବ୍ରହ୍ମ ଗଣପତି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଶେଷରେ ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଘରକୁ ବିଜେ କରିଥିଲେ। କାର୍ଯ୍ୟକ୍ରମକୁ ଗୋକୁଳ ଚରଣ ଦାଶ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।



ଶ୍ରୀମନ୍ଦିରକୁ ବିଜେ ପୂର୍ବରୁ ପଟିଦିଅଁଙ୍କୁ ଚିତ୍ରକର ସେବକଙ୍କ ଘରେ ପୂଜାର୍ଚ୍ଚନା କରାଯାଉଛି ।

# ପ୍ରକୃତିବନ୍ଧୁ ପୁରସ୍କାର ପାଇଲେ ଶିକ୍ଷାବିତ୍ ସୁବାସ ପ୍ରଧାନ

ଗୋପ,୫।୬(ଡି.ଏନ୍.ଏ.)

ପରିବେଶ ସୁରକ୍ଷା ଆମର ଦାୟିତ୍ୱ, ବୃକ୍ଷ ହିଁ ଆମ ଜୀବନ ରେଖାର ଏକ ମାଧ୍ୟମ ବୋଲି ସୋମବାର ଜିଲା ସ୍ତରରେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ଶିକ୍ଷକତା କରୁଥିବା ସୁବାସ ଚନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ସୁବାସ ପିଲାଟି ଦିନରୁ ଚାରା ରୋପଣ ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ସମୟରେ ଗାଁ ଓ ନିକଟସ୍ଥ ଜଙ୍ଗଲରେ ଚାରା ରୋପଣ କରିବା ପରେ ଆଉ ପଛକୁ ଚାହିଁ ନାହାନ୍ତି। ସ୍କୁଲ ଜୀବନରେ ଅନେକ କାର୍ଯ୍ୟକ୍ରମରେ ବୃକ୍ଷ ହିଁ ଜୀବନ ସହିତ ପରିବେଶକୁ ନେଇ ଅନେକ ଥର ଶିକ୍ଷାବିତ ସୁବାସ ପୁରସ୍କୃତ ହୋଇଥିଲେ। ଏପରିକି ପରିବେଶ ସୁରକ୍ଷା ନେଇ ଅନେକ କାର୍ଯ୍ୟ କରି ବିଭିନ୍ନ କଲେଜ ଓ ବହୁ ସଂଗଠନ ତରଫରୁ ମଧ୍ୟ ପୁରସ୍କାର ଲାଭ କରିଥିବା ବେଳେ ସୋମବାର ଜିଲା ସ୍ତରରେ ପ୍ରକୃତି ବନ୍ଧୁ ପୁରସ୍କାରରେ ସାମିଲ ହୋଇପାରିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ଜିଲାସ୍ତରରେ ଗୃହ ରାଷ୍ଟ୍ର ଓ କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବା ସହ ନଗଦ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସୁବାସ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ୨୦୧୦ ମସିହାରୁ ଆସିବା ପରେ ନିମାପଡ଼ା, ଗୋପ ସହିତ ଜିଲାର ବିଭିନ୍ନ ସ୍ଥାନରେ ଶହ ଶହ ଚାରା ରୋପଣ କରିଛନ୍ତି। ଏ ନେଇ ସୁବାସ କହିଛନ୍ତି, କର୍ତ୍ତବ୍ୟ ସମ୍ପାଦନ କରିବା କ୍ଷେତ୍ରରେ ଆଜି ଏହି ସ୍ଥାନରେ ପହଞ୍ଚିଥିବା ବେଳେ ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ।



ଶିକ୍ଷାବିତ୍ ସୁବାସ ପ୍ରଧାନଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଉଛି ।

# ଟ୍ରେନ୍ ଦୁର୍ଘଟଣା ମୃତାହତଙ୍କ ପାଇଁ ସମୂହ ଦୀପଦାନ

ପୁରୀ ଅଫିସ, ୫।୬:

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣାର ମୃତକ ଏବଂ ଆହତଙ୍କ ପାଇଁ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଏ ନେଇ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ପୂର୍ବତନ ଜିଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ବିଜୁ ଛାତ୍ର ଜନତା ଦଳ ନଗର ସଭାପତି ସାଗର ପାତ୍ର, ଜିଲା ଛାତ୍ର ସମ୍ପାଦକ ରାଜେଶ ତ୍ରିପାଠୀ, ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ପ୍ରସନ୍ନ ମହାପାତ୍ର, ଶଙ୍ଖମିତ୍ର ସିଂହାରୀ, ସୁରେଶ ଚନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ବିଶ୍ୱକେତନ ଦାସ, ସନ୍ଧ୍ୟାରାଣୀ ଭଟ୍ଟ, ରୋଜାଲିନ ନାୟକ ଏବଂ ପି. ମୁନି ରାଓ ପ୍ରମୁଖ ଉପସ୍ଥିତ ଥିଲେ।




ବିଜୁ ଯୁବ ଜନତା ଦଳର ପୁରୀ ଜିଲା ଶାଖା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପ ଦାନ କରାଯାଉଛି ।

# ମହାରାଜା କ୍ଲବ ଭଲିବଲ ଟୁର୍ଣ୍ଣାମେଣ୍ଟ: ବାରହଳ କ୍ଲବ ଚାମ୍ପିୟନ

ପିପିଲି,୫।୬(ସ୍ୱ.ପ୍ର.)

ପିପିଲି ପୌରାଞ୍ଚଳସ୍ଥିତ ମହାରାଜା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଟିଚର କଲୋନୀ କ୍ରିକେଟ୍ ପଡ଼ିଆରେ ଆୟୋଜିତ ରାତ୍ରକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭିଙ୍ଗାରପୁର ଭଲିବଲ କ୍ଲବକୁ ହରାଇ ନିମାପଡ଼ା ନିକଟ ବାରହଳ ଭଲିବଲ କ୍ଲବ ଚାମ୍ପିୟନ ହୋଇଛି। ଆୟୋଜକ ଅନୁଷ୍ଠାନ ପକ୍ଷରୁ ବିଜେତା ବାରହଳ କ୍ଲବକୁ ଚାମ୍ପିୟନ ଟ୍ରଫି ଓ ଭିଙ୍ଗାରପୁର କ୍ଲବକୁ ରନର୍ସ କପ୍ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ନାଗପୁର, ନିମାପଡ଼ା, ବାରହଳ, ରଥପୁର, ଭିଙ୍ଗାରପୁର, ଅଲଣ୍ଡା ଓ ପିପିଲି ଆଦି ୮ଟି ଭଲିବଲ କ୍ଲବ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ପୂର୍ବତନ ପୌର ଉପାଧ୍ୟକ୍ଷ ସୁକାନ୍ତ ଭଟ୍ଟ, ପିପିଲି ଏନ୍‌ଏସି ବିଜେଡି ସଭାପତି ଶରତ ବେହେରା, ଖବରଦାତା ରାଜକିଶୋର ସ୍ୱାଇଁ, ଚନ୍ଦ୍ରମାଧବ ମିଶ୍ର, ମନୋରଞ୍ଜନ ମହାପାତ୍ର, ପ୍ରଶାନ୍ତ ଦୀକ୍ଷିତ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାରାଜା କ୍ଲବର ସଭାପତି ସୁଶାନ୍ତ ସାହୁ, ଉପସଭାପତି ଅଜୟ ଅଗ୍ରୱାଲ, ଅନୁଷ୍ଠାନର ସମ୍ପାଦକ ତଥା ଖବରଦାତା ପ୍ରଫୁଲ୍ଲ ସାହୁ, ଏସ୍‌କେ ପପୁ ପ୍ରମୁଖ ଉକ୍ତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଜାକିର ଖାନ୍, ସାହିଲ ଖାନ୍, ନନ୍ଦୁ ଦାସ, ଜାପାନୀ ସିଂ, ମାନସ ଦାସ, ସନ୍ତୋଷ ଦାସ, ନୀଳମଣି କାଷ୍ଟ ପ୍ରମୁଖଙ୍କ ସହ କ୍ଲବର ସଭ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଖେଳାଳିମାନଙ୍କୁ ଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୬।୨୦୨୩

| | |
|---|---|
| ୧,୯୨,୪୧୭ ଟଙ୍କା | |
| ସୁନା | ୯୫୦ ମିଲି ଗ୍ରାମ୍ |
| ରୁପା | ୩,୬୦୦ ଗ୍ରାମ୍ |

## ପରିବେଶ ସୁରକ୍ଷା ନେଇ ଚାରା ବଣ୍ଟନ

ବାରଙ୍ଗ,୫।୬(ଡି.ଏନ୍.ଏ.)- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଆୟୁର୍ବେଦ ମହାବିଦ୍ୟାଳୟ ଓ ରିସର୍ଚ ହସ୍ପିଟାଲ ଏବଂ ବିଜ୍ଞାନ ବିଭାଗ ସହଯୋଗରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ଅଧାପକ, ଅଧାପିକା ଓ କର୍ମଚାରୀମାନଙ୍କ ସହଯୋଗରେ ଚାରା ରୋପଣ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି. ଆର. ଶର୍ମା ଏବଂ ଡାଇରେକ୍ଟର ଅପରେସନ ସ୍ୱାମୀଜୀ ଶୁଭାରମ୍ଭ କରିଥିଲେ। ବିଶ୍ୱବିଦ୍ୟାଳୟର ପାଶ୍ୱବର୍ତ୍ତୀ ଅରିଲୋ ଗ୍ରାମରେ ଜନସାଧାରଣଙ୍କୁ ଚାରା ବଣ୍ଟନ ସହ ଚାରା ରୋପଣ କରାଯାଇଥିଲା। ଅପରାହ୍ନ ୪ଟାରେ ବିଶ୍ୱବିଦ୍ୟାଳୟ ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣ ପରିବେଶ ସୁରକ୍ଷାରେ ବୃକ୍ଷର ଉପାଦେୟତା ବୁଝାଇବା ସହ କର୍ମଚାରୀମାନଙ୍କୁ ଚାରା ବଣ୍ଟନ ଏବଂ ବିଶ୍ୱବିଦ୍ୟାଳୟ ପରିସର ଗୁରୁକୁଳଠାରେ ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଆୟୁର୍ବେଦ ମହାବିଦ୍ୟାଳୟର ଡିନ୍ ପ୍ରଫେସର ପ୍ରଦୀପ ପଣ୍ଡା, ପ୍ରଫେସର ଆର୍.ଏନ. ଶତପଥୀ, ବିଶ୍ୱବିଦ୍ୟାଳୟ ମାନବ ସଂଶୋଧନ ବିକାଶ କେନ୍ଦ୍ର ଓ ଜନ ସମ୍ପର୍କ ଅଧିକାରୀ ମୁଖ୍ୟ ଡ.ବିଜୟଲକ୍ଷ୍ମୀ ମହାନ୍ତି, ପ୍ରଫେସର ଡି.ପି. ସାହୁ, ପ୍ରଫେସର କୁମାର ସ୍ୱାମୀ, ପ୍ରଫେସର ରତିକାନ୍ତ ମହାପାତ୍ର, ପ୍ରଫେସର ବି.ବି. ସ୍ୱାଇଁ ଓ କ୍ୟାପଟେନ ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ରମାକାନ୍ତ ରାଉତ ଓ ସତ୍ୟଜିତ ଆର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ପାଇଁ ବିପଦ ସାଜୁଛି ପ୍ଲାଷ୍ଟିକ୍

## ପଦ୍ମଶ୍ରୀ ଦୈତାରୀ ନାୟକଙ୍କୁ 'ଜଳ ମାନବ ସମ୍ମାନ'

ଭୁବନେଶ୍ୱର, ୫।୬ (ବ୍ୟୁରୋ)

ପ୍ଲାଷ୍ଟିକର ବିଭିନ୍ନ ରୂପରେ ବ୍ୟାପକ ଏବଂ ଅନିୟନ୍ତ୍ରିତ ବ୍ୟବହାର ସାମ୍ପ୍ରତିକ ସମୟରେ ଚିନ୍ତାର କାରଣ ପାଲଟିଛି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଆମ ପରିବେଶ ସମେତ ମଣିଷ ଓ ଅନ୍ୟ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଉପରେ ବହୁ କ୍ଷତିକାରକ ପ୍ରଭାବ ବିସ୍ତାର କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭିନ୍ନ ପରିବେଶୀୟ କାରକର ଚାପର ବଶବର୍ତ୍ତୀ ହୋଇ ପ୍ଲାଷ୍ଟିକ ଭାଙ୍ଗିଯିବା ଦ୍ୱାରା ଏଥିରୁ ଛୋଟ, ଅଦୃଶ୍ୟ କଣିକା ବା ମାଇକ୍ରୋପ୍ଲାଷ୍ଟିକ ଏବଂ ନାନୋପ୍ଲାଷ୍ଟିକ ସୃଷ୍ଟି ହୁଏ। ଏଗୁଡିକ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦର ଉତ୍ସ ଭାବରେ କାର୍ଯ୍ୟ କରନ୍ତି ବୋଲି ପରିବେଶବିତ୍ ମାନେ ମତ ପ୍ରକାଶ କରିଛନ୍ତି। ସୋମବାର ଓଡ଼ିଶା ପରିବେଶ ସମିତି (ଓଇଏସ) ଆନୁକୂଲ୍ୟରେ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱରସ୍ଥ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟର ମିଳିତ ସହାୟତାରେ ସମିତିର ସମ୍ମିଳନୀ କକ୍ଷରେ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଛି। ଓଇଏସ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇସିଏମଆର-ଆରଏମଆରସିର ନିର୍ଦ୍ଦେଶକ ଡ. ସଙ୍ଘମିତ୍ରା ପତି ଯୋଗଦେଇଥିଲେ। ସାଧାରଣତଃ ପ୍ଲାଷ୍ଟିକ, ମାଇକ୍ରୋପ୍ଲାଷ୍ଟିକ ଏବଂ ନାନୋପ୍ଲାଷ୍ଟିକ କିପରି କର୍କଟ ରୋଗର ବୃଦ୍ଧି, ଶରୀରର ରୋଗ ପ୍ରତିରୋଧକ ଶକ୍ତିରେ ହ୍ରାସ, ଜନ୍ମଗତ ତ୍ରୁଟି, ହରମୋନ ଅସନ୍ତୁଳନ ଏବଂ ଡ଼ିଏନଏ ଓ ଜିନୀୟ ପରିବର୍ତ୍ତନ ପରି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି ତାହା ସେ ବର୍ଣ୍ଣନା କରିଥିଲେ। ଭୁବନେଶ୍ୱର ସିପେଟ୍ ସ୍ଥିତ ପେଟ୍ରୋକେମିକାଲ୍ସ ପ୍ରଯୁକ୍ତି ପ୍ରତିଷ୍ଠାନର ମୁଖ୍ୟ ପରିଚାଳକ (ଟି) ଏବଂ ଅଧ୍ୟକ୍ଷ ଡ଼. ପ୍ରତାପ ଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ପିପିଟି ମାଧ୍ୟମରେ 'ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବୃତ୍ତାକାର ଅର୍ଥନୀତି' ଉପରେ ତଥ୍ୟ ସମ୍ବଳିତ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଓଇଏସ୍ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ସହ ପରିବେଶ ଦିବସର ପ୍ରସଙ୍ଗ 'ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କର'ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଓଡିଶାର 'କେନାଲ ମଣିଷ' ରୂପେ ପରିଚିତ କେନ୍ଦୁଝରର ପଦ୍ମଶ୍ରୀ ଦୈତାରୀ ନାୟକଙ୍କୁ 'ଓଡିଶାର ଜଳ ମାନବ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ସେହିପରି ଉଦ୍ଭିଦ ବିଜ୍ଞାନୀ ପ୍ରଫେସର କୁଞ୍ଜ ବିହାରୀ ଶତପଥୀଙ୍କୁ ଔଷଧୀୟ ବୃକ୍ଷ ଓ ଉଦ୍ଭିଦ ବର୍ଗବିଜ୍ଞାନ କ୍ଷେତ୍ରକୁ ଅବଦାନ ନିମନ୍ତେ 'ପରିବେଶବିତ୍ ପୁରସ୍କାର' ଏବଂ ରାଜ୍ୟରେ ଜୈବବିବିଧତା ସୁରକ୍ଷା କ୍ଷେତ୍ରରେ ସଚେତନତା ବୃଦ୍ଧି ନିମନ୍ତେ ପ୍ରାଧାପକ ଡ. ପ୍ରକାଶ ଚନ୍ଦ୍ର ଜେନାଙ୍କୁ 'ଗ୍ରୀନ କ୍ରୁସେଡର୍ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ଓଇଏସ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ୧୧ ଜଣଙ୍କୁ 'ପ୍ରଶଂସା ପ୍ରମାଣପତ୍ର' ପ୍ରଦାନ କରାଯାଇଥିଲା। ସମିତିର ବାର୍ଷିକ ରିପୋର୍ଟ 'ପରିବେଶ ଓ ବିଜ୍ଞାନ ଉପରେ ଆଲୋଚନା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ଉପ-ସଭାପତି ଡ. ବିଜୟ କେତନ ପଟ୍ଟନାୟକ ଏବଂ ଡ. ଲାଲା ଏ.କେ ସିଂହ, ବହୁ ପରିବେଶବିତ୍, ଶିକ୍ଷାବିତ୍ ଏବଂ ପ୍ରକୃତିପ୍ରେମୀ ଯୋଗଦେଇ ଥିଲେ। ଯୁଗ୍ମ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ହାତୀ ସୁରକ୍ଷା ପାଇଁ ରାଜ୍ୟ ଭ୍ରମଣ କରୁଥିବା ଗଞ୍ଜାମର ସାମାଜିକ କର୍ମୀ ବିଜୟ ପ୍ରଧାନ ଭୁବନେଶ୍ୱରଠାରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ନିଆରା ସଚେତନତା କରୁଛନ୍ତି।

## ସିଏସ୍‌ଆଇଆର୍-ଆଇଏମ୍ଏମ୍‌ଟିରେ ପରିବେଶ ଦିବସ




ଭୁବନେଶ୍ୱର,୫।୬(ବ୍ୟୁରୋ)

ସିଏସଆଇଆର-ଆଇଏମଏମଟି ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସୋମବାର ଶିଶୁ ଉଦ୍ୟାନ, ବିଆଇଇଆର ହଷ୍ଟେଲ ଏବଂ ଲେଡିଜ୍ ହଷ୍ଟେଲରେ ଚାରା ରୋପଣ ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା ଏସଏସ ଭଟନାଗର ହଲରେ ଉତ୍ସବ ପାଳନ ଜାରି ରଖି ସମସ୍ତ ଛାତ୍ର, ଗବେଷକ, ବୈଜ୍ଞାନିକ, କର୍ମଚାରୀମାନେ ପରିବେଶ ସୁରକ୍ଷା ଦିଗରେ ଶପଥ ନେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକଶକ୍ତି ଅଭିଯାନର ମୁଖ୍ୟ ଏବଂ ପରିବେଶ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ ସାମନ୍ତରାୟ କହିଛନ୍ତି, ଗ୍ଲୋବାଲ ୱାର୍ମିଂ ହେତୁ ଏହି ଗ୍ରୀନ ହାଉସ ଗ୍ୟାସ ପ୍ରଭାବଗୁଡିକ ସୃଷ୍ଟି କରୁଛି। କିପରି ଖଣି ଖନନ, ଅନୁସନ୍ଧାନ, ସବୁକିଛି ନିୟନ୍ତ୍ରଣ କରିବା ଭଲ କିନ୍ତୁ ଆମର ପ୍ରକୃତ ସମ୍ବଳ କିପରି ବ୍ୟବହାର କରାଯିବ ତାହା ଜାଣିବା ଉଚିତ୍ ବୋଲି ସେ କହିଥିଲେ। ବର୍ଜ୍ୟବସ୍ତୁକୁ କିପରି ପୁନଃବ୍ୟବହାର କରାଯିବ ସେ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଅତିଥିଙ୍କୁ ସ୍ୱାଗତ କରି ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣ କହିଛନ୍ତି, ବର୍ତ୍ତମାନ ପ୍ଲାଷ୍ଟିକ ପ୍ରଦୂଷଣ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି, ମାତ୍ର ମୁଁ ପ୍ଲାଷ୍ଟିକକୁ ପ୍ରଦୂଷଣର ଉତ୍ସ ଭାବରେ ବିବେଚନା କରେ ନାହିଁ, ଏହା ଧନ ଉତ୍ପାଦନର ଉତ୍ସ ଏବଂ ଧନ ସୃଷ୍ଟିର ଉତ୍ସ ଅଟେ ବୋଲି ସେ କହିଥିଲେ। କେବଳ ଆମକୁ ଆମର ପ୍ରାଥମିକତା ମନେ ରଖିବାକୁ ପଡିବ। ଏହି ଅବସରରେ ଯୋଗ ଦେଇ ପରିବେଶ ଏବଂ ସଷ୍ଟେନେବିଲିଟ ବିଭାଗୀୟ ମୁଖ୍ୟ ଡ. ଏନ କେ. ଧଳ ପରିବେଶ ସୁରକ୍ଷା ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜ ପ୍ରତି ଅବଦାନ ପାଇଁ ଏହି ଅବସରରେ ପରିବେଶ ତଥା ନିରନ୍ତର ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ବି.ଡି. ନାୟକ ଏବଂ ଡ. ପି କେ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଡ.ମନୀଷ କୁମାର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇକୋଲାଇଜର ଭେଞ୍ଚର୍ସ ଏଲଏଲପିର ପ୍ରତିଷ୍ଠାତା ତଥା ସିଇଓ ସୌଭାଗ୍ୟ ଚନ୍ଦ୍ର ବିଶ୍ୱାଳ ଓଡିଶା ଏବଂ ଭାରତରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ବାର୍ତ୍ତା ପ୍ରଦାନ କରିଥିଲେ। କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଜିଜ୍ଞାସା ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ବିଜେତାମାନଙ୍କୁ ଗ୍ରୀନ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ସୋନି ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ନନ୍ଦନକାନନରେ ବିଶ୍ୱ ପରିବେଶ ଦିବସ

ବାରଙ୍ଗ,୫।୬(ଡି.ଏନ.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନନ୍ଦନକାନନ କନଫରେନ୍ସ ଗୃହରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନର ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ଉପରେ ନିଜ ନିଜର ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଚଳିତବର୍ଷର ପରିବେଶ ସୁରକ୍ଷା ବାର୍ତ୍ତା ରହିଥିଲା 'ପ୍ଲାଷ୍ଟିକ ପ୍ରଦୂଷଣକୁ ପରାସ୍ତ କରିବା' (ବିଟ୍ ପ୍ଲାଷ୍ଟିକ ପଲ୍ୟୁଶନ)। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ଏନ୍ ଯୋଗଦେଇଥିଲେ। ଏ ନେଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଉପନିର୍ଦ୍ଦେଶକ ଅର୍ଥରାଶି ପ୍ରଦାନ ସହ ପୁରସ୍କୃତ କରିଥିଲେ।

## 'ଏକବିଂଶ ଶତାବ୍ଦୀରେ ପ୍ଲାଷ୍ଟିକ ଅଭିଶାପରେ ପରିଣତ ହୋଇଛି'




ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ପରିବେଶବିତ ଡ. ଜୟକୃଷ୍ଣ ପାଣିଗ୍ରାହୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୫।୬ (ବ୍ୟୁରୋ)

ବିଂଶ ଶତାବ୍ଦୀରେ ପ୍ଲାଷ୍ଟିକ ଏକ ଆଶୀର୍ବାଦ ଥିବାବେଳେ ଏକବିଂଶ ଶତାବ୍ଦୀରେ ଏହା ଅଭିଶାପରେ ପରିଣତ ହୋଇଛି ବୋଲି ପରିବେଶବିତ ଡ. ଜୟକୃଷ୍ଣ ପାଣିଗ୍ରାହୀ ମତ ପ୍ରକାଶ କରିଛନ୍ତି। ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ, ଆଲୁମନି କନେକ୍ଟ ଓ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗ ପରିସରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ପାଣିଗ୍ରାହୀ ଚଳିତ ବର୍ଷର ଥିମ 'ପ୍ଲାଷ୍ଟିକ ପ୍ରଦୂଷଣକୁ ହରେଇବା' ଉପରେ ଆଲୋଚନା କରିଥିଲେ। ପ୍ଲାଷ୍ଟିକର ବ୍ୟାପକ ବ୍ୟବହାର ଫଳରେ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ଆମ ଶରୀରରେ ସୂକ୍ଷ୍ମ ପ୍ଲାଷ୍ଟିକ ପ୍ରବେଶ କରିବା ଫଳରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉଛି। ବିଶ୍ୱରେ ପ୍ରତି ସେକେଣ୍ଡରେ ୧୦ଲକ୍ଷ ପ୍ଲାଷ୍ଟିକ ବୋତଲ ବ୍ୟବହୃତ ହୋଇଥାଏ। ଏକ ଆକଳନ ଅନୁସାରେ ବିଶ୍ୱବାସୀ ସହଯୋଗ କଲେ ୨୦୪୦ ମସିହା ସୁଦ୍ଧା ବିଶ୍ୱରୁ ୮୦% ପ୍ଲାଷ୍ଟିକ ପ୍ରଦୂଷଣ ରୋକିହେବ ସେ କହିଥିଲେ। ପୁରାତନ ଛାତ୍ରସଂଘ ସମ୍ପାଦକ ତଥା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଡ. ଅଶୋକ ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ଆମେ ସମସ୍ତେ ଅଳ୍ପ ବହୁତ ପରିବେଶ ପ୍ରଦୂଷଣ ସମ୍ପର୍କରେ ଜାଣିଛନ୍ତି। କିନ୍ତୁ ଏହାର ସମାଧାନ କିପରି କରିପାରିବା ସେ ସମ୍ପର୍କରେ ସଚେତନ ନୁହନ୍ତି। ଛାତ୍ରୀଛାତ୍ରମାନେ ଏ ସମ୍ପର୍କରେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିନ୍ମୟ ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରସଂଘ ଯୁଗ୍ମ ସମ୍ପାଦକ ରଘୁନାଥ ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ଆଲୁମନି କନେକ୍ଟ ସଂଯୋଜକ ଡ. ସୁଜିତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭାଗ ପରିସରରେ ଛାତ୍ରୀଛାତ୍ରମାନେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧାପକ ସରୋଜ ସାହୁ ଏବଂ ବନ୍ଦନା କୁଲୁ, ପୁରାତନ ଛାତ୍ରସଂଘ ସଦସ୍ୟ ତଥା ପରିବେଶବିତ୍ ନାରାୟଣ ତ୍ରିପାଠୀ, ଦିଲୀପ ମିଶ୍ର, ହରେକୃଷ୍ଣ ଶିଅଳ, ତନ୍ମୟ ସ୍ୱାଇଁ, ଲକ୍ଷ୍ମୀଧର ଚାନ୍ଦଙ୍କ ସମେତ ବିଭାଗର ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଓଡ଼ିଶାକୁ ବିଶ୍ୱର ସବୁଜ ରାଜଧାନୀରେ ପରିଣତ କରିବାକୁ ସଂକଳ୍ପ

### ରମେଶ ଚନ୍ଦ୍ର ମିଶ୍ରଙ୍କୁ 'ପ୍ରେରଣା ଗ୍ରୀନମ୍ୟାନ ସମ୍ମାନ'

ଭୁବନେଶ୍ୱର, ୫।୬ (ବ୍ୟୁରୋ)

ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ସୋମବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ବୃକ୍ଷପ୍ରେମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୩୬ ମସିହା ବେଳକୁ ଓଡ଼ିଶାକୁ ବିଶ୍ୱର ସବୁଜ ରାଜଧାନୀରେ ପରିଣତ କରିବା ପାଇଁ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ବୃକ୍ଷ ରୋପଣ, ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଜଙ୍ଗିରା ଗ୍ରାମର ରମେଶ ଚନ୍ଦ୍ର ମିଶ୍ରଙ୍କୁ ପ୍ରେରଣା 'ଗ୍ରୀନମ୍ୟାନ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନ ବାବଦକୁ ୧ଲକ୍ଷ ଟଙ୍କାର ଅର୍ଥରାଶି, ମାନପତ୍ର, ଉପଢୌକନ ଦିଆଯାଇ ଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ମୁଖ୍ୟବକ୍ତା ଭାବେ ବିଶ୍ୱବ୍ୟାଙ୍କର ପରାମର୍ଶଦାତା ପ୍ରଫେସର କୁମରବର ଦାଶ ଯୋଗଦେଇ ଥିଲେ। ସାମ୍ପ୍ରତିକ ସମୟରେ ପରିବେଶ ଜନିତ ସମସ୍ୟା ପାଇଁ କିପରି ପ୍ରାକୃତିକ ବିପର୍ଯ୍ୟୟମାନ




ସୃଷ୍ଟି ହୋଇ ଜୀବଜଗତର ଅପୂରଣୀୟ କ୍ଷତି ହେଉଛି ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରେରଣା ଗ୍ରୀନ ଆର୍ମି କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମେଜର ଡ. କଳ୍ପନା ଦାସ, ଡ. ପ୍ରକାଶ ଶ୍ରୀଚନ୍ଦନ, ଇଂ ରୋଟାରିଆନ ବିଶ୍ୱମୋହନ ପଟ୍ଟନାୟକ, ବିଶ୍ୱ ଓଡ଼ିଆ ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଡ. ଅଶୋକ ସୁନ୍ଦରାୟ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଅଧାପିକା ଅନୁପମା ଚମ୍ପତିରାୟ, ଅଧାପିକା ପଦ୍ମଜାକବି ଶତପଥୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବୃକ୍ଷପ୍ରେମୀ, ଗ୍ରୀନ୍ ଆର୍ମି କ୍ୟାପଟେନ ଓ କମାଣ୍ଡାଣ୍ଟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଶ୍ୱ ପରିବେଶ ଦିବସରେ ୱି ଫର୍ ଭୁବନେଶ୍ୱର ପକ୍ଷରୁ ପୁରୁଣା ଏଜି କଲୋନୀ ପରିସରରେ ଚାରାରୋପଣ କରାଯାଉଛି।




ନଦୀ ସୁରକ୍ଷା ପାଇଁ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ୍, ୟୁଥ୍ ଫର୍ କ୍ଲାଇମେଟ୍ ଆଣ୍ଡ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ସୋମବାର ସଚେତନତା ବାର୍ତ୍ତା ଦିଆଯାଉଛି।

## ସଂକ୍ଷେପରେ

### ଟ୍ରେନ୍ ଦୁର୍ଘଟଣାରୁ ରକ୍ଷା ପାଇଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଜଟଣୀ,୫।୬(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆସୁ ଆରୋଗ୍ୟ କାମନା କରି ସୋମବାର ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘ ଓ ଜଟଣୀ ପ୍ରେସ କ୍ଲବ ପକ୍ଷରୁ ମୋ ଜଟଣୀ ପାର୍କ ଠାରେ ଏକ ସମ୍ବର୍ଦ୍ଧନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟୀ ସଂଘ ସଭାପତି ହେମନ୍ତ ସୁନ୍ଦରାୟ, ପ୍ରେସ କ୍ଲବର ସଭାପତି ଏମ୍. ଡି.ଇସମାଇଲ ଅଲିଙ୍କ ନେତୃତ୍ୱରେ ବ୍ୟବସାୟୀ ସଂଘର ସମସ୍ତ ସଦସ୍ୟ ଯୋଗଦେଇଥିବା ବେଳେ ପ୍ରେସ କ୍ଲବର ସମ୍ପାଦକ ହୃଦାନନ୍ଦ କୋଦମାସିଂ, ଧିରେନ ପ୍ରତିହାରୀ, ସଞ୍ଜୀବ ସେଠୀ, ଦେବବ୍ରତ ଷଣ୍ଢ, ଶୁଭେନ୍ଦ୍ର ଶତପଥୀ, ରଙ୍ଗନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଟ୍ରେନ୍ ଦୁର୍ଘଟଣାରୁ ରକ୍ଷା ପାଇଥିବା ଜଟଣୀ ପୌରାଞ୍ଚଳ ରାଜାବଜାର ଅଞ୍ଚଳର ତ୍ରିନାଥ ସାହୁଙ୍କୁ ବ୍ୟବସାୟୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପାଣ୍ଟ୍ରିକାରରେ କାର୍ଯ୍ୟ କରୁଥିବା ତ୍ରିନାଥ ଟ୍ରେନ ଦୁର୍ଘଟଣାର ବିଭୀଷିକା ବିଷୟରେ କହିଥିଲେ। ଭଗବାଦଙ୍କ ଆଶୀର୍ବାଦରୁ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ବୋଲି କହିଛନ୍ତି। ତେବେ ୨୩ ଜଣ ସାଥିଙ୍କ ମଧ୍ୟରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ଭୁଲି ହେବନି ବୋଲି ତ୍ରିନାଥ କହିଛନ୍ତି।

### ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ପାଇଁ ୧୪୦ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୫।୬:** ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ରକ୍ତ ଯୋଗାଇବା ପାଇଁ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଏବଂ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ବ୍ଲକ ପରିସରସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ମିଶନ ଶକ୍ତି ମହିଳା, ଯୁବ ଓ ଛାତ୍ରମାନେ ରକ୍ତ ଦାନ କରିଛନ୍ତି। ନୟାଗଡ଼ ବ୍ଲଡ୍‌ବ୍ୟାଙ୍କ ଦ୍ୱାରା ୧୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୩୫ ମହିଳାଙ୍କ ସମେତ ୧୦୫ ଜଣ ପୁରୁଷ ରକ୍ତ ଦେଇଥିଲେ। ବେଗୁନିଆ ବ୍ଲକ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ଲକ ଚେୟାରମ୍ୟାନ୍ ଲକ୍ଷ୍ମୀଧର ସୁବୁଦ୍ଧି, ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ତନୁଜା ପାଟଶାଣୀ, ପ୍ରକାଶ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ରାଜଗୁରୁ, ସୁନନ୍ଦିତା ସାହୁ, ଆତ୍ମା ଅଧକ୍ଷ ଦୀପ୍ତିରଞ୍ଜନ ସାହୁ, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟାକ୍ତ ହରିହର ଖାଡ଼ଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ସ୍ୱାଧୀନ ପଣ୍ଡା, ଶାନ୍ତିଲତା ରଣସିଂହ, ଗୀତାଞ୍ଜଳି ସୁବୁଦ୍ଧିଙ୍କ ସମେତ ବେଗୁନିଆ ଓ ବୋଲଗଡ଼ ବ୍ଲକର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜୱାଦ୍ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିନି ସହାୟତା

**ତହସିଲ କାର୍ଯ୍ୟାଳୟ ଆଗରେ ନବନିର୍ମାଣ କୃଷକ ସଂଗଠନର ବିକ୍ଷୋଭ**

ବୋଲଗଡ଼,୫।୬(ଡି.ଏନ୍.ଏ.)



୨୦୨୧ ଡିସେମ୍ବରରେ ହୋଇଥିବା ବାତ୍ୟା 'ଜୱାଦ୍' ପ୍ରଭାବରେ ଖୋର୍ଦ୍ଧା ଜିଲା ବୋଲଗଡ ଅଞ୍ଚଳର ଚାଷୀଙ୍କ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିଲା। ଏପରିକି ଧାନଗଛ ପାଣିରେ ପଡ଼ି ଗଜା ହୋଇଯାଇଥିଲା। ଉକ୍ତ ସମୟରେ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିବା ସହ ସରକାରଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଚାଷୀମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସରକାର ନିଷ୍ପତ୍ତି ନେବା ସହ ଏନେଇ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସରକାରଙ୍କ ପକ୍ଷରୁ ସହାୟତା ରାଶି ଆସି ତହସିଲ ଆକାଉଣ୍ଟରେ ଜମା ହୋଇଥିଲେ ମଧ୍ୟ ତାହା ବଣ୍ଟନ ନ କରାଯିବାରୁ ଆବେଦନକାରୀମାନେ ୮ ମାସ ପରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଥିଲେ। ଏକ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ସେବେଠାରୁ ୭ମାସ ବିତିଯାଇଥିଲେ ମଧ୍ୟ ଅନେକ ଚାଷୀଙ୍କୁ ଏହି ସହାୟତା ରାଶି ମିଳିନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ସହାୟତା ରାଶିରୁ ବଞ୍ଚିତ ଶତାଧିକ ଚାଷୀ ବୋଲଗଡ଼ ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେଉଁ କାରଣରୁ ବଞ୍ଚିତ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉନି, ତାହା ସାର୍ବଜନୀନ କରିବା ସହ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଥିଲେ। ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ନେତା ଲକ୍ଷ୍ମଣ ସେଠୀ, ନବନିର୍ମାଣ ସଙ୍ଗଠନର ଉପଦେଷ୍ଟା ସୁବାସ ଚନ୍ଦ୍ର ମହାପାତ୍ର, ଜନ ଅଧିକାର ମଞ୍ଚ ସଭାପତି ଅକ୍ଷୟ ରାଉତରାୟ, ନବନିର୍ମାଣ ସଙ୍ଗଠନର ସହସଂଯୋଜକ କାହ୍ନୁଚରଣ ବେହେରା, ସୂଚନା ଅଧିକାର କର୍ମୀ ବିକାଶ ନାୟକ ପ୍ରମୁଖଙ୍କ ସମେତ ବହୁ ଚାଷୀ ଏକ ଦାବିପତ୍ର ତହସିଲଦାର ସନ୍ତୋଷିନୀ ଦାସଙ୍କୁ ପ୍ରଦାନ କରିଥିଲେ। ତେବେ ଠିକ୍‌ଭାବେ ଆର୍‌ଆଇଙ୍କ ନିକଟରେ ଆବେଦନ କରିଥିବା ବଞ୍ଚିତ ଚାଷୀଙ୍କ ଆକାଉଣ୍ଟକୁ ଖୁବ୍‌ଶୀଘ୍ର କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ତହସିଲଦାର ଦାସ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଆଇ ଲିଲି ପାଢୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ।

## ତିନିରଥରେ ସଂଯୋଗ ହେଲା ତୃତୀୟ ଭୂଇଁ

ପୁରୀ ଅଫିସ, ୫।୬

ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସ୍ନାନପୂର୍ଣ୍ଣିମା ତିଥିରେ ତିନିରଥରେ 'ଚଉଦ ନାହାକା' ଖମ୍ବୀ ପ୍ରତି ରଥର ଚାରି ନାହାକାଠାରୁ ଅଢେଇ ଫୁଟ ବ୍ୟବଧାନରେ ବୁଲିବା ସହ ପ୍ରଥମ ଭୂଇଁ ଛ'କାଠିରେ ପାଖୁଡା ସଂଯୋଗ ହୋଇ ମଝିଭୂଇଁ ଫ୍ରେମ୍ ସଂଯୋଗ ହୋଇଥିଲା। ସୋମବାର ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥର ଆଗଆଣି 'ଢମକ' ପଡ଼ିବା ସହ ଦର୍ପଦଳନ ରଥର ଆଗଆଣି ଓ ପଛଆଣି ଢମକ ପଡ଼ି କଣ୍ଟାବାଡ଼ିଆ ଶେଷ ହୋଇଛି। ଏହି ଢମକ ଚାରିନାହାକାର ଭିତରପଟ ଓ ବାହାର ପଟକୁ କାଗି ପଡ଼ିଛି। ଏହା ଉପରେ ବେଦି ନିର୍ମାଣ ପାଇଁ ପଟା ବାଡ଼ିଆ ହେବ। ତୃତୀୟ ଭୂଇଁ ୪ଟି ଚଉତା ବର୍ଗାକାରରେ ସଂଯୋଗ ହୋଇ ତା'ର ଚାରିକୋଣରେ ୪ଟି ଭୂଇଁଗୋଡ଼ ଉଠି ଭୂଇଁର ଚାରିପଟ ପ୍ରତି ପାର୍ଶ୍ୱରେ ୬ଟି ଲେଖାଏ ଛିଆଣ ସଂଯୋଗ ହୋଇ ତୃତୀୟ ଭୂଇଁ ବା ଅଗ ଭୂଇଁ ଉଠିଛି।



ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଜଙ୍କିଆ ଡୁବୁରୀ ପାହାଡସ୍ଥିତ ହନୁମାନ ମନ୍ଦିର ପରିସରରେ ସମୂହ ଦୀପଦାନ।

## ସମୂହ ଦୀପଜାଳି ସଦ୍‌ଗତି, ଆରୋଗ୍ୟ କାମନା କଲେ

ଖୋର୍ଦ୍ଧା ଅଫିସ/ନିରାକାରପୁର, ୫।୬(ଡି.ଏନ୍.ଏ.)

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାଲେଶ୍ୱର ବାହନଗାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ଏବଂ ଚିକିତ୍ସାଧୀନ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ସେବା କେନ୍ଦ୍ର ଆନୁକୂଲ୍ୟରେ ବ୍ରହ୍ମକୁମାରୀ ଅନୁରାଧାଙ୍କ ସଂଯୋଜନାରେ ଆଶ୍ରମ ପରିସରରେ ପରମାତ୍ମାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ସମୂହ ପ୍ରାର୍ଥନା କରାଯାଇଥିଲା। ଅପରାହ୍ନରେ ବେରୁହାଁ ଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରା ବଣ୍ଟନ କରାଯାଇଥିଲା। ସେହିପରି ଜଙ୍କିଆ ଡୁବୁରୀ ପାହାଡ ସ୍ଥିତ ହନୁମାନ ମନ୍ଦିର ପରିସରରେ ସ୍ଥାନୀୟ ଗ୍ରାମବାସୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ସମୂହ ଦୀପ ପ୍ରଜ୍ୱଳିତ ସହିତ ଚିକିତ୍ସାଧୀନ ଆହତଙ୍କ ଆରୋଗ୍ୟ କାମନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ପ୍ରେମାନନ୍ଦ ପରିଡା, ସୁନିଲ କୁମାର ନରେନ୍ଦ୍ର, ବିଶ୍ୱଭୂଷଣ ଛୋଟରାୟ, ସୁକାନ୍ତ ମଙ୍ଗରାଜ, ପ୍ରକାଶ ସାମନ୍ତରାୟଙ୍କ ସମେତ ଜନପ୍ରତିନିଧି, ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ସମ୍ଭାବନା ପରିବାର'କୁ ପ୍ରକୃତି ମିତ୍ର ସମ୍ମାନ

ଜଟଣୀ,୫।୬(ଡି.ଏନ୍.ଏ.)

ବିଶ୍ୱ ପରିବେଶ ଦିବସ ଅବସରରେ ସୋମବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୨୦୨୨-୨୩ ପାଇଁ ରାଜ୍ୟସ୍ତରୀୟ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ ଉତ୍ସବ ଭୁବନେଶ୍ୱର ଲୋକସେବା କନଭେନଶନ ହଲରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ଅତିଥିଭାବେ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ ରାଜ୍ୟର ୩୦ଜିଲାର ୧୭୩ଟି ସମାଜିକ ଅନୁଷ୍ଠାନକୁ ସାର୍ଟିଫିକେଟ୍ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜଟଣୀ ସହରର ସାମାଜିକ ଅନୁଷ୍ଠାନ 'ସମ୍ଭାବନା ପରିବାର'କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏତଦବ୍ୟତୀତ ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ମୋ ଜଟଣୀ ପାର୍କ ନିକଟରେ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସନ୍ତୋଷ ହୋତା, ଦେବପ୍ରସାଦ ଦାଶ, ଲୁସେନ୍ ରାୟ, ଅକ୍ଷୟ ଦାସ, ନିରୂପମା ସ୍ୱାଇଁ, ଦିଲୀପ ସିଂ, ସଞ୍ଜୟ ବରିସଲ, ଅମିନ ରାଉତ, ଶରତ ରେଢ୍ଡୀ, ମମତା ବେହେରା, ପ୍ରଶାନ୍ତ ମହାପାତ୍ର ପରିଚାଳନା କରିଥିଲେ।

## ଆଇନ ସେବା ଶିବିର ଓ ବିଶ୍ୱ ପରିବେଶ ଦିବସ

ଖୋର୍ଦ୍ଧା ଅଫିସ,୫।୬: ଖୋର୍ଦ୍ଧା ତାଲୁକା ଆଇନସେବା କମିଟି ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଓ ଆଇନ ସଚେତନତା ଶିବିର ସୋମବାର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବାର ଅଦାଲତ ଜଜ୍ ରାଜେଶ କୁମାର ନାୟାର, ବରିଷ୍ଠ ଦେୱାନୀ ଜଜ୍(ମହିଳା ଅଦାଲତ) ଚିନ୍ମୟୀ ରଥ, ଏସ୍‌ଡିଜିଏମ୍ ଜଗଦିଶ ଚନ୍ଦ୍ର ଜେନା, ସିଭିଲ ଜଜ୍ ଜୁନିୟର ଡିଭିଜନ ପ୍ରଭାତ କୁମାର ସାମଲ, ଜେଏମ୍‌ଏଫସି ଲିପ୍ସା ରାଉତ, ଏସଜେଏମ ସୁରେନ୍ଦ୍ର କୁମାର ପାଢୀ, ଜିଲା ଓକିଲ ସଂଘ ସମ୍ପାଦକ ମନ୍ମଥ ମିଶ୍ର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଆଇନଜୀବୀ ରାଧାକାନ୍ତ ରାୟସାମନ୍ତ, ବିକ୍ରମ କେଶରୀ ଚମ୍ପତି, ଖବରଦାତା ପ୍ରଭାତ ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ତାଲୁକା ଆଇନସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ପରିଚାଳନା କରିଥିଲେ। କୋର୍ଟ ପରିସରରେ ବିଭିନ୍ନ କିସମର ଔଷଧୀୟ ଚାରାରୋପଣ କରାଯାଇଥିଲା।

## ଓଡ଼ିଶା ପତ୍ରକାର ସଂଘର ବାର୍ଷିକୋତ୍ସବ

ବୋଲଗଡ଼,୫।୬(ଡି.ଏନ୍.ଏ.)



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଗାନ୍ଧୀ ପଡିଆ ନିକଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ ଓଡ଼ିଶା ପତ୍ରକାର ସଂଘ ଖୋର୍ଦ୍ଧା ଜିଲା ଶାଖାର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସଭାପତି ମାଧବ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଡିଆଇପିଆର୍‌ଓ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଏଆଇସିଟିୟୁ ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ପରିଡା, ସମ୍ମାନିତ ଅତିଥି ରାଜକିଶୋର ଦାସ, ଓଡ଼ିଶା ପତ୍ରକାର ସଂଘର ସଭାପତି ଅବିନାଶ ମିଶ୍ର, ଉପସଭାପତି ହର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବାହାନଗା ଠାରେ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିଙ୍କ ଦ୍ୱାରା ସାମ୍ବାଦିକମାନଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଆଗାମୀ ଦିନରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ମଧ୍ୟରେ ରହୁଥିବା ସାମ୍ବାଦିକମାନେ କିପରି ସ୍ୱାଧୀନତାର ସହିତ ଖବର ସଂଗ୍ରହ କରିପାରିବେ ଏଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଜିଲା ସମ୍ପାଦକ ଯୋଗେଶ୍ୱର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

ନିରାକାରପୁର,୫।୬(ଡି.ଏନ୍.ଏ.)

ନିରାକାରପୁର ପଞ୍ଚାୟତ ନନପଡା ଗ୍ରାମର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୋଦାବରୀ ଛୋଟରାୟଙ୍କ ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ସେ ଘରେ ରହି ଚିକିତ୍ସିତ ହେଉଥିଲେ। କ୍ରୀଡା ବ୍ୟତୀତ ସେ ନିରାକାରପୁରର ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସମେତ ସ୍ଥାନୀୟ ଲୋକେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## କାଳୁପଡ଼ା ଷ୍ଟେଶନରେ ରାଜ୍ୟରାଣୀ ଏକ୍ସପ୍ରେସକୁ ସ୍ୱାଗତ



ଟାଙ୍ଗୀ (ଖୋର୍ଦ୍ଧା),୫।୬(ଡି.ଏନ୍.ଏ.)

ପୂର୍ବତଟ ରେଳୱେ ଅନ୍ତର୍ଗତ କାଳୁପଡା ଘାଟ ଷ୍ଟେଶନରେ ସୋମବାରଠାରୁ ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସର ରହଣି ହୋଇଛି। ଷ୍ଟେଶନରେ ବହୁ ସଂଖ୍ୟାରେ ମହିଳା, ପୁରୁଷ ଉପସ୍ଥିତ ରହି ଏହି ଟ୍ରେନକୁ ସ୍ୱାଗତ କରିଥିଲେ। ଉକ୍ତ ଟ୍ରେନରେ ଆସିଥିବା ଭାଜାପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର ଓ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ରେଳ ୟୁଜର୍ସ କମିଟି, ଭାଜପାର ସ୍ଥାନୀୟ ସମସ୍ତ କର୍ମକର୍ତ୍ତା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷା ସ୍ୱାଗତ କରିଥିଲେ। ପରେ ଗତ ୨ ତାରିଖରେ ବାଲେଶ୍ୱର ଜିଲା ବାହାନଗା ଠାରେ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜରିପଡା, କଳକଳେଶ୍ୱର, ଚଣ୍ଡେଶ୍ୱର, ଟାଙ୍ଗୀ, ପାରିଓରଡ, ବଡପାରୀ, ରାମଚନ୍ଦ୍ରପୁର, ଚାନ୍ଦପୁର, କନ୍ଧନୟାଗଡ, ଚମ୍ପାଗଡ, କେରଣ୍ଡାଟାଙ୍ଗି, ଗୋପାଳପୁର ପଞ୍ଚାୟତ ଓ ରଣପୁର ଏନଏସି ର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ

ଜଟଣୀ/ଟାଙ୍ଗୀ(ଖୋର୍ଦ୍ଧା), ୫।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆସୁ ଆରୋଗ୍ୟ କାମନା କରି ରବିବାର ଖୋର୍ଦ୍ଧା ଜିଲା ଜଟଣୀ ନଗର ଭାଜପା ପକ୍ଷରୁ ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ପରିସରରେ ଶୋକ ସଭା ଓ ସାମୁହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ପ୍ରଶାନ୍ତ ପ୍ରଧାନ, ନାଗଭୂଷଣ ରାୟ, ପ୍ରଦୀପ ଜେନା, ରଘୁ ନାୟକ, ଦିପୁ ସୁନ୍ଦରାୟ, କବି ପାଇକରାୟ, ରଙ୍କ ମୁଦୁଲି, ଜିତୁ ଜେନାଙ୍କ ସହିତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ସେହିପରି ଜଟଣୀ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠାନର ସଭାପତି ବିଜୟ ଛୋଟରାୟଙ୍କ ନେତୃତ୍ୱରେ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମୋ ଜଟଣୀ ପାର୍କ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୀତାରାମ ଛକ, ଷ୍ଟେଶନ ମାର୍କେଟ ଦେଇ ଖୋର୍ଦ୍ଧାରୋଡ ରେଳଷ୍ଟେଶନ ଠାରେ ପହଞ୍ଚିଥିଲେ। ରେଳଷ୍ଟେଶନ ଠାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆସୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ଏହି ଶୋଭାଯାତ୍ରାରେ ସଙ୍ଗଠନ ସାଧାରଣ ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, କାର୍ଯ୍ୟକାରୀ ସଭାପତି କୈଳାସ ମହାପାତ୍ର, ରାଜେନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ରାଉତ, ଏନ୍.ସୀତା, ବିଷ୍ଣୁ ସାହୁ, ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଟାଙ୍ଗୀ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବଳରାମ ଦେବ ପୀଠରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ରଘୁନାଥ ଦେବ ମନ୍ଦିରଠାରେ ପହଞ୍ଚିଥିଲା। ମନ୍ଦିର ପରିସରରେ ଆହତଙ୍କ ଆଶୁ ଆରୋଗ୍ୟ କାମନା ସହ ପ୍ରାର୍ଥନା କରାଯାଇଥିଲା। ଆଇନଜୀବୀ ବିଶ୍ୱଜିତ ରାଉତରାୟ, ନିରଞ୍ଜନ ଦାସ, ଅଶୋକ ମହାପାତ୍ର, ସାହିତ୍ୟ ଘର ସଭାପତି ବିଜୟ ରାଉତ, ସମ୍ପାଦକ ରବୀନ୍ଦ୍ର ନାୟକ, ଖବରଦାତା ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ଉପେନ୍ଦ୍ର ସାହୁ, ଗଙ୍ଗାଧର ବେହେରା, ଦିନେଶ ପୃଷ୍ଟି, ମିଟୁ ନାୟକ, ବାସୁଦେବ ସିଂ, କାହ୍ନୁଚରଣ ମିଶ୍ର, ପ୍ରଦୀପ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁନି ପ୍ରଶାସନ



ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ଗଣ ସତ୍ୟାଗ୍ରହ

ବେଗୁନିଆ,୫।୬(ଡି.ଏନ୍.ଏ.)

**ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ**
- ୧୫ ଦିନରେ ଗଣ ସତ୍ୟାଗ୍ରହ
- ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ପରିଣତ କରିବା ପାଇଁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି ହେଲେ ସୁଫଳ ମିଳୁନାହିଁ। ଯୋଗ୍ୟତା ଥାଇ ମଧ୍ୟ ସରକାରୀ ତାଲିକାରୁ ବାଦ୍ ପଡ଼ିଛି। ଫଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ଗଣ ସତ୍ୟାଗ୍ରହ ସୋମବାର ୧୫ଦିନରେ ପହଞ୍ଚିଛି। ସେହିପରି ବେଗୁନିଆ ବ୍ଲକବାସୀଙ୍କ ସ୍ୱାଭିମାନ ରକ୍ଷା ଓ ଜନଜାଗରଣ ଅଭିଯାନ ଶୋଭାଯାତ୍ରା ବୁଲୁଛି। ଲୋକଙ୍କ ହକ୍ ପାଇଁ ଲଢୁଥିବା ଆନ୍ଦୋଳନକାରୀଙ୍କୁ ଏଯାଏ ସୁଫଳ ମିଳୁନଥିବାରୁ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ପ୍ରଶାସନ କିମ୍ବା ଜନପ୍ରତିନିଧି ଆନ୍ଦୋଳନକାରୀଙ୍କ ସହିତ ଏନେଇ ଆଲୋଚନା ନ କରିବାରୁ ଅସନ୍ତୋଷ ଦେଖାଦେଇଛି।

### ଏମାନେ ଯାହା କୁହନ୍ତି...

"୧୯୧୭ ମସିହାରୁ ସ୍ଥାପିତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ସ୍ଥିତି ବିକାଶ ହେବା ପରିବର୍ତ୍ତେ ବିପର୍ଯ୍ୟସ୍ତ ହୋଇପଡିଛି। ୩୦ ବର୍ଷର ଦାବି ସତ୍ତ୍ୱେ ଆଞ୍ଚଳବାସୀଙ୍କୁ ସୁଫଳ ମିଳିଲା ନାହିଁ। ଫଳରେ ଅଞ୍ଚଳର ନାଗରିକମାନେ ଗତ ମେ' ୨୨ରୁ ସତ୍ୟାଗ୍ରହ ଜାରି ରଖିଛନ୍ତି। ଆଗକୁ ଚକ ଅଖ ବନ୍ଦ ଡାକରା ଦିଆଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

**- ଲାଲା ଦିଲୀପ ରାୟ, ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ସଭାପତି**

"ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ବେଗୁନିଆବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇଆସୁଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ୨୦୧୫ ମେ'୧୦ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଓ ଅନ୍ୟ ସଦସ୍ୟମାନେ ଗସ୍ତକରି ସେବା ସ୍ଥିତି ପରଖିବା ପରେ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୫ ବର୍ଷ ବିତିଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ସିଏଚସି ଚୟନ ତାଲିକାରୁ ବେଗୁନିଆକୁ ବାଦ୍ ଦିଆଯାଇଛି।

**- ଦେବାଶିଷ ସାହୁ, ଯୁବ ଇଞ୍ଜିନିୟର**

"ଗ୍ରୀଷ୍ମ ପ୍ରବାହ ସମୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ୧୫ଦିନ ଧରି ଜାରି ହୋଇଥିବା ସତ୍ୟାଗ୍ରହ ସ୍ଥଳକୁ କୌଣସି ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ପହଞ୍ଚି ନାହାନ୍ତି। ଏହା ଦୁଃଖଦାୟକ ପ୍ରସଙ୍ଗ। ଆଗାମୀ ଦିନ ରାଜ୍ୟ ସରକାର ଲୋକଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ସମାଧାନର ସୂତ୍ର ବାହାର କରନ୍ତୁ।

**- ରାଜ କିଶୋର ପାଣିଗ୍ରାହୀ, ଶିକ୍ଷାବିତ୍**

"'ଗାଁ କୁ ଯାଅ, ଲୋକଙ୍କ ମୌଳିକ ଆବଶ୍ୟକତାକୁ ସମାଧାନ କର' ଏବଂ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇ ଦିଅ ବୋଲି ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ ରାଜଧାନୀ ଭୁବନେଶ୍ୱର ଠାରୁ ୪୦ କିମି ଦୂରରେ ଥିବା ବେଗୁନିଆବାସୀଙ୍କ ପାଇଁ ଏହି ବାର୍ତ୍ତା କାମରେ ଆସୁନି। ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସତ୍ୟାଗ୍ରହ ଜାରି ରଖିଥିବା ନାଗରିକଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବନ୍ଧା ହେବା ଭଳି ମନେ ହେଉଛି।

**- ସୁଶାନ୍ତ କୁମାର ରାୟ, ବରିଷ୍ଠ ଆଇନଜୀବୀ**

"ସ୍ୱାର୍ଥ ପାଇଁ ନୁହେଁ, ବେଗୁନିଆ ବାସୀଙ୍କ ସ୍ୱାଭିମାନ ରକ୍ଷା ଓ ଲୋକଙ୍କ ହକ୍ ପାଇଁ ୩୦ ବର୍ଷ ହେବ ଲଢେଇ ଜାରି ରହିଛି। ଆଗକୁ ମଧ୍ୟ ଜାରି ରହିବ। ୫ବର୍ଷକୁ ଥରେ ଭୋଟ ପାଇଁ ଜନପ୍ରତିନିଧିମାନେ ଆସିଥାନ୍ତି ଆଉ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ନିର୍ବାଚନ ପରେ ଲୋକଙ୍କ କଥା ଭୁଲିଯାଆନ୍ତି।

**- ଶିବ କୁମାର ମୁନି, ବେଗୁନିଆ ବଜାର କମିଟି ସଭାପତି**

**ଅଧିକ ଭଡ଼ା ଆଦାୟ ଯୋଗୁ ୩ ବସ୍‌କୁ ଜରିମାନା**

ପୁରୀ ଅଫିସ, ୫।୬: ବାଲେଶ୍ୱର ବାହାନଗାଠାରେ ଟ୍ରେନ ଦୁର୍ଘଟଣା ପରେ ରେଳ ଚଳାଚଳ ପ୍ରଭାବିତ ହୋଇଛି । ଏହାର ସୁଯୋଗରେ ଅନେକ ଘରୋଇ ଯାତ୍ରୀବାହୀ ବସ ଯାତ୍ରୀମାନଙ୍କଠାରୁ ଅଧିକ ୨-୩ଗୁଣ ଭଡ଼ା ଆଦାୟ କରୁଛନ୍ତି । ସୋମବାର ପୁରୀ ମାଳତୀ ପାଟପୁରଠାରେ ଏଭଳିଭାବେ ବଙ୍ଗୀୟ ଭକ୍ତମାନଙ୍କଠାରୁ ଅଧିକ ଭଡ଼ା ଆଦାୟ ଅଭିଯୋଗରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୩ଟି ବସକୁ ଅଟକ ରଖାଯିବା ସହ ଜରିମାନା ଆଦାୟ କରାଯାଉଛି । ଆଗକୁ ମଧ୍ୟ ଏଭଳି ଚଢ଼ାଉ ଓ ଜରିମାନା ଆଦାୟ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ମିଳିଛି ।

## ସଂକ୍ଷେପରେ

### ବାଲ୍ୟ ବିବାହ, ଶିଶୁ ଚାଲାଣ ରୋକିବା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୫।୬: ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ପୁରୀ ଜିଲା ଶିଶୁ ସୁରକ୍ଷା କମିଟି ଓ ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ କମିଟି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ଜିଲା ଶିଶୁ ସୁରକ୍ଷା ଶାଖା ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାଲ୍ୟବିବାହ ନିଷେଧ ତଥା ଅନୈତିକ ଶିଶୁ ଚାଲାଣରୁ ମୁକ୍ତ ସମାଜ ଗଠନରେ ସଂଯୁକ୍ତ କାର୍ଯ୍ୟାନ୍ୱୟନ ଓ ଯୋଜନା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଶିଶୁଙ୍କ ନିମନ୍ତେ ଜିଲାରେ ହେଉଥିବା କାର୍ଯ୍ୟର ସମୀକ୍ଷା ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଜିଲାରେ ଶିଶୁ ସୁରକ୍ଷା ତଥା ଅଧିକାର ସୁନିଶ୍ଚିତ କରିବା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଆଲୋଚନାରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସରୋଜ ସାହୁ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ ମହାପାତ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ ରଶ୍ମିସୁନ୍ଦର ମିଶ୍ର ଓ ଉପେନ୍ଦ୍ର ବିଶ୍ୱାଳ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ବିଜୟାନନ୍ଦ ମିଶ୍ର, ଚାଇଲ୍ଡଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟ ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମେତ ୪୦ ଜଣ ବିଭାଗୀୟ ଅଧିକାରୀ, ଶିଶୁ ଯତ୍ନ ଅନୁଷ୍ଠାନର ଅଧିକାରୀ ଏବଂ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଚେତନତା ସୃଷ୍ଟି ସହ ସ୍କୁଲ ଡ୍ରପ୍ ଆଉଟ୍‌କୁ ରୋକିବା, ବିଭିନ୍ନ ଧର୍ମାନୁଷ୍ଠାନର ପୂଜକ ଓ କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବା ପାଇଁ ଆଲୋଚନା ହୋଇଥିଲା। ଜିଲା ସଂଯୋଜିକା ରଞ୍ଜିତା ଦାସ ଧନ୍ୟବାଦ ଦେଇଥିଲେ। ଶୁଭନାରାୟଣ ଶତପଥୀ, ସନ୍ତୋଷ ସାହୁ, ସ୍ନିଗ୍ଧାରାଣୀ ସାହୁ, ରୋଜାଲିନ ପାତ୍ର, ଅକ୍ଷୟ ଚୌଧୁରୀ, ହରେକୃଷ୍ଣ ସାହୁ, ବିଜୟ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଅଘୋଷିତ ବିଦ୍ୟୁତ୍‌କାଟକୁ ନେଇ ଉପଭୋକ୍ତା ଅସନ୍ତୁଷ୍ଟ

କାକଟପୁର,୫।୬(ଡି.ଏନ୍.ଏ.)-କାକଟପୁର ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ କାକଟପୁର ସେକ୍ସନର ୧୨ହଜାର ୫୭୮ ଜଣ ଉପଭୋକ୍ତା ଥିବାବେଳେ କିଛିଦିନ ହେବ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉପରୋକ୍ତ ଉପଭୋକ୍ତାଙ୍କ ପାଇଁ ମୋଟ୨୯୬ଟି ଟ୍ରାନ୍ସଫର୍ମର ବସାଯାଇ ୮ଜଣ ରେଗୁଲାର ଓ ୧୫ଜଣ ସାମୟିକ କର୍ମଚାରୀଙ୍କ ସହ ଜଣେ କନିଷ୍ଠ ଯନ୍ତ୍ରୀ ସେକ୍ସନରେ କାର୍ଯ୍ୟରତ ଥିଲେ ମଧ ଉପଭୋକ୍ତାମାନେ ନିରନ୍ତର ବିଦ୍ୟୁତ୍ ସେବା ପାଇପାରୁ ନାହାନ୍ତି। ଅଧିକାଂଶ ଅଘୋଷିତ ବିଦ୍ୟୁତ୍ କାଟ କରିବା ସହ ବେଳେବେଳେ ରାତି ତମାମ ବିଦ୍ୟୁତ୍ କଟିଯାଉଛି। ଏ ନେଇ ଅଭିଯୋଗ କରାଗଲେ, ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି କି ୩୩କେଭି ଫଲଟ ରହିଛି। ଏ ସମ୍ପର୍କରେ ଉପଖଣ୍ଡ ଅଧିକାରୀଙ୍କୁ ପଚାରିବାରେ, ବର୍ତ୍ତମାନ ଗହିର ଭିତରେ ଖୁଣ୍ଟଗୁଡ଼ିକୁ ତଦାରଖ କରାଯାଉଛି। ଯାଞ୍ଚ କରାଯିବା ପରେ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଥାଉକି, କାକଟପୁରଠାରୁ ଗୋପ ଦିଘାଳ ଗ୍ରୀଡର ଦୂରତା ୫୪କିମି ପାଖାପାଖି ହେବ। ୧୯୯୯ ମହାବାତ୍ୟା ପରେ ତତ୍କାଳୀନ ଅଧିକାରୀ କାକଟପୁର ଅଞ୍ଚଳକୁ ତୁରନ୍ତ ଲାଇନ ସେବା ଯୋଗାଇ ଦେବା ଲକ୍ଷ୍ୟରେ ପୁରୁଣା ତାର ସହିତ କିଛି ନୂତନ ତାର କଟପିସ୍ ଯୋଡି ଲାଇନ୍ ଯୋଗାଇ ଦେଇଥିଲେ। ପରେ ଏହି ୩୩କେଭି ଲାଇନ୍ ତାରର କାର୍ଯ୍ୟତଃ ନବୀକରଣ କରା ନଯାଇ କେବଳ ସମୟେ ସମୟେ ମରାମତି କରାଯାଉଥିବା ଅଭିଯୋଗ ହେଉଥିଲା। ଟାଟା ପାୱାର କମ୍ପାନୀ ବିଦ୍ୟୁତ୍ ବିତରଣ ଓ ସୁଷମ ବଣ୍ଟନ ଚୁକ୍ତିପତ୍ର କରିଥିଲେ ମଧ କେବଳ ଉପଭୋକ୍ତାଙ୍କଠାରୁ ବିଲ୍ ଆଦାୟ ଉପରେ ଗୁରୁତ୍ୱ ଦେଉଛି ସିନା ଯୋଗାଣର ଇନ୍‌ଫ୍ରାଷ୍ଟ୍ରକଚର୍ ଉପରେ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି।

# ସମସ୍ୟା ଘେରରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର

**ନାହାନ୍ତି ବିଶେଷଜ୍ଞ ଡାକ୍ତର**
- ହଇରାଣ ହେଉଛନ୍ତି ରୋଗୀ
- ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

ନିମାପଡ଼ା,୫।୬(ଡି.ଏନ୍.ଏ.)

ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘଦିନ ହେଲା ବହୁସମସ୍ୟା ଭିତରେ ବୁଡ଼ି ରହିଛି। ହେଲେ ସମସ୍ୟା ସମାଧାନର ନାଁ ଗନ୍ଧ ନାହିଁ। କେବେ ସେହି ସମସ୍ୟାଗୁଡ଼ିକ ସମାଧାନ ହେବ ତାହା ସ୍ପଷ୍ଟ ଭାବେ ଜଣାପଡୁନି। ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ସମେତ ଅନେକ ଡାକ୍ତର ପଦବୀ ଦୀର୍ଘ ବର୍ଷ ହେବ ଖାଲି ପଡ଼ିଥିବାରୁ ରୋଗୀସେବା ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇ ରୋଗୀ ହଇରାଣ ହେଉଛନ୍ତି।

ପୁରୀ ଜିଲା ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ବହୁ ପୁରାତନ ଓ ଗୁରୁତ୍ୱପୂର୍ଣ୍ଣ, ସୁଦୀର୍ଘ ମେଡିକାଲ ଭାବେ ବେଶ୍ ଜଣାଶୁଣା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, ପିପିଲି, କୋଣାର୍କ ଆଦି ବ୍ଲକର ଶହଶହ ରୋଗୀ ନିର୍ଭର କରନ୍ତି। ୪୪ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟତଃ ବହୁ ବିଶେଷଜ୍ଞ ଡାକ୍ତର ପଦବୀ ଓ ଅନ୍ୟାନ୍ୟ ଡାକ୍ତର ପଦବୀ ଖାଲି ପଡ଼ିବା ଘଟଣା ଏବେ ନିମାପଡ଼ା ମେଡିକାଲ ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇପଡିଛି। ହେଲେ ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦୌ ଦୃଷ୍ଟି ପଡୁ ନାହିଁ। ଏହି ମେଡିକାଲରେ ମୁଖ୍ୟତଃ ଅନ୍ୟୂନ ୩ ଜଣ ବିଶେଷଜ୍ଞ ଡାକ୍ତରଙ୍କ ସମେତ ମୋଟରେ ୮/୯ ଜଣ ଡାକ୍ତର ରହିବାର ନିୟମ ରହିଛି। ହେଲେ ଏବେ ମେଡିକାଲରେ ମୋଟ ୪ ଜଣ ଡାକ୍ତର ରହିଥିବାବେଳେ ଦୀର୍ଘ ବର୍ଷ ଧରି ୪/୫ ଡାକ୍ତରଙ୍କ ପଦବୀ ଖାଲି ପଡ଼ିଛି। ସର୍ଜରୀ, ମେଡିସିନ୍, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଦୀର୍ଘ ବର୍ଷ ଧରି ନ ଥିବାବେଳେ ୩ଜଣ ବିଶେଷଜ୍ଞ ଡାକ୍ତରୀ ପଦବୀ ଖାଲି ପଡ଼ିଛି। ଏଠାରେ କେହି ଜଣେ ସ୍ଥାୟୀ ଡ୍ରେସର ନ ଥିବାରୁ ରୋଗୀସେବା ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ଡ୍ରେସରଙ୍କ ବଦଳରେ ଏହି ମେଡିକାଲରେ ଗୁରୁତ୍ୱପୂର୍ଣ୍ଣ ରୋଗୀଙ୍କ ଡ୍ରେସିଂ ଆଟେଣ୍ଡାଣ୍ଟ କରୁଥିବା ଘଟଣା ଅତ୍ୟନ୍ତ ହାସ୍ୟାସ୍ପଦ, ଦୁର୍ଭାଗ୍ୟଜନକ, ଲଜ୍ଜାର ବିଷୟ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସେହିପରି ଥାଇରଏଡ୍, ଯକୃତଜନିତ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ରୋଗୀଙ୍କ ପରୀକ୍ଷାନିରୀକ୍ଷା ପାଇଁ ମେଡିକାଲରେ ସୁବ୍ୟବସ୍ଥା ନ ଥିବାରୁ ରୋଗୀ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଅଯଥାରେ ବହୁ ଅର୍ଥ ବ୍ୟୟ କରି ବାହାରେ ପରୀକ୍ଷା କରୁଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଓ ଡାକ୍ତରଖାନାଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବାର ଡିଣ୍ଡିମ ପିଟୁଛନ୍ତି। ହେଲେ କେତେକ ଅତ୍ୟନ୍ତ ଜରୁରୀ ବ୍ୟବସ୍ଥାର ଅଭାବ ଯୋଗୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଦେଖାଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ ଥର କାୟାକଳ୍ପ ପୁରସ୍କାର ମିଳିଥିବାବେଳେ ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଅନ୍ୟୂନ ୫ଶହ ରୋଗୀ ଚିକିତ୍ସା ପାଇଁ ବିଭିନ୍ନ ଅଞ୍ଚଳରୁ ଆସି ଲମ୍ବା ଧାଡ଼ିରେ ଠିଆ ହୋଇ ଭିଡ଼ ଜମାଉଛନ୍ତି। ହେଲେ ମେଡିକାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବା ଓ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀସେବା ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କ୍ଷମାନିଧି ସେଠୀଙ୍କୁ ପଚାରିବାରେ, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକଙ୍କୁ ବାରମ୍ବାର ଅବଗତ କରାଯାଇଥିବା କହିଛନ୍ତି। ତୁରନ୍ତ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବା ସହ ଖାଲି ପଡ଼ିଥିବା ବହୁ ଡାକ୍ତରୀ ପଦବୀ ପୂରଣ ଦିଗରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ଥାନୀୟ ବିଧାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଢ଼ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ନିମାପଡ଼ା ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ଦିଗରେ ସରକାରୀ କଳ ଯଦି କାଳକ୍ଷେପଣ ନୀତି ଅବଲମ୍ବନ କଲେ ବହୁ ରାଜନେତା, ବୁଦ୍ଧିଜୀବୀ, ସ୍ଥାନୀୟ ଅଞ୍ଚଳବାସୀ, ସାମାଜିକ କର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



କଣାସରେ ପଲ୍ଲୀ ସଂସ୍କୃତି କଳାପରିଷଦ ଓ ପିଏସ୍ କ୍ୟାରିୟର ଆନୁକୂଲ୍ୟରେ ଜନମଙ୍ଗଳ କ୍ଲବ ସହାୟତାରେ ଆୟୋଜିତ ଶୋଭାଯାତ୍ରା ।

## ପରିବେଶ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

କଣାସ,୫।୬(ସ୍ୱ.ପ୍ର.)

କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ଟିପୁରୀ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ସଂସ୍କୃତି କଳାପରିଷଦ ଓ କଣାସସ୍ଥିତ ପିଏସ୍ କ୍ୟାରିୟର ଆନୁକୂଲ୍ୟରେ ଜନମଙ୍ଗଳ କ୍ଲବ ସହାୟତାରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଜନସଚେତନତା ପାଇଁ ପିଏସ୍ କ୍ୟାରିୟର ଛାତ୍ରୀଛାତ୍ର ପରିବେଶର ସୁରକ୍ଷା ନିମନ୍ତେ ବିଭିନ୍ନ ପରିବେଶ ସମ୍ପର୍କିତ ଲେଖାଥିବା ପ୍ଲାକାର୍ଡ ଧରି କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେଠାରୁ ବାଲିଘାଇ ଛକ, କଣାସ ବଜାର, କଣାସ ବସ୍‌ଷ୍ଟାଣ୍ଡ, ଗୋଲାବଜାର ଦେଇ ଦୋକନ୍ଦା ମେଳନ ପଡ଼ିଆରେ ପହଞ୍ଚିଥିଲେ। ପଡ଼ିଆରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜନମଙ୍ଗଳ କ୍ଲବର ସୁକାନ୍ତ କିଶୋର ସାମନ୍ତରାୟ, ପଲ୍ଲୀ ସଂସ୍କୃତି କଳାପରିଷଦର ସମ୍ପାଦକ ଅପର୍ତ୍ତି ମହାପାତ୍ର, ଅଗ୍ନିସେବା କେନ୍ଦ୍ରର ମହେଶ୍ୱର ପରିଡ଼ା, ପିଏସ୍ କ୍ୟାରିୟର ମୁଖ୍ୟ ଶୁଭାଶିଷ ପହାନ୍ତାସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାମାଜିକ କର୍ମୀ ବାମନଚରଣଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ

ନିମାପଡ଼ା,୫।୬(ଡି.ଏନ୍.ଏ.)

ନିମାପଡ଼ା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ସୁସଂଗଠକ ବାମନଚରଣ ମହାନ୍ତିଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ମୃତିଚାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବ୍ଲକ ଅଧୀନ ଭାଟବନ୍ଧ ବଣିଆ ସାହୁ ଗ୍ରାମରେ ଆୟୋଜିତ ସଭାରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତପ୍ରସାଦ ସାବୁତ୍, ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, ସରପଞ୍ଚ ତପନ ମଲ୍ଲିକ୍, ବରିଷ୍ଠ ଆଇନଜୀବୀ ବିଜୟ ପ୍ରଧାନ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଯୁବନେତା ଅଶୋକ ସାହୁ, ଖବରଦାତା ରୋଜାଲିନ୍ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ନିମାପଡ଼ା ଅଞ୍ଚଳରେ ଗଢିଉଠିଥିବା ଭାଟବନ୍ଧ ଉଚ୍ଚ ବିଦ୍ୟାଳୟ, ସତ୍ୟସାଇ ସେବା ସମିତି, ଭାରତୀୟ ଜୀବନବୀମା ନିଗମ ନିମାପଡ଼ା ଶାଖା ସମେତ ବହୁ ଧାର୍ମିକ ଅନୁଷ୍ଠାନ, ବହୁ ସାମାଜିକ ସେବା, ସାଂସ୍କୃତିକ ଅନୁଷ୍ଠାନ ପାଇଁ ସ୍ୱର୍ଗତ ମହାନ୍ତିଙ୍କ ତ୍ୟାଗ ଓ ଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କର୍ମଯୋଗୀ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିରେ 'ଶୋକସ୍ତବକ' ନାମକ ଏକ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ସ୍ମୃତିଚାରଣ ସଭାରେ ଅତିଥିଙ୍କ ସମେତ ପ୍ରଫେସର ଅନନ୍ତରାମ ପଣ୍ଡା, ଭାଟବିନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜକିଶୋର ସାହୁଙ୍କ ସମେତ ବହୁ ରାଜନେତା, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ଶ୍ରଦ୍ଧାଞ୍ଜଳି ସମାରୋହରେ ଅତିଥିମାନେ ସ୍ମୃତି ପତ୍ରିକା 'ଶୋକସ୍ତବକ' ଉନ୍ମୋଚନ କରୁଛନ୍ତି।

### ଟ୍ରେନ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପାଇଁ ମନ୍ଦିରରେ ଦୀପଦାନ, ଶୋକସଭା

କଣାସ,୫।୬(ସ୍ୱ.ପ୍ର.)

କଣାସ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର କଣାସ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ମନ୍ଦିରରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଆତ୍ମାର ସଦ୍‌ଗତି ଏବଂ ଆହତଙ୍କ ଆରୋଗ୍ୟ କାମନା କରି ଦୀପଦାନ କରାଯାଇଛି। ପରେ ସଂଘ ସଭାପତି ଶ୍ରୀକାନ୍ତ ପଟ୍ଟଯୋଷୀଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ମୃତକଙ୍କ ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆହତ ବ୍ୟକ୍ତି କିପରି ଶୀଘ୍ର ଆରୋଗ୍ୟ ଲାଭ କରିବେ, ସେନେଇ ମା'ଙ୍କ ନିକଟରେ ବ୍ୟବସାୟୀମାନେ ନିବେଦନ କରିଥିଲେ। ଶୋକସଭାରେ ବ୍ୟବସାୟୀ ଶରତ ମହାପାତ୍ର, ଶ୍ୟାମବନ୍ଧୁ ଭୋଳ, ବେଣୁଧର ପାଇକରାୟ, ବିଚିତ୍ରାନନ୍ଦ ପ୍ରଧାନ, ସାମାଜିକ କର୍ମୀ ହରିହର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

### ଲୋକେ ଜମି ଫେରିପାଇବା ନେଇ ଆଲୋଚନା

ପୁରୀ ଅଫିସ, ୫।୬:

ପୁରୀ ସଦର ବାଇଶିମୌଜା ଅନ୍ତର୍ଗତ କବିରାଜପୁର ଗ୍ରାମ ଦୋଳମଣ୍ଡପଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଦାମୋଦର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ବିଜୟ ଦିବସ, ବେଦାନ୍ତର ଏହି ବେଆଇନ୍ ଜମି ହଡପକୁ ନେଇ ହୋଇଥିବା ଆନ୍ଦୋଳନରେ ସହଯୋଗ କରିଥିବା 'ନର୍ମଦା ବଞ୍ଚାଅ ଆନ୍ଦୋଳନ'ର ପୁରୋଧା ମେଧା ପାଟେକର, ଆଇନଜୀବୀ ପ୍ରଶାନ୍ତ ଭୂଷଣ, ଅଜିତ୍ ପୁଦୁସୁରୀ ଓ ଚିନ୍ମୟ ମିଶ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକେ କିପରି ସେମାନଙ୍କ ଜମି ଫେରିପାଇବେ ସେ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆବାହକ ଉମାବଲ୍ଲଭ ରଥ କହିଥିଲେ। ବୈଠକରେ ସମିତିର ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର, କୈଳାସ ସ୍ୱାଇଁ, ପ୍ରଭାକର ଗୋଛାୟତ, ଲକ୍ଷ୍ମଣ ପ୍ରଧାନ, ଦାମୋଦର ନାୟକ, ପ୍ରଭାକର ସ୍ୱାଇଁ, ରମେଶ ସ୍ୱାଇଁ, ଅଭିନ୍ନ ଚନ୍ଦ୍ର ସ୍ୱାଇଁ, ରମେଶ ପ୍ରଧାନ, ହରପ୍ରସାଦ ଜେନା, ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା ପାଇଁ ସମ୍ମାନିତ ହେଲେ ପିପିଲି ଝିଅ


ପୁରବୀ ପୂର୍ଣ୍ଣାଶା ମିଶ୍ରଙ୍କୁ ସମ୍ମାନିତ କରାଯାଉଛି ।

ପିପିଲି,୫।୬(ଡି.ଏନ୍.ଏ.)

ପରିବେଶ ସୁରକ୍ଷା ଦିଗରେ ଗବେଷଣା କରି ପିପିଲି ଝିଅ ପୁରବୀ ପୂର୍ଣ୍ଣାଶା ମିଶ୍ର ସୋମବାର ଅନ୍ତର୍ଜାତୀୟସ୍ତରରେ ସମ୍ମାନିତ ହୋଇଛନ୍ତି। ଡ. ରଘୁନାଥ ମିଶ୍ର ଏବଂ ଅଧ୍ୟାପିକା ଜ୍ୟୋତିର୍ମୟୀ ନନ୍ଦଙ୍କ ଝିଅ ପୁରବୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପରିବେଶ ଉପରେ ପିଏଚ୍‌ଡି କରୁଥିବାବେଳେ ଆଇଆଇଟି ଭୁବନେଶ୍ୱରରେ ପରିବେଶ ସୁରକ୍ଷା ଦିଗରେ ରିସର୍ଚ୍ଚ କରୁଛନ୍ତି। ଏହି ଅବସରରେ ସେ ନିଜ ପ୍ରକଳ୍ପକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ସ୍ଥାୟୀ ଫ୍ୟାଶନ ସ୍କେଲିଂ ସିଷ୍ଟମ୍‌ର ପ୍ରୋଜେକ୍ଟ ଉପସ୍ଥାପନ କରିଥିଲେ। ତାଙ୍କର ଏହି ପ୍ରୋଜେକ୍ଟ ବିଶ୍ୱସ୍ତରରେ ମନୋନୀତ ହୋଇଥିଲା। ବିଶ୍ୱ ପରିବେଶ ଦିବସ ଅବସରରେ ସୋମବାର ତାଙ୍କୁ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ବିଶ୍ୱର ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ସମ୍ମାନିତ କରାଯାଇଥିଲା। ମିଳିତ ଜାତିସଂଘ, ବିଶ୍ୱ ସମ୍ବଳ ପ୍ରତିଷ୍ଠାନ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅଶ୍ୱିନ ଦୁବେ ପୁରବୀଙ୍କୁ ସମ୍ମାନିତ କରିଥିଲେ। ଏସବୁ କ୍ଷେତ୍ରରେ ପୁରବୀଙ୍କ ସ୍ୱାମୀ ଅରୁଣ ମିଶ୍ରଙ୍କ ଅବଦାନ ରହିଥିବା ସେ ପ୍ରକାଶ କରିଥିଲେ।

## ପଞ୍ଚାୟତ ଅଫିସ ଗୃହରେ ବେଆଇନ ଲଙ୍କାବସ୍ତା ମହଜୁଦ ଥିବା ଅଭିଯୋଗ

ନିମାପଡ଼ା,୫।୬(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅଧୀନ ଧଳେଶ୍ୱର ଗ୍ରାମପଞ୍ଚାୟତ ଅଫିସ ଗୃହ ଓ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଶତାଧିକ ଶୁଖିଲା ଲଙ୍କାବସ୍ତା ଥିବା ଜଣାପଡ଼ିଛି। ଏପରି ବେଆଇନ, ମନମୁଖି ଭାବେ ଲଙ୍କାବସ୍ତା ଥିବା ନେଇ ପଞ୍ଚାୟତବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ପ୍ରହଲ୍ଲାଦ ବରାଳ, କାହ୍ନୁଚରଣ ଖଟୋଇ, ଦୁଃଖିଶ୍ୟାମ ମଲ୍ଲିକ, ବିପିନ ବିହାରୀ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟ ଓ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଏବେ ଲଙ୍କାବସ୍ତାର ଗୋଦାମ ଘର ପାଲଟିଥିବା କହିଛନ୍ତି। ଏନେଇ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ଏହି ଘଟଣା ସମ୍ପର୍କରେ ଅଭିଯୋଗ ପାଇ ତଦନ୍ତ କରିବାକୁ ବ୍ଲକ ଜିପିଓଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଜିପିଓ ଗୁଣନିଧି ମିଶ୍ରଙ୍କୁ ପଚାରିବାରେ, ବିଡିଓଙ୍କ ନିର୍ଦ୍ଦେଶରେ ସେ ପଞ୍ଚାୟତ ଗୃହରେ ତଦନ୍ତ କରିଛନ୍ତି। ଶୁଖିଲା ଲଙ୍କା ବସ୍ତାଗୁଡ଼ିକ ପଞ୍ଚାୟତ ଗୃହ କି ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆଦୌ ରଖାଯାଇନାହିଁ। ସେହି ବସ୍ତାଗୁଡ଼ିକୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ମୁଖ୍ୟ ରାସ୍ତାକଡ଼ରେ କେହି ରଖିଥିବା ମିଶ୍ର କହିଛନ୍ତି। ଏ ସମ୍ପର୍କରେ ପିଇଓ ସୋମନାଥ ନାୟକଙ୍କୁ ପଚାରିବାରେ, ଏହି ଦୁଇ ଗୃହରେ ଲଙ୍କାବସ୍ତା ରଖାଯାଇନାହିଁ। ତାହା ମୁଖ୍ୟ ରାସ୍ତାକଡ଼ରେ କେହି ବ୍ୟକ୍ତି ରଖିଥିବା ନାୟକ କହିଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ପଚାରିବାରେ ବଳଙ୍ଗା ଅଞ୍ଚଳକୁ ଯାଉଥିବା ଏକ ଲଙ୍କା ବୋଝେଇ ଟ୍ରକ୍ ହଠାତ୍ ପଞ୍ଚାୟତ ଅଫିସ ନିକଟରେ ଖରାପ ହୋଇଯିବାରୁ ବେପାରୀ ଜଣଙ୍କ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିକଟ ମୁଖ୍ୟରାସ୍ତା କଡ଼ରେ ଲଙ୍କାବସ୍ତାଗୁଡ଼ିକ ରଖିଛନ୍ତି। ଯାହା ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସରପଞ୍ଚ କହିଥିଲେ।

## ପୁସ୍ତକ 'ଗଛ ହସିଲେ ଜଗତ ହସେ' ଲୋକାର୍ପିତ


'ଗଛ ହସିଲେ ଜଗତ ହସେ' ପୁସ୍ତକ ଲୋକାର୍ପଣ କରାଯାଉଛି ।

ଡେଲାଙ୍ଗ,୫।୬(ଡି.ଏନ୍.ଏ.)

ସବୁଜ ଡେଲାଙ୍ଗ ଟ୍ରଷ୍ଟ ପକ୍ଷରୁ ସୋମବାର ବିଶ୍ୱପରିବେଶଦିବସ ପାଳିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତଥା ପରିବେଶବିତ୍ ହୃଷୀକେଶ ପାଢ଼ୀଙ୍କ ସଭାପତିତ୍ୱରେ ପିଢ଼ପାଟଣାସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତ ଦେବ ମଠ ପରିସରରେ ପରିବେଶ ସଚେତନ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମଠର ମାତା ସୁମିତ୍ରା ଦାସୀ, ସଂସ୍କୃତି ଓ ପରିବେଶପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ, ସାମାଜିକ କର୍ମୀ ଶାନ୍ତିଲତା ପାଢ଼ୀ, ଶିକ୍ଷକ ଭଗବାନ ସାହୁ, ଦିଲୀପ ନାୟକ, ସୋମନାଥ ସେନାପତି, ନିରଞ୍ଜନ ସାହୁ, ମଳୟ ଜେନା, ଭଗବାନ ମହାରଣା, ଶିକ୍ଷୟିତ୍ରୀ କାବେରୀ ପ୍ରଧାନ, ଅର୍ଜୁନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁସ୍ତକ 'ଗଛ ହସିଲେ ଜଗତ ହସେ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। 'ପରିବେଶ ପାଇଁ ଗଛଟିଏ' ବ୍ୟାନରକୁ ରେଞ୍ଜିତ ସ୍ମାର୍ଟ ଜୋନ୍‌ଠାରେ ସାମାଜିକ କର୍ମୀ ନିତ୍ୟାନନ୍ଦ ସ୍ୱାଇଁ ଲୋକାର୍ପିତ କରିଥିଲେ। ଶିକ୍ଷକ ସାହୁ ଲୋକାର୍ପିତ ପୁସ୍ତକର ପରିବେଶ ସୁରକ୍ଷା ବିଷୟକୁ କବିତା ମାଧ୍ୟମରେ ପଠନ କରିଥିଲେ। ମଠ ପରିସରରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

## ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ

- ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକ
- ରେଳ ଦୁର୍ଘଟଣା କ୍ଷତିଗ୍ରସ୍ତ ପରିବାରଙ୍କୁ ଦାନ କରିବେ ଛୁଟି ସମୟର ଦରମା

ପୁରୀ ଅଫିସ, ୫।୬:

ପୁରୀ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅମଲା କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଏହାପରେ ରାଜ୍ୟ ଆବାହକ ଚିତ୍ତରଞ୍ଜନ ତରାସିଆ ଉପସ୍ଥିତ ସମସ୍ତ ଅମଲାଙ୍କୁ ଉଦ୍‌ବୋଧନ ଦେଇ ଶୃଙ୍ଖଳିତ ଓ ସୁସଙ୍ଗଠିତ ଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବଙ୍କ ସହ ରାଜ୍ୟ ନେତୃବୃନ୍ଦ କରିଥିବା ଆଲୋଚନାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା। ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସାମୂହିକ ଛୁଟି ପ୍ରତ୍ୟାହାର ପାଇଁ କରାଯାଇଥିବା ଅନୁରୋଧକୁ ସମସ୍ତ ସଦସ୍ୟ ଅଗ୍ରାହ୍ୟ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ନିଷ୍ପତ୍ତି ନେଇଥିଲେ। ସରକାର ତୁରନ୍ତ ଦାବି ପୂରଣ କରନ୍ତୁ ବୋଲି ସେମାନେ ଅନୁରୋଧ କରିଥିଲେ। ସାମୂହିକ ଛୁଟି ସମୟର ସମସ୍ତ ଦରମା ବାଲେଶ୍ୱର ଟ୍ରେନ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ପାଇଁ ସମସ୍ତ ସଦସ୍ୟ ମତବ୍ୟକ୍ତ କରିଥିଲେ। ଏଥିସହ ଉପସ୍ଥିତ ଅମଲାମାନେ ନିଜେ ଅସୁବିଧାରେ ଥାଇ ମଧ୍ୟ ସ୍ୱେଚ୍ଛାକୃତ ଭାବେ ୩୧,୧୦୧ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସାହାଯ୍ୟ ପ୍ରଦାନ କରିଥିଲେ। ମଙ୍ଗଳବାର ରକ୍ତଦାନ ଶିବିର ଆୟୋଜନ ସହ ଅମଲାଙ୍କ ଦାବି ତଥା ସାମୂହିକ ଛୁଟି ସମ୍ବନ୍ଧରେ ଜିଲାର ଏମ୍‌ପି ଏବଂ ବିଧାୟକମାନଙ୍କୁ ଲିଖିତ ଆକାରରେ ଜଣାଇବା ପାଇ ବୈଠକରେ ସ୍ଥିର ହୋଇଛି। ଶେଷରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପୁରୀ ଶାଖାର ଆବାହକ ପ୍ରଣବ କୁମାର ଚିନାରା ଏବଂ ଅଧ୍ୟକ୍ଷ ମହେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଡକାୟତି ଯୋଜନାବେଳେ ୪ ଧରାପଡ଼ିଲେ

ସାକ୍ଷୀଗୋପାଳ, ୫।୬(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଥାନା ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବା ୫ଜଣରୁ ୪ଜଣ ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାରଘରିଆ ସାହିର ଲକ୍ଷ୍ମୀଧର ପ୍ରଧାନ (କଇନ), ଆଠବାଟିଆ ଗ୍ରାମର ଦିବାକର ସ୍ୱାଇଁ (ହଟ), ମହାମାୟା ସାହିର ପ୍ରଦୀପ ରାଉତ (ପଦି) ଓ ଆଠବାଟିଆର ଦିଲୀପ କୁମାର ସାହୁ (ଦିଲୁ)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ୪ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସତ୍ୟବାଦୀ ମନ୍ଦିର ପଛପଟେ ଥିବା ବକୁଳବନ ନିକଟ ଏକ ନିକାଞ୍ଚନ ସ୍ଥାନରେ ଡକାୟତି ପାଇଁ ୫ଜଣ ଯୁବକ ଏକାଠି ହୋଇ ଯୋଜନା କରୁଥିବାର ଏକ ଖବର ମିଳିଥିଲା। ସବ୍‌ଇନ୍‌ସପେକ୍ଟର ସୁରମା ସ୍ୱାଇଁ ଓ ଦୀପ୍ତିରଞ୍ଜନ ସାହୁଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୪ ଅଭିଯୁକ୍ତଙ୍କୁ ଧରିଥିବାବେଳେ ଅନ୍ୟଜଣେ ଅଭିଯୁକ୍ତ ଖସି ଯିବାରେ ସକ୍ଷମ ହୋଇଥିଲା। ଏମାନେ ଡକାୟତି ପାଇଁ ବ୍ୟବହାର କରୁଥିବା ଲୁହାରଡ଼, ଛୁରି, ହକି ଷ୍ଟିକ ଓ ଏକ ଖେଳଣା ବନ୍ଧୁକ ସହ ବିଅର ବୋତଲ ଓ ଗ୍ଲାସକୁ ଜବତ କରିଥିଲେ। ୪ ଅଭିଯୁକ୍ତଙ୍କୁ ଜେରା ସମୟରେ ଏକ ଡକାୟତି ପାଇଁ ଯୋଜନା କରୁଥିବାର ସ୍ୱୀକାର କରିଥିଲେ। ଏମାନେ ମୁଖ୍ୟତଃ ରାସ୍ତାରେ ଯାଉଥିବା ମୋଟରସାଇକେଲ ଆରୋହୀ ଓ ଯାତ୍ରୀଙ୍କୁ ଟାର୍ଗେଟ କରିଥାନ୍ତି ବୋଲି ମାନିଥିଲେ। ଏପରିକି ସେମାନେ ଏକ ଖନନ ମେଶିନରୁ ୨ଟି ବ୍ୟାଟେରି ଚୋରି କରିଥିବା କହିବାରୁ ପୋଲିସ ୨ ବ୍ୟାଟେରୀକୁ ଜବତ କରିଛି । ଏମାନଙ୍କ ମଧ୍ୟରୁ ଦିଲୀପ ଓ ପ୍ରଦୀପଙ୍କ ନାମରେ ସତ୍ୟବାଦୀ ଥାନାରେ ଅନେକ ମାମଲା ରହିଛି।


ଗିରଫ ୪ ଅଭିଯୁକ୍ତ ଓ ଜବତ ସାମଗ୍ରୀ ।

## ସଂକ୍ଷେପରେ

### ବାହାନଗା ରେଳ ଦୁର୍ଘଟଣା: ଆହତଙ୍କ ପାଇଁ ରକ୍ତଦାନ ଶିବିର

**କଟକ ଅଫିସ, ୫।୬:** ବାଲେଶ୍ୱର ଜିଲା ବାହାନଗାରେ ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ନିମନ୍ତେ 'ଓଡ଼ିଶା ମୋ ପରିବାର' ଏବଂ 'ଜୀବନବିନ୍ଦୁ' ଆନୁକୂଲ୍ୟରେ ସୋମବାର ମହାନଦୀବିହାରସ୍ଥିତ ଏକ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୨୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି, ଓଡ଼ିଶା ମୋ ପରିବାର ନଗର ସଂଯୋଜକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ସିବି ମେଡିକାଲ କଲେଜର ଡାକ୍ତରମାନଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା।

### ଗଡ଼ଗଡ଼େଶ୍ୱର ମନ୍ଦିରରେ ଦୀପଦାନ

**କଟକ ଅଫିସ, ୫।୬:** ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆରୋଗ୍ୟ ନିମନ୍ତେ କଟକ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗଡ଼ଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ଦୀପଦାନ କରାଯାଇଛି। କଟକ ନଗର ଭାଜପା ଯୁବମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସୁବାସ ଦାସ, ମାନସ ମିଶ୍ର, ବାବୁଲା ଦାସ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦସ, ହରିଚରଣ ନାୟକ, ଜୀବନ ଜ୍ୟୋତି ଦାସ, ସଦାନନ୍ଦ ବିଶ୍ୱାଳ, ଶିଳ୍ପାସୋମିତ୍ରୀ ଗିରି ଗୋସ୍ୱାମୀ, ବିଶ୍ୱଜିତ୍ ପ୍ରଧାନ, ଶମ୍ଭୁ ବେହେରା, ଶିବ ଦାସ, ତନ୍ମୟ ମିଶ୍ର, କୃପାସିନ୍ଧୁ ବିଶ୍ୱାଳ, ରଶ୍ମି ଦାସ, ଶଙ୍କର ଦାସ ପ୍ରମୁଖ ଯୋଗଦେଇଥିଲେ।

### ବିଧାୟକଙ୍କ ଜନ୍ମଦିନରେ ହେବ ରକ୍ତଦାନ

**ମଙ୍ଗୁଳି-ଜଗତପୁର,୫।୬(ଡି.ଏନ୍.ଏ.):** ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ୪୭ତମ ଜନ୍ମଦିନ ଉପଲକ୍ଷେ ଆସନ୍ତା ୧୧ତାରିଖରେ ଟାଙ୍ଗୀସ୍ଥିତ ଏକ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଟାଙ୍ଗୀ ବ୍ଲକ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜୁ ଜନତା ଦଳର ସଭାପତି ଧୀରେନ୍ଦ୍ର ଜେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ଶତାଧିକ ନେତୃମଣ୍ଡଳୀ ଯୋଗଦେଇଥିଲେ। ଆତ୍ମା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଟାଙ୍ଗୀ ବ୍ଲକ ଚେୟାରମ୍ୟାନଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଯୁବ ସଂଗଠକ କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ଚିତ୍ତରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩ଶହରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି।

### ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**କଟକ ଅଫିସ, ୫।୬:** ବକ୍ସିବଜାରଠାରେ ସୋମବାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସଭାପତି ବିଜୟ କୁମାର ପଢ଼ିହାରୀ ବିଶ୍ୱ ପରିବେଶ ଦିବସ ଉପରେ ଆଲୋଚନା କରିଥିଲେ। ବୃକ୍ଷ ସୁରକ୍ଷା ପରିବେଶ ସୁରକ୍ଷା, ଗଛ ଲଗାଅ ଦେଶ ବଞ୍ଚାଅ, ପରିବେଶ ସୁରକ୍ଷା ଆମ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାର ବନ୍ଦ କର ପ୍ରଭୃତି ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସଂଘର ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାସ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଶାନ୍ତ ସାହୁ, ହେମନ୍ତ ପଟ୍ଟନାୟକ, ବଇଁଶି ସାହୁ, ଅଶୋକ ସାହୁ, ଦେବାଶିଷ ଭୋଇ, ରବି ପାଲ, ନବଘନ ସାହୁ, ଖଲିଲ ଖାନ ଓ ଦୁଃଖିଶ୍ୟାମ ମହାପାତ୍ର ଯୋଗଦେଇଥିଲେ।

# ଶୃଙ୍ଖଳାରେ ରଥଯାତ୍ରା ପାଳନ କରିବାକୁ ଗୁରୁତ୍ୱ

**କଟକରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ**

■ରାସ୍ତାଘାଟ ମରାମତି, ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା

କଟକ ଅଫିସ,୫।୬

କଟକ ସହରର ହରିପୁର-ଦୋଳମୁଣ୍ଡାଇ, ଚାନ୍ଦିନୀଚୌକ ଓ ରାଣୀହାଟସ୍ଥିତ ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରାରେ ସଂଖ୍ୟାଧିକ ଜଗନ୍ନାଥ ପ୍ରେମୀ ଯୋଗଦେବେ। ଏଣୁ ରଥଯାତ୍ରାକୁ ସରସ, ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁତ୍ୱ ଦେଇଛନ୍ତି। କଟକରେ ରଥଯାତ୍ରା-୨୦୨୩ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚୟନୀ ଯୋଗଦେଇ ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି କରିବା ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ସେହିପରି କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ଉପସ୍ଥିତ ରହି ରଥଯାତ୍ରା ପାଇଁ ନିର୍ଦ୍ଧାରିତ ସମୟ ଅବଧି ପୂର୍ବରୁ ସମସ୍ତ ପକ୍ଷ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଦୃଷ୍ଟି ଦେବାକୁ କହିଥିଲେ। ଅନ୍ୟପଟେ ରାଜ୍ୟ ନିରାମୟ ଯୋଜନାର ପରାମର୍ଶଦାତା ରଞ୍ଜନ କୁମାର ବିଶ୍ୱାଳ ଯୋଗଦେଇ ୩ଟି ଅଞ୍ଚଳରେ ପ୍ରତ୍ୟେକ ବିଭାଗ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଥିଲେ। ବୈଠକରେ ରଥ ନିର୍ମାଣ, ନୀତିନିର୍ଘଣ୍ଟ, ରାସ୍ତାଘାଟ ମରାମତି, ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତସେବା, ଅଗ୍ନିଶମ ବିଭାଗ ଦ୍ୱାରା ଜଳସିଞ୍ଚନ, ଆଶୁ ଚିକିତ୍ସା ସେବା ଓ ଆମ୍ବୁଲାନ୍ସ ମୁତୟନ, କେବୁଲ ତାର ଅପସାରଣ, ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମା ସଫେଇ ଓ ଜଳ ନିଷ୍କାସନ, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ରଥଯାତ୍ରା ନିମନ୍ତେ ପ୍ରାକ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ଚାନ୍ଦିନୀଚୌକ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି କାର୍ଯ୍ୟକାରୀ ସଭାପତି ଭିକାରି ଦାସ, ହରିପୁର-ଦୋଳମୁଣ୍ଡାଇ ରଥଯାତ୍ରା ପରିଚାଳନା କମିଟି ସମ୍ପାଦକ ଲିଙ୍ଗରାଜ ହାତୀ, ରାଣୀହାଟ ରଥଯାତ୍ରା ପରିଚାଳନା କମିଟି ସଭାପତି ବିଜୟ ସାହୁ, ସନ୍ତୋଷ ରଥ, ଅମ୍ବିକା ପ୍ରସାଦ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, କଟକ ସଦର ତହସିଲଦାର ମାନସ ରଞ୍ଜନ ଭୋଇ, କଟକ ସଦର ଉପଜିଲାପାଳ କମଳଜିତ ଦାସ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ରେଳ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗଡ଼ଗଡ଼େଶ୍ୱର ମନ୍ଦିରରେ ଦୀପଦାନ କରାଯାଉଛି।

## ସମସ୍ୟା ଘେରରେ ୫୬ ନମ୍ବର ୱାର୍ଡ



କଟକ ୫୬ ନମ୍ବର ୱାର୍ଡର ରାସ୍ତା ଅବସ୍ଥା ଶୋଚନୀୟ।

**ବର୍ଷାଋତୁ ପୂର୍ବରୁ ରାସ୍ତା ମରାମତି ଦାବି**

କଟକ ଅଫିସ,୫।୬

କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୫୬ ନମ୍ବର ୱାର୍ଡ ଅନେକ ସମସ୍ୟା ଘେରରେ ରହିଛି। କାଜିପାଟଣା, ଉତ୍ତମାପୁର, ସୁଭଦ୍ରାପୁର, ତେନ୍ତୁଳିନାଳି, ରାଜନଗର ପାଟଣା, ମୁକାମେଶ୍ୱର ଆଦି ଗ୍ରାମକୁ ନେଇ ୫୬ନମ୍ବର ୱାର୍ଡ ଗଠିତ। ଏଠାକୁ ଗମନାଗମନ ବ୍ୟବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷାଦିନେ ଏହି ଅଞ୍ଚଳର ଲୋକେ ଏକପ୍ରକାର ଜଳବନ୍ଦୀ ଅବସ୍ଥାରେ ରହନ୍ତି। ଦୀର୍ଘଦିନରୁ ପାନଗଡ଼ା ବଜାର ରାସ୍ତା ଯାହାକି ମୁକାମେଶ୍ୱର ନଦୀବନ୍ଧରୁ ବାହାରି ବାଲିକୁଦା ତ୍ରିଶୂଳିଆ ମୁଖ୍ୟ ରାସ୍ତା ସଂଯୋଗ କରୁଛି, ତାହା ଖାଲଖମା ଓ ମାଟି କାଦୁଅରେ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାର ମରାମତି, ନବୀକରଣ କିମ୍ବା ଉନ୍ନତୀକରଣ କରାଯାଉନି। ଫଳରେ ଏଠାକାର ଅଧିବାସୀ ଯାତାୟାତରେ ହଇରାଣ ହେଉଛନ୍ତି। ୱାର୍ଡ ବାସିନ୍ଦା ସୀତରାମ ନାୟକଙ୍କ କହିବା ଅନୁଯାୟୀ, ଏହି ଅଞ୍ଚଳର ମୁଖ୍ୟ ରାସ୍ତାଗୁଡିକ ଯେ କେହି ବ୍ୟକ୍ତି ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିପାରିବେ ନାହିଁ। ଏହି ଗ୍ରାମଗୁଡ଼ିକୁ କୌଣସି ନିର୍ବାଚିତ ପ୍ରତିନିଧି ଯଥା ମେୟର କିମ୍ବା ବିଧାୟକଙ୍କ ଦୃଷ୍ଟିଗୋଚର ହେଉନାହିଁ। ସରକାରୀ ବାବୁମାନଙ୍କ କଥା ନ କହିଲେ ଭଲ। ରାସ୍ତାର ବିକାଶ ଲାଗି ବାରମ୍ବାର ଦୌଡ଼ି ଦୌଡ଼ି କୌଣସି ସୁଫଳ ମିଳୁନାହିଁ। ଆଗକୁ ବର୍ଷାଋତୁ ଆସୁଥିଲେ ମଧ୍ୟ ରାସ୍ତା ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରିକି ରାସ୍ତା ମରାମତି ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାମ ଆଗେଇ ପାରୁନାହିଁ। ତେବେ ବର୍ଷାଋତୁ ପୂର୍ବରୁ ରାସ୍ତା ମରାମତି କରାଯିବାକୁ ନାୟକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ମାରାଥନ ରକ୍ତଦାନ ଶିବିର, ୧୮୦ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର,୫।୬(ଡି.ଏନ୍.ଏ)

ବାହାନଗା ରେଳ ଦୁର୍ଘଟଣାରେ ଏବେ ବି ଅନେକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ଜୀବନ ବଞ୍ଚାଇବା ପାଇଁ ରକ୍ତର ଆବଶ୍ୟକ ଥିବାବେଳେ ଚୌଦ୍ୱାରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭ୍ରାମ୍ୟମାଣ ଗାଡ଼ିରେ ରକ୍ତଦାନ ଶିବିର ହୋଇଛି। ଚାରବାଟିଆ ବଜାରସ୍ଥିତ ଦୁର୍ଗାପୂଜା ଗୃହ ନିକଟରେ ସ୍ୱପ୍ନ ଫାଉଣ୍ଡେଶନ ଓ ବିରାଟ ବଜାର ପୂଜା କମିଟିର ସହଯୋଗରେ ଅନୁଷ୍ଠିତ ଶିବିରରୁ ୭୩ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରକୁ ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଉଦ୍‌ଘାଟନ କରିଥିବା ବେଳେ ପୂଜା କମିଟି ସଭାପତି ପ୍ରଶାନ୍ତ ବରାଳ ପ୍ରମୁଖ ଥିଲେ। ନୂଆଗାଁସ୍ଥିତ ଯାଜଭୈରବ ନୂଆଗାଁ ଯାଜ୍ଞସେନୀ ମନ୍ଦିର ଓ ୟୁଥ୍ ଫର୍ ସେବାର ମିଳିତ ସହଯୋଗରେ ଶିବିରରୁ ୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ଥାନୀୟ ଯଯାତି କେଶରୀ କ୍ଲବ ପକ୍ଷରୁ ଆୟୋଜିତ ଶିବିରରୁ ୫୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାଉନସିଲର ବିଜୟ ମଲ୍ଲିକ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ପରିଚାଳନା କରିଥିଲେ। କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାରର ଡାକ୍ତରମାନେ ରକ୍ତସଂଗ୍ରହ କରିଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି: ଯନ୍ତ୍ରୀଙ୍କ ନାମରେ ଅଭିଯୋଗ

କଟକ ସଦର,୫।୬(ଡି.ଏନ୍.ଏ.)

କଟକ ସଦର ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠତ ହୋଇଥିଲା। ଏଥିରେ ବିଭିନ୍ନ ସମସ୍ୟାକୁ ନେଇ ମୋଟ ୨୭ଟି ଅଭିଯୋଗ ଆସିଥିଲା। ଜିଲାପାଳ କେତେକ ସମସ୍ୟାର ଗୁରୁତ୍ୱ ଦେଖି ତ୍ୱରିତ ସମାଧାନ କରିଥିଲେ। ପ୍ରଥମ ଅଭିଯୋଗରେ ପରମହଂସ ପଞ୍ଚାୟତରୁ ଜଣେ ମହିଳା ଯନ୍ତ୍ରୀଙ୍କ ବିରୋଧରେ ଆସିଥିଲା। ସ୍ଥାନୀୟ ଏକ ପୋଖରୀ କାର୍ଯ୍ୟରେ ଅର୍ଥ ହଡ଼ପ ସହ ବିଭିନ୍ନ କାର୍ଯ୍ୟରେ ଉକ୍ତ ମହିଳା ଯନ୍ତ୍ରୀ ଲିପ୍ତ ହୋଇ ଅନିୟମିତତା କରିଥିବା ନେଇ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ରଶ୍ମିରେଖା ବେହେରା, ଅଭିରାମ ବେହେରା, ଶମ୍ଭୁନାଥ ବେହେରା ପ୍ରମୁଖ ଶିବିରରେ ଉପସ୍ଥିତ ମୁଖ୍ୟ ଜିଲା ଉନ୍ନୟନ ଅଧିକାରୀ ଅମ୍ବର୍ କୁମାର କରଙ୍କୁ ଜଣାଇଥିଲେ। ଯେହେତୁ ବିଭିନ୍ନ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଉଛି, ସେଥି ପାଇଁ ଯନ୍ତ୍ରୀଙ୍କୁ ଜଣାଇଲେ କାର୍ଯ୍ୟାନୁଷ୍ଠାନ ବଦଳରେ ଅପମାନ ଶୁଣିବାକୁ ପଡୁଛି ବୋଲି ଅଭିଯୋଗକାରୀମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣିବା ପରେ ଏହାର ତଦନ୍ତ କରିବା ସହ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେବାରୁ ଉନ୍ନୟନ ଅଧିକାରୀ କର ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଚାୟତରୁ ଆସିଥିବା ଲୋକମାନଙ୍କର ମଧ୍ୟ ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ବିଡିଓ ରାଜୀବ ଲୋଚନ ପରିଡ଼ା, ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଉତ୍ସବ

କଟକ ଅଫିସ,୫।୬

ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ କଟକ ଜିଲା ପରିବେଶ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜିଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ କଟକ ବନଖଣ୍ଡ ଏବଂ ଜିଲା ପରିବେଶ ସମିତି ଦ୍ୱାରା ବୃକ୍ଷରୋପଣ, ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା, ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ ବିଷୟ ଉପରେ ଆଲୋଚନାଚକ୍ର ଓ ପ୍ରକୃତିବନ୍ଧୁ ପୁରସ୍କାର ବିତରଣ ପ୍ରଭୃତି କାର୍ଯ୍ୟକ୍ରମ ହୋଇଥିଲା। ବନ ବିଭାଗ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ଚାରା ରୋପଣ କରିଥିଲେ। ପ୍ରଧାନଶିକ୍ଷକ ଅକ୍ଷୟ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ସଭାରେ ଡେପୁଟି କଲେକ୍ଟର ଅଳକାରାଣୀ ଦେବତା ମୁଖ୍ୟ ଅତିଥି ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ମୁଖ୍ୟ ବନ ସଂରକ୍ଷକ ଜିତଶତ୍ରୁ ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଜିଲା କୃଷି ଅଧିକାରୀ ହରିନାରାୟଣ ରଥ, ରାଜକିଶୋର ସ୍ୱାଇଁ, ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ ନନ୍ଦ ମଞ୍ଚାସୀନ ଥିଲେ।

# ପରିବେଶ ପ୍ରଦୂଷଣ ମୁକ୍ତ କରିବା ମାନବର ପ୍ରଥମ କର୍ତ୍ତବ୍ୟ



ଖମାରନୁଆଗାଁସ୍ଥିତ ଅଲ୍ଟ୍ରାଟେକ ସିମେଣ୍ଟ ପ୍ଲାଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ।

**କଟକ ଅଲ୍ଟ୍ରାଟେକ ସିମେଣ୍ଟ ପ୍ଲାଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ**

ଖୁଣ୍ଟୁଣୀ, ୫।୬( ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଖମାରନୁଆଗାଁସ୍ଥିତ କଟକ ଅଲ୍ଟ୍ରାଟେକ ସିମେଣ୍ଟ ପ୍ଲାଣ୍ଟ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କଟକ ସିମେଣ୍ଟ ପ୍ଲାଣ୍ଟ ୱାର୍କର୍ସ ପରିବେଶ ବିଭାଗ ପକ୍ଷରୁ ମନୋରଞ୍ଜନ ସାଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ମୁଖ୍ୟ ଦୀନେଶ ଗୁପ୍ତା ଓ ୟୁନିଟ ମୁଖ୍ୟ ପୁରୁଷୋତ୍ତମ ଭେମୁରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା ପ୍ଲାଷ୍ଟିକ ପ୍ରଦୂଷଣ ସମାଧାନ। ବିଶ୍ୱରେ ତାପମାତ୍ରାକୁ ରୋକିବାକୁ ହେଲେ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ହେଉଛି ପ୍ରତ୍ୟେକ ମାନବ ସମାଜର ପ୍ରଥମ କର୍ତ୍ତବ୍ୟ। ସେମାନଙ୍କ ଛୋଟ ପଦକ୍ଷେପ କିପରି ବିଶ୍ୱର ପରିବେଶକୁ ପ୍ରଦୂଷଣ ମୁକ୍ତ କରିପାରିବ ସେନେଇ ପ୍ରକଳ୍ପ ମୁଖ୍ୟ ଗୁପ୍ତା ଓ ୟୁନିଟ୍ ମୁଖ୍ୟ ଭେମୁରି କହିଥିଲେ। ଏହି ଅବସରରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ, ଏହାର ପୃଥକୀକାରଣ ଓ ଅଭିନବ ଉପାୟରେ ବ୍ୟବସାୟ ମଡେଲ ସୃଷ୍ଟି କରି ଏହାକୁ କିପରି ପୁନଃ ବ୍ୟବହାର କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ମଚାରୀଙ୍କ ପାଇଁ ବିଭିନ୍ନ ବିଷୟରେ କୁଇଜ, ପିଲାଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସ୍ଲୋଗାନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ୟୁନିଟ ଦ୍ୱାରା ଏକ ଚାରା ରୋପଣ ଆୟୋଜନ କରାଯାଇଥିଲା।

# 'ପରିବେଶ ସନ୍ତୁଳନ ପାଇଁ ପ୍ଲାଷ୍ଟିକ ବର୍ଜ୍ୟର କ୍ଷୁଦ୍ର ଶିଳ୍ପ ହେଉ'

କଟକ ଅଫିସ,୫।୬

ଓଡ଼ିଶା ପ୍ରୋଜେକ୍ଟ ମାର୍କେଟିଂ ଡେଭେଲପମେଣ୍ଟ ସେଣ୍ଟର ଓ ରାଜ୍ୟ ପ୍ରଦୂଷଣ ବୋର୍ଡର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଖପୁରିଆସ୍ଥିତ ସରକାରୀ ଆଇଟିଆଇ ସମ୍ମିଳନୀ କକ୍ଷରେ ସୋମବାର ପାଳିତ ହୋଇଯାଇଛି। କାଇଣ୍ଡ ଇଣ୍ଡିଆ ଫାଉଣ୍ଡେଶନ ଅଧକ୍ଷ ଡ.କୃଷ୍ଣଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ଜୀବନଶୈଳୀର ପରିବର୍ତ୍ତନ ସହ ସୁନ୍ଦର ପରିବେଶ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଏନ୍. କେ. ସିଂହ ପରିବେଶ ସନ୍ତୁଳନ ପାଇଁ ପ୍ଲାଷ୍ଟିକ ବର୍ଜ୍ୟର ଉପଯୋଗରେ ଅଣ୍ଟୁ, କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବାକୁ ମତ ଦେଇଥିଲେ। ଅବସରପ୍ରାପ୍ତ ଅଧିକାରୀ ଇଂ. ପିତାମ୍ବର ପରିଡ଼ା ବାୟୁ ପ୍ରଦୂଷଣ ରୋକିବା ଉପରେ ପ୍ରାଥମିକତା ଦେବାକୁ କହିଥିଲେ। ଅଧାପିକା ଡ. ସୁଧାମୟୀ ବେହୁରା ପ୍ରଦୂଷଣମୁକ୍ତ ପରିବେଶ ଶୀର୍ଷକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। କୃଷ୍ଣଚନ୍ଦ୍ର ସାମନ୍ତରାୟ, ସୁପ୍ରିମ ଇଣ୍ଡଷ୍ଟ୍ରିଜ୍‌ର ପ୍ଲାଣ୍ଟ ମ୍ୟାନେଜର ରଞ୍ଜନ କୁମାର ପାଢ଼ୀ, ସେଣ୍ଟରର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କଟକ ସିଡିଏସ୍ଥିତ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ବିଶ୍ୱ ପରିବେଶ ଦିବସ

ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବକ୍ସିବଜାରସ୍ଥିତ ସଂଘର ନାରୀ ସେବାସଦନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦିକା ଆଭା କାନୁନ୍‌ଗୋଙ୍କ ନେତୃତ୍ୱରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବରିଷ୍ଠ ମହିଳା ନାଗରିକ ସଂଘର ସଭାନେତ୍ରୀ ଅନସୂୟା ମିଶ୍ର ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ପରିବେଶକୁ ସୁନ୍ଦର କରାଯିବା ଉପରେ ଆଲୋକପାତ କରିଥିଲେ। ସଂଘ ସଂଗଠନ ସମ୍ପାଦିକା ମୀରା ବେଉରା, ଗିତାଶ୍ରୀ ଦାସ, ବବିତା ଦାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଭାରତୀୟ ଜଳବାୟୁ କଂଗ୍ରେସ ଓ ସତ୍ୟସାଇ ଚାରିଟେବୁଲ ଆଣ୍ଡ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ମହାନଦୀ ବିହାରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଭାରତୀୟ ଜଳବାୟୁ କଂଗ୍ରେସର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ସଞ୍ଜୟ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ, ଡା. ବୀରକିଶୋର ପରିଡ଼ା, ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି ରବୀନ୍ଦ୍ର ପ୍ରଧାନ, ଇନ୍ଦୁ ଦାସ ଓ ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ନିର୍ଦ୍ଦେଶିକା ପ୍ରତିମା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଜନ ଶିକ୍ଷଣ ସଂସ୍ଥାନ ଓ ଇପିୟନ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ସ୍ଥାନୀୟ ସିଡିଏ ସେକ୍ଟର-୮ସ୍ଥିତ ସଂସ୍ଥାନର ସଭାଗୃହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଷ୍ଟିସ୍ ବିମଳ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା ମୁଖ୍ୟବକ୍ତା, ଜନ ଶିକ୍ଷଣ ସଂସ୍ଥାନ କଟକର ନିର୍ଦ୍ଦେଶିକା ଅନିମା ଦାଶଙ୍କ ଅଧ୍ୟକ୍ଷତାରେ ଡ. ସତ୍ୟ ରାୟ, ଇପିୟନ୍ ଟ୍ରଷ୍ଟର ଭାଇସ୍ ଚେୟାରମ୍ୟାନ୍ ଡ. ମିତା ଦେବତା, ଡ. ଅର୍ଜୁନ ବିଶ୍ୱାଳ, ନେହେରୁ ଯୁବକେନ୍ଦ୍ର ସଂଗଠନର ଉପନିର୍ଦ୍ଦେଶକ ଅଶୋକ ଦାସ ଏବଂ ଇପିୟନ୍ ଟ୍ରଷ୍ଟର ଅନ୍ୟତମ ନିର୍ଦ୍ଦେଶିକା ଡ. ମୋନାଲିସା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସୋମବାର ବକ୍ସି ବଜାରଠାରେ ବିଭିନ୍ନ ପ୍ଲାକାର୍ଡ ଧରି ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି।



କଟକ ମିଶନରୋଡସ୍ଥିତ ନ୍ୟୁ ଷ୍ଟୁଆର୍ଟ ସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜ୍ଞାନମଣ୍ଡଳ ପ୍ରଣେତା ବିନୋଦ କାନୁନ୍‌ଗୋଙ୍କ ୧୧୦ତମ ଜୟନ୍ତୀ, ରାଜ୍ୟ ଅଭିଲେଖାଗାର ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ମନେପଡ଼ନ୍ତି 'ଗୌର ପାର୍ବତୀ', ହୋଟେଲ ପାଲହାଇଟ୍‌ସ୍, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସଂସ୍କୃତି ଭବନ, ଅପରାହ୍ନ ୩ଟା।
- ନୃତ୍ୟାମ୍ରା ପକ୍ଷରୁ ପରମବ୍ରହ୍ମ-୨୦୨୩, ସୂଚନା ଭବନ, ଅପରାହ୍ନ ୪ଟା ୩୦।
- କେଦାରନାଥ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ସମ୍ବର୍ଦ୍ଧନା ପର୍ବ, ପ୍ରତିଷ୍ଠାନ ପରିସର, ସନ୍ଧ୍ୟା ୬ଟା ୩୦।

## ୧୧ରେ 'ବ୍ୟାଙ୍କ ଅଫ୍ ବରୋଦା ରାଷ୍ଟ୍ରଭାଷା ସମ୍ମାନ'

### ଶ୍ରେଷ୍ଠ ୬ ପୁସ୍ତକ ମଧ୍ୟରେ 'ଅଭିପ୍ରେତ କାଳ'

**ଭୁବନେଶ୍ୱର,୫।୬(ବ୍ୟୁରୋ):** ଆସନ୍ତା ୧୧ ତାରିଖରେ ଦିଲ୍ଲୀଠାରେ 'ବ୍ୟାଙ୍କ ଅଫ୍ ବରୋଦା ରାଷ୍ଟ୍ରଭାଷା ସମ୍ମାନ' ପୁରସ୍କାର ଘୋଷଣା କରାଯିବ। ଏହାପୂର୍ବରୁ ବିଭିନ୍ନ ଆଞ୍ଚଳିକ ଭାଷାର ଶ୍ରେଷ୍ଠ ୬ଟି ପୁସ୍ତକ ଘୋଷଣା କରାଯାଇଛି। ଏଥିରେ ଲେଖିକା ପାରମିତା ଶତପଥୀଙ୍କ ଓଡ଼ିଆ ଉପନ୍ୟାସ 'ଅଭିପ୍ରେତ କାଳ' ମଧ୍ୟ ସ୍ଥାନ ପାଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ମାନ ପାଇଁ ମନୋନୀତ ଅନ୍ୟ ୫ ପୁସ୍ତକ ମଧ୍ୟରେ ମୋହସିନ୍ ଖାନ୍‌ଙ୍କ ରଚିତ ତଥା ସଏଦ ଅହକ୍ଷଦଙ୍କ ଅନୁବାଦିତ ଉର୍ଦ୍ଦୁ ଭାଷାର 'ଆଲ୍ଲା ମିୟାଁ କା କାରଖାନା', ସିଦ୍ଦିକି ଆଲାମଙ୍କ ଲିଖିତ ତଥା ଅର୍ଜୁମନ୍ଦ ଏରାଙ୍କ ଅନୁବାଦିତ ଉର୍ଦ୍ଦୁ ଭାଷାର 'ଚିନି କୋଠୀ' ମଧ୍ୟ ରହିଛି। ସେହିପରି ମନୋରଞ୍ଜନ ବ୍ୟାପାରୀଙ୍କ ବଙ୍ଗଳା ଭାଷାରେ ଲିଖିତ ପୁସ୍ତକ 'ଘର ପାଲାନୋ ଛେଲେ' ଏବଂ ଅମ୍ରିତା ବେରାଙ୍କ ଅନୁବାଦିତ 'ଭାଗା ହୁଆ ଲଡ଼କା', ମରାଠୀ ଭାଷାରେ ମନୋଜ ବରଗାଓକରଙ୍କ ରଚିତ ତଥା ଗୋରଖ ଥୋରତଙ୍କ ଅନୁବାଦିତ ପୁସ୍ତକ 'ନଦିଷ୍ଟ', ଉର୍ଦ୍ଦୁ ଭାଷାରେ ଖଲିଦ୍ ଜାଭେଦ୍ ଲିଖିତ ତଥା ଜମାଣ ତାରିକଙ୍କ ଅନୁବାଦିତ 'ନେମତ ଖାନା' ରହିଛି। ପାଞ୍ଚଜଣିଆ ବିଚାରକମଣ୍ଡଳୀ ଏହି ୬ଟି ପୁସ୍ତକକୁ ପୁରସ୍କାର ପାଇଁ ଚୟନ କରିଛନ୍ତି।

## ଜଳସମ୍ପଦ ବିଭାଗ: ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତିରେ ବିଳମ୍ବ

**କଟକ ସଦର,୫।୬(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗରେ ପଦୋନ୍ନତି ଭିତ୍ତିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀରେ ନିଯୁକ୍ତି ଦେବା ପାଇଁ ୨୮୨ଜଣ ସହକାରୀ ଯନ୍ତ୍ରୀଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଟି ପର୍ଯ୍ୟାୟରେ ୨୫୮ଜଣଙ୍କୁ ପଦୋନ୍ନତି ଦିଆଯାଇ ନିଯୁକ୍ତି ଦିଆସରିଛି। ହେଲେ ବାକି ୨୪ଜଣଙ୍କୁ ପଦୋନ୍ନତି କରାଯାଇଥିଲେ ମଧ୍ୟ ଏଯାବତ୍ ନିଯୁକ୍ତି ଦିଆଯାଇ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପୁଞ୍ଜିଭୂତ ଅସନ୍ତୋଷ ଆଗାମୀ ଦିନରେ ଧର୍ମଘଟର ରୂପ ନେବ ବୋଲି ଜଣା ପଡ଼ିଛି। ବିଭାଗୀୟ ପଦୋନ୍ନତି କମିଟି ରାଜୀବ ଭବନରେ ୨୦୨୨ ଏପ୍ରିଲ ୨୦ତାରିଖରେ ବସି ଯୋଗ୍ୟ ସହକାରୀ ଯନ୍ତ୍ରୀଙ୍କୁ ମନୋନୀତ କରିବା ପରେ ପ୍ରଥମ ପର୍ଯ୍ୟାୟରେ ୧୯୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୮ଜଣ ନୂଆ ପଦବୀରେ ରହି ଦରମା ପାଉଥିବା ବେଳେ ଅନେକ ସେହି ପଦବୀରେ ରହି ଅବସର ମଧ୍ୟ ନେଇ ସାରିଲେଣି। ମାତ୍ର କେତେଜଣ ଷ୍ଟାଫଙ୍କ ଜିଦ ଖୋର୍ ନୀତି ପାଇଁ ଅପେକ୍ଷା ତାଲିକାରେ ଥିବା ଯନ୍ତ୍ରୀଙ୍କର ଭବିଷ୍ୟତ ଅନ୍ଧାର ମଧ୍ୟକୁ ଚାଲିଯାଇଛି। ଅନ୍ୟପକ୍ଷରେ ପ୍ରତିବର୍ଷ ଠିକ୍ ସମୟରେ ବିଭାଗୀୟ ପଦୋନ୍ନତି କମିଟିର ବୈଠକ କରିବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୨୯୮୦୩/୨୦।୧୦।୨୦୨୨ ରେ ନିର୍ଦ୍ଦେଶ ଦେଇସାରିଛି। ୨୦୨୩ରେ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ନ ଥିବା ଜଣାପଡିଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ଶାସନ ସଚିବଙ୍କ ଅନୁପସ୍ଥିତିରେ ଅତିରିକ୍ତ ଶାସନ ସଚିବ ମଞ୍ଜୁଲତା ସ୍ୱାଇଁଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପଟେ ଅସନ୍ତୋଷ ସହକାରୀ ଯନ୍ତ୍ରୀମାନେ ଏ ସମସ୍ୟା ସମ୍ପର୍କରେ ୫-ଟି ସଚିବଙ୍କୁ ଭେଟି ଜଣାଇବେ ବୋଲି ସୂଚନା ମିଳିଛି।



ପ୍ରଭୁ ଅଲାରନାଥଙ୍କ ଅନବସର ବେଶ।



ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠରେ ଅଲାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

# ଅଲାରନାଥ ପୀଠରେ ଅନବସର ଦର୍ଶନ

### ପ୍ରଥମ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼

ବ୍ରହ୍ମଗିରି,୫।୬(ଡି.ଏନ୍.ଏ)

ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହ ସ୍ନାନ ପୂର୍ଣ୍ଣିମାରେ ୧୦୮ ଗରାରେ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି। ଫଳରେ ମହାପ୍ରଭୁ ଏବେ ଅଣସରରେ ୧୪ଦିନ ରହିବେ। ଏହି ସମୟରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ନାହିଁ। ତେବେ ଅଗଣିତ ଶ୍ରଦ୍ଧାଳୁଙ୍କ ଭକ୍ତିକୁ ଦେଖି ମହାପ୍ରଭୁ ଅଣସରରେ ରହି ଶ୍ରୀକ୍ଷେତ୍ର ନିକଟସ୍ଥ ବ୍ରହ୍ମଗିରିସ୍ଥିତ ବ୍ରହ୍ମକ୍ଷେତ୍ର ଅଲାରନାଥ ମନ୍ଦିରରେ ଅଲାରନାଥଙ୍କ ବେଶରେ ଦର୍ଶନ ଦେବେ। ଏହି ୧୪ଦିନ ଅଲାରନାଥ ପୀଠ ପାଲଟିଯାଏ ଏକ ପୁଣ୍ୟ ପୀଠ। ସୋମବାର ଏହି ଅନବସର ଦର୍ଶନର ପ୍ରଥମଦିନ ହୋଇଥିବା ବେଳେ ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି।

ନୀତି ଅନୁଯାୟୀ, ଭୋରରୁ ମନ୍ଦିରର ଦ୍ୱାରଫିଟା ନୀତି ହୋଇଥିବା ବେଳେ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତିକାନ୍ତି ହୋଇ ଅନବସର ବେଶରେ ସଜ୍ଜିତ ହେବା ପରେ ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନ ଦେଇଥିଲେ ପ୍ରଭୁ ଅଲାରନାଥ। ସକାଳଠାରୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ବେଳେ ସମୟାନୁକ୍ରମେ ଏହି ସଂଖ୍ୟା ଧୀରେ ଧୀରେ ବଢ଼ିବାକୁ ଲାଗିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାରିକେଡ ଓ ଶେଡ୍ ବ୍ୟବସ୍ଥା କରାଯାଇଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ସମୟରେ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳା ଭାବେ ଧାଡ଼ିରେ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଖରାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାଣି ବଣ୍ଟନ ଓ ଜଳ ସିଞ୍ଚନ କରାଯାଇଥିଲା। ପ୍ରଥମ ଦିନରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏପରିକି ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।



ବଙ୍କିମ ନାୟକଙ୍କ 'ଗୁଡ଼ି ଯାଆ ଉଡ଼ି' ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।

## ବଙ୍କିମ ନାୟକଙ୍କ 'ଗୁଡ଼ି ଯାଆ ଉଡ଼ି' ଉନ୍ମୋଚିତ

ପୁରୁଣା ଭୁବନେଶ୍ୱର,୫।୬(ବ୍ୟୁରୋ)

ବିଶିଷ୍ଟ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକଙ୍କ ରଚିତ ତଥା ଏନ୍‌ବିଟି ଇଣ୍ଡିଆ ଦ୍ୱାରା ପ୍ରକାଶିତ ପୁସ୍ତକ 'ଗୁଡ଼ି ଯାଆ ଉଡ଼ି' ଉନ୍ମୋଚିତ ହୋଇଯାଇଛି। ସୋମବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ 'ଝୁମୁକା'ର ସମ୍ପାଦକ ମାନସ ଚନ୍ଦ୍ର ସାମଲ ଉପସ୍ଥିତ ଥିଲେ। ନ୍ୟାଶନାଲ ବୁକ୍ ଟ୍ରଷ୍ଟର ଓଡ଼ିଆ ଭାଷା ସଂପାଦକ ପ୍ରମୋଦ ସରଙ୍କ ତତ୍ତ୍ୱାବଧାନରେ ପୁସ୍ତକଟି ପ୍ରକାଶ ପାଇଛି। ବ୍ରଜ କିଶୋର ଜେନା ଏହାର ଅଳଙ୍କରଣ କରିଛନ୍ତି ।

### ଜ୍ୱରରେ ମହାପ୍ରଭୁ

# ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି ପଟିଦିଅଁ

ପୁରୀ ଅଫିସ, ୫।୬

ପବିତ୍ର ସ୍ନାନ ପୂର୍ଣ୍ଣିମାରେ ରବିବାର ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ସୋମବାର ଠାରୁ ମହାପ୍ରଭୁଙ୍କ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାର କୋଠରି ଭିତରେ ଶ୍ରୀବିଗ୍ରହମାନଙ୍କ ଗୁପ୍ତସେବା ଆରମ୍ଭ କରିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିରରେ ଦଶାବତାର ଠାକୁରଙ୍କ ସହ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି।

**■ଅଣସର ନୀତି ଆରମ୍ଭ**
**■ବାଦ୍ୟ, ସଂକୀର୍ତ୍ତନ ନିଷିଦ୍ଧ**



ସିଂହଦ୍ୱାର ଗୁମୁଟରେ ପୂଜା ପାଉଥିବା ଶ୍ରୀପତିତପାବନଙ୍କ ପଟି ଦିଅଁ ଅନନ୍ତନାରାୟଣ।

ସ୍ନାନ ପୂର୍ଣ୍ଣମୀରେ ଶ୍ରୀବିଗ୍ରହମାନେ ୧୦୮ ଗରା ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେବା ପରେ ରବିବାର ରାତି ୧୧ଟାରେ ସାହାଣ ମେଳା ଦର୍ଶନ ବନ୍ଦ ହୋଇଥିଲା। ପରେ ମଇଲମ ହୋଇ ରାତି ୧୨ଟା ୨୫ରେ ଡୋରଲାଗି ଓ ପୁଷ୍ପାଞ୍ଜଳି ଡୋରଲାଗି ନୀତି ସମ୍ପନ୍ନ ହୋଇଥିଲା। ପରେ ରାତି ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ପ୍ରଥମେ ଶ୍ରୀମଦନମୋହନ ଓ ରାମକୃଷ୍ଣଙ୍କ ପହଣ୍ଡି ହୋଇଥିଲା। ପରେ କ୍ରମ ଅନୁସାରେ ଶ୍ରୀସୁଦର୍ଶନ, ବଡ଼ଠାକୁର ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡିରେ ବାହୁଡ଼ା ବିଜେ କରିଥିଲେ। ସୋମବାର ଭୋର ପ୍ରାୟ ୪ଟା ୫ମିନିଟ୍‌ରେ ପହଣ୍ଡି ସରିଥିଲା। ପରେ ଶ୍ରୀମନ୍ଦିରକୁ ଶୋଧ କରାଯାଇଥିଲା। ଭୋର ପ୍ରାୟ ୪ଟା ୪୫ରେ ରାହୁରେଖା ମଇଲମ ପରେ କୋଠ ସୁଆଁସିଆମାନେ ଦଶ ଅବତାର ତାଟି ବାନ୍ଧିବା ପାଇଁ ୫ଟାରେ ପ୍ରବେଶ କରିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, ବୈଜୟନ୍ତୀ ବାଜା, କାହାଳୀ ଓ ଲେଙ୍କା ସେବାୟତ ପଟିଦିଅଁ ଆଣିବା ପାଇଁ ଚିତ୍ରକର ସେବକଙ୍କ ଘରକୁ ଯାଇଥିଲେ। ଚିତ୍ରକର ସାହିରୁ ଅନନ୍ତ ବାସୁଦେବ, ମା' ଭୁବନେଶ୍ୱରୀଙ୍କ ପଟଚିତ୍ର ଏବଂ ପଣାପ୍ରିୟା ସାହିରୁ ଅନନ୍ତ ନାରାୟଣଙ୍କ ପଟିଦିଅଁ ୬ଟା୩୦ରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରେ କୋଠ ସୁଆଁସିଆମାନେ ତାଟି ବାନ୍ଧି ସକାଳ ୮ଟା ୩୦ରେ ବାହାରିଥିଲେ। ପଟି ଠାକୁରଙ୍କ ଗୁନ୍ଥା କାର୍ଯ୍ୟ ୯ଟା ୧୫ରେ ସରିଥିଲା। ପୂର୍ବାହ୍ନ ୧୦ଟାରେ ଅବତାର ଠାକୁର ତାଟି ନିକଟ ଖଟକୁ ବିଜେ କରିଥିଲେ। ଅନନ୍ତ ନାରାୟଣଙ୍କ ରୂପରେ ଶ୍ରୀଜଗନ୍ନାଥ, ଅନନ୍ତ ବାସୁଦେବଙ୍କ ରୂପରେ ଶ୍ରୀବଳଭଦ୍ର ଏବଂ ମା' ଭୁବନେଶ୍ୱରୀଙ୍କ ରୂପରେ ଦେବୀ ସୁଭଦ୍ରା ପଟିଦିଅଁ ଭାବେ ଅଣସର ସମୟରେ ପୂଜିତ ହେବେ। ସେହିପରି ପଟିଦିଅଁଙ୍କ ସାଥିରେ ଦୋଳଗୋବିନ୍ଦ, ଶ୍ରୀମଦନ ମୋହନ, ଶ୍ରୀରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ମାଧବ ଏବଂ ନୃସିଂହ ଆଦି ପୂଜାପାଇବେ।

ଦଶ ଅବତାର ବିଜେ ପରେ ମହାସ୍ନାନ ନୀତି ବଢିଥିଲା। ପରେ ମଙ୍ଗଳଆଳତି, ମଇଲମ, ଅବକାଶ ହୋଇ ଅନ୍ୟ ନୀତି ବଢିଥିଲା। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପଟିଦିଅଁଙ୍କୁ ଦର୍ଶନ କରିଥିଲେ। ସେହିପରି ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନ ଅନନ୍ତ ନାରାୟଣ ଭାବରେ ପଟିରେ ସ୍ଥାନିତ ହୋଇଛନ୍ତି। ପଟିଦିଅଁଙ୍କ ନିକଟରେ ମହାପ୍ରସାଦ ଲାଗିହୋଇଛି। ଦଇତାପତିମାନେ ଜ୍ୱରାକ୍ରାନ୍ତ ମହାପ୍ରଭୁଙ୍କୁ ଗୁପ୍ତ ଉପଚାର ଓ ଗୁପ୍ତ ସେବା କରୁଛନ୍ତି। ଏହି ଅଣସର ସମୟରେ ଶ୍ରୀବିଗ୍ରହମାନେ ଶ୍ୱେତବସ୍ତ୍ର ପରିଧାନ କରିବାର ବିଧି ରହିଥିବା ବେଳେ ତୁଳସୀ ଲାଗି କରାଯାଇ ନ ଥାଏ। ମହାପ୍ରଭୁଙ୍କୁ କେବଳ ଧଳାଫୁଲ ଲାଗି କରାଯାଇଥାଏ। ଅଣସର ପିଣ୍ଡିରେ ଗୋଟିଏ ଦୀପକୁ ଛାଡିଦେଲେ ଘନ ଅନ୍ଧକାର ମଧ୍ୟରେ ଚାଲୁରହିଛି ଗୁପ୍ତ ନୀତି। ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ କରାଯାଇଛି। ଭଜନ, କୀର୍ତ୍ତନ, ଗୀତ,ଘଣ୍ଟ ଘଣ୍ଟା, କାହାଳୀ,ବାଜା ସବୁ ମନା ରହିଛି। ଅଣସର ସମୟରେ ମହାପ୍ରଭୁଙ୍କଠାରେ ପଣା ଓ ଚକଟା ଭୋଗ ଲାଗି କରାଯାଉଥିବା ବେଳେ ପଟିଦିଅଁଙ୍କୁ ଅନ୍ନ ମହାପ୍ରସାଦ ଭୋଗ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମମତା



@ ସଙ୍ଗୀତା



@ ଅଜିତ



@ ସତ୍ୟବ୍ରତ



@ ସ୍ୱାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଲାବଣ୍ୟ ଥିଏଟର ଭୁବନେଶ୍ୱର ପକ୍ଷରୁ ଭଞ୍ଜକଳା ମଣ୍ଡପରେ ସୋମବାର ପରିବେଷିତ ନାଟକ 'ଟାଟୁ ବାଲି'ର ଏକ ଦୃଶ୍ୟ।



ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କୁ ରକ୍ତ ଦେବା ପାଇଁ ଭୁବନେଶ୍ୱରସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଶିବିରରେ ଲୋକେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଛନ୍ତି।

# ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ

## ନିର୍ବାଚନ ପ୍ରସ୍ତୁତି

■ ବଦଳି, ନିଯୁକ୍ତି ନେଇ ଗାଇଡ୍‌ଲାଇନ୍ ଜାରି କଲେ ଭାରତର ନିର୍ବାଚନ କମିଶନ

ଭୁବନେଶ୍ୱର,୫।୬(ବ୍ୟୁରୋ)

ଆଗୁଆ ସାଧାରଣ ନିର୍ବାଚନ ନେଇ ଚର୍ଚ୍ଚା ଜୋର୍ ଧରିଲାଣି। ଅନ୍ୟପକ୍ଷରେ ନିର୍ବାଚନ ପାଇଁ ରାଜ୍ୟ ସରକାର ମଧ୍ୟ ପ୍ରସ୍ତୁତି ଆରମ୍ଭ କଲେଣି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର(ଏସ୍ଏଲ୍ଏମ୍‌ଟି) ମାନଙ୍କର ଟ୍ରେନିଂ କାର୍ଯ୍ୟ ଆରମ୍ଭ ହେଲାଣି। ଜୁନ୍ ୫ରୁ ୯ ତାରିଖ ଯାଏ ଏହି ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିବ। ପ୍ରଥମ ପର୍ଯ୍ୟାୟରେ ୯୮ ଜଣ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ଅନ୍‌ଲାଇନ୍‌ରେ ପ୍ରଶିକ୍ଷଣ ଦେବା ଆରମ୍ଭ କରାଯାଇଛି। ଏହି ପ୍ରଶିକ୍ଷଣ ଯୋଗ୍ୟ ଏବଂ ଅଯୋଗ୍ୟ, ଜିଲା ନିର୍ବାଚନ ପରିଚାଳନା, ଗଣମାଧ୍ୟମ ଅଭିଯୋଗ, ଇଭିଏମ-ଭିଭିପାର୍ଟ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଏହାଛଡ଼ା ୩ ବର୍ଷରୁ ଊର୍ଦ୍ଧ୍ୱ ଗୋଟିଏ ଜାଗାରେ ରହିଥିବା ଅଧିକାରୀମାନଙ୍କୁ ମଧ୍ୟ ବଦଳି ଓ ନିଯୁକ୍ତି କରିବା ନେଇ ଭାରତର ନିର୍ବାଚନ କମିଶନ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏହି ଗାଇଡ୍‌ଲାଇନ୍ ଆଧାରରେ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପର୍ଯ୍ୟାପ୍ତ ମାନବ ସମ୍ବଳ ଯୋଗାଇଦେବା ସକାଶେ ବଦଳି ଓ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଛି। କେବଳ ନିର୍ବାଚନ ଦାୟିତ୍ୱରେ ରହିବାକୁ ଥିବା ଜିଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଫିସର, କିମ୍ବା ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ନୁହନ୍ତି, ଆଡିଶନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ ସବ୍‌କଲେକ୍ଟର, ତହସିଲଦାର, ବିଡିଓ, ଆସିଷ୍ଟାଣ୍ଟ କଲେକ୍ଟରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ମଧ୍ୟ ବଦଳି ଓ ନିଯୁକ୍ତି କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସରକାର ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ନିର୍ବାଚନ କମିଶନ ଯେତେବେଳେ ଘୋଷଣା କରିବେ ସେତେବେଳେ ନିର୍ବାଚନ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଥିବା ବେଳେ କଂଗ୍ରେସ ଓ ଭାଜପା ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ଦଳୀୟ ନେତାମାନେ କହିଛନ୍ତି।



ଜାତୀୟ ଶିକ୍ଷାନୀତି ୨୦୨୦କୁ ପ୍ରତ୍ୟାହାର କରିବା ଦାବିରେ ଆରଜେଡି କର୍ମୀମାନେ ପାଟନାରେ ସୋମବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

# ରେଳମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ: ଶରତ

ଭୁବନେଶ୍ୱର, ୫।୬(ବ୍ୟୁରୋ)




ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତୁରନ୍ତ ଇସ୍ତଫା ଦିଅନ୍ତୁ। ପ୍ରାଣ ହରାଇଥିବା ଓ ଭିନ୍ନକ୍ଷମ ହୋଇଥିବା ପରିବାରରୁ ଜଣଙ୍କୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଚାକିରି ଦିଆଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଦାବି କରିଛନ୍ତି।

ଭୁବନେଶ୍ୱର କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ୨୦୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରେଲଓ୍ୱେରେ ୩ ଲକ୍ଷ ୧୨ ହଜାରରୁ ଊର୍ଦ୍ଧ୍ୱ ପଦବୀ ପୂରଣ ନ ହୋଇ ପଡ଼ିରହିଛି। ସେଥିମଧ୍ୟରୁ ୧ ଲକ୍ଷ ୪୦ ହଜାର ପଦବୀ କେବଳ ସୁରକ୍ଷା ଓ ନିରାପତ୍ତା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ। ବର୍ଷ ବର୍ଷ ଧରି ଏସବୁ ଗୁରୁତ୍ୱପୂର୍ଣ୍ଣ ପଦବୀ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଜାଣିଶୁଣି ପୂରଣ କରୁନାହାନ୍ତି। ଗତ ଶୁକ୍ରବାର ଯେଉଁ ହୃଦୟ ବିଦାରକ ଘଟଣା ଘଟିଛି ତାହା ଏ ଶତାବ୍ଦୀର ସବୁଠାରୁ ବଡ଼ ରେଳ ଦୁର୍ଘଟଣା। ସରକାର ଜାଣିଶୁଣି ପ୍ରକୃତ ମୃତକଙ୍କ ସଂଖ୍ୟା ଲୁଚାଉଛନ୍ତି। ପ୍ରକୃତରେ ମୃତକସଂଖ୍ୟା ସରକାରଙ୍କ ପ୍ରକାଶିତ ସଂଖ୍ୟାଠାରୁ ଢ଼େର୍ ଅଧିକ ହେବ। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ରେଳ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ଦେବା ପାଇଁ ଶବ ଉପରେ ରାଜନୀତି କରୁଛନ୍ତି। ୨୦୧୨ରେ ଉପା ସରକାର ସମୟରେ ରେଳ ଦୁର୍ଘଟଣା ନିରୋଧ ଯନ୍ତ୍ରାଂଶକୁ ବିକଶିତ କରାଯାଇଥିଲା। ୨୦୧୪ ପରେ ମୋଦି ସରକାର ଏହାର ନାମକୁ ପରିବର୍ତ୍ତନ କରି କବଚ ବୋଲି ପ୍ରଚାର କରି କହିଥିଲେ ଏହାଦ୍ୱାରା ଭାରତବର୍ଷର ରେଳ ଦୁର୍ଘଟଣା ଆଉ ହେବନାହିଁ। ହେଲେ ୨୦୧୪ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦ୍ର ସରକାର କବଚର କାର୍ଯ୍ୟକାରିତା ଲାଗି ମାତ୍ର ୩୭୩ କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲୱେ କିମ୍ବା ଦକ୍ଷିଣ ପୂର୍ବ ରେଲଓ୍ୱେରେ ଗୋଟିଏ ହେଲେ ଟ୍ରାକ୍‌ରେ କବଚ ଲଗାଯାଇ ନାହିଁ। କେନ୍ଦ୍ର ଓଡ଼ିଶାରୁ ରେଳ ମାଲ୍ ଓ ଯାତ୍ରୀ ପରିବହନ କ୍ଷେତ୍ରରୁ ୨୦ ହଜାର କୋଟି ଟଙ୍କା ବାର୍ଷିକ ଆୟ କରୁଥିଲାବେଳେ ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ୫ ହଜାର କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରୁନାହାନ୍ତି। ରେଳମନ୍ତ୍ରୀ ଘୋଷଣା କରି କହିଲେ, ତଦନ୍ତ ଶେଷ ହେଲା, ଦୋଷୀ ଚିହ୍ନଟ ହୋଇଛି। ଇଣ୍ଟରଲକିଂ ଯୋଗୁ ଫେଲ୍‌ୱର କଥା କୁହାଗଲା। କିନ୍ତୁ ୮ରୁ ୧୦ ଘଣ୍ଟା ନ ପୂରୁଣୁ ଏ କଥାକୁ ବଦଳାଇ ଦିଆଗଲା ଏବଂ ସିବିଆଇ ଦ୍ୱାରା ଏହାର ତଦନ୍ତ କରାଯିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ ବୋଲି ଘୋଷଣା କରାଗଲା। ଭାରତର ଇତିହାସରେ ରେଳ ଦୁର୍ଘଟଣାରେ ପ୍ରଥମ ଥର ପାଇଁ ସିବିଆଇକୁ ତଦନ୍ତ କରିବାକୁ ଦିଆଯାଉଛି। ତେଣୁ ଏହି ଘଟଣାରେ କ୍ରାଇମ୍ ସିଣ୍ଡିକେଟ ବାବଦରେ ମନ୍ତ୍ରୀଙ୍କ ପାଖରେ କିଛି ତଥ୍ୟ ରହିଛି କି ବୋଲି ଶରତ ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ବାହାନଗା ରେଳଦୁର୍ଘଟଣା ଏକ ମନୁଷ୍ୟକୃତ ବିପତ୍ତି। ରେଳମନ୍ତ୍ରୀଙ୍କ ଅପାରଗତା ଯୋଗୁ ଶତାଧିକ ଯାତ୍ରୀ ପ୍ରାଣ ହରାଇଲେ। ଏଥିପାଇଁ ସେ ମୁଖ୍ୟତଃ ଦାୟୀ। କେବଳ ଏହି ଦୁର୍ଘଟଣା ପାଇଁ ଜଣେ ସିଗ୍‌ନାଲମ୍ୟାନଙ୍କୁ ଦାୟୀକରି ତାଙ୍କୁ ଦଣ୍ଡ ଦେବା ଯଥେଷ୍ଟ ନୁହେଁ। ଖୋଦ ରେଳମନ୍ତ୍ରୀ ଏହାର ଉତ୍ତରଦାୟିତ୍ୱ ନେବେ କି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ମହାରାଷ୍ଟ୍ରର ସବୁ ନିର୍ବାଚନରେ ଏକାଠି ଲଢ଼ିବେ ଶିବସେନା-ଭାଜପା: ଶିନ୍ଦେ

ମୁମ୍ବାଇ, ୫।୬(ଆଇଏଏନ୍ଏସ୍)

ମହାରାଷ୍ଟ୍ରର ଶାସକ ମେଣ୍ଟ ଶିବସେନା ଏବଂ ଭାଜପା ଭବିଷ୍ୟତରେ ରାଜ୍ୟର ସମସ୍ତ ନିର୍ବାଚନ ଏକାଠି ଲଢ଼ିବା ପାଇଁ ଏକ ପ୍ୟାକେଜ୍ ଚୁକ୍ତିନାମା ନିମନ୍ତେ ରାଜି ହୋଇଛନ୍ତି। ପୌର ନିର୍ବାଚନଠାରୁ ଆରମ୍ଭକରି ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଶିବସେନା ଏବଂ ଭାଜପା ଏକାଠି ଲଢ଼ିବେ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ସୋମବାର କହିଛନ୍ତି। ରବିବାର ରାତିରେ ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଶିବସେନା ଅଧ୍ୟକ୍ଷ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଆଲୋଚନା ପରେ ଏହି ଘୋଷଣା କରାଯାଇଛି। ରାଜ୍ୟର ବିକାଶ ପାଇଁ ମେଣ୍ଟ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେବା ସହ ବହୁମତରେ ଜିତି ମହାରାଷ୍ଟ୍ରକୁ ସବୁ କ୍ଷେତ୍ରରେ ଭାରତର ୧ ନମ୍ବର ରାଜ୍ୟରେ ପରିଣତ କରିବ ବୋଲି ଶିନ୍ଦେ କହିଛନ୍ତି। ବୈଠକରେ କୃଷି, ସହଯୋଗ, ମହିଳା ସଶକ୍ତୀକରଣ ଓ କୃଷି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

# ବିରୋଧୀ ଦଳଗୁଡ଼ିକର ବୈଠକ ୨୩କୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୫।୬

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକ ଏକାଠି କରିବା ଲାଗି ଉଦ୍ୟମ ଜାରି ରହିଥିବାବେଳେ ବିହାରର ପାଟନାରେ ଜୁନ୍ ୧୨ରେ ପ୍ରଥମ ବିରୋଧୀ ଦଳ ବୈଠକ ଅନୁଷ୍ଠିତ ହୋଇ ଏହା ଉପରେ ଆଲୋଚନା କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଉକ୍ତ ବୈଠକକୁ ୨୩ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ବିରୋଧରେ ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବା ଦିଗରେ ନେତୃତ୍ୱ ନେଉଥିବା ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ୧୨ ତାରିଖରେ ପ୍ରଥମ ବିରୋଧୀ ଦଳ ବୈଠକ ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ସେ ବିରୋଧୀ ନେତାମାନଙ୍କୁ ଜଣାଇଥିଲେ। ତେବେ କଂଗ୍ରେସ, ଡିଏମ୍‌କେ, ସିପିଆଇ-ଏମ୍‌ର ଅନୁରୋଧ କ୍ରମେ ଏହାକୁ ୨୩ ତାରିଖରେ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି। ୧୨ ତାରିଖ ବୈଠକ ସ୍ଥଗିତ ରଖିବାକୁ ଡିଏମ୍‌କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍ ଏବଂ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଥିଲା। ସିପିଆଇ-ଏମ୍ ନେତା ସୀତାରାମ ୟେଚୁରୀ ମଧ୍ୟ ଅନୁରୂପ ନିବେଦନ କରିଥିଲେ।

# ୪୦ ହଜାର ବୁଥ୍‌ରେ ପ୍ରତିନିଧି ନିଯୁକ୍ତ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୫।୬(ବ୍ୟୁରୋ)

ବୁଥ୍‌ସ୍ତରରେ ଏଣିକି ଛାତ୍ର କଂଗ୍ରେସର ସକ୍ରିୟ ପ୍ରତିନିଧି ନିଯୁକ୍ତ ହେବେ। ତୃଣମୂଳସ୍ତରରୁ ଲଢ଼େଇକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୪୦ ହଜାର ବୁଥ୍‌ରେ ଛାତ୍ର କଂଗ୍ରେସ ପ୍ରତିନିଧି ନିଯୁକ୍ତ କରିବ। ଏ ନେଇ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ସୋମବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରାଯିବା ସହ ତାକୁ ଗୃହୀତ କରାଯାଇଛି। ଏହି ଅବସରରେ ୟାସିର କହିଛନ୍ତି, ଓଡ଼ିଶାର ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଣଦେଖା କରାଯାଉଛି। ଉଚ୍ଚଶିକ୍ଷିତ ଓଡ଼ିଶା ପିଲାଙ୍କୁ ଛୋଟିଆ ଚାକିରି ଦେଇ ଭଣ୍ଡେଇ ଦିଆଯାଉଛି। ଛାତ୍ର କଂଗ୍ରେସ ରାଜ୍ୟର ବେକାର ଯୁବତୀ,ଯୁବକଙ୍କୁ ଚାକିରି ଦେବା ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ଶିକ୍ଷାର ଘରୋଇକରଣ ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ। ସରକାର ସବୁବେଳେ ଘରୋଇ ଶିକ୍ଷାନୁଷ୍ଠାନ ମାଲିକମାନଙ୍କ ସପକ୍ଷରେ ଛିଡ଼ା ହେଉଛନ୍ତି। ଏହାଦ୍ୱାରା ଛାତ୍ରମାନଙ୍କ ସ୍ୱାର୍ଥ ଉପେକ୍ଷିତ ହେଉଛି। ଏଣୁ ଛାତ୍ର କଂଗ୍ରେସ ପକ୍ଷରୁ ଘରୋଇ ଶିକ୍ଷାନୁଷ୍ଠାନର ମାଲିକମାନଙ୍କୁ ଘେରାଉ କରିବାକୁ ନିଷ୍ପତ୍ତି ହୋଇଛି। କଲେଜ ଓ ୟୁନିଭର୍ସିଟିରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସ ରାଜ୍ୟବ୍ୟାପୀ ସମସ୍ତ କଲେଜ କ୍ୟାମ୍ପସ ଆଗରେ ଧାରଣା ଦେବ ବୋଲି ସେ କହିଛନ୍ତି। ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଛାତ୍ର କଂଗ୍ରେସ ସଙ୍ଗଠନର ମେରୁଦଣ୍ଡ। ବିଜେଡି ସରକାରରେ ରାଜ୍ୟର ଛାତ୍ର ସମାଜ ଉପେକ୍ଷିତ ଏବଂ ଲୁଣ୍ଠିତ। ଛାତ୍ର କଂଗ୍ରେସ ଏ ରାଜ୍ୟର ଛାତ୍ର ସମାଜକୁ ନ୍ୟାୟ ଦେବା ପାଇଁ ଉତ୍ସର୍ଗୀକୃତ ଭାବରେ ଆନ୍ଦୋଳନ କରୁ ବୋଲି ସେ କହିଛନ୍ତି।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ସମ୍ମିଳନୀରେ ଓଡିଶାରୁ ୫୦ ଯୋଗଦେବେ

ଭୁବନେଶ୍ୱର, ୫।୬(ବ୍ୟୁରୋ)

ଓଡ଼ିଶା ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଯୁବ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟର ୧୬ ଜିଲାରୁ ୧୫୦ ଯୁବ ମେଧାବୀ ଏଥିରେ ଯୋଗ ଦେଇଛନ୍ତି। କଂଗ୍ରେସ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଉଦ୍‌ଘାଟନ କରି କହିଛନ୍ତି, ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତରୁ ସର୍ବନିମ୍ନ ୨୦ ଜଣ ଲେଖାଏ ସାଥୀଙ୍କୁ ଚୟନ କରାଯିବ। ଆସନ୍ତା ୧୯ ଓ ୨୦ରେ ଦିଲ୍ଲୀ ଠାରେ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଙ୍ଗଠନର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୫୦ ଜଣ ସାଥୀ ଯୋଗଦେବେ ସେ କହିଛନ୍ତି।


## ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁର

ସା/ପୋ: ଶାଳପଡ଼ା, ଜିଲ୍ଲା- କେନ୍ଦୁଝର-୭୫୮୦୨୦
e-mail ID- rmc.anandapur@gmail.com

### ନିର୍ବାଚନ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା: ୩୫୪, ତାରିଖ: ୦୧.୦୬.୨୦୨୩

No.H-10:- ଓଡ଼ିଶା କୃଷି ଉତ୍ପାଦନ ଓ ବିପଣନ ଆଇନ-୧୯୫୬ ଧାରା-୬ ଓ ଓଡ଼ିଶା କୃଷି ଉତ୍ପାଦନ ଓ ବିପଣନ ନିୟମ-୧୯୫୮ ଧାରା-୫ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ ଆଦେଶନାମା ସଂଖ୍ୟା ୧୩୮୦ ତା୧୮.୦୫.୨୦୨୩ରିଖ ଦ୍ୱାରା କ୍ଷମତାପ୍ରାପ୍ତ ଆମ୍ଭେ ଶ୍ରୀ ପତିତପାବନ ଦେବତା, ଓ.ଏ.ଏସ.-୧ (ଜେ.ବି.), ତହସିଲଦାର, ଘଷିପୁରା ତଥା ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁରର ନିର୍ବାଚନ ଅଧିକାରୀ ଘୋଷଣା କରୁଅଛୁ ଯେ, ଉପରୋକ୍ତ ନିୟନ୍ତ୍ରିତ ବଜାର କମିଟିର ନୂତନ ପରିଚାଳନା ପରିଷଦ ନିର୍ବାଚନ ପାଇଁ ଅନ୍ୟ ନିର୍ବାଚନ ମଣ୍ଡଳୀ ବ୍ୟତୀତ କୃଷକ ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଉପରୋକ୍ତ ବଜାର ଅଞ୍ଚଳସ୍ଥ ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନର ସଭ୍ୟ/ସଭ୍ୟାମାନଙ୍କ ଦ୍ୱାରା ୮ ଜଣ ବ୍ୟକ୍ତି ନିର୍ବାଚିତ ହେବେ । ଏଣୁ କୃଷକ ନିର୍ବାଚନ ମଣ୍ଡଳୀ ପାଇଁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ସକାଶେ ଉପରୋକ୍ତ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ତିନି ଗୋଟି ବ୍ଲକ ଯଥା- ଘଷିପୁରା, ହାଟଡିହି, ଆନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନମାନେ ସେମାନଙ୍କ ସଂଗଠନ ତାଲିକାଭୁକ୍ତ ସମସ୍ତ ସଭ୍ୟ/ସଭ୍ୟାମାନଙ୍କର ନାମ, ପିତାଙ୍କ ନାମ, ବୟସ ଓ ପୂର୍ଣ୍ଣ ଠିକଣା ସହ ଉକ୍ତ ସଂଗଠନ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଆଦେଶନାମାର ଏକ ଅବିକଳ ନକଲ (ରାଜ୍ୟ ସରକାରଙ୍କ କୌଣସି ଦ୍ୱିତୀୟ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ପାହ୍ୟାର ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ପ୍ରମାଣିତ ହୋଇଥିବା ବାଞ୍ଛନୀୟ) ନଥିକରି ନିମ୍ନ ସ୍ୱାକ୍ଷରକାରୀ ତଥା ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁର, ସା/ପୋ.:- ଘଷିପୁରା, ଜି.- କେନ୍ଦୁଝରଙ୍କ ନିକଟକୁ ପଠାଇବା ପାଇଁ ଅନୁରୋଧ କରୁଅଛି, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୨୩.୦୬.୨୦୨୩ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ପହଞ୍ଚିବା ବାଞ୍ଛନୀୟ ।

ପ୍ରକାଶ ଥାଉକି, ଉପରୋକ୍ତ ତାଲିକା ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ପହଞ୍ଚି ନ ପାରିଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ ।

ସ୍ୱା./- ନିର୍ବାଚନ ଅଧିକାରୀ
ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁର

OIPR-07043/11/0002/2324

## ODISHA PUBLIC SERVICE COMMISSION
## CUTTACK
### NOTICE

No. 4822/P.S.C. Dt.05.06.2023

No. D-60: In supersession to this Office Notice No. 4582/PSC, Dt.25.05.2023, it is for information of all concerned that the written examination of Odisha Municipal Administrative Services - 2021 pursuant to Advt. No. 06 of 2022-23 scheduled to be held on 25.06.2023 is hereby rescheduled to **02.07.2023 (Sunday)**. The detailed programme of the said examination shall be notified later.
2. The candidates are advised to visit the website of the Commission at **http://opsc.gov.in** for further information in this regard.

OIPR-12002/11/0040/2324 Sd./- Secretary

## OFFICE OF THE CHIEF ENGINEER & BASIN MANAGER

Tel Basin, Bhawanipatna, Dist.: Kalahandi
Tel No.: 06670-230209, email: cetelbasinbhp@gmail.com

### Government of Odisha
### "e" Procurement Notice No. CE&BM, TEL - 02/2023-24
### Bid Identification No. CETEL-BID-01/2023-24

No. A-203: Online tenders are invited for EPC Contract for "Construction of In-stream storage structure (ISS) at Kukedmal across river Tel in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five flood seasons whichever is more after successful commissioning of the Project of State of Odisha from prespective bidders".

| | | |
|---|---|---|
| 1 | Name of Work | "Construction of In-stream storage structure (ISS) at Kukedmal across river Tel in the district Bolangir including Hydro-mechanical works, Power connectivity works, road connectivity, staff quarters including survey, investigation, planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project of State of Odisha from perspective bidders." |
| 2 | Approximate value of work put to tender | Rs.493,40,00,000/- |
| 3 | Period of Completion | 36 calendar months including rainy season |
| 4 | Date & time of availability of bid document in the portal | Date: 06.06.2023 from 10.00 A.M. to Date: 26.06.2023 upto 5.00 P.M. |
| 5 | Last date/time for receipt of bids in the portal | Date: 26.06.2023 upto 5.00 P.M. |
| 6 | Name & address of the Officer Inviting Bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal **"https://tendersodisha.gov.in"**.

Sd./- Chief Engineer & Basin Manager
Tel Basin, Bhawanipatna
OIPR-32317/11/0002/2324

No.CAD-848

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL), IDCO IDCO TOWER, BHUBANESWAR

Tender Call Notice No.BBSR/ELECT/E-4283/21-22/1338, Dt.03.06.2023

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** SITC of new 11KV Line with 70mm2 XLPE insulated AAA conductor of 0.23Km, 1No. of 100 KVA, 11/0.4 KV S/S and LT line 0.45 Km with AB Cable at Textile Park Neulapoi, Dhenkanal.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-10/ 23-24 | 12.06.2023 at 17.00 Hrs. | 21.06.2023 at 12.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect), IDCO, Bhubaneswar
OIPR-14003/11/0066/2324

See Career Appointment on every Wednesday & Saturday

## ଓଡ଼ିଶା ସରକାର
## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର

E-mail: serwcirclesbp@yahoo.com
Office Order No. 1233//Dated. 03.06.2023

### 2nd corrigendum to Bid Identification No. PMGSY Online RWCSBP-05/2023-24

No.O-197:- Following modifications are hereby made to the notice invited tender vide this office Bid ID No.PMGSY Online RWCSBP-05/2023-24.
1. The unit of item at serial No. 36 may be read as "Cum" instead of "RMT".
2. The quantity of item at serial No.20 may be read as **1623.76** instead of 1823.76.

All other terms and condition remain unchanged.

Sd./- Chief Construction Engineer
R.W. Circle, Sambalpur
OIPR-25091/11/0012/2324

## BHUBANESWAR MUNICIPAL CORPORATION
### SHORT QUOTATION CALL NOTICE

No.C-506: XXXXX-II-SWMPMV-97/2022-23
No.26875/BMC Dated 02.06.23

On behalf of the Commissioner, Bhubaneswar Municipal Corporation (BMC), the Dy. Commissioner (Sanitation) invites sealed quotations from steel fabricators having its workshop within the territorial jurisdiction of BMC for "Supply of 100 nos. of garbage collection push carts for engagement in door to door collection activities".

The bidder shall submit the application along with the financial proposal on or before dt. 09.06.2023 till 4.00 PM by hand/post/courier. For further details regarding the short quotation call notice, the intending bidders may visit the BMC website https://www.bmc.gov.in for view or download information.

For any queries, please contact D.C (Sanitation), BMC.

By Order of Commissioner, BMC
Sd./- Dy.Commissioner (Sanitation)
Bhubaneswar Municipal Corporation
OIPR-13002/11/0054/2324

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, KENDRAPARA-JAJPUR

No.O-196:

AT/PO-NAYABAZAR, CUTTACK-753004, Tel.No.-0671-2444488, Email:serw_kpd@yahoo.com

Letter No.2063 Date:05.06.2023

### 1st Corrigendum Notice

**1st Corrigendum to Bid Identification No. Tender Online RCK-16/23 invited this office Letter No.1726, Dt.08.05.2023**
The Changes as detailed below are hereby made in the above N.I.T.:-
**1. Clause No.06 of NIT modified below:**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-16/23 | 09.06.2023 at 11.30 A.M. | 23.06.2023 to 5.00 P.M. | 22.06.2023 upto 5.00 P.M. | 26.06.2023 at 11.30 A.M. | Will be intimated later |

Sd./- Chief Construction Engineer,
Rural Works Circle, Kendrapara-Jajpur
OIPR-25129/11/0010/2324

## TRIBAL DEVELOPMENT COOPERATIVE CORPORATION OF ODISHA LIMITED

RUPALI SQUARE, BHOI NAGAR, BHUBANESWAR-751022
Tel No-2542475,Fax-2544828, E-mail:admin@tdccorissa.org.

Notice No.891/TDCCOL Dated:05.06.2023

### Detail Tender Call Notice for Supply of food grade multi layer printed plastic packaging roll for automatic packaging machines at CPMU, ATLC campus, Unit-1, Bhubaneswar

**No.CAD-844:** Sealed Tender(s) are invited from registered suppliers/ manufacturers for supply of multi layer printed food grade plastic rolls of specific size for automatic packing of agri. products for TDCCOL. The bidder(s) should quote their basic rate for customized printed food grade plastic rolls, taxes, and other charges if any. The last date of submission of tender is on date- 23.06.2023 till 4:00 PM. The bidder should submit the rate in the prescribed format at (Annexure-A). The detail of Tender call notice, instruction and terms and conditions of the contract can be downloaded from the website www.tdccorissa.org.The Managing Director TDCCOL reserves the right to accept or reject any or all the Tenders without assigning any reason thereof.

OIPR-26005/11/0005/2324 Sd./- Manager (Finance & Audit), TDCCOL, Bhubaneswar

## ଆଫଗାନିସ୍ତାନରେ ୭୭ ଛାତ୍ରୀଙ୍କୁ ବିଷ

**କାବୁଲ, ୫।୬:** ଆଫଗାନିସ୍ତାନର ଦୁଇଟି ପ୍ରାଥମିକ ସ୍କୁଲରେ ୭୭ ଛାତ୍ରୀଙ୍କୁ ବିଷ ଦିଆଯାଇଥିବା ଅଭିଯୋଗ ହୋଇଛି। ପ୍ରଥମରୁ ଷଷ୍ଠ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଏ ବିଷ ଦେଲା ତାହା ଜଣାପଡ଼ିନାହିଁ। ପ୍ରାଥମିକ ତଦନ୍ତ ଅନୁଯାୟୀ କେହି ଜଣେ ଈର୍ଷା ପରାୟଣ ହୋଇ ଅନ୍ୟ ଜଣକ ମାଧ୍ୟମରେ ଏଭଳି କାର୍ଯ୍ୟ କରିଥିବା କୁହାଯାଉଛି। ସାଙ୍ଗଚାରକ ଜିଲାର ନାସ୍ୱାନ-ଇ-କାବୋଡ୍ ଆବ୍ ସ୍କୁଲର ୬୦ ଛାତ୍ରୀ ଏବଂ ନାସ୍ୱାନ-ଇ-ଫୈଜାବାଦ ସ୍କୁଲର ୧୭ ଛାତ୍ରୀଙ୍କୁ ବିଷ ଦିଆଯାଇଥିବା ଜଣାପଡ଼ିଛି। ତାଲିବାନ ଆଫଗାନିସ୍ତାନର ଶାସନ କ୍ଷମତା ହାତକୁ ନେବା ପରେ ଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ଉପରେ କଟକଣା ଲଗାଯାଇଛି। ମହିଳାମାନେ ସେଠାରେ ଚାକିରି କରିପାରିବେ ନାହିଁ କିମ୍ବା ସର୍ବସାଧାରଣ ସ୍ଥାନକୁ ଯାଇପାରିବେ ନାହିଁ।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ ରାଜ୍ୟପାଳ, ସ୍ୱାସ୍ଥ୍ୟମନ୍ତ୍ରୀ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଆହତଙ୍କୁ ଭେଟି ଚିକିତ୍ସା ସମ୍ପର୍କରେ ଆଲୋଚନା କରୁଛନ୍ତି।


ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

**କଟକ ଅଫିସ,୫।୬**

ବାଲେଶ୍ୱର ଜିଲାର ବାହାନଗାଠାରେ ରେଳ ଦୁର୍ଘଟଣାରେ ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କୁ ସୋମବାର ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଭେଟିଛନ୍ତି। ରାଜ୍ୟପାଳ ବିଭିନ୍ନ ୱାର୍ଡ ବୁଲି ଚିକିତ୍ସିତ ହେଉଥିବା ଆହତ ଯାତ୍ରୀମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏସ୍‌ସିବିର ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଅଧକ୍ଷ ପ୍ରଫେସର ଡ. ପ୍ରସେନଜିତ ମହାନ୍ତି ଏବଂ ଡାକ୍ତରମାନଙ୍କ ସହିତ ରାଜ୍ୟପାଳ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟପାଳ ଡାକ୍ତରମାନଙ୍କର ଚିକିତ୍ସା ସେବାକୁ ପ୍ରଶଂସା କରିଥିଲେ। ଏହି ସମୟରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନି, ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ବାହାନଗା ରେଳ ଦୁର୍ଘଟଣା**

ଏହାପୂର୍ବରୁ ପୂର୍ବାହ୍ନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏସ୍‌ସିବିରେ ପହଞ୍ଚି ରେଳ ଦୁର୍ଘଟଣା ଆହତଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ମନ୍ତ୍ରୀ ପୂଜାରୀ ପଚାରି ବୁଝିବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ। ଏସ୍‌ସିବିରେ ଚିକିତ୍ସିତ ହେଉଥିବା କୌଣସି ବ୍ୟକ୍ତି ଅଦ୍ୟାବଧି ପ୍ରାଣ ହରାଇନାହାନ୍ତି। ମୋଟ ୧୯୨ଜଣ ଆହତ ଏସସିବିରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବାବେଳେ ୫୨ଜଣ ରୋଗୀ ସାମୟିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଏବେ ୧୪୦ଜଣ ରୋଗୀ ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ଏମାନଙ୍କ ମଧ୍ୟରୁ ୧୦ଜଣ ଆଇସିୟୁରେ ଥିଲେ ବି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଜିଲାପାଳ ଡ. ଚୟନୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମେଡିକାଲର ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଥିବା ଆହତଙ୍କ ନିକଟକୁ ନେଇଥିଲେ। ପରେ ଏସ୍‌ସିବି ମେଡିକାଲର ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶାଳ, ରାଜ୍ୟ ନିରାମୟ ପରାମର୍ଶଦାତା ଡ. ରଞ୍ଜନ କୁମାର ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଏସସିବି ମେଡିକାଲର ଅଧୀକ୍ଷକ, ଡିନ୍, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କନିଷ୍ଠ ଡାକ୍ତର ସଂଘର ସଭାପତି ଡା. ସୁବ୍ରତ କୁମାର ସାହୁ, ଅଧିସ୍ନାତକ ସଂଘର ସଭାପତି ଓମ୍ ସ୍ୱୟଂପ୍ରକାଶ ରାଉତରାୟ, ସାଧାରଣ ସମ୍ପାଦକ ବିଭାସ କୁମାର ସାହୁ, ହାଉସିଂ ସର୍ଜନ ସଭାପତି ଡା. ସୌଭାଗ୍ୟ ସାହୁ, ନର୍ସିଂ ସମ୍ପାଦିକା ସରୋଜିନୀ ଜେନା, ହସ୍ପିଟାଲ ପରିଚାଳନା ପରାମର୍ଶଦାତା କ୍ରିଷ୍ଣା ପାତ୍ର, ମେଡିକାଲ କର୍ମଚାରୀ ସଂଘର ସମ୍ପାଦକ ପ୍ରସନ୍ନ କୁମାର ସାମଲ ବୈଠକରେ ଉପସ୍ଥିତ ଥିଲେ।

## ଏସ୍‌ସିବିରେ ବିହାର ପ୍ରତିନିଧି ମଣ୍ଡଳୀ

**କଟକ ଅଫିସ,୫।୬:** ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇଥିବା ବିହାରର ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ବନ୍ଧରେ ତଦାରଖ କରିବା ପାଇଁ ରବିବାର ସମ୍ପୃକ୍ତ ରାଜ୍ୟର ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ସିବିରେ ପହଞ୍ଚିଥିଲେ। ଏହି ପ୍ରତିନିଧିମଣ୍ଡଳୀ ଆହତ ବ୍ୟକ୍ତି ଓ ଡାକ୍ତରମାନଙ୍କ ସହ ଆଲୋଚନା କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ୟାମବିହାରୀ ମିନା, ଭାରତୀୟ ପୋଲିସ ସେବା ଅଧିକାରୀ ଡ. କୁମାର ଆଶିଷ, ବିହାର ପ୍ରଶାସନିକ ସେବା ଅଧିକାରୀ ଅବିନାଶ କୁମାର, ବିହାର ପୋଲିସ ସେବା ଅଧିକାରୀ ସାହାରିଆର ଅଖତର ପ୍ରମୁଖ ସାମିଲ ଥିଲେ।

# ପରିବେଶ ସମସ୍ୟାର ମୁକାବିଲା ଆଜିର ଆହ୍ୱାନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୬(ବ୍ୟୁରୋ)**

**ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୩**




ପରିବେଶ ସମ୍ପର୍କିତ ସମସ୍ୟାର ମୁକାବିଲା ପାଇଁ କାର୍ଯ୍ୟ କରିବା ଆଜିର ଆହ୍ୱାନ। ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣି ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଭାବ ହ୍ରାସ କରିବା ପାଇଁ ଏ ବର୍ଷର ବିଷୟବସ୍ତୁ ଆମ ସମସ୍ତଙ୍କୁ ଆହ୍ୱାନ କରୁଛି। ସ୍ୱାସ୍ଥ୍ୟ, ଅର୍ଥନୀତି ଏବଂ ପରିବେଶ ଉପରେ ଏହାର ହାନିକାରକ ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଲୋକସେବା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୩ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ଆମ ସରକାର ୨ୟ ରାଜ୍ୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା ପ୍ରଣୟନ କରିଛନ୍ତି, ଯାହା ଆମର ସ୍ୱଚ୍ଛ ଏବଂ ସବୁଜ ରାଜ୍ୟ ପ୍ରତିବଦ୍ଧତାକୁ ଦୋହରାଉଛି। ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁଶନ ଅଭିଯାନ ଅଧୀନରେ ଏ ବର୍ଷର ବିଷୟବସ୍ତୁ ହେଉଛି 'ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ'। ରାଜ୍ୟ ସରକାର ୨୦୧୮ରୁ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବନ୍ଦ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଇଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ସହ ବ୍ୟାପକ ବୃକ୍ଷରୋପଣ କରାଯାଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ ଅଧ୍ୟୟନ କେନ୍ଦ୍ର, ବିଦ୍ୟାଳୟର ଇକୋକ୍ଲବ୍ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ସହଯୋଗରେ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ହଟାଇବା ପାଇଁ କରୁଥିବା କାର୍ଯ୍ୟ ବାସ୍ତବରେ ପ୍ରଶଂସାଯୋଗ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଉପରେ ନିଷେଧାଦେଶ ଲାଗୁ କରିବାକୁ ରାଜ୍ୟ ସରକାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଲିଥିନ୍ ବ୍ୟାଗ୍ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ବିରୋଧରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ସଂଗ୍ରହଣ ଓ ପରିଚାଳନା ସହ ପୃଥକୀକରଣ ଓ ପୁନଃବ୍ୟବହାର କେନ୍ଦ୍ରଗୁଡ଼ିକର କ୍ଷମତା ବୃଦ୍ଧି ଆମ କାର୍ଯ୍ୟ ଯୋଜନାର ଏକ ଅଂଶ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବ୍ୟବହାର ନ କରିବା ଏବଂ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ସଂକଳ୍ପବଦ୍ଧ ହେବା ସହ ପ୍ଲାଷ୍ଟିକ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସବୁସ୍ତରରେ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ପରିବେଶ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଭିନ୍ନ ଜିଲାର ୧୭୩ ଜଣ ପ୍ରକୃତିମିତ୍ର ଏବଂ ୧୮୭ ଜଣ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଅବଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି କହିଛନ୍ତି। ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁଶନ ଉପରେ ରାଜ୍ୟସ୍ତରର ଇକୋ-ମଡେଲ ପ୍ରଦର୍ଶନର ସମସ୍ତ ଅଂଶଗ୍ରହଣକାରୀ ଓ ବିଜେତା ଏବଂ ଆମର ଭବିଷ୍ୟତକୁ ଉନ୍ନତକରିବା ପାଇଁ ଜଳ ସଞ୍ଚୟ କରିବାର ଚିନ୍ତାଧାରା ଉପରେ ହୋଇଥିବା ହାକାଥନ୍‌ର ସମସ୍ତ ଅଂଶଗ୍ରହଣକାରୀ ଓ ବିଜେତାମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ପରିବେଶ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ନିମନ୍ତେ ଏହି ଦିବସ ଉତ୍ସର୍ଗୀକୃତ। ପ୍ଲାଷ୍ଟିକ ବ୍ୟବହାର ପରିବେଶ ପ୍ରଦୂଷଣର ଏକପ୍ରଧାନ କାରଣ। ବ୍ୟାପକ ସଚେତନତା ସହିତ ବିକଳ୍ପ ବ୍ୟବହାର ଦ୍ୱାରା ହିଁ ପ୍ରଦୂଷଣକୁ ରୋକାଯାଇପାରିବ। ଯାନବାହନ ପ୍ରଦୂଷଣ ହ୍ରାସ କରିବା ପାଇଁ ୨୦୨୫ ଶେଷ ସୁଦ୍ଧା୨୦ ପ୍ରତିଶତ ବୈଦ୍ୟୁତିକ ଯାନବାହନ ଚଳପ୍ରଚଳ ଲକ୍ଷ୍ୟରଖି ରାଜ୍ୟ ଇଭି ନୀତି ପ୍ରସ୍ତୁତ କରାଯାଇଛି ଏବଂ ରାଜ୍ୟ ସରକାର ବର୍ଦ୍ଧିତ ରିହାତି ମଧ୍ୟ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। କାଗଜ, କାଚ କିମ୍ବା ପରିବେଶ ଅନୁକୂଳ ଜିନିଷର ବ୍ୟବହାର ଉପରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ ଗୁରୁତ୍ୱାରୋପ କରିଥିଲେ। ପ୍ଲାଷ୍ଟିକ୍ ପୃଥିବୀ ପାଇଁ ବହୁ କ୍ଷତିକାରକ। ଏହାର ବ୍ୟବହାରକୁ କମାଇବାକୁ ପଡ଼ିବ। ରାସ୍ତା ନିର୍ମାଣ ଅବା ସିମେଣ୍ଟ କାରଖାନାରେ ପ୍ଲାଷ୍ଟିକ ବ୍ୟବହାର ସହ ବ୍ୟାପକ ବନୀକରଣ ଉପରେ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୭୩ ପ୍ରକୃତିମିତ୍ର ଏବଂ ୧୮୭ ପ୍ରକୃତିବନ୍ଧୁଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରୀଛାତ୍ରମାନଙ୍କୁ ମଡେଲ ପ୍ରଦର୍ଶନୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ବନ ସଂରକ୍ଷକ ତଥା ରାଜ୍ୟ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ(ପରିବେଶ) ତଥା ସ୍ୱତନ୍ତ୍ର ଶାସନ ସଚିବ ଡ. କେ. ମୁରୁଗେସନ୍ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ରିଅଲ୍ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟିର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ୬ ଗିରଫ

## ନିଜ ଅପହରଣ ନାଟକ ରଚି ଫସିଲେ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୫।୬**


ଗିରଫ ଅଜିତ୍‌ଙ୍କ ସହ ଅନ୍ୟ ସହଯୋଗୀ।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ ନିଖୋଜ ଘଟଣାକୁ ନେଇ ତୁମ୍ବିତୋଫାନ ଚାଲିଥିବା ବେଳେ ପୋଲିସ ସୋମବାର ସନ୍ଧ୍ୟାରେ ଏହି ରହସ୍ୟ ଉପରୁ ପରଦା ହଟାଇଛି। ଲୋକମାନଙ୍କ ସହାନୁଭୂତି ପାଇବା ପାଇଁ ଅଜିତ୍ ଏବଂ ତାଙ୍କ ସହଯୋଗୀ ଏହି ଅପହରଣ ନାଟକ ରଚି ନିଜେ ଫସିଛନ୍ତି। ଏଥିରେ ଆଉ ୩ ଜଣ ସହାୟତା କରିଛନ୍ତି। ସମସ୍ତଙ୍କୁ ଗିରଫ କରାଯାଇଥିବା ଫିରିଙ୍ଗିଆ ଥାନାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ପ୍ରକାଶ କରିଛନ୍ତି। ଗିରଫ ଯୁବକମାନେ ହେଲେ ବ୍ଲକ ଉପାଧ୍ୟକ୍ଷ ଅଜିତ୍ ସାହୁ, ରତଙ୍ଗ ସମିତି ସଭ୍ୟ ବିରଞ୍ଚି ମଲ୍ଲିକ, ବସନ୍ତ ମଲ୍ଲିକ, ବୌଦ୍ଧ ଜିଲାର ଅଜିତ୍ ରଣା, ତ୍ରିଲୋଚନ ଝାଙ୍କର ଓ ଯୁକ୍ତେଶ୍ୱର ରଣା। ସେମାନଙ୍କ ପାଖରୁ କାର ଓ ବାଇକ୍ ଜବତ କରାଯାଇଛି।

ଉଭୟ କଥାବାର୍ତ୍ତା ହୋଇ ଏକ ନାଟକ ରଚିଥିଲେ। ମାଓବାଦୀ ସେମାନଙ୍କୁ ଅପହରଣ କରିଥିବା ନେଇ ଗଣମାଧ୍ୟମରେ ପ୍ରଚାର ହେବା ପରେ ସେମାନଙ୍କ ପ୍ରତି ଜନସମର୍ଥନ ବଢ଼ିବ। ଫିରିଙ୍ଗିଆ ଥାନାଧିକାରୀ ତପନ କୁମାର ନାହାକ ଘଟଣାର ତଦନ୍ତ କରି ସମସ୍ତଙ୍କୁ ଧରିଥିଲେ। ସରକାରୀ କର୍ମଚାରୀଙ୍କୁ ଭୁଲ୍ ଖବର ଦେବା, ଜଣକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରବର୍ତ୍ତାଇବା, ଲୋକଙ୍କୁ ଭୟଭୀତ କରିବା ଅଭିଯୋଗରେ ସେମାନଙ୍କ ନାମରେ ନଂ.୯୦/୨୩ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ରାତିରେ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ୍ ଜାଜେଶପାଙ୍ଗା ଗ୍ରାମକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଏ ନେଇ ବିରଞ୍ଚି ଏବଂ ବସନ୍ତ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ।

## ନଗ୍ନତାକୁ ଯୌନତା ସହ ଯୋଡ଼ା ନ ଯାଉ: କେରଳ ହାଇକୋର୍ଟ

**କୋଚି, ୫।୬**

ବିବାଦୀୟ ମହିଳା ଅଧିକାର କର୍ମୀ ରେହନା ଫତିମାଙ୍କ ବିରୋଧରେ ଏକ ପୋକ୍ସୋ ମାମଲାକୁ କେରଳ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ନିଜର ଅର୍ଦ୍ଧନଗ୍ନ ଶରୀର ଉପରେ ଚିତ୍ର ଆଙ୍କିବା ଲାଗି ଫତିମା ତାଙ୍କ ୨ ନାବାଳକ ପିଲାଙ୍କୁ ଅନୁମତି ଦେଇଥିଲେ, ଯାହାର ଏକ ଭିଡିଓ ପ୍ରକାଶ ପାଇଥିଲା। ଏନେଇ ଫତିମାଙ୍କ ବିରୋଧରେ ଶିଶୁ ଯୌନ ନିର୍ଯାତନା ଆଇନ (ପୋକ୍ସୋ)ର ବିଭିନ୍ନ ଧାରା ସମେତ ସୂଚନା ପ୍ରଯୁକ୍ତି ଆଇନ ଏବଂ ଜୁଭେନାଇଲ ଜଷ୍ଟିସ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ନଗ୍ନତାକୁ ଯୌନତା ସହ ଯୋଡ଼ାଯିବା ଉଚିତ ନୁହେଁ ବୋଲି କେରଳ ହାଇକୋର୍ଟ କହିବା ସହ ଫତିମାଙ୍କୁ ଦୋଷମୁକ୍ତ କରିଛନ୍ତି। ଜଣକ ଶରୀର ଉପରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି। ତେବେ ଏହାକୁ ଯୌନତା ଦର୍ଶାଇ ଅନେକ ସମୟରେ ମହିଳାଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇଥାଏ ବୋଲି ହାଇକୋର୍ଟ କହିଛନ୍ତି। ୩୩ ବର୍ଷୀୟା ମହିଳା ଅଧିକାର କର୍ମୀ ତାଙ୍କର ଦୁଇ ପିଲାଙ୍କୁ ଶରୀରରେ ଚିତ୍ର ଆଙ୍କିବାକୁ ସୁଯୋଗ ଦେବା ପଛରେ ସେମାନଙ୍କୁ ଯୌନ ସନ୍ତୁଷ୍ଟି ପାଇଁ ବ୍ୟବହାର କରାଯାଇଥିବା କହିବା ସମ୍ଭବ ନୁହେଁ ବୋଲି ଜଷ୍ଟିସ୍ କୌସେର ଏଡ଼ାପ୍ପାଗଠ କହିଛନ୍ତି।

# ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ, ୫।୬**

କେୟାରଟେକର ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ (ଓଏଟି)ର ଜଣେ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଓ ଚାର୍ଜଶିଟ୍ ଦାଖଲ ନିର୍ଦ୍ଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ପେନ୍‌ସନ ଯୋଜନା ନିୟମାବଳୀ, ୧୯୯୨ର ରୁଲ୍ ୭ ଅନୁଯାୟୀ ୪ ବର୍ଷ ପୂର୍ବର କୌଣସି ଅଭିଯୋଗ ଆଧାରରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଅଜୟ ରାସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ ସୁଚିସ୍ମିତା ମିଶ୍ରଙ୍କ ବିରୋଧରେ ଚାର୍ଜଶିଟ୍ ରୁଲ୍ ୭ର ଉଲ୍ଲଂଘନ ବୋଲି ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଆବେଦନକାର ସମସ୍ତ ଟର୍ମିନାଲ/ସେବାନିବୃତ୍ତ ସୁବିଧା ପାଇବାକୁ ହକ୍‌ଦାର। ବିଭାଗୀୟ ତଦନ୍ତ ନାଁରେ ଏହାକୁ ବନ୍ଦ କରାଯାଇଥିଲେ, ବାର୍ଷିକ ୯ ପ୍ରତିଶତ ସୁଧ ସହ ବନ୍ଦ ଥିବା ତାରିଖଠାରୁ ପୈଠ କରିବାକୁ ହେବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ୨୦୧୨ ଜୁନ୍ ୨୮ରୁ ୨୦୧୫ ଅକ୍ଟୋବର ୧ ପର୍ଯ୍ୟନ୍ତ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲରେ ରେଜିଷ୍ଟ୍ରାର ଥିଲେ। ତାଙ୍କ ସମୟରେ ଉପଯୁକ୍ତ ପ୍ରାର୍ଥୀଙ୍କୁ କେୟାରଟେକର ନିଯୁକ୍ତ କରାଯାଇଥିଲା। ଏହି ନିଯୁକ୍ତିକୁ ପରେ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରାଯିବାରୁ ତାହା ଖାରଜ ହୋଇଯାଇଥିଲା। ପରେ ଓଡ଼ିଶା ହାଇକୋର୍ଟ ମଧ୍ୟ ଟ୍ରିବ୍ୟୁନାଲ ନିର୍ଦ୍ଦେଶନାମା ବିରୋଧରେ ଆବେଦନକୁ ଖାରଜ କରିଦେବା ସହ କେୟାର ଟେକର ନିଯୁକ୍ତି ପ୍ରକ୍ରିୟାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ଜାନୁୟାରୀରେ ଆବେଦନକାରୀ ଅବସର ନେଇଥିଲେ।

## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ ଦେବେ ମାଇକ୍ ପେନ୍ସ

**ରାଷ୍ଟ୍ରପତି ନିର୍ବାଚନ**


ଡୋନାଲ୍ଡ ଟ୍ରମ୍ପ୍ ମାଇକ୍ ପେନ୍ସ

**ୱାଶିଂଟନ, ୫।୬**

୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ରିପବ୍ଲିକାନ୍ ପ୍ରାର୍ଥିତ୍ୱ ଦୌଡ଼ରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ଉପରାଷ୍ଟ୍ରପତି ମାଇକ୍ ପେନ୍ସ ହେବାକୁ ଯାଉଛନ୍ତି। ସେ ଆମେରିକା ଫେଡେରାଲ ଇଲେକ୍ସନ କମିଶନଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୬୩ ବର୍ଷୀୟ ପେନ୍ସ ବୁଧବାରଠାରୁ ଆନୁଷ୍ଠାନିକ ଭାବେ ପ୍ରଚାର ଆରମ୍ଭ କରିବେ। ୨୦୧୭ରୁ ୨୦୨୧ ଟ୍ରମ୍ପ୍ ରାଷ୍ଟ୍ରପତି ଥିବାବେଳେ ପେନ୍ସ ଉପରାଷ୍ଟ୍ରପତି ଥିଲେ।

# ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରାଯିବ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୫।୬(ବ୍ୟୁରୋ)**

**ବାହାନଗା ଟ୍ରେନ୍ ଦୁର୍ଘଟଣା**

**ଜନସାଧାରଣଙ୍କ ସହଯୋଗ ପ୍ରଶଂସନୀୟ**

ରାଜ୍ୟ ସରକାରଙ୍କର ପ୍ରସ୍ତୁତି ଓ ଜନସାଧାରଣଙ୍କ ସହଯୋଗ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସର୍ବଦା ସଫଳତା ଦେଇଆସିଛି। ଆଗାମୀ ଦିନରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମିକୁ ଆହୁରି ଅଧିକ ସୁଦୃଢ଼ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ରେଳ ଦୁର୍ଘଟଣା ଉଦ୍ଧାର ପରବର୍ତ୍ତୀ ସହାୟତା ସମ୍ପର୍କରେ ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ୧୭୬ ଟି ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କର ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରାଯାଇଛି। ସେଥିମଧ୍ୟରୁ ପୂର୍ବରୁ ବାଲେଶ୍ୱରରେ ୮୫ଟି ମୃତଦେହ ଚିହ୍ନଟ କରାଯାଇଥିବା ବେଳେ ଭୁବନେଶ୍ୱର ଆସିଥିବା ୧୯୩ ମୃତଦେହ ମଧ୍ୟରୁ ମୋଟ ୧୭୬ ଟିର ଚିହ୍ନଟ କରାଯାଇଛି। ବିଭିନ୍ନ ହସ୍ପିଟାଲରେ ରଖାଯାଇଥିବା ମୃତଦେହକୁ ସେମାନଙ୍କର ସମ୍ପର୍କୀୟମାନେ ଚିହ୍ନଟ ପାଇଁ ଆସୁଛନ୍ତି। ମୃତକଙ୍କ ପରିଜନମାନଙ୍କର ଯେପରି କୌଣସି ଅସୁବିଧା ନହୁଏ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତଦେହ ଚିହ୍ନଟକରଣ ପରେ ସେସବୁକୁ ଓଡିଶା ସରକାରଙ୍କ ଖର୍ଚ୍ଚରେ ସେମାନଙ୍କ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି। ମୃତକଙ୍କ ଚିହ୍ନଟ ପ୍ରକ୍ରିୟା ପରେ ମୃତ୍ୟୁ ପ୍ରମାଣ ପତ୍ର ଖୁବ୍‌ଶୀଘ୍ର ସେମାନଙ୍କ ପରିବାରଙ୍କୁ ପ୍ରଦାନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା ଗ୍ରହଣ କରିବେ। ଅନ୍‌ଲାଇନ୍ ଏବଂ ଆବଶ୍ୟକସ୍ଥଳେ ସ୍ପିଡପୋଷ୍ଟ ଜରିଆରେ ପଠାଇଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ମୃତଦେହ ସବୁର ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୮୦୦୩୪୫୦୦୬୧ ଓ ୧୯୨୯ ଜାରି କରାଯାଇଛି। ଏହି ନମ୍ବରକୁ ଦେଶର ଯେ କୌଣସି ସ୍ଥାନରୁ ବ୍ୟବହାର କରି ଆହତ ବା ମୃତକଙ୍କ ସମ୍ପର୍କରେ ଅନୁସନ୍ଧାନ କରାଯାଇପାରିବ। ସେହିପରି ମୃତକଙ୍କ ସମ୍ପର୍କରେ ଜାଣିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ତିନୋଟି ୱେବ୍ ସାଇଟ୍ www.osdma.org, www.srcodisha.nic.in ଏବଂ www.bmc.gov.in ଜାରି କରାଯାଇଛି। ସବୁଠୁ ଅଧିକ ମୃତଦେହ ରହିଥିବା ଏମ୍ସ ହସ୍ପିଟାଲଠାରେ ଏକ ବଡ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇ ମୃତକଙ୍କ ଫଟୋ ପ୍ରଦର୍ଶନ କରାଯାଉଛି। ସେଥିପାଇଁ ସମସ୍ତଙ୍କୁ ଶବ ସଂରକ୍ଷଣ ଗୃହକୁ ଯିବାକୁ ଆବଶ୍ୟକ ପଡୁନାହିଁ। ସେଠାରେ ଅଭିଜ୍ଞ ଅଧିକାରୀ ଓ ପୋଲିସ୍ ଷ୍ଟାଫ୍ ମାନେ ଉପସ୍ଥିତ ରହି ଏହି ପ୍ରକ୍ରିୟାକୁ ସୁଗମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସର୍ବଦା ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି କହିଛନ୍ତି। ଚିକିତ୍ସିତ ହେଉଥିବା ପ୍ରତ୍ୟେକ ବ୍ୟକ୍ତି ହେଉ କିମ୍ବା ମୃତଦେହ ଚିହ୍ନଟ କରି ସେମାନଙ୍କର ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରିବା ହେଉ, ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ପାଇଁ ରକ୍ତର ଆବଶ୍ୟକତା ପୂରଣ ନିମନ୍ତେ ବାଲେଶ୍ୱର, ଭଦ୍ରକ, ସ୍ଥାନୀୟ ଏବଂ ଓଡିଶାର ଜନସାଧାରଣ ଆଗେଇ ଆସିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହିଛନ୍ତି ଯେ, ଦୁର୍ଘଟଣାରେ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି, ତାହା ସବୁଠାରୁ ଦୁଃଖଦ ବିଷୟ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଏଭଳି ସମୟରେ ତ୍ୱରିତ ପଦକ୍ଷେପ ନିଆଯିବା ଯୋଗୁ ବହୁ ମୂଲ୍ୟବାନ ଜୀବନ ରକ୍ଷା ପାଇଯାଇଛି। ପ୍ରକାଶ ଥାଉକି, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ନିୟନ୍ତ୍ରଣ କକ୍ଷରେ ମୁଖ୍ୟ ଶାସନ ସଚିବଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଦୁର୍ଘଟଣା ପରବର୍ତ୍ତୀ ଚିକିତ୍ସା ଓ ମୃତଦେହ ଚିହ୍ନଟୀକରଣ ଆଦି କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ସହିତ ଆବଶ୍ୟକ ସ୍ଥଳେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀଙ୍କୁ ସ୍ୱତନ୍ତ୍ର ପୁରସ୍କାର

**ବଲାଙ୍ଗୀର ଅଫିସ, ୫।୬**



ଛତିଶଗଡ଼ଠାରେ ଆୟୋଜିତ ସର୍ବଭାରତୀୟସ୍ତରୀୟ କାର୍ଟୁନ୍ ପ୍ରତିଯୋଗିତାରେ ପୁରସ୍କୃତ ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ର।

ଛତିଶଗଡ଼ ପରିବେଶ ସଂରକ୍ଷଣ ମଣ୍ଡଳ ଏବଂ ରାୟପୁର(ଛତିଶଗଡ଼)ରୁ ପ୍ରକାଶିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ୱାଚ୍'ର ମିଳିତ ଆବାହକତ୍ୱରେ ଆୟୋଜିତ ସର୍ବଭାରତୀୟସ୍ତରୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତା 'ଲାଇଫ୍ ଷ୍ଟାଇଲ ଫର୍ ଏନ୍‌ଭାଇରନ୍‌ମେଣ୍ଟ' ବିଷୟବସ୍ତୁ ଉପରେ ଆଧାରିତ ଥିଲା। ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ବିଶ୍ୱସ୍ତରରେ ଅମୂଲ୍ୟ ଜଳ ସମ୍ପଦର ଜୀବନଯାପନ ଶୈଳୀଜନିତ ଦୁରୁପଯୋଗ ତଥା ଏହାର କରୁଣ ଭବିଷ୍ୟତ ସମ୍ପର୍କରେ ଏକ ଶାଣିତ ବ୍ୟଙ୍ଗାତ୍ମକ ଅବଧାରଣା ପ୍ରଦାନ କରାଯାଇଛି।

ପ୍ରତିଯୋଗିତା ସମ୍ପର୍କିତ ଏକ ଭବ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ନିକଟ ଅତୀତରେ ପ୍ରତ୍ନତାତ୍ତ୍ୱିକ ତଥା ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା, ଏକକ ବିଶ୍ୱ ଓ ଯୁଦ୍ଧ ନୁହେଁ କେବଳ ଭ୍ରାତୃତ୍ୱ ଉପରେ ଆଧାରିତ ତିନୋଟି ଜାତୀୟ ପ୍ରତିଯୋଗିତା ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ଭିନ୍ନ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ୍ୟ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍‌ଗୁଡିକ ପୁରସ୍କୃତ ତଥା ପ୍ରଦର୍ଶିତ ହେବାର ସୌଭାଗ୍ୟ ଲାଭ କରିଥିଲା। ଏଥିସହ

**ରାଷ୍ଟ୍ରୀୟ ବ୍ୟଙ୍ଗଚିତ୍ର ପ୍ରତିଯୋଗିତା**

ଇଜିପ୍ଟର କାଇରୋଠାରେ ଅନୁଷ୍ଠିତ ସ୍ପିରିଟ୍ ଅଫ୍ ଗାନ୍ଧୀ ଏକ୍‌ଜିବିଶନ, ମୁମ୍ବାଇଠାରେ ହୋଇଥିବା ବାଲ୍ ଠାକ୍‌ରେ ଅନ୍ତର୍ଜାତୀୟ କାର୍ଟୁନ୍ ଏକ୍‌ଜିବିଶନ, ଜମ୍ମୁଠାରେ ପ୍ରଖ୍ୟାତ ସନ୍ତୁରବାଦକ ପି. ଶିବ କୁମାର ଶର୍ମାଙ୍କ ସ୍ମୃତି ପ୍ରଦର୍ଶନୀ ଏବଂ କୋଚିଠାରେ କାର୍ଟୁନ୍ ମେନ୍ ବାଦୁସା ମେମୋରିଆଲ୍ ଇଣ୍ଟରନ୍ୟାଶନାଲ୍ କେରିକେଚର୍ ଏକ୍‌ଜିବିଶନ୍‌ରେ ଏମାନଙ୍କ କୃତି ସ୍ଥାନ ପାଇଥିଲା। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଅବିରତ ଭାବେ କାର୍ଟୁନ କରିଆସୁଥିବା ଓଡ଼ିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ପୃଥିବୀର ଏକମାତ୍ର କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଭାବରେ ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକଥର ଅନ୍ତର୍ଜାତୀୟ ତଥା ଜାତୀୟସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।

## ଇଏ ବି ଜଣେ ନାରୀ

# ନିଶା ଦେଇଛି ପରିଚୟ



**ପେ**ସାରେ ସେ ଜଣେ ଓକିଲ। ହେଲେ ନିଶା ତାଙ୍କର ଗୋ ପାଳନ। ଆଉ ଏହା ବର୍ତ୍ତମାନ ତାଙ୍କୁ ଦେଇଛି ନୂଆ ପରିଚୟ। ସେ ହେଉଛନ୍ତି ଢେଙ୍କାନାଳ ଜିଲା ଭୁବନ ଅନ୍ତର୍ଗତ କୀର୍ତ୍ତନପୁରରେ ରହୁଥିବା ପ୍ରଜ୍ଞା ପରମିତା ସିଂସାମନ୍ତ। ସେ ବେଶ୍ ପଶୁପକ୍ଷୀ ଏବଂ ବୃକ୍ଷପ୍ରେମୀ। ତେଣୁ ୨୦୧୯ରେ ପ୍ରଥମେ ୬ଟି ଗାଈ ରଖି ନିଜ ଫାର୍ମିଂ ଆରମ୍ଭ କରିଥିଲେ। କୋଭିଡ୍ ସମୟ ଥିବାରୁ ଦୁଗ୍ଧ, ଦହି, ଛେନା ଲାଗି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆଗ୍ରହ ଦେଖି ସେ ଏହାକୁ ବୃଦ୍ଧି କରିବା ଲାଗି ମନ ବଳାଇଲେ। ପରିବାର ଏବଂ ସ୍ୱାମୀ ମନୋରଞ୍ଜନ ଦାସଙ୍କର ମଧ୍ୟ ଏଥିରେ ଥିଲା ସମର୍ଥନ। ତେଣୁ ସେ ହରିୟାଣାସ୍ଥିତ ନ୍ୟାଶନାଲ୍ ଡାଇରୀ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଡିଆର୍‌ଆଇ)ରେ ଏନେଇ ୩ଟି କୋର୍ସ କରିବା ସହ ତାଲିମ ନେଲେ। ମହାପାଟ ଏଗ୍ରୋ ନାମରେ ଆରମ୍ଭ କଲେ ଏକ ଡାଇରୀ ଫାର୍ମ, ଯେଉଁଥିରେ ବର୍ତ୍ତମାନ ରହିଛନ୍ତି ୫୭ଟି ଗାଈ। ଏଥିରୁ ଦିନକୁ ପ୍ରାୟ ୨୦୦ଶହ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାକୁ ସେ କ୍ରୀଷ୍ଣା ମିଲ୍କ ନାମରେ ଗ୍ରାହକଙ୍କ ନିକଟରେ ପହଞ୍ଚାଇଥାନ୍ତି। ଏହାଦ୍ୱାରା ଯେ ସେ କେବଳ ନିଜେ ଲାଭବାନ୍ ହେଉଛନ୍ତି ତା' ନୁହେଁ, ବରଂ ୭ ଜଣ ସହକର୍ମୀଙ୍କୁ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରାଇ ପାରିଛନ୍ତି। ଯେଉଁଥିପାଇଁ ବିଶ୍ୱ ପ୍ରାଣୀ ଦିବସ ୨୦୨୩ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଶ୍ରେଷ୍ଠ ଗୋପାଳିକା ଭାବେ ସେ ସମ୍ମାନିତ ହୋଇଛନ୍ତି। ନିଜ ପ୍ରତ୍ୟେକ ସଫଳତାର ଶ୍ରେୟ ସ୍ୱାମୀଙ୍କୁ ଦେଉଥିବା ପ୍ରଜ୍ଞା କୁହନ୍ତି, 'ବ୍ୟବସାୟ ଉଦ୍ଦେଶ୍ୟ ରଖି ଗୋପାଳନ ଆରମ୍ଭ କରି ନ ଥିଲୁ। ତେଣୁ କେତେ ଟଙ୍କା ଆୟ ହେଉଛି ଅଧିକ ଗୁରୁତ୍ୱ ନ ଦେଇ ଗାଈମାନେ କିପରି ସୁସ୍ଥ ରହିବେ, ଭଲ ଖାଇବେ, ସେଥିପ୍ରତି ଅଧିକ ଧ୍ୟାନ ଦେଇଥାଉ। ଗାଈ ଖାଇବା ଲାଗି ପ୍ରାୟ ଏକ ଏକର ଜାଗାରେ ଘାସଚାଷ କରିଛୁ। ସର୍ବଦା ଲୋକଙ୍କ ପାଖରେ ଭଲ କ୍ଷୀର ପହଞ୍ଚାଉଛୁ। ଯଦିଓ ଏହା ଖୁବ୍ ଚ୍ୟାଲେଞ୍ଜିଂ, ହେଲେ ସ୍ୱାମୀ ଏବଂ ପରିବାରର ସମସ୍ତଙ୍କ ସହଯୋଗରେ ଏହା ମୋ ପାଇଁ ସମ୍ଭବ ହୋଇପାରିଛି। ସତ କହିବାକୁ ଗଲେ ମୋତେ ଏହି କାର୍ଯ୍ୟ ଆତ୍ମସନ୍ତୋଷ ଦେଉଛି।' ପଠାଣୀ ସାମନ୍ତଙ୍କ ବଂଶଧର ହୋଇଥିବାରୁ ଭବିଷ୍ୟତରେ ଜ୍ୟୋତିଷଶାସ୍ତ୍ରରେ ରିସର୍ଚ୍ଚ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଗୋପାଳନ ବ୍ୟତୀତ ସେ ନିଜ ଫାର୍ମରେ ଅନେକ କୁକୁଡ଼ା ଏବଂ ବତକ ମଧ୍ୟ ପାଳନ କରିଛନ୍ତି। ସେହିପରି ପ୍ରାୟ ୧୦-୧୫ ପ୍ରଜାତିର ୫୦୦ରୁ ଊର୍ଦ୍ଧ୍ୱ ଆମ୍ବଗଛ ମଧ୍ୟ ଲଗାଇଛନ୍ତି। ତେବେ ଗୋପାଳନରେ ବ୍ରତୀ ହୋଇ ନିଜର କଠିନ ଅଧ୍ୟବସାୟ ଓ ସୁପରିଚାଳନା ଦ୍ୱାରା ସଫଳ ହୋଇପାରିଥିବା ପ୍ରଜ୍ଞା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

– ପୌର୍ଣ୍ଣମାସୀ

# ଗୃହିଣୀଙ୍କ ପାଇଁ...

- ଆଲୁମିନିୟମ୍ ବାସନ ଯଦି ପୋଡ଼ିଯାଇଛି, ଏଥିରୁ ଦାଗ ଛଡ଼ାଇବାକୁ ହେଲେ ସେଥିରେ ଗୋଟିଏ ପିଆଜକୁ ନେଇ ତାକୁ ପାଣିରେ ପକାଇ ଭଲଭାବେ ଫୁଟିବାକୁ ଛାଡ଼ିଦିଅନ୍ତୁ। ପୁନର୍ବାର ସେହି ବାସନଟିକୁ ବାସନମଜା ସାବୁନ୍‌ରେ ଭଲଭାବେ ସଫା କରନ୍ତୁ।
- ଲେମ୍ବୁ ପ୍ଲାଷ୍ଟିକ୍ କଣ୍ଟେନରକୁ ସଫା କରିବା ସହିତ ଏଥିରୁ ବାହାରୁଥିବା ଦୁର୍ଗନ୍ଧକୁ ଦୂର କରିଥାଏ। ଲେମ୍ବୁ ଚୋପା ସାହାଯ୍ୟରେ କଣ୍ଟେନରକୁ ଭଲଭାବେ ରଗଡ଼ି ସଫା କଲେ ଦାଗ ଛାଡିଯାଏ।
- ବେକିଂ ସୋଡ଼ା ବାସନରେ ୧୦-୧୫ ମିନିଟ୍ ପାଇଁ ଭିଜାଇ ରଖିଦିଅନ୍ତୁ। ପୁଣି ସେହି ସୋଡ଼ାରେ ବାସନ ସଫା କରନ୍ତୁ। ଏହାଦ୍ୱାରା ବାସନ ଭଲଭାବେ ସଫା ହୋଇଯିବ।
- ବାସନରୁ ଦାଗ ଦୂର କରିବାକୁ ହେଲେ ଦହିର ବ୍ୟବହାର କରାଯାଇଥାଏ।




# ସଫଳ ଦାମ୍ପତ୍ୟ ଜୀବନ...



**ବି**ବାହ ବନ୍ଧନରେ ଆବଦ୍ଧ ହେବା ପରେ ନିଜର ନୂଆ ଜୀବନକୁ ନେଇ ଅନେକ ସ୍ୱପ୍ନ ଦେଖିଥାଏ ଜଣେ ନାରୀ। ଏହି ଜୀବନକୁ ସୁରୁଖୁରୁରେ ଆଗେଇ ନେବାରେ କେବଳ ନବ ବିବାହିତ ଦମ୍ପତି ନୁହନ୍ତି, ପରିବାର ସଦସ୍ୟଙ୍କର ମଧ୍ୟ ଭୂମିକା ରହିଛି। ଦାମ୍ପତ୍ୟ ଜୀବନକୁ ଖୁସିରେ ଭରି ଦେବା ସହଜ ନୁହେଁ। କାରଣ ଏଥିପାଇଁ ବେଶ୍ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ। ତା'ସହ ଏହାକୁ ପ୍ରଭାବିତ କରୁଥିବା ସମସ୍ୟାଗୁଡ଼ିକୁ ଜାଣି ତାହାର ସମାଧାନ କରିବା ନିହାତି ଜରୁରୀ। ଏଭଳି କେତେକ ଛୋଟ କଥା ରହିଛି, ଯାହାକୁ ଗୁରୁତ୍ୱ ଦେଲେ ଦାମ୍ପତ୍ୟ ଜୀବନକୁ ଖୁସିର ମାହୋଲ ଭିତରେ ଅତିବାହିତ କରିପାରିବେ।

**ବୁଝାମଣା:** ପତି-ପତ୍ନୀ ଭିତରେ ସବୁଠାରୁ ବଡ଼ କଥା ହେଲା ବୁଝାମଣା। ଏଥିରେ ଯଦି କିଛି ଦୋଷ ତ୍ରୁଟି ରହିଯାଏ, ତେବେ ଏହି ସମସ୍ୟା ସାରା ଜୀବନ ଛାଇ ପରି ଗୋଡ଼ାଇଥାଏ। ତେଣୁ ଦୁହିଁଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ନିହାତି ଜରୁରୀ। ଉଭୟ ପରସ୍ପର କଥାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି କିଛି ସମସ୍ୟା ଅଛି, ତେବେ ତାହାର ଆପୋସ ସମାଧାନ କରନ୍ତୁ।

**ଭାବନାକୁ ସମ୍ମାନ ଦେବା:** ବୈବାହିକ ଜୀବନକୁ ସରସ ସୁନ୍ଦର କରିବାକୁ ହେଲେ ସ୍ୱାମୀ-ସ୍ତ୍ରୀ ପରସ୍ପର କଥାକୁ ଆଦର





**ଦାମ୍ପତ୍ୟ ଜୀବନ ଏଭଳି ଏକ ଗାଡ଼ି ଯାହାକୁ ବେଶ୍ ସୁରୁଖୁରୁରେ ଗଡ଼ାଇ ନେବାକୁ ପଡ଼ିଥାଏ। ବେଳେବେଳେ କେତେକ ଘଟଣା ପାଇଁ ଏଥିରେ ତିକ୍ତତା ଭରିଯାଏ। ତେବେ ନିଜର ଏହି ଜୀବନକୁ କିପରି ସୁଖମୟ ଏବଂ ସ୍ମରଣୀୟ କରିବେ ଏଥିନେଇ ନିମ୍ନୋକ୍ତ କଥାକୁ ଆପଣେଇ ପାରନ୍ତି...**

ଜଣେ ଅନ୍ୟ ଜଣଙ୍କ କଥାକୁ ଆଦର, ସମ୍ମାନ ଓ ମହତ୍ତ୍ୱ ଦେବା ଆବଶ୍ୟକ। ବେଳେବେଳେ ଜଣେ ଅନ୍ୟ ଜଣଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥା'ନ୍ତି। ଯଦି ଆପଣଙ୍କ ମନରେ ଏଭଳି ଭାବନା ଅଛି, ତେବେ ତାହାକୁ ବଦଳାଇ ଦିଅନ୍ତୁ। ତେବେ ଆପଣଙ୍କ ଭିତରେ ଥିବା ସମ୍ପର୍କର ସେତୁ ଆହୁରି ମଜଭୁତ ହେବ।

**କାମରେ ସାହାଯ୍ୟ କରିବା:** ଆଜିକାଲି ଅଧିକାଂଶ ଦମ୍ପତି କର୍ମଜୀବୀ। ତେଣୁ କରିବା ଦରକାର। ହେଲେ କଥାଗୁଡ଼ିକ ଯୁକ୍ତିସଙ୍ଗତ ହେବା ଆବଶ୍ୟକ। ନ ହେଲେ ତାହାକୁ ନେଇ ଆଲୋଚନା, ଯୁକ୍ତିତର୍କ ବୁଢ଼ିଆଣୀ ସୂତା ପରି ଲମ୍ବି ଲମ୍ବି ଚାଲିବ। ଯଦି କିଏ କ'ଣ କହୁଛି ତେବେ ତାହାର ମହତ୍ତ୍ୱ ପ୍ରଥମେ ହୃଦୟଙ୍ଗମ କରନ୍ତୁ। ଅଫିସ ସହ ଘର କାମ ତୁଲାଇବାକୁ ପଡ଼ିଥାଏ। ଏହି ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭଲ ବୁଝାମଣା ରହିବା ଦରକାର। ଘର କାମରେ ଯଦି ଦୁହେଁ ସହଯୋଗ କରନ୍ତି, ତେବେ ସେ ନେଇ ଟେନ୍‌ସନ ରହିବ ନାହିଁ। ତା'ସହ ଉଭୟ ଠିକ୍ ସମୟରେ ଅଫିସ ଯାଇପାରିବେ। ଏପରି କି ବୁଲାବୁଲି କରିବାକୁ ସମୟ ବାହାର କରିପାରିବେ।

**ଅଧିକ ସମୟ ବିତାନ୍ତୁ:** କର୍ମଜୀବୀ ଦମ୍ପତି ନିଜ ନିଜ କାମରେ ଏତେ ବ୍ୟସ୍ତ ରୁହନ୍ତି ଯେ ପରସ୍ପରକୁ ଆବଶ୍ୟକ ସମୟ ଦେଇପାରନ୍ତି ନାହିଁ। ଯେତେବେଳେ ସମୟ ମିଳୁଛି, ପରସ୍ପର ପାଇଁ ସମୟ ଦିଅନ୍ତୁ। କାରଣ ଏହି ଲିଜର ସମୟ ଭିତରେ ଆପଣ ପରିବାର ଏବଂ ନିଜ ସମ୍ପର୍କରେ ଆଲୋଚନା କରିପାରିବେ।

**ନିଷ୍ପତ୍ତି:** ସ୍ୱାମୀ-ସ୍ତ୍ରୀ ଯଦି କୌଣସି ବିଷୟରେ ନିଷ୍ପତ୍ତି ନେଉଛନ୍ତି, ତେବେ ତା' ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହି ବିଷୟରେ ପ୍ରଥମେ ନିଜେ ଚିନ୍ତା କରନ୍ତୁ। ଯାହା ନିଷ୍ପତ୍ତି ନେଉଛନ୍ତି, ତାହା ଆପଣଙ୍କ ବୈବାହିକ ଜୀବନକୁ ପ୍ରଭାବିତ କରିବ ନାହିଁ ତ? ଯଦି ସେଥିରେ କୌଣସି ନକାରାତ୍ମକ ଜିନିଷ ନାହିଁ, ତେବେ ତାହାକୁ ପ୍ରଥମେ ଉଭୟ ପତି-ପତ୍ନୀ ନିଜ ଭିତରେ ଶେୟାର କରନ୍ତୁ। ସେ ବିଷୟରେ ଥଣ୍ଡା ମନରେ ଆଲୋଚନା କରନ୍ତୁ। ଯଦି ସମ୍ଭବ ହୁଏ, ତେବେ ପରିବାରର ବୟସ୍କ ବ୍ୟକ୍ତିଙ୍କ ମତ ନିଅନ୍ତୁ। ଏକତରଫା ନିଷ୍ପତ୍ତି ନିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ ଅଯଥା ଝଡ଼ ସୃଷ୍ଟି ହୋଇପାରେ।

**ସନ୍ଦେହ:** ସନ୍ଦେହ ଏଭଳି ଏକ ଭାଇରସ୍, ଯାହା ବୈବାହିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। କାରଣ ପତି ହେଉ କି ପତ୍ନୀ କାହା ମନରେ ଯଦି କାହାକୁ ନେଇ ସନ୍ଦେହ ସୃଷ୍ଟି ହେଲା, ତେବେ ତାହାର ପରିସର ଦିନକୁ ଦିନ ବଢ଼ି ବଢ଼ି ଚାଲେ। ତେଣୁ ମନରୁ ପ୍ରଥମେ ଏଭଳି ଭାବନା ଦୂର କରନ୍ତୁ। ଯଦି କିଛି ସନ୍ଦେହ ଅଛି, ତେବେ ତାହାକୁ କିପରି ସମାଧାନ କରିବେ ସେ ନେଇ ପରସ୍ପର ଭିତରେ ଆଲୋଚନା କରନ୍ତୁ।

**ଦାୟିତ୍ୱ:** ଝିଅଟିଏ ବାହା ହୋଇ ବୋହୂ ପାଲଟିବା ପରେ ତାଙ୍କର ଦାୟିତ୍ୱ ବଢ଼ିଯାଇଥାଏ। ତେଣୁ ଆରମ୍ଭରୁ ହିଁ ନିଜ ଦାୟିତ୍ୱ ବିଷୟରେ ଅବଗତ ହୁଅନ୍ତୁ। ଯେତେସମ୍ଭବ ଏହାକୁ ନିଜେ ତୁଲାଇବାକୁ ଚେଷ୍ଟା କରନ୍ତୁ। ଯଦି ଅନ୍ୟର ସାହାଯ୍ୟ ନେବାକୁ ଚାହୁଁଛନ୍ତି, ତେବେ ସେ ବିଷୟରେ ତାଙ୍କୁ ପ୍ରଥମେ ବୁଝାନ୍ତୁ। କାରଣ ଦାୟିତ୍ୱର ପ୍ରକୃତ ସଂଜ୍ଞା ଉଭୟ ପତି ପତ୍ନୀ ହୃଦୟଙ୍ଗମ କରିବା ଦରକାର। କେବଳ ଚାକିରି କରି ଟଙ୍କା ରୋଜଗାର କଲେ ହେବ ନାହିଁ, ନିଜର ପରିବାର ଚଳାଇବା, ପିଲାମାନଙ୍କର ଯତ୍ନ, ସେମାନଙ୍କର ପାଠପଢ଼ା ଆଦି ବିଷୟକୁ ଧ୍ୟାନ ଦେବାକୁ ପଡ଼େ। ତେଣୁ ଏ ନେଇ ପରସ୍ପର ଭିତରେ ଭଲ ଭାବରେ ଆଲୋଚନା କରନ୍ତୁ। ଯଦି ନିଜ ଦାୟିତ୍ୱକୁ ହାଲୁକା ଭାବରେ ନିଅନ୍ତି, ତେବେ ତାହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ଅନେକ ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। ଦାୟିତ୍ୱ ତୁଲାଇ ଦେବି କହିଦେଲେ ହେବ ନାହିଁ, ଏଥିଲାଗି ଯୋଜନା ପ୍ରସ୍ତୁତ କରନ୍ତୁ।

## ଏମାନେ କ'ଣ କରନ୍ତି



**ମନୋମାଳିନ୍ୟକୁ ଧରି ନ ବସି ଆଗକୁ ବଢ଼ିବା ଆବଶ୍ୟକ:** ସୁଖୀ ଦାମ୍ପତ୍ୟ ଜୀବନ କହିଲେ ସଫଳ ଦାମ୍ପତ୍ୟ ଜୀବନ। ଆମ ବିବାହକୁ ୨୫ବର୍ଷ ହୋଇଗଲାଣି। କିନ୍ତୁ କେବେ ଏମିତି ପରିସ୍ଥିତି ଆସିନି, ଯାହା ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି କରିବ। ମଝିରେ ମଝିରେ ଛୋଟମୋଟ ମନୋମାଳିନ୍ୟ ହୁଏ, କିନ୍ତୁ ଏହାକୁ ଧରି ନ ବସି ଆଗକୁ ବଢ଼ି ଚାଲୁ । ଏହାଦ୍ୱାରା ଆମ ସମ୍ପର୍କ ମଜଭୁତ ହୋଇଥାଏ। ଉଭୟଙ୍କ ମଧ୍ୟରେ ଯଦି ସ୍ୱଭାବ ମେଳ ଖାଇବ, ତେବେ ସମ୍ପର୍କ ସୁନ୍ଦର ହୋଇପାରିବ। ପରସ୍ପର ପ୍ରତି ସମର୍ପଣ ଭାବନା ରହିଲେ ଦାମ୍ପତ୍ୟ ଜୀବନ ସୁରୁଖୁରୁରେ ଚାଲିବ।

– *ବିନୋଦିନୀ ବେହେରା, ନାଲ୍‌କୋନଗର, ଅନୁଗୋଳ*



**ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ:** ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ସଂସାର ସୁରୁଖୁରୁରେ ଚାଲିପାରିବ। ଆମ ଭିତରେ ଯଦି କେବେ ଝଗଡ଼ା ହୁଏ, ତେବେ ଏ ସମୟରେ ଜଣେ ଚୁପ୍ ରହି ଆଉ ଜଣଙ୍କ କଥା ଶୁଣିବା ଆବଶ୍ୟକ। ଯଦି ଉଭୟ ଝଗଡ଼ା ଲାଗିବସିଲେ କଥା ବଢ଼ିବ ପଛେ କମିବ ନାହିଁ। ପୁରୁଷମାନେ ସାଧାରଣତଃ ଟେଷ୍ଟି ଟେଷ୍ଟି ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ଏଥିପାଇଁ ମୁଁ ତାଙ୍କ ପସନ୍ଦ ଅନୁଯାୟୀ ଖାଦ୍ୟ ପ୍ରସ୍ତୁତ କରିକି ଦେଇଥାଏ। ଏହାବ୍ୟତୀତ ଘରର କାମ ସହିତ ପିଲାଙ୍କର ଯତ୍ନ ନେବା ଦ୍ୱାରା ସ୍ୱାମୀ ଖୁସି ହୋଇଥା'ନ୍ତି।

– *ଶାରଦା ଦାଶ, ସିଡିଏ, କଟକ*

## ସୌନ୍ଦର୍ଯ୍ୟ

# ତ୍ୱଚାର ପ୍ରାକୃତିକ ଉପଚାର

**ରତୁ ଅନୁସାରେ ନିଜ ତ୍ୱଚାର ଯତ୍ନ ନେବାକୁ ପଡ଼ିଥାଏ। ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହା ଆପଣଙ୍କ ତ୍ୱଚାରେ ଚମକ ଆଣିପାରିବ...**

**ଖ**ରାଦିନରେ ଆମକୁ ଆବଶ୍ୟକତା ଠାରୁ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ। ପାଗ ଅନୁଯାୟୀ ନିଜ ସ୍କିନ୍‌ର ଧ୍ୟାନ ଅଧିକ ଦେବାକୁ ପଡ଼ିଥାଏ। ଏମିତିରେ ଯଦି ଆପଣ ସ୍କିନ୍ କେୟାର ନ କରୁଛନ୍ତି, ତେବେ ଆପଣଙ୍କୁ ପିମ୍ପଲ ଏବଂ ଦାଗ ଭଳି କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଘରୋଇ ଉପଚାର ମାଧ୍ୟମରେ ନିଜର ଫେସ୍ ଗ୍ଲୋ କରିପାରିବେ। ଏଥିଲାଗି ଆପଣଙ୍କୁ ମହୁ ଏବଂ ମୁଲ୍‌ତାନୀ ମାଟିର ଆବଶ୍ୟକତା ପଡ଼ିଥାଏ। ଏ ସମ୍ପର୍କରେ କେତୋଟି ଟିପ୍ସ...



**ଫେସ୍‌ପ୍ୟାକ୍ ପ୍ରସ୍ତୁତ ପ୍ରଣାଳୀ**

**ମହୁ ଏବଂ ମୁଲ୍‌ତାନୀ ମାଟିର ଫେସ୍‌ପ୍ୟାକ୍**

ଏକ ଚାମଚ ମୁଲ୍‌ତାନୀ ମାଟିର ପାଉଡ଼ର ନିଅନ୍ତୁ। ଏହା ପରେ ଆପଣ ମୁଲ୍‌ତାନୀ ମାଟିରେ ଏକ ଚାମଚ ମହୁ, ଦୁଇ ଚାମଚ ଗୋଲାପ ଜଳ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ଏହି ମିଶ୍ରଣ ହୋଇଥିବା ପେଷ୍ଟକୁ ମୁହଁରେ ଲଗାଇବା ପରେ ଏହାକୁ କିଛି ସମୟ ଶୁଖିବାକୁ ଛାଡ଼ି ଦିଅନ୍ତୁ। ଯେତେବେଳେ ଏହି ଫେସ୍‌ପ୍ୟାକ୍ ଶୁଖିଯାଉଛି ମୁହଁକୁ ଥଣ୍ଡା ପାଣିରେ ଭଲଭାବେ ଧୋଇ ଦିଅନ୍ତୁ। ମହୁରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ଭରି ହୋଇ ରହିଛି। ଅନ୍ୟପକ୍ଷରେ ମୁଲ୍‌ତାନୀ ମାଟିରେ କ୍ୟାଲ୍‌ସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍ ଭଳି କେତେକ ମିନେରାଲ୍ସର ଭରପୂର ମାତ୍ରା ମିଳିଥାଏ। ଏହି କାରଣ ପାଇଁ ମୁଲ୍‌ତାନୀ ମାଟି ତ୍ୱଚା ପାଇଁ ଲାଭକାରୀ ହୋଇଥାଏ।



**ତ୍ୱଚାକୁ ଥଣ୍ଡା ରଖେ ମୁଲ୍‌ତାନୀ ମାଟି**

ଖରାଦିନ ସିଜିନ୍‌ରେ ମହୁ ଏବଂ ମୁଲ୍‌ତାନୀ ମାଟି ଫେସ୍‌ପ୍ୟାକ୍ ସ୍କିନ୍‌କୁ ଥଣ୍ଡା ପ୍ରଦାନ କରିଥାଏ। ଏହାକୁ ଲଗାଇବା ଦ୍ୱାରା ସ୍କିନ୍ ଟ୍ୟାନିଂ ଏବଂ ରେଡନେସ୍ ଭଳି କେତେକ ସମସ୍ୟାରୁ ଆରାମ ମିଳିଥାଏ।

**ତ୍ୱଚାରେ ଆସେ ନାଚୁରାଲ ଗ୍ଲୋ**

ମୁଲ୍‌ତାନୀ ମାଟି ସହ ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଖରାଦିନେ ଏହାକୁ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଇଥାଏ। ଏହି ଦୁଇଟି ଜିନିଷ ତ୍ୱଚା ପାଇଁ ବହୁତ ଲାଭକାରୀ ସାବ୍ୟସ୍ତ ହୋଇଥାଏ। ଏହା ସହିତ ଖରା କାରଣରୁ ସ୍କିନ୍‌ରେ ଦେଖାଯାଉଥିବା କଳାପଣକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ।

**ଦାଗରୁ ମୁକ୍ତି**

ଖରାଦିନରେ ମୁହଁରେ ଚିହ୍ନ ଓ ଦାଗ ଆଦି ଦେଖାଯାଇଥାଏ। ଏହିଭଳି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ମହୁ ଓ ମୁଲ୍‌ତାନୀ ମାଟି ଭଲ କାମ କରିଥାଏ। ଏହି ଫେସ୍‌ପ୍ୟାକ୍‌ରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଏହାକୁ ଲଗାଇଲେ ତାହା ତ୍ୱଚାକୁ ବିଭିନ୍ନ ଦାଗ ସମସ୍ୟାଠୁ ରକ୍ଷା କରିବାରେ ସାହାଯ୍ୟ କରିବା ସହ ଚମକ ଆଣିଥାଏ।

## ଖାଦ୍ୟରୁଚି

# ବ୍ରେଡ୍ ବରା

**ଆବଶ୍ୟକ ସାମଗ୍ରୀ:** କେତୋଟି ବ୍ରେଡ୍ ଖଣ୍ଡ, ଚାଉଳଗୁଣ୍ଡ, ସୁଜି, ସିଝାଆଳୁ, ଦହି, କଟା ହୋଇଥିବା ପିଆଜ, କଞ୍ଚାଲଙ୍କା, ଅଦାପେଷ୍ଟ, ଭୃସଙ୍ଗ ପତ୍ର, ଧନିଆପତ୍ର, ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ତେଲ ଓ ଆବଶ୍ୟକତା ଅନୁଯାୟୀ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ବ୍ରେଡ୍ ବରା ପ୍ରସ୍ତୁତ କରିବାକୁ ହେଲେ ବ୍ରେଡ୍‌କୁ ଛୋଟଛୋଟ ଖଣ୍ଡ ଆକାରରେ କାଟି ଦିଅନ୍ତୁ। ଏହାପରେ ଏହି ବ୍ରେଡ୍ ଖଣ୍ଡକୁ ମିକ୍ସଚରରେ ଅଧା ଗ୍ରାଇଣ୍ଡ କରିଦିଅନ୍ତୁ। ଏବେ ଗ୍ରାଇଣ୍ଡ ହୋଇଥିବା ବ୍ରେଡ୍‌କୁ ଏକପାତ୍ରରେ କାଢ଼ିବା ପରେ ସେଥିରେ ଚାଉଳଗୁଣ୍ଡ ଓ ସୁଜି ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ସିଝାଆଳୁରୁ ଚୋପା ଛଡ଼ାଇ ତାକୁ ଭଲଭାବେ ଚକଟି ଦିଅନ୍ତୁ। ଚକଟା ଆଳୁକୁ ମିକ୍ସ ହୋଇଥିବା ବ୍ରେଡ୍ ଗୁଣ୍ଡରେ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ଆଉ ଗୋଟେ ପାତ୍ର ନିଅନ୍ତୁ। ସେଥିରେ ଦହି, କଟାହୋଇଥିବା ପିଆଜ ଓ କଞ୍ଚାଲଙ୍କା ପକାଇ ଭଲଭାବେ ମିଶାନ୍ତୁ। ପୁନର୍ବାର ଏଥିରେ ଅଦାପେଷ୍ଟ, କଟା ଧନିଆପତ୍ର, କଟା ହୋଇଥିବା ଭୃସଙ୍ଗ ପତ୍ର ମିଶାନ୍ତୁ। ଏବେ ହାତରେ ଅଳ୍ପ ତେଲ ଲଗାଇ ଏହି ମିଶ୍ରଣକୁ ଭଲଭାବେ ଗୋଳାଇ ଏଥିରୁ ବରା ପ୍ରସ୍ତୁତ କରନ୍ତୁ । ଏହାପରେ ଏକ କଡ଼ାଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଏହି ବରାକୁ ଭଲଭାବେ ଡିପ୍ ଫ୍ରାଏ କରନ୍ତୁ, ଯେ ପର୍ଯ୍ୟନ୍ତ ଏହା ଗୋଲ୍ଡେନ୍ କଲର ନ ହୋଇଛି। ଏବେ ବରା ଗୋଲ୍ଡେନ୍ କଲର ହେବା ପରେ ତାକୁ କାଢ଼ି ଅନ୍ୟ ଏକ ପ୍ଲେଟ୍‌ରେ ଟମାଟୋ ସସ୍ ସହିତ ପରଷନ୍ତୁ।



# ଇତିହାସ ରଚିଲେ ହଦାଦ

ପ୍ୟାରିସ୍,୫।୬(ପି.ଟି.)


ବିଟ୍ରିଜ୍ ହଦାଦ ମାଇଆ

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ୍ ଫ୍ରେଞ୍ଚ ଓପନରେ ଇତିହାସ ରଚିଛନ୍ତି ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆ। ୧୯୬୮ ମସିହା ପରେ ଦେଶର ପ୍ରଥମ ଖେଳାଳି ଭାବରେ ସେ କୌଣସି ଗ୍ରାଣ୍ଡସ୍ଲାମ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୯୬୮ରେ ଶେଷ ଥର ପାଇଁ ମାରିଆ ବୁଏନୋ ୟୁଏସ୍ ଓପନ ସେମିରେ ପ୍ରବେଶ କରିଥିଲେ। ମହିଳା ସିଙ୍ଗଲ୍ସରେ ବିଟ୍ରିଜଙ୍କ ବ୍ୟତୀତ ଓନ୍ସ ଜାବେର ଓ କୋକୋ ଗଫ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ପକ୍ଷରେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଗ୍ରୀସ୍‌ର ଷ୍ଟିଫାନୋସ୍ ସିତ୍‌ସିପାସ, ସ୍ପେନ୍‌ର କାର୍ଲୋସ ଅଲକାରାଜ ଗାର୍ଫିଆ ଓ କାସ୍ପର ରୁଡ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ବିଶ୍ୱ ମାନ୍ୟତାର ୧୪ ନମ୍ବର ସ୍ଥାନରେ ଥିବା ବିଟ୍ରିଜ୍ ସ୍ପେନ୍‌ର ସାରା ସୋରିବେସ ଟୋର୍ମୋଙ୍କୁ ୭-୬(୭-୩), ୩-୬ ଓ ୫-୭ ସେଟରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ଟି ଟାଇବ୍ରେକରକୁ ଯାଇଥିବା ବେଳେ ସାରା ଏହାକୁ ଜିତି ନେଇଥିଲେ। ତେବେ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତିବା ସହିତ ବିଟ୍ରିଜ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିଲେ। କୋର୍ଟ ଫିଲିପ୍ ଚାର୍ଟରରେ ଖେଳା ଯାଉଥିବା ଅନ୍ୟ ଏକ ୪ର୍ଥ ରାଉଣ୍ଡ ମ୍ୟାଚରେ ଆମେରିକାର ବର୍ନାର୍ଡା ପେରାଙ୍କୁ ୬-୩, ୬-୧ ସେଟରେ ହରାଇଛନ୍ତି ଟ୍ୟୁନିସିଆର ଓନ୍ସ ଜାବେର। ପେରାଙ୍କ ସର୍ଭରେ୧୬ରୁ ୧୫ ପଏଣ୍ଟ ସଂଗ୍ରହ କରିଥିଲେ

**ଫ୍ରେଞ୍ଚ ଓପନ ଟେନିସ**

**କ୍ୱାର୍ଟରରେ ସିତ୍‌ସିପାସ୍, ଅଲକାରାଜ**

ଜାବେର। ତେବେ ଜାବେରଙ୍କ ସର୍ଭରୁ ମଧ୍ୟ ୮ ପଏଣ୍ଟ ସଂଗ୍ରହ କରିଥିଲେ ପେରା। ଏହି ମ୍ୟାଚ୍ ପରେ ଜାବେର କହିଥିଲେ ପେରାଙ୍କ ଆକ୍ରମଣାତ୍ମକ ଖେଳ ତାଙ୍କୁ ଚାପରେ ରଖିଥିଲେ। ତେବେ ପେରା ୩୩ଟି ଅନଫୋର୍ସଡ ଏରର ବଳରେ ଜାବେର ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଜଂଘ ଆଘାତରୁ ପ୍ରତ୍ୟାବର୍ତ୍ତନ କରୁଥିବା ଜାବେର ଦ୍ୱିତୀୟ ଆଫ୍ରିକୀୟ ମହିଳା ଭାବରେ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ଆମେରିକାର କୋକୋ ଗଫ୍ ୭-୫ ଓ ୬-୨ ସେଟ୍‌ରେ ଆନ୍ନା କାରୋଲିନା ସିମେଡ୍ଲୋଭାଙ୍କୁ ଭେଟିବେ।

ସେହିପରି ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ ୭-୫, ୬-୩ ଓ ୬-୦ ସେଟରେ ଅଷ୍ଟ୍ରିଆର ସେବାଷ୍ଟିଆନ୍ ଅଫ୍‌ନରଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୫ନମ୍ବର ସ୍ଥାନରେ ଥିବା ସିତ୍‌ସିପାସ ପରବର୍ତ୍ତୀ ମ୍ୟାଚରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କାର୍ଲୋସ ଅଲକାରାଜ ଗାର୍ଫିଆଙ୍କୁ ଭେଟିବେ। ରବିବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ୪ର୍ଥ ରାଉଣ୍ଡ ମ୍ୟାଚରେ ଅଲକାରାଜ ବିଶ୍ୱ ମାନ୍ୟତାର ୧୭ ନମ୍ବର ଖେଳାଳି ଲରେଞ୍ଜୋ ମୁସେଟିଙ୍କୁ ୬-୩, ୬-୨ ଓ ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ସୋମବାର ନରୱେର କାସ୍ପର ରୁଡ୍ ଚିଲିର ନିକୋଲାସ ଜାରିଙ୍କୁ ୭-୬(୭-୩) , ୭-୫ ଓ ୭-୫ ସେଟରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍ ଟାଇବ୍ରେକରରେ ଫଇସଲା ହୋଇଥିଲା।

# ଅଫ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୫।୬ (ସ୍ପୋର୍ଟ୍ସ ବ୍ୟୁରୋ)

**ହିରୋ କଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ**

ଜୁନ୍ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ହିରୋ କଣ୍ଟିନେଣ୍ଟାଲ କପ୍ ପାଇଁ ସୋମବାର ଠାରୁ ଅଫଲାଇନ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧.୦୦ଟାରୁ ଅପରାହ୍ନ ୫ଟା ଯାଏ ଟିକେଟ ବିକ୍ରି ହେଉଥିବା ବେଳେ ଅନେକ ଦର୍ଶକ କଳିଙ୍ଗ ଷ୍ଟାଡିୟମର ଗେଟ୍ ନମ୍ବର ୪-ଏରେ ଲାଇନ୍‌ରେ ଛିଡା ହୋଇ ଟିକେଟ କିଣିଥିଲେ। ପ୍ରଥମ ଦୁଇଦିନରେ କେବଳ ୯ରୁ ୧୨ ତାରିଖ ମଧ୍ୟରେ ହେବାକୁ ଥିବା ମ୍ୟାଚର ଟିକେଟ ମିଳିବ। ତେବେ ୭ ତାରିଖ ଠାରୁ ସମସ୍ତ ୪ ମ୍ୟାଚର ଟିକେଟ ଉପଲବ୍ଧ ହେବ। ନର୍ଥ ୱେଷ୍ଟ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୧୫୦ ଟଙ୍କା ରହିଥିବା ବେଳେ ନର୍ଥ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଓ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୯୯ ଟଙ୍କା ରଖାଯାଇଛି।



କାଉଣ୍ଟରରୁ ଟିକେଟ କିଣୁଛନ୍ତି ଜଣେ ଖେଳପ୍ରେମୀ।

# ସେମି ଲାଇନ୍‌ଅପ୍ ଚୂଡାନ୍ତ

**୨୦ ବର୍ଷରୁ କମ୍ ଫୁଟବଲ୍ ବିଶ୍ୱକପ୍**

ବୁଏନସ୍ ଏୟାର୍ସ, ୫।୬(ପି.ଟି.)

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି। ରବିବାର ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ମ୍ୟାଚକୁ ଜିତିବା ସହ ଉରୁଗୁଏ ଓ ଦକ୍ଷିଣ କୋରିଆ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ପ୍ରଥମ ଦୁଇ ଦଳ ଭାବରେ ଇସ୍ରାଏଲ ଓ ଇଟାଲୀ ସେମିରେ ପ୍ରବେଶ କରି ସାରିଛନ୍ତି। ରବିବାର ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଉରୁଗୁଏ ୨-୦ ଗୋଲରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆ ୧-୦ ଗୋଲରେ ନାଇଜେରିଆକୁ ପରାସ୍ତ କରିଥିଲା। ଗୁରୁବାର ଇସ୍ରାଏଲ-ଉରୁଗୁଏ ଓ ଦକ୍ଷିଣ କୋରିଆ-ଇଟାଲୀ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।


ବିଜୟ ପରେ ଦକ୍ଷିଣ କୋରିଆ ଦଳ।

ଚଳିତ ଟୁର୍ନାମେଣ୍ଟରେ ଗୋଟିଏ ବି ଗୋଲ ବରଣ କରି ନ ଥିବା ଆମେରିକା ସକାରାତ୍ମକ ଭାବରେ ଉରୁଗୁଏ ବିପକ୍ଷରେ ଅଭିଯାନ ଆରମ୍ଭ କରିଥିଲା। ଏଷ୍ଟାଡିଓ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚର ୨୧ ତମ ମିନିଟରେ ଉରୁଗୁଏ ପକ୍ଷରୁ କାଉଣ୍ଟର ଆଟାକ୍ କରାଯାଇ ପ୍ରଥମ ଗୋଲ ସ୍କୋର କରାଯାଇଥିଲା। ଆମେରିକା ଗୋଲକିପର ପୋଷ୍ଟ ବାହାରକୁ ଯାଇଥିବା ବେଳେ ଖାଲି ଗୋଲ ପୋଷ୍ଟକୁ ବଲ୍ ମାରି ଗୋଲ ସ୍କୋର କରିଥିଲେ ଆଣ୍ଡରସନ୍ ଡୁରାଟେ। ଏହା ସହିତ ଆମେରିକା ଟୁର୍ନାମେଣ୍ଟର ପ୍ରଥମ ଗୋଲ ବରଣ କରିଥିଲା। ଆମେରିକା ପକ୍ଷରୁ ଗୋଲ ଶୁଝାଇବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ୫୬ ତମ ମିନିଟରେ ଆମେରିକାର ଜୋଶୁଆ ୱାଇଣ୍ଡରଙ୍କ ଆତ୍ମଘାତୀ ଗୋଲ ବଳରେ ଆମେରିକା ୨-୦ରେ ପଛୁଆ ରହି ଯାଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୨୦୧୯ ସଂସ୍କରଣ ରନର୍ ଅପ୍ ଦକ୍ଷିଣ କୋରିଆ ସେମି ଫାଇନାଲରେ ପ୍ରବେଶ କରିଥିଲା। ନାଇଜେରିଆ ବିପକ୍ଷ ମ୍ୟାଚଟି ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟରେ ଗୋଲ ଶୂନ୍ୟ ରହିଥିଲା। ଅତିରିକ୍ତ ସମୟରେ ସେଓକ୍ ହ୍ୟୁନ୍ ଚୋଇଙ୍କ ହେଡରରେ ଦକ୍ଷିଣ କୋରିଆ ମ୍ୟାଚ୍‌କୁ ଜିତି ନେଇଥିଲା।

# ଭବାନୀ ଦେବୀ, ବର୍ଗୋହେନ୍‌ଙ୍କ ସଫଳତା

ଭୁବନେଶ୍ୱର, ୫।୬ (ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ଛାତ୍ରୀ ଭବାନୀ ଦେବୀ ଓ ଛାତ୍ର ଅମ୍ଲାନ ବର୍ଗୋହେନ୍ ଖେଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କିଟ୍ ୟୁନିଭର୍ସିଟି ଛାତ୍ରୀ ଭବାନୀ ଦେବୀ ଦିଲ୍ଲୀରେ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍, ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଅନୁଷ୍ଠିତ ଫେନ୍‌ସିଂ ଟ୍ରାଏଲ୍ସରେ ଯୋଗ୍ୟତା ହାସଲ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ଇଟାଲୀ ଓ ଫ୍ରାନ୍ସରେ ଟ୍ରେନିଂ ନେଇଛନ୍ତି। ସେହିପରି କଳିଙ୍ଗ ଷ୍ଟାଡିୟମରେ ରହିଥିବା ରିଲାଏନ୍ସ ଆଥଲେଟିକ୍ସ ଏଚ୍‌ପିସିଠାରେ ଟ୍ରେନିଂ ନେଉଥିବା ଅମ୍ଲାନ ବେଲଜିୟମରେ ଅନୁଷ୍ଠିତ ଫ୍ଲାଣ୍ଡର୍ସ କପ୍ ଆଥଲେଟିକ୍ସ ମିଟ୍‌ରେ ୧୦.୭୦ ସେକେଣ୍ଡ ଟାଇମିଂରେ ୧୦୦ ମିଟର ଏବଂ ୨୦.୯୬ ସେକେଣ୍ଡରେ ୨୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଇବ୍ରାହିମୋଭିଚ୍‌ଙ୍କ ଅବସର

**ମିଲାନ, ୫।୬ (ଏପି):** ଭେଟେରାନ ଏସି ମିଲାନର ଷ୍ଟାର ଫରୱାର୍ଡ ୪୧ ବର୍ଷୀୟ ଜ୍ଲାଟାନ ଇବ୍ରାହିମୋଭିଚ୍ ଫୁଟ୍‌ବଲରୁ ଅବସର ନେଇଛନ୍ତି। ମିଲାନ ତରଫରୁ ସେ ଦୁଇ ପର୍ଯ୍ୟାୟରେ ୧୬୩ଟି ମ୍ୟାଚ ଖେଳି ୯୩ ଗୋଲ୍ ସ୍କୋର କରିଛନ୍ତି। ୨୦୨୦ ଜାନୁୟାରୀରେ ପ୍ରତ୍ୟାବର୍ତ୍ତନ ପରେ ସେ ଗତବର୍ଷ ମିଲାନକୁ ସିରି 'ଏ' ଟାଇଟଲ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ହୋମ୍ ଟାଉନ୍ କ୍ଲବ ମାଲ୍‌ମୋରେ କ୍ୟାରିୟର ଆରମ୍ଭ କରି ପ୍ୟାରିସ ସେଣ୍ଟ ଜର୍ମେନ, ଇଣ୍ଟର ମିଲାନ, ବାର୍ସିଲୋନା, ଜୁଭେଣ୍ଟସ ଓ ଆଜାକ୍ସ ଦଳରେ ରହି ଟ୍ରଫି ଜିତିଛନ୍ତି। ନିଜ ଦେଶ ସ୍ୱିଡେନ ତରଫରୁ ସେ ୧୨୨ଟି ମ୍ୟାଚ ଖେଳି ୬୨ଟି ଗୋଲ ସ୍କୋର କରିଛନ୍ତି।






# ଶୈଳେଶଙ୍କ ଶତକ, ଆଜାଦ୍‌ଙ୍କୁ ୬ ଉଇକେଟ

ଭୁବନେଶ୍ୱର, ୫।୬ (ସ୍ପୋର୍ଟ୍ସ ବ୍ୟୁରୋ)

**୧୬ବର୍ଷରୁ କମ୍ ଆନ୍ତଃ ଜିଲା ଦିନିକିଆ କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଭୁବନେଶ୍ୱର 'ଏ', ସମ୍ବଲପୁର, କୋରାପୁଟ, ନୟାଗଡ଼, ବାଲେଶ୍ୱର ଓ ଢେଙ୍କାନାଳ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ଗ୍ରାଉଣ୍ଡରେ ଭୁବନେଶ୍ୱର 'ଏ' ୧୩୫ ରନରେ ରାଉରକେଲାକୁ ପରାସ୍ତ


ମହମ୍ମଦ ଏଫ୍ ଆଜାଦ


ଏମ୍. ଶୈଳେଶ

କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୪୮.୩ ଓଭରରେ ୨୩୬ ରନ କରି ଅଲଆଉଟ ହୋଇଯାଇଥିଲା। ଜୀବନ ଜେ. ୫୧, ସ୍ୱାଗତ ମିଶ୍ର ୪୯, ଏସ୍‌କେ ନକିବ୍ ସାର୍ବର ୩୧ ରନ କରିଥିଲେ। ବିପକ୍ଷ ଦଳର ଏନ୍. ପୱନ ସାଇ ୩ ଏବଂ ରେହାନ ଖାଁ ୨ ଉଇକେଟ ଅକ୍ତିଆର କରିଥିଲେ। କଟକସ୍ଥିତ ରେଭେନ୍ସା ଗ୍ରାଉଣ୍ଡ-୨ରେ ଦେବଗଡ଼ ବିପକ୍ଷରେ ସମ୍ବଲପୁର ୧୦ ଉଇକେଟରେ ବିପୁଳ ବିଜୟ ହାସଲ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ଦଳ ୧୪.୪ ଓଭରରେ ମାତ୍ର ୪୫ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସର୍ବାଧିକ ୨୪ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଏଫ୍ ଆଜାଦ ମାତ୍ର ୧୩ ରନ ବିନିମୟରେ ୬ଉଇକେଟ ଅକ୍ତିଆର କରିଥିବା ବେଳେ ଶେଖ ତନବୀର ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୬.୩ ଓଭରରେ ବିନାକୌଣସି ଉଇକେଟରେ ୪୯ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଶିବମ ସ୍ୱରୂପ ୧୬ ଓ ଶିବ ବାଲାଜୀ ୧୧ ରନ କରି ଅପରାଜିତ ରହିଥିଲେ। ସନ୍‌ସାଇନ ଗ୍ରାଉଣ୍ଡରେ କୋରାପୁଟ ୩୧୮ରନରେ ବୌଦ୍ଧକୁ ପରାସ୍ତ କରିଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ଏମ୍. ଶୈଳେଶଙ୍କ ୧୧୪ (୫୭ବଲ୍) ଓ ସୁମନ ପାଣିଗ୍ରାହୀଙ୍କ ୯୬ (୧୦୦ବଲ୍) ରନ ସହାୟତାରେ ୪୪.୩ ଓଭରରେ ୩୭୧ ରନ କରିଥିଲା। ଅନ୍ୟତମ ସଫଳ ବ୍ୟାଟର ଚିଣ୍ଟୁ କାରିଙ୍ଗି ୪୫ ରନ କରିଥିଲେ। ଓମ୍ ପ୍ରଧାନ ଓ ଅନୁରାଗ ତ୍ରିପାଠୀ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ୮.୪ ଓଭରରେ ମାତ୍ର ୫୩ରନରେ ଅଲଆଉଟ ହୋଇଯାଇଥିଲା। କୋରାପୁଟ ଦଳର ଏସ୍. ଶାହା ୪ ଓ ଏମ୍. ଶୈଳେଶ ୩ ଉଇକେଟ ହାସଲ କରିଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ କିଟ୍ ବିପକ୍ଷରେ ନୟାଗଡ଼ ୨ ଉଇକେଟରେ ବିଜୟ ଲାଭ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୨୨.୨ ଓଭରରେ ୧୨୫ ରନ କରି ଅଲଆଉଟ ହୋଇଥିଲା। ଟପ୍ ସ୍କୋରର ହରେକୃଷ୍ଣ ୪୪ ରନ କରିଥିଲେ। ବିପକ୍ଷ ଦଳର ଶୁଭମ ସେଠୀ ୩ ଓ ଆଦିତ୍ୟ ପ୍ରଧାନ ୨ ଉଇକେଟ ନେଇଥିଲେ। ଜବାବରେ ନୟାଗଡ଼ ୨୨.୪ ଓଭରରେ ୮ଉଇକେଟ ବିନିମୟରେ ୧୨୭ ରନ କରି ମ୍ୟାଚ ଜିତି ନେଇଥିଲା। କବୀର ଜେନା ୪୯ ଓ ସୁହେଲ୍ ଆବାସ ୨୮ ରନ କରିଥିଲେ। କିଟ୍ ଦଳର ଜଗଦୀଶ ବାର୍ ୪ଟି ଏବଂ ରାଜେଶ ବିଶ୍ୱାଳ ୨ଟି ଉଇକେଟ ନେଇଥିଲେ। ସେହିପରି ନିମପୁର ଗ୍ରାଉଣ୍ଡରେ ବାଲେଶ୍ୱର ୧୪୪ ରନରେ ଭଦ୍ରକକୁ ପରାସ୍ତ କରିଛି। ଅଡ଼ଶପୁର ଗ୍ରାଉଣ୍ଡରେ ରାୟଗଡ଼ା ବିପକ୍ଷରେ ଢେଙ୍କାନାଳ ୨୭ ରନରେ ବିଜୟ ଲାଭ କରିଛି।

# ମାଲେସିଆକୁ ହରାଇଲା ଭାରତ

**କାକାମିଘାରା, ୫।୬ (ପି.ଟି.)**

ଜୁନିୟର ମହିଳା ଏସିଆ କପ୍ ହକି ଟୁର୍ନାମେଣ୍ଟରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ମାଲେସିଆକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୬ଷ୍ଠ ମିନିଟ୍‌ରେ ଦିଆନ ନାଜେରିଙ୍କ ଗୋଲ ଜରିଆରେ ମାଲେସିଆ ମ୍ୟାଚ୍‌ରେ ପ୍ରଥମେ ଅଗ୍ରଣୀ ଲାଭ କରିଥିଲା।

**ଜୁନିୟର ମହିଳା ଏସିଆ କପ୍ ହକି**

ତେବେ ପରେ ମମ୍‌ତାଜ ଖାଁ(୧୦ମ ମିନିଟ) ଓ ଦୀପିକା(୨୬ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଭାରତକୁ ବିଜୟୀ କରାଇଥିଲେ। ସୋମବାରର ଏହି ବିଜୟ ଦ୍ୱାରା ଭାରତ ପୁଲ୍ 'ଏ'ରେ ନମ୍ବର ୱାନ୍ ସ୍ଥାନ ବଜାୟ ରଖିଛି। ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୨୨-୦ରେ ପରାସ୍ତ କରିଥିଲା। ଦଳ ଏହାର ପରବର୍ତ୍ତୀ ମ୍ୟାଚ୍ ମଙ୍ଗଳବାର କୋରିଆ ବିପକ୍ଷରେ ଖେଳିବ। ସୋମବାର ମ୍ୟାଚ୍‌ରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଦୁଇଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରିପାରି ନ ଥିଲା। ଅନ୍ୟପକ୍ଷରେ ମାଲେସିଆ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦଳର ପାସିଂ ମଧ୍ୟ ଖୁବ୍ ଭଲ ରହିଥିଲା। ଦଳ ପ୍ରତିଆକ୍ରମଣ କରି ସଫଳ ରହିଥିଲା। ନାଜେରି ଏକ ସହଜ ଫିଲ୍ଡ ଗୋଲ୍ ଦେଇ ମାଲେସିଆକୁ ଅପ୍ରତ୍ୟାଶିତ ଭାବେ ଅଗ୍ରଣୀ କରାଇଥିଲେ। ମାଲେସିଆର ଖୁସି କିନ୍ତୁ ଅଧିକ ସମୟ ତିଷ୍ଠି ନ ଥିଲା। ୪ ମିନିଟ୍ ପରେ ମମ୍‌ତାଜ ଏକ ପେନାଲ୍ଟି କର୍ନର ଜରିଆରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ୧-୧ ସ୍ତରକୁ ନେଇଆସିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ଖେଳ ଜାରି ରଖି ମ୍ୟାଚ୍‌ରେ ଅଗ୍ରଣୀ ହାସଲ ଲକ୍ଷ୍ୟରେ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷହେବାକୁ ଆଉ ମାତ୍ର ୪ ମିନିଟ ସମୟ ବାକି ରହିଥିବା ବେଳେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଦୀପିକା କୌଣସି ତ୍ରୁଟି ନ କରି ଏହାକୁ ଗୋଲ୍‌ରେ ପରିଣତ କରିଦେଇଥିଲେ। ତୃତୀୟ କ୍ୱାର୍ଟରରେ ଭାରତ ସମାନ ଢଙ୍ଗରେ ଖେଳି ମାଲେସିଆ ଡିଫେନ୍ସ ଉପରେ ଚାପ ସୃଷ୍ଟି କରିଥିଲା, ମାତ୍ର ଗୋଲ୍ ସ୍କୋର କରିପାରି ନ ଥିଲା। ଚତୁର୍ଥ କ୍ୱାର୍ଟରରେ ଭାରତ ଏହାର ରଣନୀତି ବଦଳାଇ ରକ୍ଷଣାତ୍ମକ ଖେଳି ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିଥିଲା। ଅବଶ୍ୟ ମାଲେସିଆ ଗୋଲ୍ ଦେବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନ ଥିଲା।



ଭାରତ ଓ ମାଲେସିଆ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।





ସ୍ୱର୍ଗତ କମଳାକାନ୍ତ ବିଶୋଇଙ୍କ ସ୍ମୃତିରେ କଟକସ୍ଥିତ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଟ୍ରିପଲ 'ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ୧୩ବର୍ଷରୁ କମ୍ ଓପନ ବାଳିକା ଚେସ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# 'ଓଡ଼ିଶାକୁ ଭଲ ସ୍ପିନର ଦେବା ଲକ୍ଷ୍ୟ'

**କଟକ ଅଫିସ, ୫।୬**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସ୍ପିନରଙ୍କ ପାଇଁ ଅନୁଷ୍ଠିତ ୧୫ ଦିନିଆ ଶିବିର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭେଙ୍କଟପତି ରାଜୁଙ୍କ ତତ୍ତ୍ୱାବଧାନରେ ସୋମବାର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ୪୬ ଜଣ ସ୍ପିନରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଆଗାମୀଦିନରେ ସେମାନଙ୍କୁ ଓଡ଼ିଶା ପାଇଁ ପ୍ରସ୍ତୁତ କରିବା ତାଙ୍କ ଲକ୍ଷ୍ୟ ବୋଲି ରାଜୁ କହିଛନ୍ତି। ଏହି ଅବସରରେ ଓସିଏ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଜୁ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ସ୍ପିନ୍ ବୋଲରଙ୍କୁ ସଶକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ପାଇଁ ସେ ଓସିଏ ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଓସିଏ ପକ୍ଷରୁ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ଦ୍ୱାରା ମନୋନୀତ ୪୬ ଜଣ ଖେଳାଳି ଏହି ୧୫ ଦିନିଆ ଶିବିରରେ ଯୋଗଦେଇଛନ୍ତି। ୧୪ରୁ ୨୧ ବର୍ଷୀୟ ଖେଳାଳିଙ୍କୁ ନେଇ ହେଉଥିବା କ୍ୟାମ୍ପରେ ଦୈନିକ ୩ଟି ସେଶନ କରାଯିବ। ୧୪ରୁ ୧୬ ବର୍ଷ ବୟସର ଖେଳାଳିଙ୍କୁ ବୋଲିଂ ଆକ୍ସନ ସହିତ ଶୃଙ୍ଖଳା ଶିଖାଇବା ଉପରେ ଗୁରୁତ୍ୱାରୋପ କରାଯିବ। ସେହିପରି ୧୭-୨୧ ବର୍ଷ ବୟସର ଖେଳାଳିଙ୍କୁ ବୋଲିଂ ଟେକ୍‌ନିକ ସହିତ ମ୍ୟାଚ୍ ଖେଳିବା ପାଇଁ ମାନସିକ ଭାବରେ ପ୍ରସ୍ତୁତ କରାଯିବ। ସମସ୍ତ ଖେଳାଳିଙ୍କ ବୋଲିଂ ଆକ୍ସନର ଭିଡିଓ ମନିଟର କରାଯିବା ସହିତ ସୁଧାର ଆଣିବାକୁ ପ୍ରୟାସ କରାଯିବ। କ୍ରିକେଟ ଖେଳରେ ସ୍ପିନରଙ୍କ ଭୂମିକା ଯଥେଷ୍ଟ ଅଧିକ ଗୁରୁତ୍ୱ ଥାଏ। ଯେ କୌଣସି ସମୟରେ ମ୍ୟାଚର ମୋଡ଼ ବଦଳାଇବାରେ ସ୍ପିନର ସ୍ୱତନ୍ତ୍ର ଭୂମିକା ଥାଏ । ସେମାନଙ୍କୁ ପ୍ରଶିକ୍ଷଣ ଦେଇ ଓଡ଼ିଶାକୁ କିଛି ଭଲ ସ୍ପିନର ଦେବା ତାଙ୍କର ଲକ୍ଷ୍ୟ ବୋଲି ଭେଙ୍କଟପତି ରାଜୁ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଓସିଏର ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୫୪ ବର୍ଷ ବୟସ୍କ ଭେଙ୍କଟପତି ରାଜୁ ୧୯୯୦ରୁ ୨୦୦୧ ମଧ୍ୟରେ ଭାରତ ପାଇଁ ୨୮ ଟେଷ୍ଟରୁ ୯୩ ଏବଂ ୫୩ ଦିନିକିଆରୁ ୬୩ ୱିକେଟ ନେଇଛନ୍ତି।



ଭେଙ୍କଟପତି ରାଜୁ ଏବଂ ଓସିଏର ସିଇଓ ସୁବ୍ରତ ବେହେରା।

**ସ୍ପିନର ପ୍ରଶିକ୍ଷଣ ଶିବିର ଆରମ୍ଭ**

# ସିଦ୍ଧାର୍ଥ ଚୌଧାରୀଙ୍କୁ ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ



ସିଦ୍ଧାର୍ଥ ଚୌଧାରୀ।

**ଇଚିଅନ (ଦକ୍ଷିଣ କୋରିଆ), ୫।୬**

ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସିଦ୍ଧାର୍ଥ ଚୌଧାରୀ ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି। ସୋମବାର ଅନୁଷ୍ଠିତ ଶଟ୍‌ପୁଟ ଇଭେଣ୍ଟରେ ସେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୯.୫୨ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଜୁନିୟରସ୍ତରରେ ୧୯.୧୧ ମିଟର ରହିଥିଲା। କାତାରର ଡିଜିବ୍ରିମ୍ ଆଡୋମ୍ (୧୮.୮୫ ମିଟର) ଓ ଆୟୋଜକ ଦେଶର ପାର୍କ ସିହୁନ୍ (୧୮.୭୦ ମିଟର) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଭାରତ ୬ ପଦକ ଜିତିବାରେ ସଫଳ ହୋଇଛି। ଜାପାନ (୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ) ଏବଂ ଚାଇନା (୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ) ପଛକୁ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ଷ୍ଟାଣ୍ଡିଂରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି। ଜାଭେଲିନ୍ ଥ୍ରୋୟର ଶିବମ ଲୋହାକାରେ (୭୨.୩୪ ମିଟର), ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ର ଶାରୁକ୍ ଖାଁ (୮:୫୧.୭୪ ସେକେଣ୍ଡ) ଏବଂ ଲଙ୍ଗ ଜମ୍ପର ସସ୍ମିତା (୫.୯୬ ମିଟର) ଗୋଟିଏ ଲେଖାଏଁ ରୌପ୍ୟ ଜିତିଛନ୍ତି। ଅନ୍ୟପକ୍ଷରେ ରେଜୋନା ମଲିକ ହୀନା, ଦୀପକ ସିଂ ଓ ନବପ୍ରୀତ ସିଂଙ୍କୁ ନେଇ ଗଠିତ ୪x୪୦୦ ମିଟର ରିଲେ ଟିମ୍ (୩:୩୦.୧୨ ମିଟର) ଏବଂ ୮୦୦ ମିଟର ଧାବକ ଶକିଲ (୧:୪୯.୭୯ ସେକେଣ୍ଡ) ଗୋଟିଏ ଲେଖାଏଁ ବ୍ରୋଞ୍ଜ ଜିତିଛନ୍ତି।

**୨୦ ବର୍ଷରୁ କମ୍ ଏସିଆନଆଥଲେଟିକ୍ସ ଚାମ୍ପିୟନଶିପ୍**

# ଧନୁଷ ଶ୍ରୀକାନ୍ତଙ୍କୁ ସ୍ୱର୍ଣ୍ଣ

**ସୁଲ୍ (ଜର୍ମାନୀ), ୫।୬ (ପି.ଟି.)**

ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଆଇଏସଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ଭାରତର ଧନୁଷ ଶ୍ରୀକାନ୍ତ ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଭାରତର ଏହା ହେଉଛି ତୃତୀୟ ସ୍ୱର୍ଣ୍ଣ ପଦକ। ୨୪ ଶଟ୍ ବିଶିଷ୍ଟ ଫାଇନାଲରେ ଧନୁଷ ୨୪୯.୪ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱିଡେନର ପଣ୍ଟୁସ କାଲିନ ୧.୩ ପଏଣ୍ଟ ପଛରେ ରୌପ୍ୟ ଜିତିଛନ୍ତି। ଫ୍ରାନ୍ସର ରୋମେନ ଅଫ୍‌ରେର୍ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଭାରତ ଆହୁରି ମଧ୍ୟ ସ୍କିଟ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛି। ହାରମେହର ଲାଲି ଓ ସଞ୍ଜନା ସୁଦ୍ ଏକ ଶୁଟ୍-ଅଫ୍‌ରେ ଡେଭିଡ୍ ଜନସନ ଓ ଫେଲିସିଆ ରସ୍‌ଙ୍କୁ ହରାଇ ଦେଇଥିଲେ। ଭାରତ ବର୍ତ୍ତମାନ ପଦକ ତାଲିକାରେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ଆମେରିକାଠାରୁ ଆଗରେ ପ୍ରଥମ ସ୍ଥାନରେ ରହିଛି। ଆମେରିକା ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଛି।

**ଜୁନିୟର ଶୁଟିଂ ବିଶ୍ୱକପ୍**



ଧନୁଷ ଶ୍ରୀକାନ୍ତ

# ଦୁଇ ସ୍ପିନର ସପକ୍ଷରେ ପାନେସର

**ଲଣ୍ଡନ, ୫।୬ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଜୁନ୍ ୭ ତାରିଖରେ ଓଭାଲରେ ଖେଳାଯିବ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ। ଏହି ମ୍ୟାଚରେ ଭାରତ ଦୁଇ ସ୍ପିନରଙ୍କ ସହିତ ଖେଳିବା ଉଚିତ୍ ବୋଲି ପୂର୍ବାନୁମାନ କରିଛନ୍ତି ଇଂଲଣ୍ଡର ପୂର୍ବତନ ସ୍ପିନର ମଣ୍ଟି ପାନେସର। ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ପାଇଁ ଭାରତ ଉଭୟ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇବା ଉଚିତ୍। ୧୪୦ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ଓଭାଲରେ ଜୁନ୍ ମାସରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପିଚ୍‌ରେ ପ୍ରଚୁର ପରିମାଣରେ ଘାସ ରହିଥିବା ବେଳେ ଏହା କିଭଳି ବ୍ୟବହାର କରିବ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ସାଧାରଣତଃ ଏଠାରେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥାଏ। ତେବେ ଏହା ଏକମାତ୍ର ଭେନ୍ୟୁ ଯେଉଁଠାରେ ଇଂଲଣ୍ଡ ଦୁଇ ଜଣ ସ୍ପିନରଙ୍କ ସହିତ ଖେଳିବାକୁ ପସନ୍ଦ କରିଥାଏ। ଯଦି ବଲ ଟର୍ନ ହୁଏ ତେବେ ଏହି ପିଚ୍ ବ୍ୟାଟରଙ୍କ ପାଇଁ ମାରାତ୍ମକ ସାବ୍ୟସ୍ତ ହେବ। ଅଷ୍ଟ୍ରେଲିଆ ବ୍ୟାଟର ସର୍ବଦା ସ୍ପିନରଙ୍କ ସମ୍ମୁଖରେ ଖରାପ ଖେଳିଥାନ୍ତି ବିଶେଷ କରି ଭାରତୀୟ ସ୍ପିନରଙ୍କ ବିପକ୍ଷରେ ଅଷ୍ଟ୍ରେଲୀୟଙ୍କ ଟ୍ରାକ୍ ରେକର୍ଡ ଖରାପ। ଏହାକୁ ଦୃଷ୍ଟିରେ ରଖି ଭାରତ ଉଭୟ ଅଶ୍ୱିନ୍-ଜାଡେଜାଙ୍କୁ ଖେଳାଇବା ଉଚିତ୍ ବୋଲି ଇଂଲଣ୍ଡ ପକ୍ଷରୁ ୫୦ ଟେଷ୍ଟ ଖେଳିଥିବା ପାନେଶର କହିଛନ୍ତି। ସାଉଥାମ୍ପଟନରେ ଖେଳା ଯାଇଥିବା ଫାଇନାଲରେ ଭାରତ ଦୁଇ ଜଣ ସ୍ପିନର ଖେଳାଇଥିବା ବେଳେ ଏହା ବୁମେରାଙ୍ଗ ସାବ୍ୟସ୍ତ ହୋଇଥିଲା। ତେବେ ଓଭାଲରେ ଏହାର ଫାଇଦା ମିଳି ପାରିବ ବୋଲି କହିଛନ୍ତି ପାନେସର। ଏହା ସହିତ ତୃତୀୟ ପେସ୍ ବୋଲର ଭାବେ ସେ ଉମେଶ ଯାଦବଙ୍କୁ ପସନ୍ଦ କରିଛନ୍ତି। ଉମେଶଙ୍କ ନିକଟରେ ଗତି ରହିଥିବା ବେଳେ ସେ ବଲ୍‌କୁ ସୁଇଙ୍ଗ କରିବାରେ ମାହିର। ଏହା ସହିତ ଓଭାଲରେ ବଲ୍ ରିଭର୍ସ ସୁଇଙ୍ଗ ହେବାର ସମ୍ଭାବନା ଥିବାରୁ ଭାରତୀୟ ବୋଲର ଫାଇଦାରେ ରହିବେ।

ଭାରତୀୟ ଟପ୍ ଅର୍ଡର ବ୍ୟାଟର ଚେତେଶ୍ୱର ପୂଜାରା ଦଳ ପାଇଁ ଏକ୍ସ ଫ୍ୟାକ୍ଟର ସାବ୍ୟସ୍ତ ହେବେ ବୋଲି ପାନେସର ପୂର୍ବାନୁମାନ କରିଛନ୍ତି। ନିୟମିତ ଭାବରେ କାଉଣ୍ଟି କ୍ରିକେଟ ଖେଳୁଥିବା ପୂଜାରା ଇଂଲିଶ ପରିବେଶ ସହିତ ଅଭ୍ୟସ୍ତ। ଏହା ସହିତ ସସେକ୍ସ ଅଧିନାୟକ ଭାବରେ ବିଗତ ଦୁଇ ସିଜନ ଧରି ସେ ରନ୍‌ର ପାହାଡ ଛିଡା କରିଛନ୍ତି। ସେ ଅଷ୍ଟ୍ରେଲିଆ ବୋଲରଙ୍କ ସୁଇଂକୁ ସହଜରେ ଖେଳି ପାରିବେ। ଏହା ସହିତ ଉଇକେଟ କିପର ଭାବରେ ଇଶାନ କିଶନ ତାଙ୍କର ପ୍ରଥମ ପସନ୍ଦ ବୋଲି ପାନେସର କହିଛନ୍ତି।

ଅଷ୍ଟ୍ରେଲିଆ ପାଇଁ ମିଚେଲ୍ ଷ୍ଟାର୍କ ଏକ୍ସ ଫ୍ୟାକ୍ଟର ସାବ୍ୟସ୍ତ ହୋଇ ପାରନ୍ତି। ବାମହାତୀ ଷ୍ଟାର୍କଙ୍କ ସମ୍ମୁଖରେ ଭାରତୀୟ ବ୍ୟାଟରଙ୍କୁ ସତର୍କତାର ସହିତ ଖେଳିବାକୁ ପଡିବ ବୋଲି କହିଛନ୍ତି ପାନେସର। ଷ୍ଟାର୍କଙ୍କ ଗତି ଓ ଲେଟ୍ ମୁଭମେଣ୍ଟ ଭାରତୀୟ ଖେଳାଳିଙ୍କୁ ଅଡୁଆରେ ପକାଇପାରେ।

**ଡବ୍ଲ୍ୟୁଟିସି ଫାଇନାଲ**



ଅକ୍ଷର ପଟେଲ





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ